

ସାଉଥ୍ ନିର୍ଦ୍ଦେଶକଙ୍କ ସହ ରଣବୀର
▶ପୃଷ୍ଠା ୧୪ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-293 ◆BHUBANESWAR ◆FRIDAY ◆19 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୯୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୯ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ଆହୁରି ୩ ଦିନ କଳବଳ

## ୪୩.୬ ଡିଗ୍ରୀ ତାତିରେ ଭାଜିହେଲା ଭୁବନେଶ୍ୱର

■ **ଭୁବନେଶ୍ୱର, ୧୮ ।୪ (ସମିସ):** ସାରା ରାଜ୍ୟରେ ତାତିର ପ୍ରକୋପ ଜାରି ରହିଛି। ଅସହ୍ୟ ତାତି ଯୋଗୁଁ ରାଜ୍ୟବାସୀ କଳବଳ ହେଉଛନ୍ତି। ସକାଳ ୮ ଟାରୁ ସୂର୍ଯ୍ୟଙ୍କ ପ୍ରଖର କିରଣ ଆରମ୍ଭ ହୋଇଯାଉଛି। ଦିନତମାମ ଟାଣ ଖରାରେ ଭାଜି ହେଉଥିବା ଲୋକେ ରାତିରେ ବି ତାତିରୁ ନିସ୍ତାର ପାଉ ନାହାନ୍ତି। ଅନ୍ୟପଟେ ଏଭଳି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଥିବା ବେଳେ ସାରା ରାଜ୍ୟବାସୀ ବର୍ଷାକୁ ଚାତକ ଭଳି ଚାହିଁ ରହିଛନ୍ତି। ଗୁରୁବାର ସାରା ରାଜ୍ୟବାସୀ ତାତି ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଛନ୍ତି। ଏକାଥରକେ ଆଜି ରାଜ୍ୟର ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହା ଉପରେ ରହିଥିବାବେଳେ ଏଥିମଧ୍ୟରୁ ଅଧିକାଂଶ ସହରରେ ତାପାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ଆଜି ୪୩.୬ ଡିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଗତ ଏପ୍ରିଲ ୫ ତାରିଖରେ ଭୁବନେଶ୍ୱରର ସର୍ବୋଚ୍ଚ ଦିନ ତାପମାତ୍ରା ୪୩.୫ ଡିଗ୍ରୀ ରହିଥିଲା। ଗୁରୁବାର ଏହି ତାପମାତ୍ରା ଆହୁରି ଉପରକୁ ଉଠିଛି। ▶ପୃଷ୍ଠା-୯

**୨୧ରୁ ତାତି କମାଇବ କାଳବୈଶାଖୀ**



## ଲୋକସଭା ନିର୍ବାଚନ

# ଆଜି ଭୋଟ

■ **ନୂଆଦିଲ୍ଲୀ, ୧୮ ।୪ (ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ୧୦୨ ଆସନ ପାଇଁ ମତଦାନ ହେବ। ଏହି ପର୍ଯ୍ୟାୟରେ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୧୦୨ଟି ଆସନ ପାଇଁ ମତଦାନ ହେବ। ତାମିଲନାଡୁର ସମସ୍ତ ୩୯ଟି ଆସନ ପାଇଁ ଏହି ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଥିବା ବେଳେ ଉତ୍ତରାଖଣ୍ଡ ୫, ଅରୁଣାଚଳ ପ୍ରଦେଶ ୨,ମେଘାଳୟ ୧, ନାଗାଲାଣ୍ଡ ୧, ପୁଡୁଚେରୀ ୧, ସିକ୍କିମ୍ ୧, ଲାକ୍ଷାଦ୍ୱୀପ ୧, ରାଜସ୍ଥାନ ୧୨, ଉତ୍ତରପ୍ରଦେଶ ୮, ମଧ୍ୟପ୍ରଦେଶ ୬, ମହାରାଷ୍ଟ୍ର ଏବଂ ଆସାମରେ ପ୍ରତ୍ୟେକ ୫,ବିହାର ୪, ପଶ୍ଚିମବଙ୍ଗ ୩ , ମଣିପୁର ୨ ଏବଂ ତ୍ରିପୁରା, ଜମ୍ମୁ-କାଶ୍ମୀର ଓ ଛତିଶଗଡ଼ରେ ଗୋଟିଏ ଲେଖାଏଁ ଆସନରେ ମତଦାନ ହେବ। ତେବେ ଏହିସବୁ ରାଜ୍ୟମାନଙ୍କ ମଧ୍ୟରୁ ତାମିଲନାଡୁ, ମହାରାଷ୍ଟ୍ର, ରାଜସ୍ଥାନ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଉତ୍ତରାଖଣ୍ଡ ଆଦି ରାଜ୍ୟର ଆସନ ଉଭୟ ଏନଡିଏ ଓ ଇଣ୍ଡିଆ ମେଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହିସବୁ ରାଜ୍ୟରେ ଯେଭଳି ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହେବ ସେଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ▶ପୃଷ୍ଠା-୯

**୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ୧୦୨ ଆସନ ପାଇଁ ହେବ ମତଦାନ**

**ସିକିମ୍ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ପାଇଁ ମଧ୍ୟ ହେବ ଭୋଟ**




### ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

## ଓଡ଼ିଶାରେ ନାମାଙ୍କନ ଆରମ୍ଭ

■ **ଭୁବନେଶ୍ୱର, ୧୮ ।୪ (ସମିସ):** ସାଧାରଣ ନିର୍ବାଚନର ଚତୁର୍ଥ ଚରଣରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆଜି ନିର୍ବାଚନ କମିସନ ବିଜ୍ଞପ୍ତି ଜାରି କରିଛନ୍ତି। ଆସନ୍ତା ମେ ୧୩ ତାରିଖରେ ଏହି ପର୍ଯ୍ୟାୟରେ ୪ଟି ଲୋକସଭା ଓ ୨୮ଟି ବିଧାନସଭା ଆସନ ପାଇଁ ମତଦାନ ହେବାକୁ ଥିବା ବେଳେ ଆଜି ପ୍ରଥମ ଦିନରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶାସକ ବିଜୁ ଜନତା ଦଳ ସମେତ ବିରୋଧୀ ବିଜେପି ଓ କଂଗ୍ରେସର କେତେକ ପ୍ରାର୍ଥୀ ପ୍ରଥମ ଦିନରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ନବରଙ୍ଗପୁର କଂଗ୍ରେସ ଲୋକସଭା ପ୍ରାର୍ଥୀ ଭୁଜବଳ ମାଝୀ ଆଜି ନିଜର ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି। ସେହିପରି ଡାବୁଗାଁ ବିଧାନସଭା ଆସନ ପାଇଁ ବିଜେଡି ଟିକଟ ପାଇଥିବା ମନୋହର ରାନ୍ଧାରୀ ମଧ୍ୟ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମୋହନା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଦାଶରଥି ଗମାଙ୍ଗ ▶ପୃଷ୍ଠା-୯

**କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଏବଂ ତତ୍‌ସଂଲଗ୍ନ ୨୮ ଟି ବିଧାନସଭା ଆସନ ପାଇଁ ମେ ୧୩ରେ ମତଦାନ**

### ରାଜ୍ୟବାସୀଙ୍କ ମତାମତ ଲୋଡ଼ିଲେ '୫-ଟି' ଅଧ୍ୟକ୍ଷ

## ଜନ ପ୍ରସ୍ତାବ ଆଧାରରେ ଇସ୍ତାହାର

■ **ଭୁବନେଶ୍ୱର, ୧୮ ।୪ (ସମିସ):** ରାଜ୍ୟ ଶାସନ ପ୍ରଣାଳୀରେ ଜନ ଭାଗିଦାରୀକୁ ସବୁବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇ ଆସିଛନ୍ତି। ଏକ ଜନକେନ୍ଦ୍ରିକ ଶାସନ ବ୍ୟବସ୍ଥା ମଧ୍ୟରେ ସାଧାରଣ ଲୋକେ କିପରି ସରକାର ସହ ନିଜକୁ ଅଧିକରୁ ଅଧିକ ଭାବେ ଯୋଡ଼ି ହୋଇପାରିବେ, ସେଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟରେ '୫-ଟି', 'ମୋ ସରକାର' ଭଳି ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହିକ୍ରମରେ ଏକ ରାଜନୈତିକ ଦଳର ସଭାପତି ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ଦେଶର ବିଭିନ୍ନ ରାଜନୈତିକ ଦଳ ପାଇଁ ଏକ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ନିର୍ବାଚନ ନିମନ୍ତେ ବିଜୁ ଜନତା ଦଳର ଇସ୍ତାହାର ସାଧାରଣ ଲୋକଙ୍କ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ କରିବାକୁ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି।

ଦଳର ଇସ୍ତାହାର ପ୍ରସ୍ତୁତ ପାଇଁ ବିଜେଡିର ବହୁ ବରିଷ୍ଠ ନେତାଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ସେମାନେ ବିଭିନ୍ନ ଦିଗକୁ ତର୍ଜମା କରି ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକର ଏକ ସୂଚୀ ପ୍ରସ୍ତୁତ କରିଛନ୍ତି। ମାତ୍ର ସାଧାରଣ ଲୋକ ଯାହା ଚାହୁଁଛନ୍ତି ଓ ସରକାରଙ୍କଠାରୁ ଆଶା କରୁଛନ୍ତି ତାହାକୁ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରୁଥିବା ବେଳେ ଲୋକମାନଙ୍କର ମତାମତକୁ ସର୍ବାଗ୍ରେ ରଖାଯିବ। ଦଳର ବରିଷ୍ଠ ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏ ସଂକ୍ରାନ୍ତ ଏକ ଭିଡିଓ ନିଜର ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ରାଜ୍ୟରେ ଲୋକମାନଙ୍କର ସରକାର ଚାଲିଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ଲୋକହିତକୁ ପ୍ରାଥମିକତା ଦେଉଛନ୍ତି। ତେଣୁ ଇସ୍ତାହାରରେ ବିଜେଡି କେଉଁ କ୍ଷେତ୍ର କିମ୍ବା ପ୍ରସଙ୍ଗକୁ ଗୁରୁତ୍ୱ ଦେବ ସେ ସମ୍ପର୍କରେ ମତାମତ ଦେବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଆପଣଙ୍କ ମତାମତକୁ ▶ପୃଷ୍ଠା-୯

**ଓଡ଼ିଶାବାସୀ ହେବେ ରାଜ୍ୟ ସରକାରଙ୍କ ନୀତି ନିର୍ଦ୍ଧାରକ**

**ଅନ୍ୟ ରାଜନୈତିକ ଦଳମାନଙ୍କ ପାଇଁ ନୂଆ ଉଦାହରଣ**



### ପ୍ରାର୍ଥୀ ମନୋନୟନରେ ଯୁବଗୋଷ୍ଠୀକୁ ବିଜେଡିର ଅଗ୍ରାଧିକାର

## ୪୦ ବର୍ଷରୁ କମ୍ ୨୧ ପ୍ରାର୍ଥୀ

■ **ଭୁବନେଶ୍ୱର, ୧୮ ।୪ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଯୁବ ଓ ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଏକ ସଶକ୍ତ ଓଡ଼ିଶା ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହି ଆସିଛନ୍ତି। ଯୁବକଙ୍କ ଉପରେ ନିବେଶ ଭବିଷ୍ୟତ ଉପରେ ନିବେଶ ବୋଲି ମତ ଦେଇଛନ୍ତି। ସେହିପରି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଆଗାମୀ ଦଶନ୍ଧି ଯୁବ ବର୍ଗଙ୍କର ହେବ ବୋଲି ସର୍ବଦା କହି ଆସିଛନ୍ତି। ତେଣୁ ପ୍ରତ୍ୟେକସ୍ତରରେ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଉଛନ୍ତି। ଚଳିତ ନିର୍ବାଚନ ନିମନ୍ତେ ବିଜୁ ଜନତା ଦଳର ଇସ୍ତାହାରରେ ମଧ୍ୟ ଯୁବ ବର୍ଗଙ୍କୁ ପ୍ରାଧାନ୍ୟ ଦିଆଯିବାର ମଧ୍ୟ ସମ୍ଭାବନା ରହିଛି। ଏ ସବୁ ମଧ୍ୟରେ ମୁଖ୍ୟମନ୍ତ୍ରୀ ଲୋକସଭା ଓ ବିଧାନସଭା ନିମନ୍ତେ ପ୍ରାର୍ଥୀ ମନୋନୟନ ସମୟରେ ଯୁବ ବର୍ଗକୁ ସର୍ବାଧିକ ଅଗ୍ରାଧିକାର ଦେଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ୨୧ ଲୋକସଭା ଆସନ ଓ ୧୨୬ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି । ଏମାନଙ୍କ ମଧ୍ୟରୁ ୩ଟି ଲୋକସଭା ଆସନ ଓ ୧୮ ବିଧାନସଭା ଆସନ ନିମନ୍ତେ ଘୋଷିତ ପ୍ରାର୍ଥୀଙ୍କ ବୟସ ୪୦ ବର୍ଷରୁ କମ୍ ଥିବା ସୂଚନା ମିଳିଛି। ଆସ୍କା ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ରଞ୍ଜିତାଙ୍କ ବୟସ ୩୨ ବର୍ଷ ଓ ସେ ଦଳର ସମସ୍ତ ଲୋକସଭା ପ୍ରାର୍ଥୀଙ୍କ ମଧ୍ୟରେ ସର୍ବକନିଷ୍ଠ। ସେହିପରି ଢ଼େଙ୍କାନାଳ ଆସନରୁ ପ୍ରାର୍ଥୀ ହୋଇଥିବା ଅବିନାଶ ସାମଲଙ୍କ ବୟସ ୩୬ ଓ କୋରାପୁଟ ଆସନରୁ ପ୍ରାର୍ଥୀ ହୋଇଥିବା କୌଶଲ୍ୟା ହିକ୍କାଙ୍କ ବୟସ ୩୭ ବର୍ଷ ବୋଲି ଜଣାପଡ଼ିଛି ।

ଅନ୍ୟପକ୍ଷରେ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ୧୮ ଜଣ ୪୦ ବର୍ଷରୁ କମ୍ ରହିଛନ୍ତି। ଝାରସୁଗୁଡ଼ାରୁ ▶ପୃଷ୍ଠା-୯

**୪୦ ବର୍ଷରୁ କମ୍ ୧୦ ମହିଳା ପ୍ରାର୍ଥୀଙ୍କୁ ପ୍ରତିଦ୍ୱନ୍ଦ୍ୱିତା ସୁଯୋଗ**

**୩ ବିଧାନସଭା ଆସନର ପ୍ରାର୍ଥୀଙ୍କ ବୟସ ୩୦ ବର୍ଷ ମଧ୍ୟରେ**

**ପ୍ରାର୍ଥୀ ଚୟନରେ ଯୁବବର୍ଗଙ୍କୁ କଂଗ୍ରେସ ଓ ବିଜେପିର ଉପେକ୍ଷା**

**'ନବୀନ ଓଡ଼ିଶା'ର ନୂଆ ସାରଥୀ ହେବେ ଯୁବବର୍ଗ**

## ପ୍ରଣବଙ୍କ 'ରାଜପଥ କାଠଗଡ଼ା'ରେ ଧର୍ମେନ୍ଦ୍ର

### 'ମରଣଯନ୍ତା' ଏନ୍‌ଏଚ୍-୫୫ ବନାମ 'ଜୀବନରେଖା' ବିଜୁ ଏକ୍ସପ୍ରେସ୍-ୱେ

■ **ଭୁବନେଶ୍ୱର, ୧୮ ।୪ (ସମିସ):** ଜାତୀୟ ରାଜପଥ-୫୫ରେ ସାଧାରଣ ଲୋକେ ଭୋଗୁଥିବା ଯନ୍ତ୍ରଣା ସରିବାର ନାଁ ଧରୁନାହିଁ। ବର୍ଷ ପରେ ବର୍ଷ ଗଡ଼ିଚାଲିଛି। ମାତ୍ର ମରଣଯନ୍ତା ପାଲଟିଥିବା ଏହି ରାଜପଥର ନିର୍ମାଣ କାମ ସରୁନାହିଁ। ଏହାକୁ ନେଇ ସଂସଦରୁ ସଡ଼କ ଯାଏ ବିଜେଡି ସ୍ୱର ଉତ୍ତୋଳନ କରି ଆସୁଛି। ଏହିକ୍ରମରେ ଜାତୀୟ ରାଜପଥ-୫୫ର ଦୁରବସ୍ଥାକୁ ନେଇ ଆଜି ପୁଣିଥରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ରାଜ୍ୟ ସରକାରଙ୍କ ବିଜୁ ଏକ୍ସପ୍ରେସ ୱେ ଏବଂ ଏନଏଚ-୫୫ର ଦୁଇଟି ଫଟୋ ପୋଷ୍ଟ କରି ପ୍ରଣବ ଧର୍ମେନ୍ଦ୍ରଙ୍କୁ ଦେଖାଇଛନ୍ତି ବିକାଶର ଆଇନା।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦୁଇଟି ଫଟୋ ପୋଷ୍ଟ କରି ପ୍ରଣବ କହିଛନ୍ତି ଯେ ଧର୍ମେନ୍ଦ୍ର ପ୍ରଧାନ ଭାଇ ଏହି ଦୁଇଟି ଫଟୋକୁ ଦେଖନ୍ତୁ। ପ୍ରଥମ ଫଟୋଟି ବିଜୁ ଏକ୍ସପ୍ରେସ ୱେର। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ଏହି ରାସ୍ତା ଦେଶର ଅନ୍ୟତମ ଶ୍ରେଷ୍ଠ ରାସ୍ତା। ଅପରପକ୍ଷେ ଦ୍ୱିତୀୟ ଫଟୋଟି ଏନଏଚ-୫୫ର ଓ ଗତ ୧୦ ବର୍ଷ ହେଲାଣି ଏହାର ନିର୍ମାଣ କାମ ସରୁନାହିଁ। ଏନଏଚ-୫୫ରେ ଗତ ୫ ବର୍ଷରେ ୪୦୦ରୁ ଅଧିକ ଦୁର୍ଘଟଣା ଘଟିଛି, ୨୦୦ରୁ ଅଧିକ ଲୋକଙ୍କ ▶ପୃଷ୍ଠା-୯






**୮ ଜିଲ୍ଲାର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନର ମାଧ୍ୟମ ବିଜୁ ଏକ୍ସପ୍ରେସ ୱେ**

**୨୦୨୬ ସୁଦ୍ଧା ବ୍ରହ୍ମପୁର-କୋରାପୁଟ ଦ୍ୱିତୀୟ ବିଜୁ ଏକ୍ସପ୍ରେସ ୱେ**

## ଟିକଟ ନିଆଁରେ ବିଜେପି ସଂଗଠନ ଅଙ୍ଗାର

### ରଣକ୍ଷେତ୍ର ପାଲଟିଲା ରାଜ୍ୟ କାର୍ଯ୍ୟାଳୟ



**କାକଟପୁରରେ ବାଇଧରଙ୍କ ପ୍ରାର୍ଥିତ୍ୱକୁ ବିରୋଧ, ଚେୟାର ଭାଙ୍ଗିଲେ ଅସନ୍ତୁଷ୍ଟ**

**ଅତାବିରା ଓ ରେଢ଼ାଖୋଲରେ ମଧ୍ୟ କନ୍ଦଳ, ପ୍ରାର୍ଥୀ ପରିବର୍ତ୍ତନ ଦାବିରେ କର୍ମୀଙ୍କ ଧାରଣା**

■ **ଭୁବନେଶ୍ୱର, ୧୮ ।୪ (ସମିସ):** ଯେତେ ଚାପିଲେ ବି ଅସନ୍ତୋଷ ଚପୁନାହିଁ। ବିଦ୍ରୋହ ଥମୁନାହିଁ । ବିଜେପିରେ ତୀବ୍ର ରୂପ ଧାରଣ କରିଥିବା ଟିକଟ କନ୍ଦଳ ଦଳର ରାଜ୍ୟ ନେତୃତ୍ୱଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ରାଜଧାନୀର ଜନପଥ ପରେ ବିଜେପି କାର୍ଯ୍ୟାଳୟ ସମ୍ମୁଖ ଦଳର ଅସନ୍ତୁଷ୍ଟ କର୍ମୀଙ୍କ ସ୍ଥାୟୀ ଧାରଣାସ୍ଥଳରେ ପରିଣତ ହୋଇଛି। ଗତ ୨ ତାରିଖରୁ ରାଜ୍ୟ ବିଜେପି କାର୍ଯ୍ୟାଳୟଠାରୁ ଆରମ୍ଭ କରି ତୃଣମୂଳସ୍ତର ଯାଏଁ ବିକ୍ଷୋଭ, ପ୍ରତିବାଦ ଜାରି ରହିଛି। ଏହିକ୍ରମରେ ଆଜି ଟିକଟକୁ ନେଇ ଦଳୀୟ କାର୍ଯ୍ୟାଳୟ ରଣକ୍ଷେତ୍ର ପାଲଟିଥିବା ବେଳେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଟିକଟ ନିଆଁ ସଙ୍ଗଠନକୁ ଅଙ୍ଗାର କରି ଦେଇଛି। କାକଟପୁର, ଅତାବିରା, ରେଢାଖୋଲରେ ବିଜେପି ପ୍ରାର୍ଥୀତ୍ୱକୁ ବିରୋଧ କରି ବିକ୍ଷୋଭ, ପ୍ରତିବାଦ କରିଛନ୍ତି ଅସନ୍ତୁଷ୍ଟ। ପ୍ରାର୍ଥୀ ବଦଳ ନ ହେଲେ ଦଳ ଚରମ ପରିଣତି ଭୋଗିବାକୁ ପ୍ରସ୍ତୁତ ରହୁ ବୋଲି ଅସନ୍ତୁଷ୍ଟ ଚେତାବନୀ ଦେଇଛନ୍ତି। ▶ପୃଷ୍ଠା-୯




ଇଭିଏମ୍-ଭିଭିପ୍ୟାଟ୍ ଭୋଟ ଯାଞ୍ଚ ପ୍ରସଙ୍ଗରେ ଇସିଙ୍କୁ ପୁଣି ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଭୋଟରଙ୍କୁ ଭିଭିପ୍ୟାଟ୍ ସ୍ଲିପ୍ ଦିଆଯାଇପାରିବ କି

ନୂଆଦିଲ୍ଲୀ,୧୮।୪(ଏଜେନ୍ସି)

ଇଭିଏମ୍ ମେସିନ ଭୋଟ ସହ ଭିଭିପ୍ୟାଟ୍ ( ଭୋଟର ଭେରିଫାଏବଲ ପେପର ଅଡିଟ୍ ଟ୍ରେଲ୍) ଦ୍ୱାରା ମିଳୁଥିବା ପେପର ସ୍ଲିପ୍ ଭୋଟ୍ ଯାଞ୍ଚ ପ୍ରସଙ୍ଗରେ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ପ୍ରଶ୍ନ କରିବା ସହିତ ଭୋଟରମାନଙ୍କୁ ଭିଭିପ୍ୟାଟ୍ ସ୍ଲିପ୍ ମିଳିପାରିବ କି ନାହିଁ ବୋଲି ପଚାରିଛନ୍ତି। ଏଥିସହିତ ନିର୍ବାଚନ ପ୍ରକ୍ରିୟାରେ ଯେଉଁଳି ସ୍ୱଚ୍ଛତା ଏବଂ ନିରପେକ୍ଷତା ବଜାୟ ରୁହେ ତାହାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ କହିଛନ୍ତି। ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଆୟୋଗ କ'ଣ ସବୁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।ଇଭିଏମ ମତଦାନ ଯନ୍ତ୍ର ଦ୍ୱାରା ଭୋଟ ସହ ଭିଭିପ୍ୟାଟ ବ୍ୟବସ୍ଥା ଦ୍ୱାରା ଦୃଶ୍ୟମାନ ହେଉଥିବା ପେପର ସ୍ଲିପ୍‌ର ପୁନଃ ଯାଞ୍ଚ କରି ନିର୍ବାଚନ ଫଳାଫଳ ପ୍ରକାଶ କରିବାକୁ ଏଡିଆର ସମେତ ଅନ୍ୟ ବହୁ ଆବେଦନ ଉପରେ ଗୁରୁବାର ଶୁଣାଣି ହୋଇଥିଲା ବେଳେ ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି ଯେ, ନିର୍ବାଚନ ପ୍ରକ୍ରିୟା ସ୍ୱଚ୍ଛ ଏବଂ ନିରପେକ୍ଷ ନିଶ୍ଚିତ ହେବା ଜରୁରୀ।



**ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଜରୁରୀ**

**ଇଭିଏମ୍ ପରୀକ୍ଷଣ ସମୟରେ ବିଜେପି ଖାତାରେ ଅତିରିକ୍ତ ଭୋଟ୍ ରେକର୍ଡିଂ ଅଭିଯୋଗର ଯାଞ୍ଚ ନିର୍ଦ୍ଦେଶ**



ଏହି ପ୍ରକ୍ରିୟାରେ ଯାହା ସବୁ ଅନୁସରଣ କରାଯାଉଛି ସେଥିରେ ଯେଉଁଳି କୌଣସି ବିଷୟ ଅଭାବ ରହିଯାଇଛି, ତାହା ଯେମିତି କେହି ଅନୁଭବ ନ କରନ୍ତି ଏକଥା ମଧ୍ୟ ନିଶ୍ଚିତ ହେବା ଦରକାର। ଏହିକ୍ରମରେ ମତଦାନ କରିବା ପରେ ଜଣେ ଭୋଟରଙ୍କୁ ଭିଭିପ୍ୟାଟ ସ୍ଲିପ ନେବାକୁ ଅନୁମତି ଦିଆଯାଉ ବୋଲି ଜଣେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିଜାମ ପାଶା କହିଥିଲେ। ତେବେ ଏହି ପ୍ରକ୍ରିୟା କ'ଣ ଭୋଟରଙ୍କ ଗୋପନୀୟତାକୁ ପ୍ରଭାବିତ କରିବନି କି ବୋଲି ଜଷ୍ଟିସ ଖାନ୍ନା ପ୍ରଶ୍ନ କରିଥିଲେ।ଏହାର ଜବାବରେ ଭୋଟରଙ୍କ ଅଧିକାରକୁ କ୍ଷୁଣ୍ଣ କରିବା ପାଇଁ ଭୋଟରଙ୍କ ଗୋପନୀୟତାକୁ ବ୍ୟବହାର କରାଯାଇ ପାରିବ ନାହିଁ।ସେହିପରି ଏହି ପ୍ରସଙ୍ଗରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ, ଭିଭିପ୍ୟାଟ ମେସିନର ଲାଇଟ ସବୁବେଳେ ଅନ ହୋଇ ରହିବା ଉଚିତ। ବର୍ତ୍ତମାନ ଏହା ମାତ୍ର ୭ ସେକେଣ୍ଡ ପାଇଁ ଅନ ରହୁଛି। ଯଦି ଏବେ ଗ୍ଲାସ ପରିବର୍ତ୍ତନ କରାଯାଇ ପାରିବ ନାହିଁ ତେବେ ଲାଇଟ୍‌କୁ ପୂରା ଅନ୍ ରଖିବାକୁ ହେବ। ଏପରି ହେଲେ ଜଣେ ଭୋଟର ତାଙ୍କ ସ୍ଲିପ୍ କଟିବା ସହ ଉପଯୁକ୍ତ ସ୍ଥାନରେ ପଡୁଛି ବୋଲି ଜାଣିପାରିବେ। ଏଥିରେ ଗୋପନୀୟତାକୁ ନେଇ କୌଣସି ସ୍ତରରେ ବୁଝାମଣା ମଧ୍ୟ ହେବନାହିଁ।

ଅନ୍ୟପକ୍ଷରେ ମତଦାନ ପୂର୍ବରୁ ଭୋଟର ମେସିନର କାର୍ଯ୍ୟକାରିତାକୁ ନେଇ ପରୀକ୍ଷଣ ଚାଲିଥିଲା ବେଳେ କେରଳରେ ବିଜେପି ଖାତାରେ କିଛି ଅତିରିକ୍ତ ଭୋଟ ରେକର୍ଡ ହେଉଥିବା କଥା ପ୍ରଶାନ୍ତ ଭୂଷଣ ଅଭିଯୋଗ କରିଥିଲେ। କିନ୍ତୁ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ନିର୍ବାଚନ କମିସନଙ୍କ ପକ୍ଷ ରଖିଥିବା ଓକିଲ ମନିନ୍ଦର ସିଂ କହିଥିଲେ। ତେବେ ଭୋଟ ଦେବା ପରେ ଭୋଟରଙ୍କୁ ସ୍ଲିପ୍ ମିଳିବା ସମ୍ଭବ କି ବୋଲି ପ୍ରଶ୍ନରେ ଏହା ମତଦାନର ଗୋପନୀୟତାକୁ ନେଇ ବୁଝାମଣା କରିବା ସହ ସମାନ ହେବ ଏବଂ ବୁଥ୍ ବାହାରେ ଏହାର ଅପବ୍ୟବହାର କରାଯିବାର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇପାରିବନି ବୋଲି ମନିନ୍ଦର କହିଥିଲେ।

ଇରାନରୁ ୧୭ ଭାରତୀୟଙ୍କ ମଧ୍ୟରୁ

# ଫେରିଲେ ଜଣେ ମହିଳା କର୍ମଚାରୀ



ନୂଆଦିଲ୍ଲୀ,୧୮।୪(ଏଜେନ୍ସି)

ଇରାନର ହାର୍ମୁଜ ଉପ ସାଗର ଅଞ୍ଚଳରୁ ଗତ ଏପ୍ରିଲ ୧୩ ତାରିଖରେ ଇରାନ ସେନାର କମାଣ୍ଡୋ ଏକ ଇସ୍ରାଏଲୀ ପଣ୍ୟବାହୀ ଜାହାଜକୁ ଅପହରଣ କରିନେଇଥିଲା ବେଳେ ଏହି ଜାହାଜରେ ଥିବା ୧୭ ଭାରତୀୟ କର୍ମଚାରୀ ମଧ୍ୟ ସେଠାରେ ଅଟକ ରହିଥିଲେ। ତେବେ ସେମାନଙ୍କ ମଧ୍ୟରୁ କେବଳ ଜଣେ ମହିଳା କର୍ମଚାରୀଙ୍କୁ ଇରାନ ମୁକ୍ତ କରିଛି। ସଂପୃକ୍ତ ମହିଳା ଜଣକ ଗୁରୁବାର ଭାରତ ପହଞ୍ଚିଛନ୍ତି। ମୁକ୍ତ ହୋଇଥିବା ମହିଳା କର୍ମଚାରୀ ନିଜ ରାଜ୍ୟ କେରଳ ଫେରିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେରଳର ତ୍ରିଶୂର ବାସିନ୍ଦା ମହିଳା କ୍ୟାଡେଟ୍ ଆନ୍ ଟେସା ଜୋସେଫ୍ ଏହି ପଣ୍ୟବାହୀ ଜାହାଜର ଅନ୍ୟତମ କ୍ରୁ ସଦସ୍ୟ ଥିଲେ। ବର୍ତ୍ତମାନ ତେହେରାନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଅନ୍ୟ ୧୬ ଭାରତୀୟ କର୍ମଚାରୀଙ୍କ ସହ ଯୋଗାଯୋଗ କରାଯାଉଥିଲେ ହେଁ ସେମାନଙ୍କ ପ୍ରତ୍ୟାବର୍ତ୍ତନ ନେଇ କିଛି ସୂଚନା ଦିଆଯାଇ ନାହିଁ। ତେବେ ଏହି କର୍ମଚାରୀମାନଙ୍କୁ ତୁରନ୍ତ ମୁକ୍ତ କରାଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସମସ୍ତଙ୍କୁ ମୁକ୍ତ କରିବା ପାଇଁ ଆଇନଗତ ପ୍ରକ୍ରିୟା ଚାଲୁ ରହିଛି ଏବଂ ଖୁବଶୀଘ୍ର ସେମାନଙ୍କୁ ମୁକ୍ତ କରାଯିବ ବୋଲି କୁହାଯାଇଛି।

## ରାଜ୍ୟପାଳଙ୍କ ବିରୋଧରେ ଟିଏମ୍‌ସି ଇସିଙ୍କ ଦ୍ୱାରସ୍ଥ

କୋଲକାତା, ୧୮।୪ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଗୁରୁବାର ରାଜ୍ୟପାଳ ସିଭି ଆନନ୍ଦ ବୋଷ୍‌ଙ୍କ ବିରୋଧରେ ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଛି। ରାଜ୍ୟପାଳଙ୍କ ବିରୋଧରେ ମାମଲା ରୁଜୁ କରିଛି। ଟିଏମସିର ଜଣେ ନେତା କହିଛନ୍ତି ଯେ ରାଜ୍ୟପାଳ ବାରମ୍ବାର ରାଜ୍ୟ ଲୋକସଭା ନିର୍ବାଚନରେ ହସ୍ତକ୍ଷେପ କରୁଛନ୍ତି। ନିରବତା ଅବଧିରେ ଏବଂ ମତଦାନ ଦିନ ନିର୍ବାଚନୀମୁହାଁ ଅଞ୍ଚଳକୁ ଗସ୍ତ କରି ନିୟମ ଭାଙ୍ଗୁଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏହା ପୂର୍ବରୁ ଇସି ବୁଧବାର ରାଜ୍ୟପାଳଙ୍କୁ ଚେତାବନୀ ଦେଇଥିଲେ। ନିରବତା ଅବଧିରେ ପ୍ରସ୍ତାବିତ କୁଚ ବେହାର ଗସ୍ତକୁ ବାତିଲ କରିବାକୁ କହିଥିଲେ।

## ବ୍ରିଟେନ ଛାଡ଼ିଲେ ରାଜକୁମାର ହ୍ୟାରି



ଲଣ୍ଡନ, ୧୮।୪ (ଏଜେନ୍ସି): ରାଜପରିବାର ସହ ବିବାଦ ମଧ୍ୟରେ ରାଜକୁମାର ହ୍ୟାରି ଆନୁଷ୍ଠାନିକ ଭାବେ ବ୍ରିଟେନ ଛାଡ଼ିଛନ୍ତି। ସେ ନିଜ ଅଫିସିଆଲ ଠିକଣାରେ ବ୍ରିଟେନ ବଦଳରେ ଆମେରିକାର କାଲିଫର୍ଣ୍ଣିଆ ଲେଖିଛନ୍ତି। ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ 'ଟ୍ରାଭାଲିଷ୍ଟା ଚ୍ୟାରିଟି'ର ଏକ କାଗଜପତ୍ରରେ ରାଜକୁମାରଙ୍କ ସମ୍ପୂର୍ଣ୍ଣ ନାମ ସହିତ ପ୍ରାଥମିକ ଠିକଣା ଲେଖାଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଏହା ପୂର୍ବରୁ ହ୍ୟାରି ବ୍ରିଟେନ ଠିକଣା ଲେଖୁଥିଲେ। ସେ ଗତ ବର୍ଷ ଜୁନ୍‌ରୁ ଏହାକୁ ବଦଳାଇ ଦେଇଥିଲେ। ମାତ୍ର ଏବେ ଏହି ସୂଚନା ସାମ୍ନାକୁ ଆସିଛି। ହ୍ୟାରି ଏବଂ ତାଙ୍କ ପତ୍ନୀ ମେଗନ ଫ୍ରଗମୋର କଟେଜ ଛାଡ଼ିଛନ୍ତି ବୋଲି ଗତ ବର୍ଷ ବକିଂହାମ ରାଜପ୍ରାସାଦ ପକ୍ଷରୁ କୁହାଯାଇଥିଲା। ବ୍ରିଟେନ ରାଜପରିବାର ରଙ୍ଗକୁ ନେଇ ଭେଦଭାବ କରୁଛି ବୋଲି ମେଗାନ ଏକ ସାକ୍ଷାତକାରରେ ଅଭିଯୋଗ କରିଥିଲେ। ଏହାକ ନେଇ ବିବାଦ ବଢ଼ିବାରୁ ଉଭୟେ ରାଜପ୍ରାସାଦ ଛାଡ଼ିଥିଲେ।

## ୨୦୧୮ ରେ ନିଖୋଜ ଅରବପତି ରୁଷ୍‌ରେ



ବର୍ଲିନ, ୧୮।୪ (ଏଜେନ୍ସି): ଚାରି ବର୍ଷ ହେଲା ନିଖୋଜ ଥିବା ଜର୍ମାନୀ-ଆମେରିକା ଅରବପତି କାର୍ଲ-ଏରିୱାନ ହାଉବଙ୍କୁ ରୁଷ୍‌ରେ ଦେଖିବାକୁ ମିଳିଛି। ଶେଷ ଥର ପାଇଁ ତାଙ୍କୁ ସ୍ୱିଜରଲାଣ୍ଡର ଜର୍ମେଟ (୨୦୧୮ ଏପ୍ରିଲ) ରେ ଦେଖା ଯାଇଥିଲା। ନିଖୋଜ ଖବର ଆସିବା ପରେ ସ୍ୱିଜରଲାଣ୍ଡ ଏବଂ ଜର୍ମାନୀ ସରକାର ତାଙ୍କୁ ଖୋଜିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। କିନ୍ତୁ ନ ମିଳିବାରୁ ୨୦୨୧ରେ ଜର୍ମାନୀର ଏକ କୋର୍ଟ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଟେଙ୍ଗେଲମାନ ଗ୍ରୁପର ମାଲିକ ଥିଲେ। ସାରା ବିଶ୍ୱରେ ଏହାର ୭୫ ହଜାରରୁ ଅଧିକ କର୍ମଚାରୀ ଅଛନ୍ତି। ଅଦାଲତଙ୍କ ନିଷ୍ପତ୍ତି ପରେ ହାଉବଙ୍କ ଭାଇ କ୍ରିଷ୍ଟିଆନ ତାଙ୍କ କମ୍ପାନୀ ଚଳାଉଛନ୍ତି। ହାଉବ ନିଖୋଜ ହେବା ପୂର୍ବରୁ ରୁଷ୍‌ରେ ଥିବା ନିଜ ବନ୍ଧୁ ଏର୍ମିଲୋଭାଙ୍କ ସହ ଫୋନ୍‌ରେ ୧୩ ଥର କଥା ହୋଇଥିଲେ। ଏଥିପାଇଁ ଉଭୟ ଦେଶର ଯାଞ୍ଚ ଏଜେନ୍ସି ତାଙ୍କ ଉପରେ ସନ୍ଦେହ କରିଥିଲା। ପରେ ସେ ସୁଚିନ୍ତିତ ଷଡ଼ଯନ୍ତ୍ର କରି ରୁଷ୍‌ରେ ରହୁଥିବା ଜଣା ପଡ଼ିଥିଲା।

## ୨୬ରେ ଦିଲ୍ଲୀ ମେୟର ନିର୍ବାଚନ

ନୂଆଦିଲ୍ଲୀ, ୧୮।୪(ଏଜେନ୍ସି): ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ(ଏମ୍‌ସିଡି)ର ମେୟର ଓ ଡେପୁଟି ମେୟର ନିର୍ବାଚନ ଆସନ୍ତା ୨୬ତାରିଖରେ ହେବ। ଏହି ନିର୍ବାଚନରେ ଆମ୍ ଆଦମୀ ପାର୍ଟି(ଆପ୍) ଦିଲ୍ଲୀର ଦେବ ନଗର କାଉନସିଲର୍ ମହେଶ କୁମାର ଖିଚିଙ୍କୁ ମେୟର ଓ ଅମନ ବିହାର କାଉନସିଲର୍ ରବିନ୍ଦ୍ର ଭରଦ୍ୱାଜଙ୍କୁ ଡେପୁଟି ମେୟର ପ୍ରାର୍ଥୀ କରିଛି। ଏବର୍ଷ ମେୟର ପଦବୀ ଅନୁସୂଚିତ ଜାତି(ଏସସି) କାଉନସିଲରଙ୍କ ପାଇଁ ସଂରକ୍ଷିତ ଅଛି। ଏମସିଡି ମେୟର ୧ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି। ଗତବର୍ଷ ସେଲି ଓବିରାଏ ଏମସିଡି ମେୟର ଭାବେ ନିର୍ବାଚିତ ହୋଇଥିଲେ। ଦିଲ୍ଲୀର ୨୫୦ ଜଣ କାଉସିଲର, ୭ ଲୋକସଭା ସାଂସଦ, ୩ ରାଜ୍ୟସଭା ସାଂସଦ ଓ ଦିଲ୍ଲୀ ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ମନୋନୀତ ୧୪ ଜଣ ବିଧାୟକଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ ମେୟରଙ୍କୁ ନିର୍ବାଚିତ କରନ୍ତି।

## ପାକିସ୍ତାନ, ଆଫଗାନିସ୍ତାନ ମୃତ୍ୟୁସଂଖ୍ୟା ୧୩୬କୁ ବୃଦ୍ଧି

ନୂଆଦିଲ୍ଲୀ, ୧୮।୪ (ଏଜେନ୍ସି): ପାକିସ୍ତାନ, ଆଫଗାନିସ୍ତାନ ଏବଂ ଅନେକ ଉପସାଗରୀୟ ଦେଶରେ ଗତ ୪ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ସ୍ଥିତି ଅଣାୟତ ହୋଇଯାଇଛି। ୟୁଏଇରେ ୨ ଦିନରେ ଦେଢ଼ ବର୍ଷର ବର୍ଷା ହେବା ଯୋଗୁଁ ଚାରିଆଡ଼େ ପାଣି ଭର୍ତ୍ତି ହୋଇଯାଇଛି। ଗତ ୨୪ ଘଣ୍ଟାରେ ୧୫.୨ ସେମି ବର୍ଷା ହୋଇଛି। ଦୁବାଇ ସର୍ବାଧିକ ପ୍ରଭାବିତ ହୋଇଛି। ଗୁରୁବାର ଏଠାକାର ଆକାଶ ସବୁଜ ଦେଖାଯାଇଛି। ଏହାକୁ ବଡ଼ ବିପଦ ଭାବେ ଦେଖାଯାଉଛି। ସ୍ଥିତିକୁ ଦେଖି ଭାରତୀୟଙ୍କ ପାଇଁ ଭାରତର ବାଣିଜ୍ୟ ଦୂତାବାସ ପକ୍ଷରୁ ହେଲ୍‌ପାଲାଇନ ନଂ ଜାରି କରାଯାଇଛି। ସେହିପରି ବର୍ଷା ଏବଂ ବନ୍ୟା ଯୋଗୁଁ ପାକିସ୍ତାନରେ ୫୬ ଜଣ, ଆଫଗାନିସ୍ତାନରେ ୮୦ ଜଣ ଏବଂ ଓମାନରେ ୨୦ ଜଣଙ୍କ ମୃତ୍ୟୁ ହୋଇଛି।

କେଜ୍ରିୱାଲଙ୍କ ବିରୋଧରେ 'ଇଡି'ର ଅଭିଯୋଗ

# ଜାମିନ ପାଇଁ ଜାଣିଶୁଣି ମିଠା, ଆମ୍ବ ଖାଉଛନ୍ତି

ନୂଆଦିଲ୍ଲୀ, ୧୮।୪(ଏଜେନ୍ସି)

ନ୍ୟାୟିକ ହେପାଜତରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଏକ ରୋଚକ ଅଭିଯୋଗ ଅଣାଯାଇଛି। ପୂର୍ବରୁ ବାରମ୍ବାର କେଜ୍ରିୱାଲଙ୍କ ଜାମିନ ଆବେଦନ କୋର୍ଟରେ ଖାରଜ ହୋଇଥିଲା ବେଳେ ଜାମିନ ପାଇବାକୁ ସେ ଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। କେଜ୍ରିୱାଲ ନିଜ ଖାଦ୍ୟରେ ଅଧିକ ମାତ୍ରାରେ ଶର୍କରାଯୁକ୍ତ ଖାଦ୍ୟ ଖାଇବା ସହିତ ଆମ୍ବ ମଧ୍ୟ ଖାଉଛନ୍ତି ବୋଲି ଇଡି କୋର୍ଟରେ ଅଭିଯୋଗ ଆଣିଛି।

କେଜ୍ରିୱାଲ ଟାଇପ୍-୨ ଡାଏବେଟିସ୍‌ରେ ପୀଡ଼ିତ ଅଛନ୍ତି। ଏହାସତ୍ତ୍ୱେ ତାଙ୍କର ରକ୍ତ ଶର୍କରା ସ୍ତର ବଢାଇବା ଉଦ୍ଦେଶ୍ୟରେ ଏଭଳି ଖାଦ୍ୟ ଖାଉଥିବା ଇଡି କହିଛି। ରକ୍ତ ଶର୍କରା ବଢିଗଲେ ସ୍ୱାସ୍ଥ୍ୟଗତ ଆଧାରରେ ଯେଉଁଳି ତାଙ୍କୁ ଜାମିନ ମିଳିପାରିବ ସେ ନେଇ କେଜ୍ରିୱାଲ ଏଭଳି ଉପାୟ ଅବଲମ୍ବନ କରୁଥିବା ଇଡି ଅଭିଯୋଗ କରିଛି। ଏହି ବିଷୟକୁ ନେଇ ଗୁରୁବାର ଅଦାଲତରେ ଇଡିର ସ୍ୱତନ୍ତ୍ର ସରକାରୀ ଓକିଲ ଜୋହେବ ହୁସେନ ଓ କେଜ୍ରିୱାଲଙ୍କ ଓକିଲ ବିବେକ ଜୈନଙ୍କ ମଧ୍ୟରେ କଥା କଟାକଟି ହୋଇଛି। ଇଡି ଓକିଲ ଅଦାଲତଙ୍କୁ ଜଣାଇଛନ୍ତି ଯେ ଜେଲରେ କେଜ୍ରିୱାଲ ଆମ୍ବ ଓ ମିଠେଇ ଖାଉଛନ୍ତି, ଯେପରିକି ତାଙ୍କ ରକ୍ତ ଶର୍କରା ସ୍ତର ବଢ଼ିବ ଓ ଚିକିତ୍ସା ବାହାନାରେ ସେ ଜାମିନ ମାଗିପାରିବେ। ଇଡି ପକ୍ଷରୁ ଏପରି କୁହାଯିବା ପରେ କେଜ୍ରିୱାଲଙ୍କ ଓକିଲ ବିବେକ ଜୈନ କହିଥିଲେ ଯେ ଅଦାଲତଙ୍କ ଅନୁମତି ନେଇ କେଜ୍ରିୱାଲ ଘରରନ୍ଧା ଖାଦ୍ୟ ଖାଉଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ହିଁ ସେ ଖାଦ୍ୟ ଗ୍ରହଣ କରୁଛନ୍ତି। ତାଙ୍କୁ ଘରରନ୍ଧା ଖାଦ୍ୟରୁ ବଞ୍ଚିତ କରିବାକୁ ଇଡି ଏଭଳି ମିଛ କହୁଛି ବୋଲି ସେ କହିଛନ୍ତି। ସେହିପରି କେଜ୍ରିୱାଲଙ୍କୁ ଠିକଣା ସମୟରେ ଇନସ୍ୟୁଲିନ୍ ଦିଆଯାଉନି ଏବଂ ତାଙ୍କୁ ମାରିବାକୁ ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ ଆତିଶୀ ମାର୍ଲେନା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ୱକଫ୍ ବୋର୍ଡ ନିଯୁକ୍ତିରେ ଦୁର୍ନୀତି ଏବଂ ଅର୍ଥ ହେରଫେର ମାମଲାରେ ଇଡି ଆପ୍ ବିଧାୟକ ଅମାନତୁଲ୍ଲା ଖାନ୍‌ଙ୍କୁ ୧୦ ଘଣ୍ଟା ଜେରା କରିବା ପରେ ଗୁରୁବାର ଗିରଫ କରିଛି।



**କେଜ୍ରିୱାଲଙ୍କୁ ମାରିବାକୁ ଉଦ୍ୟମ କରାଯାଉଛି: ଆପ୍**

**ଆପ୍ ବିଧାୟକ ଅମାନତୁଲ୍ଲା ଖାନ୍‌ଙ୍କୁ ଗିରଫ କଲା ଇଡି**

■ ସିସୋଦିଆଙ୍କୁ ପୁଣି ଝଟ୍‌କା

# ଏପ୍ରିଲ ୨୬ ଯାଏଁ ବଢ଼ିଲା ନ୍ୟାୟିକ ହେପାଜତ



ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଆଶ୍ୱସ୍ତି ନାହିଁ। ପ୍ରାୟ ଏକ ବର୍ଷରୁ ଅଧିକ ସମୟ ଧରି ସିସୋଦିଆ ଜେଲରେ ରହିଥିଲା ବେଳେ ବାରମ୍ବାର ତାଙ୍କର ଜାମିନ ଆବେଦନ ଖାରଜ ହୋଇଥିଲା ବେଳେ ଗୁରୁବାର ମଧ୍ୟ ତାଙ୍କୁ ଆଶ୍ୱସ୍ତି ମିଳିପାରି ନାହିଁ। ତାଙ୍କର ନ୍ୟାୟିକ ହେପାଜତ ଅବଧି ଶେଷ ହେବା ପରେ ଗୁରୁବାର ତାଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା। ସିସୋଦିଆଙ୍କ ଓକିଲ ଜାମିନ ପାଇଁ ଆବେଦନ କରିଥିଲେ ହେଁ କୋର୍ଟ ତାଙ୍କ ନ୍ୟାୟିକ ହେପାଜତକୁ ଏପ୍ରିଲ୍ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖରେ ହେବ ବୋଲି ଜଣାପଡ଼ିଛି।

## ହାରିଲେ ହେବ ବିଶ୍ୱଯୁଦ୍ଧ: ୟୁକ୍ରେନ

କିଭ୍, ୧୮।୪ (ଏଜେନ୍ସି): ୟୁକ୍ରେନ ଯଦି ରୁଷଠାରୁ ଯୁଦ୍ଧ ହାରିବ ତେବେ ବିଶ୍ୱଯୁଦ୍ଧ ହେବ। ୟୁକ୍ରେନ ପ୍ରଧାନମନ୍ତ୍ରୀ ଡେନିସ ସମିହାଲ ଏକ ସାକ୍ଷାତକାରରେ ଏହି ମନ୍ତବ୍ୟ ଦେଇଛନ୍ତି। ଏବେ ୟୁକ୍ରେନକୁ ସହାୟତା ଆବଶ୍ୟକ ବୋଲି କହିଛନ୍ତି। ଏହା ସହିତ ଆର୍ଥିକ ସହାୟତା ସମ୍ବନ୍ଧିତ ବିଲ୍‌କୁ ଆମେରିକା କଂଗ୍ରେସ ପାରିତ କରୁ ବୋଲି ଅନୁରୋଧ କରିଛନ୍ତି। ସମିହାଲ କହିଛନ୍ତି ଯେ ଯୁଦ୍ଧ ଲଢ଼ିବା ପାଇଁ ଆଜି ୟୁକ୍ରେନକୁ ଆର୍ଥିକ ସହାୟତା ଆବଶ୍ୟକ। ଯଦି ସମସ୍ତେ ମିଶି ସୁରକ୍ଷା ନ ଦିଅନ୍ତି ତେବେ ୟୁକ୍ରେନ ହାରିଯିବ। ଏହା ଦ୍ୱାରା ବିଶ୍ୱର ସୁରକ୍ଷା ସମ୍ବନ୍ଧିତ ଭିତ୍ତିଭୂମି ଧ୍ୱଂସ ହୋଇଯିବ। ଅନେକ ସ୍ଥାନରେ ଯୁଦ୍ଧ ଆରମ୍ଭ ହୋଇଯିବ। ଏଥିଯୋଗୁଁ ତୃତୀୟ ବିଶ୍ୱ ଯୁଦ୍ଧ ହେବାର ସ୍ଥିତି ସୃଷ୍ଟି ହେବ। ସୂଚନା ଅନୁଯାୟୀ ୟୁକ୍ରେନକୁ ୫.୦୯ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ଦେଉଥିବା ବିଲ୍ ଉପରେ ଶନିବାର ଆମେରିକା ସଂସଦରେ ମତଦାନ ହେବାକୁ ଯାଉଛି। ତେବେ ଏହାକୁ ଅନେକ ସାଂସଦ ବିରୋଧ କରୁଛନ୍ତି।

## ଇଣ୍ଡୋନେସିଆରେ ଜ୍ୱାଳାମୁଖୀ ବିସ୍ଫୋରଣ

**ସୁନାମୀ ଚେତାବନୀ, ବିମାନବନ୍ଦର ବନ୍ଦ**

ଜାକାର୍ତ୍ତା, ୧୮।୪ (ଏଜେନ୍ସି): ଇଣ୍ଡୋନେସିଆର ମାଉଣ୍ଟ ରୁଆଙ୍ଗରେ ବୁଧବାରଠାରୁ ଜ୍ୱାଳାମୁଖୀ ବିସ୍ଫୋରଣ ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୫ ଥର ବିସ୍ଫୋରଣ ହୋଇଛି। ଏଥିଯୋଗୁ ହଜାର ଫୁଟ ଉଚ୍ଚକୁ ଲାର୍ଭା ଉଠୁଛି। ଚାରିଆଡ଼େ ପାଉଁଶ ବ୍ୟାପି ଯାଇଛି। ବିପଦକୁ ଦେଖି ସୁନାମୀ ଚେତାବନୀ ଜାରି କରାଯାଇଛି। ଆଖପାଖର ୬ କିମି କ୍ଷେତ୍ରକୁ ବିପଦପୂର୍ଣ୍ଣ ଅଞ୍ଚଳ ଘୋଷଣା କରାଯାଇଛି। ରୁଆଙ୍ଗ ଆଖପାଖରୁ ପ୍ରାୟ ୧୧ ହଜାର ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ୨୪ ଘଣ୍ଟା ପର୍ଯ୍ୟନ୍ତ ବିମାନବନ୍ଦରକୁ ବନ୍ଦ କରିଦିଆଯାଇଛି। ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରକୁ ସଜାଗ କରି ରଖାଯାଇଛି। ରିପୋର୍ଟ ଅନୁଯାୟୀ କିଛି ଦିନ ତଳେ ରୁଆଙ୍ଗ ନିକଟରେ ୨ ଥର ଭୂକମ୍ପ ହୋଇଥିଲା। ଏଥିପାଇଁ ଟେକ୍ଟୋନିକ ପ୍ଲେଟଗୁଡିକ ଅସ୍ଥିର ହୋଇ ଯାଇଥିଲା। ଫଳରେ ଜ୍ୱାଳାମୁଖୀ ବିସ୍ଫୋରଣ ହୋଇଥିଲା।



ବିଟ୍‌କଏନ୍ ନିବେଶ ଦୁର୍ନୀତି

# ଶିଳ୍ପା, ରାଜକୁନ୍ଦ୍ରାଙ୍କ ୯୭ କୋଟିର ସମ୍ପତ୍ତି ଜବତ

ମୁମ୍ବାଇ, ୧୮।୪ (ଏଜେନ୍ସି)

ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ୯୭.୭୯ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଛି। ଏଥିରେ ଶିଳ୍ପାଙ୍କ ଜୁହୁ ସ୍ଥିତ ଫ୍ଲାଟ ଏବଂ କୁନ୍ଦ୍ରାଙ୍କ ନାମରେ ଥିବା ବଙ୍ଗଳା ଓ ଇକ୍ୱିଟି ସେୟାର ସାମିଲ ରହିଛି। ୨୦୦୨ର ବିଟ୍‌କଏନ ପୋଞ୍ଜି ସ୍କାମ ଦୁର୍ନୀତି ସମ୍ବନ୍ଧିତ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାକୁ ନେଇ ଦମ୍ପତିଙ୍କ ଓକିଲ ପ୍ରଶାନ୍ତ ପାଟିଲ କହିଛନ୍ତି ଯେ ଇଡିକୁ ତଦନ୍ତରେ ରାଜ୍ ଏବଂ ଶିଳ୍ପା ସହଯୋଗ କରିବେ। ମାମଲାର ନିରପେକ୍ଷ ଯାଞ୍ଚ ହେବ ବୋଲି ଆମର ସମ୍ପୂର୍ଣ୍ଣ ଭରସା ରହିଛି। ସୂଚନା ଅନୁଯାୟୀ ଏହି ଦୁର୍ନୀତିକୁ ନେଇ ଭାରିଏବୁଲ ଟେକ୍ ପ୍ରାଇଭେଟ ଲିମିଟେଡ ଏବଂ ଅଭିଯୁକ୍ତ ଅମିତ ଭରଦ୍ୱାଜ, ଅଜୟ ଭରଦ୍ୱାଜ, ବିବେକ ଭରଦ୍ୱାଜ, ସିମ୍ପି ଭରଦ୍ୱାଜ, ମହେନ୍ଦ୍ର ଭରଦ୍ୱାଜ ଏବଂ ଅନ୍ୟମାନଙ୍କ ବିରୋଧରେ ମହାରାଷ୍ଟ୍ର ଏବଂ ଦିଲ୍ଲୀ ପୁଲିସ ଏତଲା ରୁଜୁ କରିଥିଲା। ଏହି ଆଧାରରେ ଇଡି ତଦନ୍ତ ଆରମ୍ଭ କରିଥିଲା। ଏଜେନ୍ସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ପ୍ରତି ମାସରେ ୧୦ ପ୍ରତିଶତ ରିଟର୍ଣ୍ଣର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ବିଟ୍‌କଏନ ଭାବେ ବିପୁଳ ଟଙ୍କା ସଂଗ୍ରହ କରାଯାଇଥିଲା। କେବଳ ୨୦୧୭ରେ ୬,୬୦୦ କୋଟି ଟଙ୍କା ଆଦାୟ କରାଯାଇଥିଲା। ବିଟ୍‌କଏନ ମାଇନିଂରେ ଏହା ବ୍ୟବହାର କରାଯିବାର ଥିଲା। ମାତ୍ର ପ୍ରମୋଟରମାନେ ନିବେଶକଙ୍କୁ ଧୋକା ଦେଇ ବେଆଇନ ଭାବେ ସଂଗ୍ରହ କରିଥିବା ବିଟ୍‌କଏନକୁ ଅନ୍‌ଲାଇନ ୱାଲେଟରେ ଲୁଚାଇ ରଖି ଦେଇଥିଲେ। ତେଣୁ ଏହି ଚୁକ୍ତି ବିଫଳ ହୋଇଯାଇଥିଲା। ନିବେଶକଙ୍କୁ କୌଣସି ଲାଭ ମିଳି ନ ଥିଲା। ଗେନ୍ ବିଟ୍‌କଏନ ପୋଞ୍ଜିର ମାଷ୍ଟରମାଇଣ୍ଡ ତଥା ପ୍ରମୋଟର ଅମିତ ଭରଦ୍ୱାଜ ୟୁକ୍ରେନରେ ବିଟ୍‌କଏନ ମାଇନିଂ ଫାର୍ମ ପ୍ରତିଷ୍ଠା କରିବା ପାଇଁ କୁନ୍ଦ୍ରାଙ୍କୁ ୨୮୫ ବିଟ୍‌କଏନ ଦେଇଥିଲା। ଏବେ ବି ଏହା କୁନ୍ଦ୍ରାଙ୍କ ପାଖରେ ରହିଛି। ଏହାର ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କା ହେବ। ଏହି ମାମଲାରେ ୨୦୧୯ ଜୁନ୍ ୧୧ରେ ପ୍ରଥମ ଏବଂ ୨୦୨୪ ଫେବୃଆରୀ ୧୪ରେ ଅତିରିକ୍ତ ଅଭିଯୋଗ ଦାଏର କରାଯାଇଥିଲା। ଏହା ପରେ ସ୍ୱତନ୍ତ୍ର ପିଏମଏଲଏ କୋର୍ଟ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଏହା ପୂର୍ବରୁ ଇଡି ୬୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା।

ରାଜ କୁନ୍ଦ୍ରାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଗୁରୁତର ଅଭିଯୋଗ ଲାଗିଥିଲା। ମୋବାଇଲ୍ ଆପ୍‌ରେ ଅଶ୍ଳୀଳ ଚଳଚ୍ଚିତ୍ର ବନାଇବା ଏବଂ ଅପଲୋଡ କରିବା ଅଭିଯୋଗରେ ତାଙ୍କୁ ୨୦୨୧ ଜୁଲାଇରେ ଗିରଫ କରାଯାଇଥିଲା। ପ୍ରାୟ ୨ ମାସ ପରେ ତାଙ୍କୁ ଜାମିନ ମିଳିଥିଲା। ଏହା ପରେ ୨୦୨୨ରେ ସେ ସିବିଆଇରେ ଆବେଦନ କରି ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ। ଅଭିଯୋଗ ଲାଗିବା ପରଠାରୁ ଜେଲ୍‌ରେ ବିତାଇଥିବା ୨ ମାସର ସମ୍ପୂର୍ଣ୍ଣ କାହାଣୀ ସେ ଗତ ବର୍ଷ ଚଳଚ୍ଚିତ୍ର ମାଧ୍ୟମରେ ଲୋକଙ୍କୁ ଦେଖାଇ ଥିଲେ।



**ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ଜେଲ୍ ଯାଇଥିଲେ କୁନ୍ଦ୍ରା**

**ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କଲେ କମିସନ**

# ମତାଧିକାର ସାବ୍ୟସ୍ତ କରିବେ ୬୨୮୪୬୪୯ ଭୋଟର

**ଭୁବନେଶ୍ୱର, ୧୮ ।୪(ସମିସ):** ଓଡ଼ିଶାରେ ଆରମ୍ଭ ହୋଇଛି ନିର୍ବାଚନ ପ୍ରକ୍ରିୟା। ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା ଓ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନ ପାଇଁ ଆସନ୍ତା ୧୩ ତାରିଖରେ ମତଦାନ ନିମନ୍ତେ

■ ଭୋଟ ଗ୍ରହଣ ପାଇଁ ମୋଟ ୭୨୮୯ ବୁଥ୍ ବ୍ୟବସ୍ଥା
■ ୩୮୭୩ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ମାମଲା

ନାମାଙ୍କନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୬୨.୮୪ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ଏବଂ ଏଥିପାଇଁ ୭୨୮୯ଟି ବୁଥ୍ ବ୍ୟବସ୍ଥା କରାଯାଇଥବା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ନାମାଙ୍କନ ପ୍ରକ୍ରିୟା ଓ ତାରିଖ, ନିର୍ବାଚନ ତାରିଖ ଓ ସମୟ, ସୁରକ୍ଷା ବ୍ୟବସ୍ଥା, ଜବତ ହୋଇଥିବା ସାମଗ୍ରୀର ଆର୍ଥିକ ମୂଲ୍ୟ ସମ୍ପର୍କରେ ତଥ୍ୟ ରଖିଛନ୍ତି। ସେହିପରି ଭୋଟର ତାଲିକା, ମହିଳା ଭୋଟର, ଭିନ୍ନକ୍ଷମ ଭୋଟରମାନଙ୍କ ପାଇଁ ପ୍ରତିଟି ବୁଥ୍‌ରେ କରାଯାଉଥିବା ଆନୁଷଙ୍ଗିକ ବ୍ୟବସ୍ଥା ଓ ତା'ର କ୍ରିୟାନ୍ୱୟନ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଶ୍ରୀ ଧଳଙ୍କ




ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ମତଦାନ ପ୍ରକ୍ରିୟାରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା କ୍ଷେତ୍ର ଆସୁଛି। ଏଠାରେ ପୁରୁଷଙ୍କ ତୁଳନାରେ ଅଧିକ ମହିଳା ଭୋଟର ରହିଛନ୍ତି। ଏହି ୪ ଲୋକସଭା କ୍ଷେତ୍ରରେ ମୋଟ ୬୨, ୮୪, ୬୪୯ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ୩୧ ଲକ୍ଷ ୮୭ ହଜାର ୭୭୧ ଜଣ ଥିବାବେଳେ ପୁରୁଷଙ୍କ ସଂଖ୍ୟା ୩୦ ଲକ୍ଷ ୯୬ ହଜାର ୨୪୩ ଅଟେ। ସେହିପରି ଏହି ୪ ସଂସଦୀୟ କ୍ଷେତ୍ରରେ ୬୩୫ ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ଶ୍ରୀ ଧଳଙ୍କ ସୂଚନା ଅନୁଯାୟୀ ଏହି ୪ ଲୋକସଭା କ୍ଷେତ୍ରରେ ମତଦାନ ପାଇଁ ମୋଟ ୭୨୮୯ ବୁଥ୍‌ର ବ୍ୟବସ୍ଥା କରାଯାଇଛି।

ଏହି ୪ ଲୋକସଭା କ୍ଷେତ୍ର ଅଧିନରେ ମୋଟ ଭୋଟରଙ୍କ ମଧ୍ୟରୁ ୧୮-୧୯ ବର୍ଷୀୟ ଭୋଟରଙ୍କ ସଂଖ୍ୟା ୨.୭୮ ପ୍ରତିଶତ ଥିବାବେଳେ ୨୦-୨୯ ବର୍ଷ ବୟସ୍କ ଭୋଟରଙ୍କ ସଂଖ୍ୟା ୨୩.୩୪ ପ୍ରତିଶତ। ଅନ୍ୟପକ୍ଷରେ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଶ୍ରୀ ଧଳ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସି-ଭିଜିଲ ଆପ୍ ଜରିଆରେ ବୁଧବାର ସୁଦ୍ଧା ୩୮୭୩ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ୩୮୫୪ଟି ଅଭିଯୋଗର ସମାଧାନ କରାଯାଇଛି। ସମାଧାନ ହୋଇଥିବା ଅଭିଯୋଗ ମଧ୍ୟରୁ ୧୮୫୦ଟି ଅଭିଯୋଗ ସି-ଭିଜିଲ ଆପ୍‌ରେ ପଞ୍ଜୀକୃତ ହେବାର ୧୦୦ ମିନିଟ ମଧ୍ୟରେ ସମାଧାନ କରାଯାଇଛି ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ସମ୍ପ୍ରତି ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୬ ଲକ୍ଷ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧.୭ କୋଟି ଏବଂ ମହିଳାଙ୍କ ସଂଖ୍ୟା ୧.୬୬ କୋଟି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ କରିଛନ୍ତି। ରାଜ୍ୟରେ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ଶ୍ରୀ ଧଳ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଛନ୍ତି।

## କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର, ୧୮ ।୪(ସମିସ):** ବାଲେଶ୍ୱର ଚାନ୍ଦିପୁର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏହି କ୍ଷେପଣାସ୍ତ୍ରକୁ ଉତ୍କ୍ଷେପଣ କରାଯାଇଥିଲା। ପରୀକ୍ଷଣ ହୋଇଥିବା ଆଇଟିସି କ୍ଷେପଣାସ୍ତ୍ରରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମାନିକ୍ ଇଞ୍ଜିନକୁ ବ୍ୟବହାର କରାଯାଇଛି। ଏହି ଇଞ୍ଜିନ୍ ପୂର୍ବ ଇଞ୍ଜିନ୍ ଅପେକ୍ଷା ଅଧିକ ହାଲୁକା ଥିବା ବେଳେ ଏହାର ବେଗ ମଧ୍ୟ ଅଧିକ ବୋଲି କୁହାଯାଉଛି। ଭାରତ ଡାଏନାମିକ୍ ଲିମିଟେଡ୍ ଦ୍ୱାରା ନିର୍ମିତ ଆଇଟିସିଏମ୍‌ର ଓଜନ ୧୫୦୦ କିଲୋଗ୍ରାମ ଥିବା ବେଳେ ଲମ୍ବ ୬ମିଟର ଓ ମୋଟେଇ ୦.୫୨ ମିଟର ରହିଛି। ଏହି କ୍ଷେପଣାସ୍ତ୍ରରେ ୨୦୦ରୁ ୩୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପାରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବା ସହ ୧୫ ଶହ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ରହିଛି। ଆଜିର ପରୀକ୍ଷଣ ସମୟରେ ପୃଥକ୍ ସ୍ଥାନରେ ମୁତୟନ ରଖାଯାଇଥିବା ସେନ୍ସର୍, ରାଡାର୍, ଇଲେକ୍ଟ୍ରୋ ଅପଟିକାଲ୍ ଟ୍ରାକିଂ ସିଷ୍ଟମ୍ (ଆଇଓଟିଏସ୍) ଏବଂ ଟେଲିମେଟ୍ରି ମାଧ୍ୟମରେ କ୍ଷେପଣାସ୍ତ୍ରକୁ ମନିଟରିଂ କରାଯାଇଥିଲା। ଏହାବ୍ୟତୀତ ଏହି କ୍ରୁଜ୍ ମିସାଇଲ୍ ପରୀକ୍ଷଣର ସମୀକ୍ଷା ଭାରତୀୟ ବାୟୁସେନା ବାହିନୀର ଏସୟୁ-୩୦-ଏମ ବିମାନ ମାଧ୍ୟମରେ



କରାଯାଇଥିଲା। ପରୀକ୍ଷଣ ବେଳେ ଏହି ମିସାଇଲ ପ୍ରତି ଘଣ୍ଟାରେ ୮୬୪ ରୁ ୧୧୧୧କିମି ବେଗରେ ଗତି କରିଥିବା ଜଣାଯାଇଛି। ଏହି ମିସାଇଲ ଗତି କରିବା ସମୟରେ ଶତ୍ରୁପକ୍ଷ ଏହାର ସ୍ଥିତି ନିରୂପଣ କରି ହାମଲା କରିବା କଷ୍ଟକର ହୋଇଥାଏ। ଏହାର ଇଞ୍ଜିନ୍ ଦୁଇ ପର୍ଯ୍ୟାୟ ବିଶିଷ୍ଟ ମିସାଇଲ ହୋଇଥିବା ବେଳେ ଗୋଟିଏ ପର୍ଯ୍ୟାୟ ଇଞ୍ଜିନରେ କଠିନ ଓ ଅନ୍ୟ ପର୍ଯ୍ୟାୟରେ ତରଳ ଇନ୍ଧନ ବ୍ୟବହାର କରାଯାଇଥାଏ। ଏହି ମିସାଇଲ ଭୂପୃଷ୍ଠରୁ ୫୦ ମିଟରରୁ ୪କିମି ପର୍ଯ୍ୟନ୍ତ ଆକାଶ ମାର୍ଗକୁ ଯାଇ ଶତ୍ରୁପକ୍ଷକୁ ଧ୍ୱସ୍ତବିଧ୍ୱସ୍ତ କରି ପାରିବାର କ୍ଷମତା ରଖିଛି। ଏହି ମିସାଇଲର ସଫଳ ପରୀକ୍ଷଣ ପରେ ଏଥିରେ ଜଡ଼ିତ ସମସ୍ତ ଡିଆରଡିଓ ବୈଜ୍ଞାନିକ ଓ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁଭେଚ୍ଛା ଜଣାଇଛନ୍ତି।

## ଆରପାରିରେ ନାଟ୍ୟ ପିତାମହ ସଚ୍ଚି ଦାସ

**ଭୁବନେଶ୍ୱର, ୧୮ ।୪ (ସମିସ):** ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକ ଜଗତର ପ୍ରଖ୍ୟାତ ଅଭିନେତା ତଥା ଯାତ୍ରା ଜଗତର କିଂବଦନ୍ତି ନିର୍ଦ୍ଦେଶକ ଡଃ ସଚ୍ଚି ଦାସ (୯୧)ଙ୍କ ଗୁରୁବାର କଟକ ତୁଳସୀପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ଆଜି ସକାଳ ପ୍ରାୟ ୯ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ଓଡ଼ିଶା ନାଟ୍ୟମଞ୍ଚର ଏହି ଅପ୍ରତିଦ୍ୱନ୍ଦ୍ୱୀ ଅଭିନେତା ଓ ନିର୍ଦ୍ଦେଶକଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



କଟକରୁ ତାଙ୍କ ମରଶରୀର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ରମଣ୍ଡପ ଓ ସଙ୍ଗୀତ ନାଟକ ଏକାଡେମୀକୁ ନିଆଯାଇଥିଲା। ସେଠାରେ ବରି ବିଧାୟକଙ୍କ ସମେତ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ୍, ଅଭିନେତା ପ୍ରଭଞ୍ଜନ ପରିଡ଼ା, ଶୁଭକାନ୍ତ ପାଢ଼ୀ, ହରେନ୍ ସାହୁ, ଲାଲା ବିରେନ୍ ରାୟଙ୍କ ସମେତ ନାଟ୍ୟ ଓ ସିନେମା ଜଗତର କଳାକାରଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ବରି ଆନନ୍ଦପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଓ ବନ୍ଧୁ ପ୍ରିୟଜନ ଉପସ୍ଥିତ ଥିଲେ।

ଓଡ଼ିଶା ଯାତ୍ରା ଜଗତର ଭୀଷ୍ମ ପିତାମହ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଡଃ ଦାସ ୫୦୦ରୁ ଊର୍ଦ୍ଧ୍ୱ ଯାତ୍ରା, ୧୦୦ରୁ ଊର୍ଦ୍ଧ୍ୱ ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି। ଏହାସହ ୪୦୦ରୁ ଅଧିକ ଯାତ୍ରା ଓ ନାଟକ ସେ ନିଜେ ରଚନା କରିଛନ୍ତି। ଓଡ଼ିଆ ଯାତ୍ରା ଜଗତକୁ ନୂତନ ତଥା ଆଧୁନିକ ରୂପ ଦେବାରେ ତାଙ୍କର ଭୂମିକା ଅଗ୍ରଣୀ। ଯାତ୍ରା ଜଗତରେ ଜଣେ ନିର୍ଦ୍ଦେଶକ ଭାବେ ସେ ବେଶ ସୁନାମ ଓ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ନିର୍ଦ୍ଦେଶନାରେ ଅନେକ ଯାତ୍ରା ବିଶେଷ ଲୋକପ୍ରିୟ ହୋଇପାରିଥିଲା। ତାଙ୍କ ନିର୍ଦ୍ଦେଶିତ 'ଶାଗୁଣା ବସିଛି ଡେଣା ମେଲାଇ' ନାଟକ ସେତେବେଳ ଯାତ୍ରା ଜଗତରେ ଚହଳ ସୃଷ୍ଟି କରିଥିଲା। ତାହା ଏପର୍ଯ୍ୟନ୍ତ ସର୍ବମାନ୍ୟ ରେକର୍ଡ ଅର୍ଜନ କରିଛି। ସେହିପରି ଓଡ଼ିଆ ଚଳଚ୍ଚିତ୍ର 'ତଅପୋଇ', 'ମେଘମୁକ୍ତି', 'ଅଗ୍ନି ପରୀକ୍ଷା', 'ଏ ନୁହେଁ କାହାଣୀ'ର ସହକାରୀ ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ ନିର୍ବାହ କରିଥିଲେ। ମଞ୍ଚ, ଯାତ୍ରା, ଧାରାବାହିକ ଓ ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ନିମନ୍ତେ ୨୦୧୮ ମସିହାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ହାସଲ କରିଥିଲେ। ସେହିପରି ୨୦୦୦-୨୦୦୧ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶନା ପୁରସ୍କାରରେ ସମ୍ମାନିତ ହେବା ସହ ୨୦୧୫-୧୬ରେ ନାଟ୍ୟକଳା କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସର୍ବୋଚ୍ଚ ପୁରସ୍କାର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ସମ୍ମାନରେ ସମ୍ମାନିତ ହୋଇଥିଲେ।

## ଏନ୍‌ସିବି ଡିଡିଜି ସଞ୍ଜୟ ସିଂହଙ୍କ ସ୍ୱେଚ୍ଛାକୃତ ଅବସର

**ଭୁବନେଶ୍ୱର,୧୮ ।୪(ସମିସ):** ୧୯୯୬ ବ୍ୟାଚ୍‌ର ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ସଞ୍ଜୟ ସିଂହ ସ୍ୱେଚ୍ଛାକୃତ ଅବସର (ଭିଆରଏସ୍) ନେଇଛନ୍ତି। ଶ୍ରୀ ସିଂହଙ୍କ ଏ ସଂକ୍ରାନ୍ତ ଆବେଦନକୁ ରାଜ୍ୟ ଗୃହ ବିଭାଗ ମଞ୍ଜୁର କରିଛି। ସଞ୍ଜୟ ସିଂହ ଏବେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଡେପୁଟି ଡିଜି ଭାବେ କାର୍ଯ୍ୟ କରୁଛନ୍ତି। ଅକସ୍ମାତ ସେ କାହିଁକି ଭିଆରଏସ୍ ନେଲେ ସେ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ସୂଚନାଯୋଗ୍ୟ, ସଞ୍ଜୟ ସିଂହ ଓଡ଼ିଶା ପୁଲିସର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ସହ ସିବିଆଇରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସିବିଆଇରେ ଡିଆଇଜି ରାଙ୍କରେ କାର୍ଯ୍ୟ କରୁଥିବା ବେଳେ ଅନେକ ହାଇପ୍ରୋଫାଇଲ ମାମଲାର ତଦନ୍ତ ଦାୟିତ୍ୱରେ ରହିଥିଲେ। ୨୦୨୧ରେ ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ ଓ ତାଙ୍କୁ ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋରେ ଡେପୁଟି ଡାଇରେକ୍ଟରଜେନେରାଲ ନିଯୁକ୍ତି ଦିଆଯାଇଥିଲା।

**କେନ୍ଦ୍ରାପଡ଼ାରେ ଚାଞ୍ଚଲ୍ୟ**

## ପାନ ଖଣ୍ଡେ ନ ଦେବାରୁ ୧୬ଥର ଛୁରି ଭୁସି ଯୁବକଙ୍କୁ ହତ୍ୟା

**କେନ୍ଦ୍ରାପଡ଼ା,୧୮ ।୪(ସମିସ):** ୧୬ଥର ଛୁରି ଭୁସି ଜଣେ ଯୁବକଙ୍କୁ ହତ୍ୟା କରିବା ଭଳି ବୀଭତ୍ସ ହତ୍ୟାକାଣ୍ଡ କେନ୍ଦ୍ରାପଡ଼ା ଟାଉନ ଥାନା ଅଧୀନ ଟାଉନ ବଳରାମପୁର ହନୁମାନ ମନ୍ଦିର ନିକଟରେ ଆଜି ଅପରାହ୍ନରେ ଘଟିଛି। ମୃତକ ହେଲେ, ଓସ୍ତପୁର ପଞ୍ଚାୟତ ସାରଙ୍ଗ ଗ୍ରାମର ଅକ୍ଷୟ କୁମାର ଖଟୁଆ (୩୫)। ପାନ ଖଣ୍ଡେ ନଦେବାରୁ ଜଣେ ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା କୁହାଯାଉଛି। ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀ ଯୁବକକୁ ଗିରଫ କରିବା ସହ ଅକ୍ଷୟଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନା ମୁତାବକ, ସଦର ଥାନା ଅଧୀନ ଓସ୍ତପୁର ପଞ୍ଚାୟତ ସାରଙ୍ଗ ଗ୍ରାମର ଅକ୍ଷୟ ଏସି ମେକାନିକ ଭାବେ କାମ କରନ୍ତି। ଆଜି ସେ ଟାଉନ ବଳରାମପୁର ହନୁମାନ ମନ୍ଦିର ନିକଟରେ ରାସ୍ତାକଡ଼ରେ ଥିବା ଏକ ପାନ ଦୋକାନରେ ଠିଆ ହୋଇଥିଲେ। ଏହି ସମୟରେ ଟାଉନ ବଳରାମପୁରରେ ରହୁଥିବା କଂସାର ପଞ୍ଚାୟତର ଚଣ୍ଡିଆ ପଲେଇ ଗ୍ରାମରେ ଆଦିକନ୍ଦ ବେହେରାଙ୍କ ପୁଅ ଆଦିତ୍ୟ ପ୍ରସାଦ ବେହେରା ସେହି ଦୋକାନରେ ପହଞ୍ଚି ଅକ୍ଷୟଙ୍କୁ ପାନ ଖଣ୍ଡେ ମାଗିଥିଲେ। ଅକ୍ଷୟ ତାଙ୍କୁ ଚିହ୍ନି ନଥିବା କହିବା ସହ କାହିଁକି ପାନ ଦେବେ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ହଠାତ୍ ଅଭିଯୁକ୍ତ ଆଦିତ୍ୟ ପ୍ରସାଦ ଏକ ଛୁରି ବାହାର କରି ଅକ୍ଷୟଙ୍କୁ ପଛପଟୁ ମାଡ଼ି ବସି ତାଙ୍କ ଛାତିରେ ୧୬ଥର ଭୁସିଥିଲା। ଏହି ଅତର୍କିତ ଆକ୍ରମଣରେ ଅକ୍ଷୟ ତଳେ ପଡ଼ି ଛଟପଟ ହୋଇଥିଲେ। ସଂକଟାପନ୍ନ ଅବସ୍ଥାରେ ଅକ୍ଷୟଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ସୂଚନା ଦେଇଛନ୍ତି। ବିଟ୍ ରାସ୍ତାରେ ଏପରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଟାଉନ ଥାନା ପୁଲିସ ସେଠାରେ ପହଞ୍ଚି ଅଭିଯୁକ୍ତକୁ ସାଙ୍ଗରେ ନେବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତକୁ ଅଟକ ରଖି ପୁଲିସ ହତ୍ୟାକାଣ୍ଡର ପ୍ରକୃତ କାରଣ ସମ୍ପର୍କ ତଦନ୍ତ ଆରମ୍ଭ କରିଛି।

**ନିର୍ବାଚନ କମିସନଙ୍କୁ ଫେରାଦ ହେଲା ବିଜେଡି**

## ପ୍ରଶାନ୍ତ ଖୋର୍ଦ୍ଧାର ଆଇନଶୃଙ୍ଖଳା ବିଗାଡୁଛନ୍ତି

**ଭୁବନେଶ୍ୱର, ୧୮ ।୪ (ସମିସ):** ବିଜେପି ନେତା ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି




କରି ଆଜି ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଆଜି ନିର୍ବାଚନ କମିସନଙ୍କୁ ଭେଟିଛନ୍ତି। ପ୍ରଶାନ୍ତ ବାରମ୍ବାର ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏଥିଯୋଗୁଁ ଖୋର୍ଦ୍ଧା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗୁଡୁଛି। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି କରିଛି। ଏହି ମର୍ମରେ ବିଜେଡି ପକ୍ଷରୁ ଏକ ଅଭିଯୋଗପତ୍ର ମୁଖ୍ୟ ନିର୍ବାଚନ କମିସନଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଖୋର୍ଦ୍ଧା ଜିଲାରେ ଏକାଧିକ ଅପରାଧିକ ମାମଲାରେ ଜଡ଼ିତ। ତାଙ୍କର ଏଭଳି କାର୍ଯ୍ୟକଳାପ ସମାଜରେ ପ୍ରଚଳିତ ଥିବା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଗତ କିଛି ଦିନ ତଳେ ଲୋକଙ୍କୁ କାର୍ ଚଢ଼ାଇଦେବା ମାମଲାରେ ତାଙ୍କୁ ଜାମିନ୍ ମିଳିବା ପରେ ସେ ବାହାରକୁ ଆସିଛନ୍ତି। ହେଲେ ଏହାପରେ ବି ସେ ଅପରାଧ ଘଟାଉଛନ୍ତି। ଏଥିରୁ ଜଣାପଡୁଛି, ଅପରାଧିକ କାର୍ଯ୍ୟକଳାପରୁ ସେ ନିବୃତ୍ତ ରହୁନାହାନ୍ତି। ଗତ ୧୭ ତାରିଖରେ ଟାଙ୍ଗୀ କଲେଜ ନିକଟରେ କନ୍ଧନୟାଗଡ଼ ସାଂସ୍କୃତିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରାରେ ଖୋର୍ଦ୍ଧା ନୟାଗଡ଼ର ଯୁବକମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ସାମିଲ ହେବା ପାଇଁ ପ୍ରଶାନ୍ତ ଜଗଦ୍ଦେବ ତାଙ୍କ ସମର୍ଥକଙ୍କ ସହ ଆସିଥିଲେ। ପ୍ରଶାନ୍ତ ଜୋରଜବରଦସ୍ତ ଶୋଭାଯାତ୍ରାରେ ସାମିଲ ହେବାକୁ ଜିଦ୍ ଧରିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଘଟଣାସ୍ଥଳରେ ପ୍ରଶାନ୍ତ ଆୟୋଜକଙ୍କୁ ଧମକଚମକ ମଧ୍ୟ ଦେଇଥିଲେ। ଏପରିକି, ଆୟୋଜକଙ୍କ ସହ ସେ ହାତାହାତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତାଙ୍କର ଏଭଳି ବ୍ୟବହାର ସୁସ୍ଥ ଗଣତନ୍ତ୍ର ପାଇଁ ହିତକର ନୁହେଁ। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ରାଜନୈତିକ କାର୍ଯ୍ୟକଳାପ ଉପରେ ଯଦି ଅଙ୍କୁଶ ଲଗା ନ ଯାଏ ତେବେ ସେ ଖୋର୍ଦ୍ଧା ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନଷ୍ଟ କରିଦେବେ। ତାଙ୍କର ଲଗାତାର ଅପରାଧିକ କାର୍ଯ୍ୟକଳାରେ ଲିପ୍ତ ରହିବା ଦ୍ୱାରା ନିର୍ବଚାନ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କର ଯେଉଁ ଭରସା ରହିଛି, ତାହା ଧୋଇଯିବ। ଏଣୁ ପ୍ରଶାନ୍ତଙ୍କ ବିରୋଧରେ କମିସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମଧୁସ୍ମିତା ନାୟକ, ମହିର ରାୟ, ଇପ୍‌ସିତା ସାହୁ, ପ୍ରିୟବ୍ରତ ନାୟକ ପ୍ରମୁଖ ସାମିଲ ଥିଲେ।

## ଖରସ୍ରୋତାରେ ବୁଡ଼ି ଦୁଇଭାଇ ନିଖୋଜ

**କୁଆଖିଆ, ୧୮ ।୪ (ସମିସ):** ଯୋକଡ଼ିଆ ଆନିକଟ ନିକଟରେ ଆଜି ଅପରାହ୍ନରେ ଗାଧୋଇବାକୁ ଯାଇ ଦୁଇଭାଇ ନିଖୋଜ ହୋଇଥିବା ଜଣାପଡ଼ିଛି। ଖବର ପାଇ ଅଗ୍ନିଶମ ଓ ଓଡ୍ରାଫ୍ ବାହିନୀ ପକ୍ଷରୁ ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜଦ୍ୱୟଙ୍କ ପତ୍ତା ମିଳି ପାରିନାହିଁ। ନିଖୋଜ ଦୁଇଭାଇ ବ୍ୟାସନଗର ଫେରୋକ୍ରୋମ କଲୋନୀ ନିକଟସ୍ଥ ଶିବାନନ୍ଦନଗର ଗ୍ରାମର ଶେଖର ସ୍ୱାଇଁଙ୍କ ବଡ଼ପୁଅ ଶାଶ୍ୱତ (୨୪) ଓ ସାନପୁଅ ସ୍ୱସ୍ତିକ (୨୧)।





ସୂଚନା ମୁତାବକ, ଉଭୟ ଶାଶ୍ୱତ ଓ ସ୍ୱସ୍ତିକ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ। ପ୍ରଥମେ ବଡ଼ଭାଇ ଶାଶ୍ୱତ ନଦୀ ଭିତରେ ପଶି ଗାଧୋଇବା ବେଳେ ବୁଡ଼ିଯାଇଥିଲେ। ଏହା ଦେଖି ଉପରେ ଛିଡ଼ା ହେଇଥିବା ସାନଭାଇ ସ୍ୱସ୍ତିକ ପାଣିକୁ ଡେଇଁଥିଲେ। ଉଭୟେ ଭଉଁରୀ ମଧ୍ୟରେ ବୁଡ଼ିଯିବା ଦେଖି ଅନ୍ୟ ସାଙ୍ଗମାନେ ଭୟରେ ନିକଟସ୍ଥ ଗ୍ରାମର ଲୋକଙ୍କୁ ଡାକି ସହଯୋଗ ଲୋଡ଼ିଥିଲେ। ଗ୍ରାମବାସୀ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବର ପାଇ ଯାଜପୁରରୋଡ୍ ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରିଥିଲେ ହେଁ ଖବର ଲେଖା ପର୍ଯ୍ୟନ୍ତ ଦୁଇଭାଇଙ୍କ ପତ୍ତା ମିଳି ପାରି ନଥିଲା।

## ୨୪ରୁ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର୍ ପରୀକ୍ଷା

**ଭୁବନେଶ୍ୱର,୧୮ ।୪(ସମିସ):** ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର ପରୀକ୍ଷା ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବ। ମେ' ୭ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର ୧୫ ଦିନ ପୂର୍ବରୁ ଓଏସ୍‌ଏସ୍‌ଏସ୍‌ସି ୱେବ୍‌ସାଇଟ୍ www.osssc.gov.inରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପ୍ରଥମରୁ ପରୀକ୍ଷା ଥିବା ପ୍ରାର୍ଥୀଙ୍କ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି। ସୂଚନାଯୋଗ୍ୟ, ଓଏସ୍‌ଏସ୍‌ଏସ୍‌ସି ପ୍ରଥମଥର ପାଇଁ ଏହି ପରୀକ୍ଷାରୁ ପର୍‌ସେଣ୍ଟାଇଲ୍ ଫର୍ମୁଲା ଆପଣାଇବାକୁ ଯାଉଛି। ନେସ୍‌ନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଢାଞ୍ଚାରେ ଏହି ନିୟମକୁ ଲାଗୁ କରାଯିବ। ଚଳିତଥର ସମସ୍ତ ଜିଲ୍ଲାରେ ପରୀକ୍ଷା କରାଯିବା ନେଇ ବିଜ୍ଞପ୍ତିରେ ପ୍ରକାଶ ପାଇଥିଲେ ମଧ୍ୟ ପରୀକ୍ଷା ପାଇଁ ଆବଶ୍ୟକ ଭିତ୍ତିଭୂମି ନଥିବାରୁ ନିକଟସ୍ଥ ଜିଲ୍ଲା ବା ସହରରେ ଅଧିକ ପରୀକ୍ଷା କେନ୍ଦ୍ର କରାଯାଇଛି। ୩୦ ପ୍ରତିଶତ ପରୀକ୍ଷାର୍ଥୀଙ୍କ ପାଇଁ ସମ୍ବଲପୁର, ବ୍ରହ୍ମପୁର, କଟକ ଓ ଭୁବନେଶ୍ୱର ପରି ସହରରେ ପରୀକ୍ଷାକେନ୍ଦ୍ର କରାଯାଇଥିବା ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

**ରାଜପଥରେ ଚିନ୍ତା ବଢ଼ାଉଛି ଭାରୀଯାନ**

# ରାତିହେଲେ ବେଗ '୧୨୦' ପାର୍

**ଭୁବନେଶ୍ୱର, ୧୮ ।୪ (ସମିସ):** ବିଳମ୍ବିତ ରାତ୍ରିରେ ଜାତୀୟ ରାଜପଥରେ ଦ୍ରୁତ ବେଗରେ ଗାଡ଼ିଚାଳନା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ପ୍ରତ୍ୟେକ ବର୍ଗର ଯାନବାହନ ପାଇଁ ବେଗର ସୀମା ନିର୍ଦ୍ଧାରଣ କରାଯାଇଥିବା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ ଦୁର୍ଘଟଣାର ହାର ବୃଦ୍ଧି ପାଇବାରେ ଲାଗିଛି।

ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତଙ୍କ ସହାୟତା ପାଇଁ ଜାତୀୟ ରାଜପଥରୁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର (୧୦୩୩) ଅନେକସ୍ଥଳେ କାର୍ଯ୍ୟ କରୁ ନଥିବା ଅଭିଯୋଗ ହେଉଛି। ଏପରିକି ରାଜପଥ ପେଟ୍ରୋଲିଂ ବ୍ୟବସ୍ଥା ଥାଇ ମଧ୍ୟ ଏହାର ସୁଫଳ ମିଳିପାରୁନାହିଁ। ଏହା ଏକପ୍ରକାର ଅକାମୀ ହୋଇପଡ଼ିଥିବା ଭଳି ପରିଲକ୍ଷିତ ହେଉଛି। ଏପରିସ୍ଥଳେ ଦୁର୍ଘଟଣା ସ୍ଥଳରୁ ସାହାଯ୍ୟ ପାଇଁ ପୁଲିସ୍ ଓ ଆମ୍ବୁଲାନ୍ସ ସେବାକୁ ଯୋଗାଯୋଗ କଲେ ତୁରନ୍ତ ସହାୟତା ମିଳିପାରୁଛି ବୋଲି ସ୍ଥାନୀୟ ସହୃଦୟ ବ୍ୟକ୍ତି ମତ ରଖୁଛନ୍ତି।

ରାଜଧାନୀ ଦେଇ ଯାଇଥିବା ଜାତୀୟ ରାଜପଥ ଏବେ ମୃତ୍ୟୁପଥ ପାଲଟି ଯାଇଛି। ଦିନବେଳାଠୁ ରାତି ପର୍ଯ୍ୟନ୍ତ ରାଜପଥରେ ମୃତ୍ୟୁ ଫାଶ ପକାଇ ଯମ ଜଗି ବସିଲା ଭଳି ପରିସ୍ଥିତି। ରାତିରେ ଭାରୀଯାନ ଚାଳକଙ୍କ ଦ୍ରୁତ




ଗାଡ଼ିଚାଳନାରେ ରୋକ୍ ଲାଗୁନି। ରାତି ହେବା ପରେ ଜାତୀୟ ରାଜପଥରେ ଗାଡ଼ିର ବେଗ ୧୨୦ ଅତିକ୍ରମ କରୁଛି। ଭୁବନେଶ୍ୱର ଠାରୁ କଟକ ଓ ଖୋର୍ଦ୍ଧା ଯାଏଁ ଲମ୍ବିଥିବା ଜାତୀୟ ରାଜପଥରେ ଦୁର୍ଘଟଣା କମୁନି। ଏହି ରାସ୍ତାରେ ନା ଅଛି ସ୍ପିଡ୍ ବ୍ରେକର ନା ଲାଗୁଛି ସୂଚନା ଫଳକ। ରାତିରେ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କ ଦେଖା ମିଳୁନି। ଜାତୀୟ ରାଜପଥରେ ପାଟ୍ରୋଲିଂ ବ୍ୟବସ୍ଥା ଓ ଇଣ୍ଟରସେପ୍ଟର ଜଗିବା ନାମକୁ ମାତ୍ର ବୋଲି ଅଭିଯୋଗ ହୋଇଛି।

ମିଳିଥିବା ଏକ ତଥ୍ୟ ଅନୁଯାୟୀ, ରାଜଧାନୀରେ ଗତ ୫ବର୍ଷରେ ରାଜପଥରେ ଦୁର୍ଘଟଣାରେ ୩୫୯ଜଣଙ୍କ ଜୀବନ ଯାଇଛି। ୨୦୧୭ରେ ୭୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ୪୮, ୨୦୧୯ରେ ୯୬, ୨୦୨୦ରେ ୭୧ ଓ ୨୦୨୧ରେ ୭୪ଜଣ, ୨୦୨୨ରେ ୮୫ ଓ ୨୦୨୩ରେ ୯୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଚଳିତବର୍ଷ ପ୍ରଥମ ତିନିମାସରେ ଦୁର୍ଘଟଣା ଘଟି ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲାଣି।

■ ହେଲ୍ପ ଲାଇନ୍ ନମ୍ବରର ମିଳୁନି ସୁଫଳ
■ ପାଟ୍ରୋଲିଂ ଶୂନ୍ୟ ଜାତୀୟ ରାଜପଥ

ଅନ୍ୟପକ୍ଷରେ ନିଶାସକ୍ତ ଅବସ୍ଥାରେ ଗାଡ଼ିଚାଳନା ଯୋଗୁଁ ଭୁବନେଶ୍ୱର ସହର ଭିତରେ ଦୁର୍ଘଟଣା ବଢୁଥିବା ନେଇ କମିସନରେଟ୍ ପୁଲିସ୍ ପକ୍ଷରୁ କୁହାଯାଇଛି। ରାଜଧାନୀରେ ରାତି ୧୦ରୁ ୧୨ଟା ମଧ୍ୟରେ ଅଧିକ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣା ପଛରେ ମଦ୍ୟପାନ କରି ଗାଡ଼ିଚାଳନା ହିଁ କାରଣ ବୋଲି ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ତେଣୁ ସହରରେ ମଦ୍ୟପ ଚାଳକ ବିରୋଧରେ ଧରପଗଡ଼ କରାଯାଇ ଏକ ହଜାରରୁ ଅଧିକ ମଦ୍ୟପ ଚାଳକଙ୍କୁ ଧରିବା ସହ ସେମାନଙ୍କ ବିରୋଧରେ ମାମଲା ସହ ଗାଡ଼ି ଜବତ କରାଯାଉଛି। ଫଳରେ ଗଲା ଦୁଇମାସ ହେବ ଭୁବନେଶ୍ୱରରେ ୬୫ ପ୍ରତିଶତ ଦୁର୍ଘଟଣା ହ୍ରାସ ହୋଇଛି।

ଏହି ପରିପ୍ରେକ୍ଷୀରେ ଦ୍ରୁତ ଗାଡ଼ିଚାଳନା ରୋକିବା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପ୍ରଦାନ ନିମନ୍ତେ ଥିବା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଭୁବନେଶ୍ୱର ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ କେ. ନାଗେଶ୍ୱର ରାଓ କହିଛନ୍ତି ଯେ, ପ୍ରତି ୬୦ କିଲୋମିଟର୍ ବ୍ୟବଧାନରେ ଗୋଟିଏ ଲେଖାଏଁ ପାଟ୍ରୋଲିଂ ଗାଡ଼ିର ବ୍ୟବସ୍ଥା ରହିଛି। ହେଲ୍ପଲାଇନ୍ ନମ୍ବର ସଠିକ୍ ଭାବେ କାର୍ଯ୍ୟ କରୁନଥିବା ନେଇ ସେ ଅବଗତ ନୁହନ୍ତି ଓ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ବାଲେଶ୍ୱର ଲୋକସଭା ଆସନରେ ତ୍ରିମୁଖୀ ଲଢ଼େଇ

# ଅନୁଭବୀ ପ୍ରତାପ ଓ ଶ୍ରୀକାନ୍ତଙ୍କୁ କଡ଼ା ଟକ୍କର ଦେବେ ଲେଖାଶ୍ରୀ

**ବାଲେଶ୍ୱର, ୧୮ ।୪ (ସମିସ):** ପୂର୍ବ ଭାରତର ଗୁରୁତ୍ୱପୂର୍ଣ୍ଣ ଲୋକସଭା ଆସନ ହେଉଛି ବାଲେଶ୍ୱର। ୨୦୨୪ ସାଧାରଣ ନିର୍ବାଚନ ପାଇଁ ମଇଦାନ ପ୍ରସ୍ତୁତ ହୋଇସାରିଛି। ତିନି ପ୍ରମୁଖ ରାଜନୈତିକ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ମଇଦାନରେ ଲଢ଼େଇ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ରହିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିଜେଡି ବାଲେଶ୍ୱରରୁ ସଶକ୍ତ ମହିଳା ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଟିକଟ୍ ଦେଇ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଚମକାଇଥିବା ବେଳେ ମଇଦାନରେ ତାଙ୍କ ଲଢ଼େଇ ଦୁଇ ଜଣ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସହିତ ହେବାକୁ ଯାଉଛି। ବିଜେପି ପୂର୍ବତନ କେନ୍ଦ୍ରମନ୍ତ୍ରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପରେ ଭରସା କରି ପୁଣି ଟିକଟ ଦେଇଥିବା ବେଳେ କଂଗ୍ରେସ ବାଲେଶ୍ୱରର ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ନିର୍ବାଚନୀ ମଇଦାନକୁ ଓହ୍ଲାଇ ଲଢ଼େଇକୁ ଅଧିକ ରୋଚକ କରିଛନ୍ତି। ବାଲେଶ୍ୱର ଭଳି ହାଇପ୍ରୋଫାଇଲ୍ ଲୋକସଭା ଆସନରେ ବିଗତ ତିନି ଗୋଟି ସାଧାରଣ ନିର୍ବାଚନରେ ଭିନ୍ନ ଭିନ୍ନ ରାଜନୈତିକ ଦଳରୁ ପ୍ରତିନିଧିଙ୍କୁ ଅଞ୍ଚଳବାସୀ ନିର୍ବାଚିତ କରି ସଂସଦକୁ ପଠାଇ ଆସୁଛନ୍ତି। ଚଳିତ ନିର୍ବାଚନରେ ମଧ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେପିର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ କଡ଼ା ମୁକାବିଲାରେ ବିଜେଡିର ରବୀନ୍ଦ୍ର କୁମାର ଜେନାଙ୍କୁ ପରାସ୍ତ କରି ସଂସଦରେ ପହଞ୍ଚିଥିଲେ। ପ୍ରତାପଙ୍କ ସପକ୍ଷରେ ମୋଟ୍ ୪, ୮୩, ୮୫୮ ଖଣ୍ଡ ଅର୍ଥାତ୍ ୪୧.୭୯ ପ୍ରତିଶତ ଭୋଟ୍ ପଡ଼ିଥିବା ବେଳେ ରବୀନ୍ଦ୍ରଙ୍କୁ ୪, ୭୦, ୯୦୨ ଖଣ୍ଡ ଅର୍ଥାତ୍ ୪୦.୬୨ ପ୍ରତିଶତ ଭୋଟ୍ ମିଳିଥିଲା। ମାତ୍ର ୧୨, ୯୫୬ ଖଣ୍ଡ ଭୋଟ୍‌ରେ ପ୍ରତାପ ବାଜି ମାରିଥିବା ବେଳେ କଂଗ୍ରେସର ନବଜ୍ୟୋତି ପଟ୍ଟନାୟକଙ୍କୁ ୧, ୭୯, ୪୦୩ ଖଣ୍ଡ ଅର୍ଥାତ୍ ମାତ୍ର ୧୫.୪୯ ପ୍ରତିଶତ ଭୋଟ୍ ମିଳିଥିଲା। ପରେ କେନ୍ଦ୍ରର ଏନ୍‌ଡିଏ ସରକାରରେ ପ୍ରତାପ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ତେବେ ମନ୍ତ୍ରୀ ପଦ ମିଳିବା ପରେ ପ୍ରତାପଙ୍କ କାର୍ଯ୍ୟ ସନ୍ତୋଷଜନକ ନରହିଥିବାରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିଲେ। ଯାହାକି ଶ୍ରୀ ଷଡ଼ଙ୍ଗୀଙ୍କ ରିପୋର୍ଟ କାର୍ଡ ଉପରେ ପ୍ରତ୍ୟେକ୍ଷ ପ୍ରଭାବ ପକାଇବା ସହିତ ତାଙ୍କ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ତେବେ ପ୍ରତାପଙ୍କୁ ପ୍ରାର୍ଥୀ କରି ବିଜେପି ଏତେଟା ଆଶ୍ୱସ୍ତ ନଥିବା ବେଳେ ଗତ ୫ ବର୍ଷର ରିପୋର୍ଟ କାର୍ଡକୁ ଆଧାର କରି ବାଲେଶ୍ୱର ଜନସାଧାରଣଙ୍କୁ ଭୋଟ ମାଗିବାକୁ ଯାଉଛନ୍ତି।

ଗତ ୨୦୧୪ ସାଧାରଣ ନିର୍ବାଚନରେ ବାଲେଶ୍ୱର ଜିଲ୍ଲାବାସୀ ବିଜେଡିର ରବୀନ୍ଦ୍ର ଜେନାଙ୍କ ଉପରେ ଆସ୍ଥା ପ୍ରକଟ କରି ସଂସଦକୁ ପଠାଇଥିଲେ। ରବୀନ୍ଦ୍ରଙ୍କୁ ୪୧.୩୧ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ବିଜେପିର ସାଂସଦ ପ୍ରାର୍ଥୀ ପ୍ରତାପଙ୍କୁ ମାତ୍ର ୨୭.୮ ପ୍ରତିଶତ ଭୋଟ ଏବଂ କଂଗ୍ରେସର ଶ୍ରୀକାନ୍ତ ଜେନାଙ୍କୁ ୨୬.୪୪ ପ୍ରତିଶତ ଭୋଟ୍ ମିଳିଥିଲା। ବିଜେଡିରୁ ପ୍ରଥମ ସାଂସଦ ଭାବେ ରବୀନ୍ଦ୍ର ବାଲେଶ୍ୱରରୁ ପ୍ରତିନିଧିତ୍ୱ କରିବା ସମୟରେ ବାଲେଶ୍ୱରର ସାମଗ୍ରିକ ବିକାଶ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ତେବେ ୨୦୦୯ ସାଧାରଣ ନିର୍ବାଚନରେ ବାଲେଶ୍ୱର ଲୋକସଭା ଆସନରେ ଏକ ରୋଚକପୂର୍ଣ୍ଣ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ୩୫.୧୭ ପ୍ରତିଶତ ଭୋଟ୍ ପାଇଥିବା ବେଳେ ବିଜେଡି ସମର୍ଥିତ ଏନ୍‌ସିପି ପ୍ରାର୍ଥୀ ଅରୁଣ ଦେ ୩୦.୮୪ ପ୍ରତିଶତ ଏବଂ ବିଜେପିର ତିନି ଥରର ସାଂସଦ ଖାରବେଳ ସ୍ୱାଇଁଙ୍କୁ ୨୪.୬୪ ପ୍ରତିଶତ ଭୋଟ୍ ମିଳିଥିଲା। ଶ୍ରୀକାନ୍ତ ବାଲେଶ୍ୱର ଲୋକସଭା ଆସନରୁ ବିଜୟୀ ହୋଇ କେନ୍ଦ୍ରର ୟୁପିଏ ସରକାରରେ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରି ବାଲେଶ୍ୱରର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଚର୍ଚ୍ଚାରେ ଥିଲେ।

ଚଳିତ ସାଧାରଣ ନିର୍ବାଚନରେ ପ୍ରଥମ କରି ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ବିଜେଡିର ଲେଖାଶ୍ରୀଙ୍କ ଲଢ଼େଇ ଉଭୟ ବିଜେପି ଓ କଂଗ୍ରେସର ଦୁଇ ଜଣ ଅନୁଭବୀ ରାଜନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସହ ହେବାକୁ ଯାଉଛି। ତେବେ ପୂର୍ବାପେକ୍ଷା କଂଗ୍ରେସର ଭୋଟବ୍ୟାଙ୍କ ଖସି ଖସି ଚାଲିଥିବା ବେଳେ ଶ୍ରୀକାନ୍ତଙ୍କୁ ପୁରୁଣା ବଳ ଭରି ନିର୍ବଚନୀ ରଣକ୍ଷେତ୍ରକୁ ସଜାଡ଼ିବା ବଡ଼ ଚ୍ୟାଲେଞ୍ଜ ପାଲଟିବ। ଗତ ୫ ବର୍ଷର କାର୍ଯ୍ୟକାଳରେ ପ୍ରତାପ ବାଲେଶ୍ୱରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ କେତେଟା ପୂରଣ କରିଛନ୍ତି, ତାହା ତାଙ୍କ ରାଜନୈତିକ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ। ବିଜେଡି ଜଣେ ମହିଳା ପ୍ରାର୍ଥୀଙ୍କୁ ବାଲେଶ୍ୱର ଲୋକସଭା ଆସନରୁ ପ୍ରତିନିଧିତ୍ୱ କରିବା ପାଇଁ ଘୋଷଣା କରିବା ପରେ ଲେଖାଶ୍ରୀଙ୍କୁ ବିଭିନ୍ନ ବର୍ଗରୁ ଭୋଟ ମିଳିବାକୁ ଯାଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଆଗକୁ ନିର୍ବାଚନୀ ମଇଦାନରେ ତ୍ରିକୋଣୀୟ ଲଢ଼େଇ ହେବାକୁ ଯାଉଥିବାରୁ ବାଲେଶ୍ୱରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।





## ତଳସରାରେ ବଦଳିଲା ରାଜନୈତିକ ସମୀକରଣ

# ଭୂୟାଁ କାର୍ଡ ଖେଳିଲା କଂଗ୍ରେସ

**ସୁନ୍ଦରଗଡ଼, ୧୮ ।୪ (ସମିସ):** ଆଦିବାସୀଙ୍କ ପାଇଁ ସଂରକ୍ଷିତ ତଳସରା ବିଧାନସଭା ଆସନରେ କଂଗ୍ରେସ ପୂର୍ବ ଘୋଷିତ ପ୍ରାର୍ଥୀ ବଦଳାଇବା ପରେ ଏଠାରେ ରାଜନୈତିକ ସମୀକରଣ ବଦଳିଯାଇଛି। ତଳସରା ନିର୍ବାଚନମଣ୍ଡଳୀ ଗଠନ ଦିନରୁ ଏହି ଆସନ ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଛି। ତେଣୁ ଭୂୟାଁ ଏବଂ ଖ୍ରୀଷ୍ଟିଆନ ବହୁଳ ଏହି ନିର୍ବାଚନମଣ୍ଡଳୀରେ ଏହି ଦୁଇ ବର୍ଗର ମତଦାତା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସୁଛନ୍ତି। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ମାତ୍ର ୧୪୩୮ ଭୋଟରେ ପରାଜିତ ହୋଇଥିବା ବେଳେ ଏଥର ନିର୍ବାଚନ ପାଇଁ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋଙ୍କୁ ପ୍ରାର୍ଥୀ କରି ଦଳ ବିଜୟ ହେବା ପାଇଁ ଆଶା ବାନ୍ଧିଛି।


ବିନୟ ଟପ୍ପୋ


ଭବାନୀ ଶଙ୍କର ଭୋଇ


ଦେବେନ୍ଦ୍ର ଭିତ୍ରିଆ

୨୦୧୯ ନିର୍ବାଚନରେ ବିଜେପି ପ୍ରଥମଥର ବିଜୟୀ ହୋଇଥିବା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଉପରେ ଆସ୍ଥା ପ୍ରକଟ କରି ପୁନର୍ବାର ନିର୍ବାଚନ ମଇଦାନକୁ ଛାଡ଼ିଛି। ତେବେ କଂଗ୍ରେସର ଗଡ଼ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀକୁ ଫେରି ପାଇବା ପାଇଁ ଦଳ ତା'ର ରଣକୌଶଳ ବଦଳାଇଛି। କଂଗ୍ରେସ ପ୍ରଥମେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀଙ୍କୁ ଏଠାରେ ପ୍ରାର୍ଥୀ କରିଥିଲା। ପ୍ରବୋଧ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ହୋଇଥିବାରୁ ଖ୍ରୀଷ୍ଟିଆନ ଭୋଟ ସହ ଯୁବବର୍ଗଙ୍କ ଭୋଟ ହାତେଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଟକ୍କର ଦେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। କେହି କେହି କଂଗ୍ରେସ ତା'ର ଏହି ପୂର୍ବ ଆସନ ଫେରି ପାଇବା ସମ୍ଭାବନା ରହିଥିବା ଚର୍ଚ୍ଚା କରୁଥିଲେ। ପ୍ରବୋଧ ବେଶ୍ ଉତ୍ସାହର ସହ ନିର୍ବାଚନ ପ୍ରଚାର ଆରମ୍ଭ ମଧ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କଂଗ୍ରେସ ହାଇକମାଣ୍ଡ ଭୂୟାଁ କାର୍ଡ ଖେଳିବାକୁ ଯାଇ ଦେବେନ୍ଦ୍ର ଭିତ୍ରିଆଙ୍କୁ ପ୍ରାର୍ଥୀ କରିଛନ୍ତି। ଏହି ବିଧାନସଭା ଆସନ ପାଇଁ ହୋଇଥିବା ୧୫ଟି ନିର୍ବାଚନରୁ କଂଗ୍ରେସ ପ୍ରାର୍ଥୀ ୯ ଥର ବିଜୟୀ ହୋଇଛନ୍ତି। ଯେଉଁ ଦଳର ବିଜୟ ହେଉ ନା କାହିଁକି, କେବଳ ଭୂୟାଁ ପ୍ରାର୍ଥୀ ହିଁ ଆସନ ଦଖଲ କରିଛନ୍ତି। ତେବେ ଏଠାରେ ସମ୍ପ୍ରତି ଭୂୟାଁ ସମାଜ ଭାଗଭାଗ ଥିବାରୁ ଭୂୟାଁ କାର୍ଡ ଆଉ କାମ ଦେବନାହିଁ ବୋଲି ଚର୍ଚ୍ଚା ହେଉଛି। ବିଜେପି ପ୍ରାର୍ଥୀ ମଧ ଭୂୟାଁ ସଂପ୍ରଦାୟର ହୋଇଥିବାରୁ ଭୂୟାଁ ଭୋଟ ଭାଗ ହେବା ସମ୍ଭାବନା ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ଦେବେନ୍ଦ୍ର ସବଡ଼େଗା ପଞ୍ଚାୟତରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଏଣୁ ସେ ବିଧାନସଭା ନିର୍ବାଚନରେ କିପରି ମୁକାବିଲା କରିବାରେ ସକ୍ଷମ ହେବେ, ତାହା ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଫାଇଦାରେ ବିଜେଡି ପ୍ରାର୍ଥୀ

କଂଗ୍ରେସ ଖ୍ରୀଷ୍ଟିଆନ ପ୍ରାର୍ଥୀଙ୍କୁ ହଟାଇ ଭୂୟାଁ ପ୍ରାର୍ଥୀ ଦେବା ପରେ ଏହି ସମ୍ପ୍ରଦାୟର ପ୍ରବୋଧଙ୍କ ସମର୍ଥକ ତଥା ଯୁବ ମତାଦାତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହାର ଫାଇଦା ନେବାକୁ ବିଜେଡି ଉଦ୍ୟମ କରିବ ବୋଲି ଆଲୋଚନା ହେଉଛି। ବିଜେପି ପ୍ରାର୍ଥୀ ବିଧାୟକ ଭବାନୀ ଶଙ୍କର ଭୋଇ ପରଜା ଭୂୟାଁ ହୋଇଥିଲେ ହେଁ ଗତ ନିର୍ବାଚନରେ ଖଣ୍ଡାୟତ ଭୂୟାଁ ସଙ୍ଗଠନରେ କଂଗ୍ରେସ ପ୍ରାର୍ଥୀ ବିବାଦର ମଞ୍ଜି ବୁଣିଥିବା ଅଭିଯୋଗ ଆଣି ଖଣ୍ଡାୟତ ଭୂୟାଁ ମତଦାତା ତାଙ୍କଠାରୁ ଦୂରେଇ ରହିଥିଲେ। ସମସ୍ତ ଖଣ୍ଡାୟତ ଭୂୟାଁ ଭୋଟ ଭବାନୀଙ୍କ ସପକ୍ଷରେ ସାବ୍ୟସ୍ତ କରିବାରୁ ସେ ରେକର୍ଡ ସଂଖ୍ୟକ ୬୦, ୨୬୪ ଭୋଇ ପାଇ ବିଜୟୀ ହୋଇଥିଲେ। ମାତ୍ର ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ଆଗାମୀ ନିର୍ବାଚନ ଲଢୁ ନ ଥିବାରୁ ଖଣ୍ଡାୟତ ଭୂୟାଁ ଭୋଟ ଏଥର ବିଜେପି ପ୍ରାର୍ଥୀ ଭବାନୀଙ୍କ ସପକ୍ଷରେ ଯିବା ଭଳି ମନେ ହେଉନାହିଁ।

# ବିଜେଡିରେ ଯୋଗଦେଲେ ବିଜେପି ନେତା କମଳାକାନ୍ତ ପାଣ୍ଡେ

**ଭୁବନେଶ୍ୱର,୧୮ ।୪(ସମିସ):** କନ୍ଧମାଳର ବରିଷ୍ଠ ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ ଗୁରୁବାର ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଶଙ୍ଖ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ତାଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ବିଜେଡିରେ ସାମିଲ ହୋଇଛନ୍ତି। ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଓ କନ୍ଧମାଳ ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରମୁଖ ସମସ୍ତଙ୍କୁ ଦଳୀୟ ଉପଢ଼ୌକନ ଦେଇ ତାଙ୍କୁ ସ୍ୱାଗତ କରିଛନ୍ତି। ବହୁ ସଂଖ୍ୟାରେ ବିଜେପି କର୍ମୀଙ୍କ ଯୋଗଦାନ ଫଳରେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ସାମନ୍ତ ଓ ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

ବିଜେଡିରେ ସାମିଲ ହେବା ପରେ ପ୍ରତିକ୍ରିୟା ରଖି ଶ୍ରୀ ପାଣ୍ଡେ କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଯାହା ଦାୟିତ୍ୱ ଦେବେ, ତାକୁ ସୂଚାରୁରୂପେ



ତୁଲାଇବେ ବୋଲି ସେ କହିଛନ୍ତି। ଦଳରେ ତାଙ୍କ ସହ ବିଜେପି ଓ କଂଗ୍ରେସ ଦଳର ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ କଂଗ୍ରେସ ନେତ୍ରୀ ବିଳାସିନୀ ନାୟକ, ରାଧାମୋହନ ମହାପାତ୍ର, ସମିତି ସଭ୍ୟ କାଳୀପ୍ରସାଦ ନାୟକ, ରଞ୍ଜିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଜେରୁ ନାୟକ, ବୁଲୁ ନାୟକ, ମେରୁ ନାୟକ, ତୁମ୍ବୁ କାର୍ଜୀ ପ୍ରଧାନ, ସୋନାଲି ପ୍ରଧାନ, ଲୁସିମା ପ୍ରଧାନ, ଗୁରୁମଣି ନାୟକ, ସଙ୍ଗୀତା ପ୍ରଧାନ, ଲିଲିମା ପ୍ରଧାନ, ମିନତି ପ୍ରଧାନ, ନମନ୍ତୀ ପ୍ରଧାନ, ରେବିକା ପ୍ରଧାନ, ରିଙ୍କିନା ପ୍ରଧାନ, ପ୍ରଦୀପ ବେହେରା ଓ ନିରାକାର ବେହେରାଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

# ବିଜେଡିମୁହାଁ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଜେପି ଓ କଂଗ୍ରେସ ନେତା



**ଭୁବନେଶ୍ୱର,୧୮ ।୪(ସମିସ):** କୋରାପୁଟ ଜିଲ୍ଲା ଅନ୍ତର୍ଗତ ସେମିଳିଗୁଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପି ନେତା ରୋବେଲ କଡମଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ପାଙ୍ଗୀଙ୍କ ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ବିଜେପି ଓ କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ପାଙ୍ଗୀ କହିଛନ୍ତି।

ଏହି ଅବସରରେ ରୋବେଲ କଡମ ତାଙ୍କ ସହ ସମସ୍ତଙ୍କୁ ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଅନ୍ୟ ବରିଷ୍ଠ ନେତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା ଉଲ୍ଲେଖ କରି ନିଷ୍ଠାପର ଭାବରେ କାର୍ଯ୍ୟ କରିବେ ବୋଲି ଘୋଷଣା କରିଛନ୍ତି। ତାଙ୍କ ସହ ପ୍ରତାପ କୁମାର ଚୌଧୁରୀ, ରଞ୍ଜିତ କୁମାର ପାଙ୍ଗୀ, ସୀତାକାନ୍ତ ନାୟକ, ଗୋପାଳ ଚନ୍ଦ୍ର ସାହୁ, ହରି ଗଦାରୀ, ପୂର୍ଣ୍ଣ ଗୁନ୍ଥା, ପରମେଶ ପାଙ୍ଗୀ, ରଞ୍ଜନ ଖାରା, ଉଧବ ମୁଦୁଲି, ରଞ୍ଜୁ ଜାନି, ପୁରବ କୁଲଦୀପ, ସୁକୁମାର ବିଶ୍ୱାଳ, ନରସିଂହ ପଣ୍ଡା, ଟୁଲା ଲୁଲୁରା, ମାମିନା ଖୀନବୁଡି, ମୋହନ ରାୟ ଖୁନବୁଡି, ଦାମୋଦର କିଶାନୀ, ଲାଇଚନ ପାଙ୍ଗୀ, ରବୀନ୍ଦ୍ର ପାଙ୍ଗୀ ଓ ଲବ ହନ୍ତାଲଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

### ସମର୍ଥକଙ୍କ ସହ ଶଙ୍ଖ ଫୁଙ୍କିଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୋବେଲ କଡମ

# ସୁକିନ୍ଦା: ୯୦ ଦଶକରୁ ଅଭେଦ୍ୟ 'ବିଜେଡି ଦୁର୍ଗ'

**ଯାଜପୁର,୧୮ ।୪(ସମିସ):** ଯାଜପୁର ଜିଲ୍ଲାର ଅନ୍ୟତମ ପ୍ରମୁଖ ବିଧାନସଭା ଆସନ ସୁକିନ୍ଦା। ଦାନଗଦି ଓ ସୁକିନ୍ଦା ବ୍ଲକକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀମଣ୍ଡଳୀ ଉଭୟ ରାଜ୍ୟ ଓ ଦେଶର ରାଜନୀତିରେ ଗୁରୁତ୍ୱ ବହନ କରିଥାଏ। କାରଣ, ଏଠାରେ ପ୍ରଚୁର କ୍ରୋମାଇଟ ଭଳି ବିରଳ ଖଣିଜ ସମ୍ପଦ ମହଜୁଦ ରହିଥିବା ବେଳେ ଟାଟା, ଜିନ୍ଦଲ ଭଳି ୧୦ରୁ ଉର୍ଦ୍ଧ୍ୱ ଶିଳ୍ପ ପ୍ରତିଷ୍ଠାନକୁ ନେଇ କଳିଙ୍ଗନଗର ଶିଳ୍ପାଞ୍ଚଳ ରହିଛି। ଏହା ରାଜ୍ୟ ଓ ଦେଶର ଅର୍ଥନୀତି




ସହିତ ଓତପ୍ରୋତ ଭାବେ ଜଡ଼ିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରୁ ନିର୍ବାଚିତ ହେଉଥିବା ଲୋକପ୍ରତିନିଧିଙ୍କ ଉପରେ ସାରା ରାଜ୍ୟବାସୀଙ୍କ ନଜର ରହିଥାଏ।

ବିଗତ ଦିନର ରାଜନୈତିକ ଇତିହାସକୁ ଦେଖାଯାଏ, ୧୯୮୦ରୁ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସ ଦଳରୁ ଶରତ ରାଉତ ଏଠାରୁ ଦୁଇଥର ନିର୍ବାଚିତ ହୋଇଥିଲେ। ଏହାପରେ ୧୯୯୦ରେ ପ୍ରଫୁଲ୍ଲ ଘଡ଼ାଇ ଜନତା ଦଳ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରି ଶ୍ରୀ ରାଉତଙ୍କୁ ପରାସ୍ତ କରିଥିଲେ। ୨୦୦୦ ପର୍ଯ୍ୟନ୍ତ ଜନତା ଦଳରୁ ବିଜୟୀ ହେବା ପରେ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ପୁଣି ଶ୍ରୀ ଘଡ଼ାଇ ୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ବିଜୁ ଜନତା ଦଳରୁ ବିଜୟୀ ହୋଇ ଅର୍ଥମନ୍ତ୍ରୀ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ। ପରେ ଅର୍ଥାତ ୨୦୧୪ରେ ପ୍ରଫୁଲ୍ଲଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ କୋରେଇ ବଦଳରେ ସୁକିନ୍ଦାରେ ପ୍ରାର୍ଥୀ କରିଥିଲା ଦଳ। ସେ ମଧ ୨୦୧୪ରୁ ଆଜି ପର୍ଯ୍ୟନ୍ତ ଜିତି ଆସୁଛନ୍ତି।

ଗତ ଦୁଇଟି ବିଧାନସଭା ନିର୍ବାଚନରେ ବିଜୟୀ ହୋଇଆସୁଥିବା ପ୍ରୀତିରଞ୍ଜନ

### ହ୍ୟାଟ୍ରିକ୍ ଲକ୍ଷ୍ୟରେ ପ୍ରୀତିରଞ୍ଜନ

ଏଥର ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ଅଛନ୍ତି। ଗତ ସାଧାରଣ ନିର୍ବାଚନରେ ବିରୋଧୀ ବିଜେପି ପ୍ରାର୍ଥୀ ପ୍ରଦୀପ ବଳସାମନ୍ତଙ୍କୁ ୧୬ ହଜାର ୭୩୦ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ପ୍ରଦୀପ ୧ ଲକ୍ଷ ୫୯ ହଜାର ୮୮୧ ଖଣ୍ଡ ଭୋଟ ପାଇଥିବାବେଳେ ପ୍ରୀତିରଞ୍ଜନ ୨ ଲକ୍ଷ ୧ ହଜାର ୫୬୪ ଖଣ୍ଡ ଭୋଟ ପାଇ ବିଜୟଲାଭ କରିଥିଲେ।

ପ୍ରଫୁଲ୍ଲଙ୍କ ଗଡ଼କୁ ତାଙ୍କ ପୁଅ ପ୍ରୀତିରଞ୍ଜନ ସମ୍ଭାଳିବା ପରେ ବିଜୟ ବ୍ୟବଧାନ ପ୍ରତ୍ୟେକ ନିର୍ବାଚନରେ ବଢ଼ି ଚାଲିଛି। ସୁକିନ୍ଦା ଓ ଦାନଗଦି ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଆସନ ବିଜେଡି ହାତରେ ରହିଛି। ସେହିପରି ଉଭୟ କାଳିଆପାଣି ଓ କଳିଙ୍ଗନଗର ଖଣି ଅଞ୍ଚଳରେ ଥିବା ଶ୍ରମିକ ସଂଗଠନକୁ ନିଜ ହାତରେ ରଖି ନିଜ ରାଜନୈତିକ ଗୋଟିଚାଳନା କରୁଛନ୍ତି ଉଭୟ ପ୍ରଫୁଲ୍ଲ ଓ ପ୍ରୀତିରଞ୍ଜନ। ଖଣି ଓ ଶିଳ୍ପାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ପାଇଁ ରହିଥିବା ଡିଏମଏଫ୍ ପାଣ୍ଠିକୁ ବିନିଯୋଗ କରି ପ୍ରତି ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ, ଖେଳପଡ଼ିଆ, ପାର୍କ, ଷ୍ଟାଡିୟମ୍, ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରି ସାଧାରଣ ଭୋଟରଙ୍କ ନିକଟତର ହୋଇପାରିଛନ୍ତି ପ୍ରୀତିରଞ୍ଜନ। ସେପଟେ ବିଜେପି ପକ୍ଷରୁ ବାରମ୍ବାର ପ୍ରାର୍ଥୀ ହୋଇ ପରାଜୟ ବରଣ କରୁଥିବା ପ୍ରଦୀପ ବଳସାମନ୍ତ ମଧ ଏଥର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନୀୟ ଅଞ୍ଚଳର ପ୍ରସଙ୍ଗକୁ ଉପସ୍ଥାପନ କରି ନିର୍ବାଚନ ବୈତରଣୀ ପାର କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ହେଁ ଚଳିତ ନିର୍ବାଚନର ଫଳାଫଳ କ'ଣ ହେବ, ସେନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିନାହିଁ। କାରଣ ଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସୁକିନ୍ଦାରେ ଘଡ଼ାଇ ପରିବାରର ତିଆରି କରିଥିବା ରାଜନୈତିକ ଗଡ଼କୁ ଭେଦ କରିବା ପାଇଁ ଉଦ୍ୟମ କରି ବିରୋଧୀ ଫେଲ୍ ମାରୁଛନ୍ତି। ଚଳିତଥର ମଧ କଂଗ୍ରେସ ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ହୋଇପାରିନାହିଁ। ପୂର୍ବତନ ବିଧାୟକ ଶରତ ରାଉତ ଆଉ ସୁକିନ୍ଦାରେ ଲଢ଼ିବା ପାଇଁ ସାହସ ନ କରି ପ୍ରୀତିରଞ୍ଜନଙ୍କୁ ୱାକଓଭର ଦେଇଥିବା ଚର୍ଚ୍ଚା ହେଉଛି।

## ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ

# ବିକାଶକୁ ପ୍ରସଙ୍ଗ କରିବ ବିଜେଡି

**ପୁରୀ, ୧୮ ।୪ (ସମିସ):** ପୁରୀ ରାଜ୍ୟ ରାଜନୀତିର ଏକ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ। ଏହି ଆସନକୁ ହାତେଇବା ଲାଗି ପ୍ରମୁଖ ରାଜନୈତିକ ଦଳ ଆପ୍ରାଣ ଉଦ୍ୟମ କରିଆସିଛନ୍ତି। ଚଳିତ ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳ (ବିଜେଡି, ବିଜେପି ଓ କଂଗ୍ରେସ) ସେମାନଙ୍କ ପ୍ରାର୍ଥୀ ସ୍ପଷ୍ଟ କରିଛନ୍ତି। ବିଜେଡିରୁ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି, ବିଜେପିରୁ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ କଂଗ୍ରେସରୁ ସୁଜିତ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ତେବେ ତିନିଦଳର ପ୍ରାର୍ଥୀ ସେମାନଙ୍କ ପ୍ରଚାରକୁ ଜୋରଦାର କରିଥିବା ବେଳେ ବିଭିନ୍ନ ପ୍ରସଙ୍ଗକୁ ନେଇ ଭୋଟରଙ୍କ ପାଖରେ ପହଞ୍ଚୁଛନ୍ତି ପ୍ରାର୍ଥୀ। ପୁରୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ବିକାଶମୂଳକ କାର୍ଯ୍ୟ କରାଯାଇଛି, ତାହା ବିଜେଡି ପ୍ରାର୍ଥୀଙ୍କ ପାଇଁ ପାଲଟିଛି ପ୍ରମୁଖ ପ୍ରସଙ୍ଗ। ସେହିପରି ବିଜେପିର ଜୟନ୍ତ କେନ୍ଦ୍ର ସରକାରଙ୍କ ଉନ୍ନତିମୂଳକ କାମକୁ ନେଇ ଭୋଟରଙ୍କ ପାଖକୁ ଯାଉଥିବା ବେଳେ ସୁଜିତ୍ ବି ପରିବର୍ତ୍ତନର ନାରା ଦେଇ ଭୋଟ ଭିକ୍ଷା କରୁଛନ୍ତି।

ପୁରୀରେ ଦୀର୍ଘବର୍ଷ ଧରି ମହେଶ୍ୱର ମହାନ୍ତିଙ୍କର ଦବ୍‌ଦବା ରହିଥିଲା। ୧୯୯୫ରୁ ୨୦୧୯ ପ୍ରାୟ ୨୫ ବର୍ଷ ଧରି ଏହାକୁ ନିଜ କବ୍‌ଜାରେ ରଖିଥିଲେ ମହେଶ୍ୱର। ୨୦୧୯ ନିର୍ବାଚନରେ ମହେଶ୍ୱରଙ୍କୁ ଅଳ୍ପ କିଛି ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ ବିଜେପିର ଜୟନ୍ତ ଷଡ଼ଙ୍ଗୀ। ଏଥର କିନ୍ତୁ ଦୃଶ୍ୟପଟ ଭିନ୍ନ ରହିଛି। ମହେଶ୍ୱରଙ୍କ ପରଲୋକ ପରେ ତାଙ୍କ ପୁଅଙ୍କୁ ଟିକଟ ଦେଇଛି ବିଜେଡି। ତେଣୁ ସୁନୀଲ ଏବଂ ଜୟନ୍ତଙ୍କ ମଧ୍ୟରେ ଲଢ଼େଇ ଜୋର୍‌ଦାର ହେବ ବୋଲି କୁହାଯାଉଛି। ଇତିମଧ୍ୟରେ ଉଭୟେ ପ୍ରଚାରକୁ ବି ଗତି ଦେଇଛନ୍ତି। ଭୋଟରଙ୍କ ପାଖରେ ପହଞ୍ଚି ନିଜ ସପକ୍ଷରେ ଭୋଟ ମାଗୁଛନ୍ତି। ତେବେ ଏଥର ବିଜେଡି ପୁରୀ ବିକାଶକୁ ପ୍ରମୁଖ ମୁଦ୍ଦା କରିଛି।



ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ରାଜ୍ୟ ସରକାର ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଯେଉଁଥିପାଇଁ ଶ୍ରୀକ୍ଷେତ୍ର ପୁରୀରେ ବଡ଼ବଡ଼ ମେଗା ପ୍ରକଳ୍ପ ତିଆରି ହୋଇଛି। ଆହୁରି ଏକାଧିକ ପ୍ରକଳ୍ପ ନିର୍ମାଣାଧୀନ ଅଛି। ପୁରୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ୟତମ। ଏହାଦ୍ୱାରା କେବଳ ପୁରୀବାସୀ ନୁହଁନ୍ତି, ଦେଶବିଦେଶର ଭକ୍ତମାନେ ମଧ ସୁବିଧା ପାଉଛନ୍ତି। ସେହିପରି ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ (ଶ୍ରୀସେତୁ) ସାଙ୍ଗକୁ ଭକ୍ତମାନେ ଯେପରି ସୁବିଧାରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିପାରିବେ ସେଥିଲାଗି ଶ୍ରୀମାର୍ଗ ମଧ ନିର୍ମାଣ ହୋଇଛି। ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ରାସ୍ତାଘାଟ ସମ୍ପ୍ରସାରଣ, ଜାଗା ଆଖଡା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଆଦି କରାଯାଇଛି। ଏ ସବୁର ଚିତ୍ର ଭୋଟରଙ୍କ ସମ୍ମୁଖରେ ରଖି ଭୋଟ ଭିକ୍ଷା କରୁଛନ୍ତି ସୁନୀଲ।

ସେହିପରି ବିଜେପି ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ମଧ କେନ୍ଦ୍ର ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ଭୋଟ ମାଗୁଛନ୍ତି। ବିଶେଷକରି ଦୀର୍ଘବର୍ଷ ହେବ ପୁରୀବାସୀଙ୍କ ଦାବି ରହିଥିବା ସିଦ୍ଧମହାବୀର ଆରଓବି କାମ ନିର୍ମାଣାଧୀନ ଥିବା ବେଳେ ପୁରୀ ମେଡିକାଲ କଲେଜରେ ମଧ କେନ୍ଦ୍ର ସରକାରଙ୍କର ସହଯୋଗ ରହିଛି। ସେହିପରି ବିଧାୟକ ପାଣ୍ଠିରେ ଯେଉଁସବୁ କାମ କରାଯାଇଛି, ତାହାର ହିସାବ ନେଇ ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ ପାଇଁ ଅନୁରୋଧ କରୁଛନ୍ତି ଜୟନ୍ତ। କଂଗ୍ରେସ ପ୍ରାର୍ଥୀ ସୁଜିତ୍ ମହାପାତ୍ର ମଧ ବେଶ୍ ଆଶାବାଦୀ ଅଛନ୍ତି। ସେ ମଧ ଦଳୀୟ ସମର୍ଥକଙ୍କୁ ସାଥୀରେ ଧରି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲିବା ଆରମ୍ଭ କରିଦେଇଛନ୍ତି। ଭୋଟରମାନେ ଏଥର ପରିବର୍ତ୍ତନ ଚାହୁଁଥିବାରୁ ମତଦାନ କଂଗ୍ରେସ ସପକ୍ଷରେ ଆସିବ ବୋଲି ସମର୍ଥକମାନେ ଆଶାବାଦୀ ରହିଛନ୍ତି।

**ନିର୍ବାଚନୀ ମଇଦାନରେ ଧର୍ମେନ୍ଦ୍ରଙ୍କୁ ବବିଙ୍କ ପ୍ରଶ୍ନ**

# ଓଡ଼ିଶା ପାଇଁ କ'ଣ କରିଛନ୍ତି ଧର୍ମେନ୍ଦ୍ର?



**ଅନୁଗୋଳ ସହର/ନାଲକୋ ନଗର, ୧୮ ।୪(ସମିସ):** ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେପି ଓ ବିଜେଡି ମଧ୍ୟରେ ଜୋରଦାର ଲଢ଼େଇ ଚାଲିଥିବା ବେଳେ ଆଜି ବିଜେଡି ପ୍ରାର୍ଥୀ ତଥା ଦଳର ସାଂଗଠନିକ ସଂପାଦକ, ହେଭିୱେଟ୍ ନେତା ପ୍ରଣବ ପ୍ରକାଶ ଦାସ (ବବି) ନିର୍ବାଚନୀ ମଞ୍ଚରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ବଅଁରପାଳ ବ୍ଲକ୍ ଅନ୍ତର୍ଗତ ତୁରଙ୍ଗ ପଞ୍ଚାୟତର ମିନି ଷ୍ଟାଡିୟମ୍‌ଠାରେ ଆୟୋଜିତ ବିଜେଡି କର୍ମୀ ସମ୍ମିଳନୀରେ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାସ କହିଥିଲେ, ଶ୍ରୀ ପ୍ରଧାନ କେନ୍ଦ୍ରରେ ୧୦ ବର୍ଷ ହେଲା ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ। କିନ୍ତୁ ଓଡ଼ିଶା ତଥା ଅନୁଗୁଳବାସୀଙ୍କ ପାଇଁ ସେ କ'ଣ କରିଛନ୍ତି। ବିକାଶ ତ ଦୂରର କଥା, ଦିନଟିଏ ବି ସେ ତାଙ୍କ ନିର୍ବାଚନ କ୍ଷେତ୍ରକୁ ଆସିନାହାନ୍ତି। ତେଣୁ ଲୋକଙ୍କ ସମସ୍ୟା ସେ କିପରି ଜାଣିବେ। କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁଁ ବର୍ଷବର୍ଷ ଧରି ଜାତୀୟ ରାଜପଥ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଯାଉଛି। ତାଙ୍କ ନିର୍ବାଚନମଣ୍ଡଳୀ ଦେଇ ଯାଇଥିବା ଏନ୍‌ଏଚ୍-୫୫ କଥା ନକହିବା ଭଲ। ପ୍ରଶସ୍ତୀକରଣ ନାଁରେ ବର୍ଷ ବର୍ଷ ଧରି ଏହି ରାସ୍ତା ଅଧପନ୍ତରିଆ ପଡ଼ିଛି। ପ୍ରତିଦିନ ଏହି ବିପର୍ଯ୍ୟସ୍ତ ରାସ୍ତା ଲୋକଙ୍କ ଜୀବନ ନେଉଛି। କିନ୍ତୁ ଏହାକୁ ସାରିବା ପାଇଁ କେନ୍ଦ୍ର ସରକାର କିମ୍ବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କେବେ ବି ତତ୍ପରତା ପ୍ରକାଶ କରିନାହାନ୍ତି। କେନ୍ଦ୍ର ସରକାରଙ୍କ ବାହାସ୍ଫୋଟ, କଥାଚାତୁରି, ମିଥ୍ୟା ପ୍ରଲୋଭନକୁ ଲୋକେ ଠିକ୍ ବୁଝି ସାରିଲେଣି। ଜନଧନ ଯୋଜନାରେ ପ୍ରତ୍ୟେକ ବ୍ୟାଙ୍କ ଖାତାକୁ ୧୫ଲକ୍ଷ ଟଙ୍କା ମିଳିବ ବୋଲି କହିଥିଲେ। ସେ ଟଙ୍କା ଗଲା କୁଆଡ଼େ? କେତେ ଯୁବକ/ଯୁବତୀଙ୍କୁ କର୍ମନିଯୁକ୍ତି ମିଳିଛି? ଏହାବ୍ୟତୀତ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଅନେକ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏବେ ବିଜେପି 'ମୋଦି ଗ୍ୟାରେଣ୍ଟି' କହି ଲୋକଙ୍କୁ ଭାଣ୍ଡିଆ କରିବାକୁ ଚେଷ୍ଟା ଚଳାଇଛି। ମାତ୍ର ବିଜେଡି ସରକାର କାମରେ ବିଶ୍ୱାସ ରଖେ ବୋଲି ଶ୍ରୀ ଦାସ ଉଦ୍‌ବୋଧନ ଦେଇ କହିଥିଲେ।

ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନ ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀର ବଅଁରପାଳ ବ୍ଲକ୍ ଅନ୍ତର୍ଗତ ୨୫ ନଂ ଓ ୨୬ନଂ ଜିଲ୍ଲା ପରିଷଦ ଜୋନ୍‌ର ଏହି କର୍ମୀ ସମ୍ମିଳନୀରେ ସମସ୍ତ ୧୮ଟି ପଞ୍ଚାୟତରୁ ୨୦ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଣବ ସମ୍ବଲପୁର ସଂସଦୀୟ କ୍ଷେତ୍ର ଓଡ଼ିଶାର ହେବ ୧ନମ୍ବର ସଂସଦୀୟ କ୍ଷେତ୍ର ହେବ ଏବଂ ଏଠାରେ ନବୀନ ସରକାରଙ୍କ 'ନବୀନ ଓଡିଶା' ଗଠନ ସାକାର ହେବ ବୋଲି କର୍ମୀ ଓ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ହଜାର ହଜାର ବିଜେଡି କର୍ମୀ ପ୍ରଣବଙ୍କୁ କାଲଟାଙ୍ଗ ଛକଠାରୁ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ହଜାର ହଜାର ଲୋକଙ୍କ ସ୍ଲୋଗାନ, ବାଦ୍ୟନୃତ୍ୟ, ହୁଳହୁଳିରେ ଅଞ୍ଚଳ ମୁଖରିତ ହୋଇଥିଲା। କର୍ମୀଙ୍କ ମଧ୍ୟରେ ଅତି ଉତ୍ସାହ ପରିଲକ୍ଷିତ ହୋଇଥିଲା।

ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସାଂସଦ ପ୍ରାର୍ଥୀ ଶ୍ରୀ ଦାସ ଏବଂ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରା ଦଳରେ ନୂତନ ଯୋଗ ଦେଇଥିବା କର୍ମୀମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଅନୁଗୋଳ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲ୍ଲା ବିଜେଡି ସଭାପତି ଆଡଭୋକେଟ ମହେନ୍ଦ୍ର ବସ୍ତିଆ, ନବନିଯୁକ୍ତ ଛେଣ୍ଡିପଦା ବିଧାନସଭା କ୍ଷେତ୍ର ସହ-ପର୍ଯ୍ୟବେକ୍ଷକ ସଂଜୟ ଅଗ୍ରୱାଲ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ପୂର୍ବତନ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ଦୁର୍ଗାଚରଣ ପ୍ରଧାନ, ୨୬ନଂ ଜିଲ୍ଲା ପରିଷଦ ସଭ୍ୟା ସୁଶୀଳା ନାଏକ, ପ୍ରଦୀପ ସାହୁ, ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଦାସ, ବରିଷ୍ଠ କର୍ମୀ ବ୍ରଜବନ୍ଧୁ ସାହୁ, କ୍ଷୀରୋଦ ନାୟକ, ମଦନମୋହନ ସାହୁ, ପଦ୍ମଚରଣ ସାହୁ, ଛବି ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ସନ୍ତୋଷ ଥମ୍ବ, ପପୁ ଥମ୍ବ, ନିର ସାହୁ ୨୬ନଂ ଜୋନ ପର୍ଯ୍ୟବେକ୍ଷକ ସତ୍ୟବାଦୀ ସାହୁ, ଛାତ୍ର ନେତା ରାଜୀବ ଲୋଚନ ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

**ଅରୁନ୍ଧତୀଙ୍କ ପ୍ରଶ୍ନ**

# ୧୦ ବର୍ଷ ମନ୍ତ୍ରୀ ଥାଇ ସମ୍ବଲପୁର, ଦେବଗଡ଼ ପାଇଁ କ'ଣ କରିଛନ୍ତି ଧର୍ମେନ୍ଦ୍ର?

**ଭୁବନେଶ୍ୱର, ୧୮ ।୪(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୦ ବର୍ଷ ହେବ କେନ୍ଦ୍ର ସରକାରରେ ମନ୍ତ୍ରୀ ଥିଲେ। ହେଲେ ବରଗଡ଼ ଏବଂ ସମ୍ବଲପୁର ପାଇଁ ସେ କ'ଣ କରିଛନ୍ତି ବୋଲି ଦେବଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଅରୁନ୍ଧତୀ ଦେବୀ ଆଜି ପ୍ରଶ୍ନ କରିଛନ୍ତି। ଲୋକଙ୍କୁ ଭ୍ରମିତ କରିବା ବ୍ୟତୀତ ସେ ଅନ୍ୟ କିଛି କରିନାହାନ୍ତି ବୋଲି ଅରୁନ୍ଧତୀ ଦେବୀ କହିଛନ୍ତି। ଏକ କେନ୍ଦ୍ରୀୟ ବିଦ୍ୟାଳୟର ଉଦାହରଣ ଦେଇ ଅରୁନ୍ଧତୀ କହିଛନ୍ତି, ଦେବଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ୧୦ ବର୍ଷ ହେବ ରାଜ୍ୟ ସରକାରଙ୍କ ଏକ ମହିଳା ବିଦ୍ୟାଳୟ ପରିସରରେ ଚାଲୁଛି। କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମିଠାରୁ ଆରମ୍ଭ କରି ସବୁ କିଛି ଯୋଗାଇ ଦିଆଯାଇଛି। ହେଲେ କେନ୍ଦ୍ରୀୟ ବିଦ୍ୟାଳୟର ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏପରିକି ଏହାକୁ ନେଇ ରାଜାସାହେବ ବାରମ୍ବାର ସଂସଦରେ ପ୍ରଶ୍ନ ଉଠାଇଥିଲେ। ହେଲେ କିଛି ବି ହେଲା ନାହିଁ। ଏହାପରେ ରାଜା ସାହେବ ବାଧ ହୋଇ ଚୁପ ରହିଲେ। ଧର୍ମେନ୍ଦ୍ର କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଥାଇ ବି ଦେବଗଡ଼ରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ହୋଇପାରିଲା ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଧର୍ମେନ୍ଦ୍ର ଲୋକଙ୍କୁ କେବଳ ମିଛ ସ୍ୱପ୍ନ ଦେଖାଉଛନ୍ତି। ନିକଟ ଅତୀତରେ ସେ କହିଥିଲେ ଯେ ପାରାଦୀପରୁ ବାରକୋଟ୍ ପର୍ଯ୍ୟନ୍ତ ଏକ କେନାଲ କରିବେ। ଏମିତି ଅବାସ୍ତବ ସ୍ୱପ୍ନ ଦେଖାଇ ସେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ସମ୍ବଲପୁରରେ ଆଇଆଇଏମ୍ ସମ୍ପର୍କରେ ମଧ୍ୟ ଅରୁନ୍ଧତୀ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଆଇଆଇଏମ୍ ପ୍ରତିଷ୍ଠା ନେଇ ବିଲ ପାସ୍ ବେଳେ ଧର୍ମେନ୍ଦ୍ର ଶିକ୍ଷାମନ୍ତ୍ରୀ ନ ଥିଲେ, ପେଟ୍ରୋଲିୟମ୍ ମନ୍ତ୍ରୀ ଥିଲେ। ତେଣୁ ସେ ଏହାର ଶ୍ରେୟ ନେବା ଉଚିତ ନୁହେଁ।



ଅନ୍ୟପକ୍ଷରେ ସମ୍ବଲପୁରରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁତଗୁଡ଼ିଏ କାମ ହୋଇଛି। ସମ୍ବଲପୁର ମା' ସମଲେଇ ମନ୍ଦିରର ଉନ୍ନତୀକରଣ କରାଯାଇଛି। ମୁଁ ନିଜେ ସମଲେଇ ମନ୍ଦିର ବୁଲିବାକୁ ଯାଇଥିଲି। ବହୁତ କିଛି ପରିବର୍ତ୍ତନ ହେବା ସହ ଉନ୍ନତିମୂଳକ କାର୍ଯ୍ୟ ହୋଇଛି ବୋଲି ଅରୁନ୍ଧତୀ କହିଛନ୍ତି। ସେହିପରି ଦେବଗଡ଼ ହସ୍ପିଟାଲ ପ୍ରତିଷ୍ଠା କରାଯାଇଛି। ହସ୍ପିଟାଲ ଦେଖି ସେ ବହୁତ ଖୁସିଥିବା ନେଇ କହିଛନ୍ତି। ନିର୍ବାଚନ ସମ୍ପର୍କରେ ସେ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଲୋକଙ୍କର ଭରସା ରହିଛି। ବିଜେଡି ପଶ୍ଚିମ ଓଡ଼ିଶାକୁ ଏକ ଦୃଢ଼ ନେତୃତ୍ୱ ଦେଇଛି। ପଶ୍ଚିମ ଓଡ଼ିଶାର ଶୀର୍ଷ ନେତୃତ୍ୱବୃନ୍ଦଙ୍କ ମଧ୍ୟରେ ସୁଶାନ୍ତ ସିଂ ରହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ପଶ୍ଚିମ ଓଡ଼ିଶାକୁ ପଠାଇଛନ୍ତି। ଏହା ବିଜେଡିକୁ ଆହୁରି ମଜଭୁତ କରିବ। ଏଥିପାଇଁ ନିର୍ବାଚନକୁ ନେଇ ବହୁତ ତାଙ୍କର ଦୃଢ଼ ଆତ୍ମବିଶ୍ୱାସ ରହିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ, ସାଂସଦ ନୀତେଶ ଗଙ୍ଗଦେବଙ୍କୁ ବିଜେପି ବହୁଦିନ ହେଲା କଣଚେସା କରିଦେଇଥିଲା। ଧର୍ମେନ୍ଦ୍ର ଏଠାରୁ ସାଂସଦ ପ୍ରାର୍ଥୀ ହେବେ ବୋଲି ତାଙ୍କୁ କୌଣସି କାର୍ଯ୍ୟକ୍ରମକୁ ଡାକୁ ନ ଥିଲେ।

# ପଞ୍ଚାୟତରୁ ଗାଁକୁ ଡେଇଁଲାଣି ଅପରାଜିତା ହଟାଅ ନିଆଁ




- **ପୁରୁଣା କର୍ମୀଙ୍କୁ ପ୍ରାର୍ଥୀ କରିବାକୁ ଦାବି**
- **ଅପରାଜିତା ହଟାଅ ଅଭିଯାନ ସଫଳ ପାଇଁ କର୍ମୀ ନେଲେ ଶପଥ**

**ଖୋର୍ଦ୍ଧା/ବେଗୁନିଆ,୧୮ ।୪(ସମିସ):** ବେଗୁନିଆ ନିର୍ବାଚନ ମଣ୍ଡଳୀରେ ପୁଣି ସାଂସଦ ଅପରାଜିତାଙ୍କୁ ନେଇ ବିଜେପିରେ ବିଦ୍ରୋହର ନିଆଁ ଦେଖାଦେଇଛି। 'ଅପରାଜିତା ହଟାଅ-ବିଜେପି ବଞ୍ଚାଅ' ଅଭିଯାନ ଏବେ ପଞ୍ଚାୟତରୁ ଆସି ଗାଁରେ ପହଞ୍ଚିଛି। ଆଜି ଏହି ନିଆଁ ଉତ୍ତର ବେଗୁନିଆ ମଣ୍ଡଳର ୨୨ନମ୍ବର ଜୋନ୍ ଅନ୍ତର୍ଗତ ସିମୋର ଗ୍ରାମସ୍ଥିତ ପଞ୍ଚୁଦୋଳ ପଡ଼ିଆରେ ଲାଗିଥିବା ଦେଖିବାକୁ ମିଳିଥିଲା। ସଞ୍ଜୟ କୁମାର ଛୁଆଳସିଂହଙ୍କ ଆବାହକତ୍ୱ ଓ ପଞ୍ଚାୟତର ବରିଷ୍ଠ ନେତା ଗୌରଚରଣ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପଞ୍ଚାୟତସ୍ତରୀୟ ବୈଠକରେ ସାଂସଦ ଅପରାଜିତା ଓ ତାଙ୍କ ପ୍ରାର୍ଥିତ୍ୱକୁ ବିଜେପି କର୍ମୀମାନେ ଘୋର୍ ବିରୋଧ କରିଥିଲେ। ବିଜେପି କର୍ମୀମାନେ ପ୍ରତି ଘରକୁ ଯାଇ ଅପରାଜିତାଙ୍କୁ ଭୋଟ୍ ନ ଦେବାକୁ ନିବେଦନ କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା।

ଏହି ଅବସରରେ ଶ୍ରୀ ଛୁଆଳସିଂହ କହିଥିଲେ ଗତ ଦୁଇବର୍ଷ ତଳୁ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କୁ ସାଂସଦଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଯାଇଥିଲେ ମଧ୍ୟ ଚଳିତ ନିର୍ବାଚନରେ ପୁନର୍ବାର ତାଙ୍କୁ ସାଂସଦ ପ୍ରାର୍ଥୀ ଭାବେ ଲଢ଼ିବାକୁ ସୁଯୋଗ ଦିଆଯାଇଥିବାରୁ କର୍ମୀଙ୍କ ମନରେ ଏହା ନୈରାଶ୍ୟଭାବ ସୃଷ୍ଟି କରିଛି। ତେଣୁ ତାଙ୍କ ପରିବର୍ତ୍ତେ ଅନ୍ୟ କାହାରିକୁ ଏଠାରୁ ପ୍ରାର୍ଥୀ କରିବାକୁ କର୍ମୀମାନେ ନିବେଦନ କରିଛନ୍ତି। ସେହିପରି ବେଗୁନିଆ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପାଇଁ ୪୦ଟି ପଞ୍ଚାୟତର ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କ ମତାମତ ନେଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାକୁ କର୍ମୀମାନେ ନିବେଦନ କରିଛନ୍ତି। ଯଦି କର୍ମୀଙ୍କର ବିଚାରକୁ ପ୍ରତ୍ୟାଖ୍ୟାନ କରାଯାଏ ଏବଂ ସାଂସଦଙ୍କ ସମର୍ଥିତ ବିଧାୟକ ପ୍ରାର୍ଥୀଙ୍କୁ ବିଧାନସଭା ନିର୍ବାଚନରେ ଲଢ଼ିବାକୁ ସୁଯୋଗ ଦିଆଯିବ, ତେବେ ଭୋଟ ନୋଟାରେ ଦେବା ପାଇଁ କର୍ମୀମାନେ ଚେତାବନୀ ଦେଇଛନ୍ତି। ଏମିତିକି ଅସନ୍ତୁଷ୍ଟ କର୍ମୀ ପ୍ରତ୍ୟେକ ଗ୍ରାମର ଜନସାଧାରଣଙ୍କ ପାଖରେ ପହଞ୍ଚି ନୋଟାରେ ଭୋଟ ଦେବା ପାଇଁ ଲୋକଙ୍କୁ ସଚେତନ କରିବେ ବୋଲି କହିଛନ୍ତି। ଏହି ସଭାରେ ଶତାଧିକ ସକ୍ରିୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି ଅପରାଜିତା ହଟାଅ ବିଜେପି ବଞ୍ଚାଅ ଅଭିଯାନକୁ ସଫଳ କରିବାକୁ ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବଚରଣ ବାହିନୀପତି, ଧନେଶ୍ୱର ପ୍ରଧାନ, ଅରକ୍ଷିତ ସାମଲ, ଦେବରାଜ ବେହେରା, ଗୁରୁ ଚରଣ ମହାନ୍ତି, କୁଞ୍ଜ ବିହାରୀ ସାହୁ, ସୁଶାନ୍ତ କୁମାର ଜଗଦେବ, ଶିବ ଦଳେଇ, ସୁରେଶ ସେଠୀ, ନାରାୟଣ ମହାନ୍ତି, ପ୍ରଦୀପ୍ତ ଜେନା, ମଧୁସୁଦନ ବେହେରା, ଲକ୍ଷ୍ମଣ ଭୋଳ ଓ ତ୍ରିଲୋଚନ ବାରିକଙ୍କ ସମେତ ବହୁ ଛାମୁଆ କର୍ମୀ ଉପସ୍ଥିତ ରହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଛନ୍ତି।

# ବିଜେଡିରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ

**ଭୁବନେଶ୍ୱର, ୧୮ ।୪(ସମିସ):** ଗୁରୁବାର ଶଙ୍ଖଭବନରେ ଆନୁଷ୍ଠାନିକ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି ଓଡ଼ିଆ ଚଳଚ୍ଚିତ୍ରର ଖ୍ୟାତନାମା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ପୂର୍ବରୁ ସେ ବିଭିନ୍ନ ସମୟରେ ବିଜେଡିର



କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ ହେଁ ଦଳର ସକ୍ରିୟ ସଦସ୍ୟ ନ ଥିଲେ। ଆଜି ସାଂସଦ ଡ଼. ସସ୍ମିତ ପାତ୍ର ଶଙ୍ଖ ଭବନରେ ବର୍ଷାଙ୍କୁ ସ୍ୱାଗତ କରିଛନ୍ତି। ତାଙ୍କର ଯୋଗଦାନ ଦଳ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଡ଼. ପାତ୍ର କହିଛନ୍ତି।

ଏହି ଅବସରରେ ବର୍ଷା କହିଛନ୍ତି ଯେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା କମ୍ କୁହନ୍ତି, କାମ ଅଧିକ କରନ୍ତି। ମୁଖ୍ୟମନ୍ତ୍ରୀଙ୍କ ସରଳ ଭାବମୂର୍ତ୍ତି ସମସ୍ତଙ୍କ ପାଇଁ ଆଦର୍ଶ। ମୁଖ୍ୟମନ୍ତ୍ରୀଙ୍କର କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। 'ନିମ୍‌କି' ଫିଲ୍ମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ କରିଥିଲି। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶ ମୋତେ ସର୍ବଦା ପ୍ରଭାବିତ କରି ଆସିଛି। ତେଣୁ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି ବୋଲି ବର୍ଷା କହିଛନ୍ତି। ଏହା ସହିତ ଦଳରେ ଗ୍ରହଣ ନିମନ୍ତେ ଅନୁମତି ଦେଇଥିବାରୁ ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ଦଳର ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ।

**ମାଲକାନଗିରି ନିର୍ବାଚନ ମଣ୍ଡଳୀ**

# ନିର୍ଣ୍ଣାୟକ ଭୂମିକାରେ ବଙ୍ଗୀୟ ଭୋଟର





**ମାଲକାନଗିରି, ୧୮ ।୪(ସମିସ):** ଜମି ଆସୁଛି ନିର୍ବାଚନ ପ୍ରଚାର। ମାଲକାନଗିରି ଜିଲ୍ଲାରେ ଥିବା ଦୁଇଟି ନିର୍ବାଚନମଣ୍ଡଳୀ ମାଲକାନଗିରି ଓ ଚିତ୍ରକୋଣ୍ଡାରେ ସମସ୍ତ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରି ପ୍ରଚାରରେ ମାତିଛନ୍ତି। ତେବେ ମାଲକାନଗିରି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଭାଷା ଓ ସମ୍ପ୍ରଦାୟର ଲୋକେ ରହୁଥିବା ବେଳେ ଏଠାରେ ସବୁବେଳେ ବଙ୍ଗୀୟ ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥା'ନ୍ତି। ତେଣୁ ଏହି ଭୋଟରଙ୍କ ଉପରେ ତିନି ପ୍ରମୁଖ ଦଳର ନଜର ରହିଥାଏ। ଭୋଟରଙ୍କୁ ନିଜ ସପକ୍ଷରେ ନେବାକୁ ସମସ୍ତେ ଆପଣାଉଛନ୍ତି ଭିନ୍ନ ରଣନୀତି। ମାଲକାନଗିରି ଜିଲ୍ଲାରେ ମୋଟ ୨୧୪ଟି ବଙ୍ଗୀୟ ରାଜସ୍ୱ ଗାଁ ରହିଥିବା ବେଳେ ମାଲକାନଗିରି ବିଧାନସଭା କ୍ଷେତ୍ରରେ ରହିଛି ସର୍ବାଧିକ ୧୭୯ଟି ବଙ୍ଗୀୟ ଗାଁ। ମାଲକାନଗିରିରେ ପ୍ରାୟ ୨ ଲକ୍ଷ ୪୫ ହଜାର ଭୋଟର ଥିବା ବେଳେ ପ୍ରାୟ ୮୫ ହଜାର କେବଳ ବଙ୍ଗୀୟ ଭୋଟର ଅଛନ୍ତି।

## ମନ ଜିଣିବାରେ ବିଜେଡି ଆଗୁଆ

ଗତ ୨୦୧୯ ନିର୍ବାଚନରେ ବିଜେପି ଏଠାରେ ବାଜିମାତ କରିଥିବା ବେଳେ ଏଥର ବିଜେଡି ଏହି ଆସନ ଛଡ଼ାଇ ଆଣିବାକୁ ଜୋରଦାର କସରତ ଚଳାଇଛି। ବିଗତ ଦିନରେ ବଙ୍ଗୀୟ ଲୋକଙ୍କ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଥିବା ବେଳେ ଦଳ ପକ୍ଷରୁ ସେମାନଙ୍କୁ ସବୁବେଳେ ସହଯୋଗ ମଧ୍ୟ କରାଯାଇଛି। ସେମାନଙ୍କ ପର୍ବପର୍ବାଣୀ ଓ ବିଭିନ୍ନ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ନେତୃମଣ୍ଡଳୀ ଓ ବିଧାୟକ ପ୍ରାର୍ଥୀ ମାନସ ମାଡ଼କାମି ସାମିଲ ହୋଇଆସୁଛନ୍ତି। ମାଲକାନଗିର ଜିଲ୍ଲାରେ ବଙ୍ଗୀୟ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅନେକ ପଦକ୍ଷେପ ନେବା ସହ ବିଭିନ୍ନ ମଠ, ମନ୍ଦିର ଏବଂ ଗ୍ରାମୀଣ ବିକାଶ ଦିଗରେ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି। ତେଣୁ ବିଜେଡି ଏହାକୁ ଭୋଟ୍‌ରେ ରୂପାନ୍ତରିତ କରିବାକୁ ରଣନୀତି ପ୍ରସ୍ତୁତ କରୁଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳକୁ ଏହାର ବିଶେଷ ଲାଭ ମିଳିଥିବା ମଧ୍ୟ ପରିଲକ୍ଷିତ ହୋଇଥିଲା। ଦଳ ଏଠାରେ ବାଜିମାତ କରିଥିଲା। ତେବେ ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ଓ ବିଜେପି ମଧ୍ୟ ବଙ୍ଗୀୟ ଭୋଟର୍‌ଙ୍କୁ ଆକୃଷ୍ଟ କରିବାରେ ଚାହୁଁଥିଲେ ହେଁ ସେଥିରେ ଏତେଟା ସଫଳ ପାଉନଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

**ସ୍ୱାଭିମାନ ଅଞ୍ଚଳରେ ସୁରକ୍ଷିତ ନିର୍ବାଚନ ଲାଗି ପୁଲିସର ଖସଡ଼ା ପ୍ରସ୍ତୁତ**

# ବୁଥ୍ ଜଗିବ ଡ୍ରୋନ୍, ଏଆଇ କ୍ୟାମେରା

**ଭୁବନେଶ୍ୱର, ୧୮ ।୪(ସମିସ):** ମାଓ ଇଲାକାରେ ସୁରକ୍ଷିତ ନିର୍ବାଚନ ପାଇଁ ଓଡ଼ିଶା ପୁଲିସ ତା'ର ଖସଡ଼ା ପ୍ରସ୍ତୁତ କରିଛି। ଏଥର ପ୍ରଥମ କରି ନିଜ ବୁଥ୍‌ରେ ଭୋଟ୍ ଦେବେ ସ୍ୱାଭିମାନ ଅଞ୍ଚଳବାସୀ। ପୂର୍ବରୁ ସୁରକ୍ଷାକର୍ମୀଙ୍କ କ୍ୟାମ୍ପ ନିକଟରେ ବୁଥ୍ ହେଉଥିଲା। ଏଥର ପ୍ରତି ଗ୍ରାମରେ ବୁଥ୍ ହେଉଥିବାରୁ ମାଓବାଦୀମାନେ ମତଦାନ ଭଣ୍ଡୁର କରିବାର ଆଶଙ୍କା ରହିଛି। ତେଣୁ ଓଡ଼ିଶା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରତି ବୁଥ୍‌ରେ ମତଦାନ ସମୟରେ ସୁରକ୍ଷା ପାଇଁ ଅତ୍ୟାଧୁନିକ ଟେକ୍ନୋନୋଜିକୁ ବ୍ୟବହାର କରିବ ସୁରକ୍ଷାକର୍ମୀ। ବୁଥ୍ ଚାରିପଟେ ଏବଂ ଏହାର ଆଖପାଖ ଅଞ୍ଚଳରେ ଡ୍ରୋନ୍ ପଇଁତରା ମାରିବ। ଏଥିସହ ଭୋଟ କେନ୍ଦ୍ର ବାହାରେ ମେଟାଲ ଡିଟେକ୍ଟର ଲଗାଯିବ। ଏହାଭିତରେ ପ୍ରବେଶ କରି ଲୋକେ ଭୋଟ ଦେବାକୁ ଯିବେ। ସେହିପରି ଆଇଇଡି, ଏବଂ ଅନ୍ୟାନ ବିସ୍ଫୋରକ ସାମଗ୍ରୀକୁ ଠାବ କରିବା ପାଇଁ ଏକ ସ୍ୱତନ୍ତ୍ର ଟେକ୍ନୋଲୋଜିକୁ ବ୍ୟବହାର କରାଯିବ। ସବୁ ବୁଥ୍ ଭିତରେ ଏବଂ ବାହାରେ ଏଆଇ କ୍ୟାମେରା ଲଗାଯିବ। ଯାହାଫଳରେ ବୁଥ୍ କିମ୍ବା ଆଖପାଖରେ କିଛି ବିଶୃଙ୍ଖଳା ଦେଖାଦେଲେ, ତୁରନ୍ତ କଣ୍ଟ୍ରୋଲରୁମ୍‌କୁ ସଙ୍କେତ ପଠାଇବ ଏଆଇ। ଜଣେ ଡିଆଇଜି ଏବଂ ଏସ୍‌ପି ଏହି କଣ୍ଟ୍ରୋଲରୁମ୍‌କୁ ମନିଟରିଂ କରିବେ ବୋଲି ଜଣାପଡ଼ିଛି।

- **ଆଉ ହେଲିକପ୍ଟରରେ ବୁଥ୍ ଯିବେନି ପୁଲିଂ କର୍ମଚାରୀ**
- **ଓଡ଼ିଶା ପାଇଁ ବିପଦ ସାଜିପାରନ୍ତି ଛତିଶଗଡ଼ୀ ମାଓବାଦୀ**
- **ସବୁ ବୁଥ୍‌ରେ ପଇଁତରା ମାରିବେ ବନ୍ଧୁକଧାରୀ ଯବାନ**

ମାଲକାନଗିରିରେ ଆଉ ମାଓ ସମସ୍ୟା ନ ଥିବା ବେଳେ ଛତିଶଗଡ଼ୀ ମାଓବାଦୀ ଓଡ଼ିଶା ପାଇଁ ବିପଦ ପାଲଟିବାର ଆଶଙ୍କା ଥିବାରୁ ସୁରକ୍ଷା ଉପରେ ଜୋର୍ ଦେଇଛନ୍ତି ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ। ଡିଜିପିଙ୍କ ନେତୃତ୍ୱରେ ଏକ ଉଚ୍ଚ ସ୍ତରୀୟ ପୁଲିସ ଅଧିକାରୀଙ୍କୁ ନେଇ ମାଓ ମୁକାବିଲା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମାଓ ଗତିବିଧି ଉପରେ ସ୍ୱତନ୍ତ୍ର ନଜର ରଖିବା ଲାଗି ରଣନୀତି ପ୍ରସ୍ତୁତ ହୋଇଛି। ପୂର୍ବରୁ ସ୍ୱାଭିମାନ ଅଞ୍ଚଳରେ ଭୋଟ ନ ଦେବା ଲାଗି ମାଓବାଦୀ ସିଧାସଳଖ ଧମକ ଦେଉଥିଲେ। କାଁ ଭାଁ ସ୍ଥାନରେ ହେଲିକପ୍ଟର କିମ୍ବା ମୋଟର ଲଞ୍ଚ୍ ଯୋଗେ ପୁଲିଂ କର୍ମଚାରୀଙ୍କୁ ପଠାଇ ପୁଲିସ କ୍ୟାମ୍ପ ନିକଟରେ ମତଦାନ ହେଉଥିଲା। ଗୋଟିଏ ସ୍ଥାନରେ ଅନେକ ବୁଥ୍‌କୁ ଏକାଠି କରି କେବଳ କାଗଜକଲମରେ ମତଦାନ କରୁଥିଲା ପ୍ରଶାସନ। ଏଥର କିନ୍ତୁ ସ୍ୱାଭିମାନ ଅଞ୍ଚଳର ସମସ୍ତ ନର୍ଦ୍ଧାରିତ ବୁଥ୍‌ରେ ଭୋଟ ଗ୍ରହଣ ହେବ। ଆଉ ହେଲିକପ୍ଟରରେ ଯିବେନି ପୁଲିଂ କର୍ମଚାରୀ। ନିଜ ବୁଥ୍‌ରେ ଭୋଟ୍ ଦେବେ ସ୍ୱାଭିମାନ ଅଞ୍ଚଳବାସୀ। କେବଳ ମାଲକାନଗିରି ନୁହେଁ; ମାଓ ପ୍ରଭାବିତ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଜିଲ୍ଲାରେ କେମିତି ଅବାଧ ଓ ନିରପେକ୍ଷ ନିର୍ବାଚନ ହେବ ସେଥିପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।

### ବନ ବିଭାଗ ଓ ସୁରକ୍ଷା ସମିତିର ରକ୍ଷଣାବେକ୍ଷଣ ଅଭାବ

# ଲକ୍ଷାଧିକ ଟଙ୍କାର ଶାଗୁଆନ ଗଛ ନଷ୍ଟ

କୁନ୍ଦୁରା,୧୮।୪(ସମିସ)

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଲିମା ସେକ୍ସନ୍ ଆସନା ବିଟର ପଦରକଣ୍ଟା ଶାଗୁଆନ୍ (ଟିକ୍) ଜଙ୍ଗଲରୁ ୧୦୦ରୁ ଊର୍ଦ୍ଧ୍ୱ ଗଛ କାଟି ସଫା କରିଛନ୍ତି। ବନ ବିଭାଗ ଓ ବନ ସୁରକ୍ଷା ସମିତିର ରକ୍ଷଣାବେକ୍ଷଣର ଅଭାବ ଓ ଅବହେଳା ଯୋଗୁଁ ଗଛ କାଟି ଲୋକେ ସଫା କରିଛନ୍ତି। ଯାହାଫଳରେ ଏବେ ଲକ୍ଷାଧିକ ଟଙ୍କାର ଶାଗୁଆନ୍ ଗଛ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗଛ କଟାଯାଇଥିବା ଗାଁ ଲୋକେ ଦେଖି ଜଙ୍ଗଲ ବିଭାଗକୁ ଜଣାଇବା ପରେ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଛବିନ୍ଦ୍ର ରନ୍ଧାରୀ ସଦଳବଳେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜକୁ ୨୦ ବର୍ଷ ତଳେ ଲଗାଯାଇଥିବା ଏହି ଗଛକୁ ବନ ସୁରକ୍ଷା ସମିତି ଓ ବନ ବିଭାଗ ଦ୍ୱାରା ସୁରକ୍ଷା ଦେଇ ଆସୁଥିବାବେଳେ କାଟିଥିବା ବ୍ୟକ୍ତି ଜଣକ ସେହି ଜମି ତାଙ୍କର ପଟ୍ଟା ଥିବା ଦାବି କରି ଗଛ କାଟି ସଫା କରିଥିବା କହିଛନ୍ତି। ତେବେ ରାଜସ୍ୱ ବିଭାଗ ଦ୍ୱାରା ଜମି ଚିହ୍ନଟ କରାଗଲେ ପ୍ରକୃତ ତଥ୍ୟ ଜଣାପଡ଼ିବ। ଯେଉଁ ଗଛ କଟାଯାଇଛି ତାହା ସରକାରୀ ଦରରେ ବିକ୍ରି ଯୋଗ୍ୟ ନୁହେଁ, କେବଳ ଜାଳେଣି ଭାବେ ବିକ୍ରି ହୋଇପାରିବ। ୯୯ରୁ ଊର୍ଦ୍ଧ୍ୱ ଗଛ କଟାଯାଇଛି। ମେଜରମେଣ୍ଟ ନେବା ପରେ ପ୍ରକୃତ ମୂଲ୍ୟ କହିହେବ।



ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଅଧିକାରୀ ଶ୍ରୀ ରନ୍ଧାରୀ।

ପ୍ରକାଶ ଥାଉ କି, ପ୍ରାୟ ୨୦ ବର୍ଷ ତଳେ ୨୫ ହେକ୍ଟରରୁ ଅଧିକ ଜମିରେ ସାମାଜିକ ବନ ପ୍ରକଳ୍ପ ମାଧ୍ୟମରେ ଶାଗୁଆନ୍ ଗଛ ଲଗାଇଥିଲା। ନିୟମ ପ୍ରକାରେ, କିଛି ବର୍ଷ ଯତ୍ନ ପରେ ବନ ସୁରକ୍ଷା ସମିତିକୁ ଏହାର ରକ୍ଷଣାବେକ୍ଷଣ ଓ ମାଲିକାନା ଦାୟିତ୍ୱ ଦିଆଯାଇଛି। କିନ୍ତୁ ସମିତି କିମ୍ବା ବିଭାଗ ଦ୍ୱାରା ଉଚିତ୍ ସୁରକ୍ଷା ଦିଆଯାଉନାହିଁ। ତେଣୁ ଶହ ଶହ ଗଛ କାଟିବାକୁ ପଛାଉ ନାହାନ୍ତି ଲୋକେ। କଟା ଯାଇଥିବା ଗଛକୁ ବିଭାଗ ଜବତ କରି ସମିତି ଓ ଗଛ କାଟିଥିବା ବ୍ୟକ୍ତିଙ୍କ ସହ ଆପୋଷ ବୁଝାମଣା କରାଯାଇଛି। ସେହି ଜମିରେ ପୁଣିଥରେ ଗଛ ଲଗାଯିବ ବୋଲି ବନ ବିଭାଗ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। କଟାଯାଇଥିବା ଦେଢ଼ ଏକର ଜମିରୁ ବିଭାଗୀୟ ଅଧିକାରୀ ୯୦ ଗଛ କଟାଯାଇଥିବା କହୁଛନ୍ତି। କିନ୍ତୁ ସେତିକି ପରିମାଣର ଜମିରେ ୬୯୦ଟି ଗଛ ଲାଗିପାରିବ। ତେବେ ବାକି ଗଛ ପୂର୍ବରୁ କଟାଯାଇଥିବା କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି କି ସମୁଦାୟ ୨୫ ହେକ୍ଟର ଜମିରେ ମାତ୍ର ୧୦ରୁ ୨୦ ଭାଗ ଗଛ ରହିଛି। ନାମକୁ ମାତ୍ର ସମିତିକୁ ଦାୟିତ୍ୱ ଦେଇ ନିଜ ଦାୟିତ୍ୱ ସାରି ଦେଉଛି ବିଭାଗ। କେବଳ ଏହି ଜଙ୍ଗଲ ନୁହେଁ ଏହାକୁ ଲାଗି ଥିବା ପ୍ରାୟ ୨୫ରୁ ୩୦ ହେକ୍ଟର ଜମିରେ ୨୫ ବର୍ଷ ତଳେ ନୀଳଗିରି ଆକାଶିଆ, ଚାକୁଣ୍ଡା, ନିମ, କରଞ୍ଜ ଭଳି ଗଛ ଲାଗିଥିଲା। ତାହା ଆଜକୁ ୩ ବର୍ଷ ତଳେ ସମ୍ପୂର୍ଣ୍ଣ କାଟି ନେଇଗଲେଣି ଲୋକେ। ପୁନର୍ବାର ୩ ବର୍ଷ ତଳେ ସେ ଜମିରେ ଗଛ ଲଗାଇଛି ବିଭାଗ। କିଛି ଜମିରେ ଗଛ କାଟି ଲୋକ ଚାଷ ମଧ୍ୟ କରି ଆସୁଛନ୍ତି। ଏନେଇ ଚଳିତ ବର୍ଷ କଦମ୍ବ ବେଢ଼ା ଗାଁରୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ତଥାପି ନିରବ ସାଜିଛି ବନ ବିଭାଗ। କେବଳ ଏହି ପଞ୍ଚାୟତ ନୁହେଁ କୁନ୍ଦୁରା ବ୍ଲକରେ ଅସୁରକ୍ଷିତ। ଏନେଇ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବ୍ଲକର ବିଭିନ୍ନ ଅଞ୍ଚଳର ଜଙ୍ଗଲ ସୁରକ୍ଷିତ ରହିପାରିବ ବୋଲି ଆଲୋଚନା ହେଉଛି।

## ନାଗାବଳୀରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର



କଲ୍ୟାଣସିଂହପୁର,୧୮।୪(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ସିଙ୍ଗରି ପଞ୍ଚାୟତର ଦୁର୍ଗମ ଅଞ୍ଚଳ କାଙ୍ଗଶିରି ଗ୍ରାମର ଲୋକମାନେ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟକୁ ଆସି ନାଗାବଳୀ ନଦୀରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ବିଡିଓ ମନୀଷା ଦାସଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ବର୍ଷ ଧରି ବର୍ଷକ ପାଞ୍ଚ ମାସ ବିଚ୍ଛିନ୍ନ ଅଞ୍ଚଳ ରୂପେ ବସବାସ କରୁଥିବା ଗ୍ରାମବାସୀ ହଠାତ୍ ନିର୍ବାଚନ ଆଗରେ ଚେଇଁ ଉଠି ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ଶ୍ରୀମତୀ ଦାସ କାଙ୍ଗଶିରି ଗ୍ରାମକୁ ଯାଇଥିଲେ। ସେଠାରେ ଲୋକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ବ୍ଲକ୍ ଅଧ୍ୟକ୍ଷା ଆମରିତା କାଡ୍ରାକା, ପୂର୍ବତନ ସମିତିସଭ୍ୟ ଭୀମସେନ ବାଗଙ୍କ ସହ ବହୁ ଗ୍ରାମବାସୀ ନାଗାବଳୀ ନଦୀରେ ପୋଲ ନିର୍ମାଣ କରିବା ପାଇଁ ବିଡିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଗୁଣୁପୁର,୧୮।୪(ସମିସ): ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ଗାଦିଆଖଲା ପଞ୍ଚାୟତର ବାୟାଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବାୟାଗୁଡ଼ା ଗ୍ରାମର ସୁରେନ୍ଦ୍ର ଶବର ନାମକ ବ୍ୟକ୍ତିଙ୍କ ପତ୍ନୀ ସନ୍ତୋଷୀ ବାଉରୀ(୨୬)ଙ୍କ ମୃତଦେହ ଗୁଣୁପୁର ପୁଲିସ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଗୁଣୁପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଏହି ଘଟଣାର ତଦନ୍ତ ଜାରି ରଖିଥିବା କହିଛନ୍ତି। ମୃତ ସନ୍ତୋଷୀଙ୍କ ସ୍ୱାମୀ ସୁରେନ୍ଦ୍ର ଶବର କହୁଛନ୍ତି ଯେ ସନ୍ତୋଷୀ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଦେଇଥିଲେ। ମୁଁ ତାଙ୍କୁ ବଞ୍ଚାଇବା ଉଦ୍ଦେଶ୍ୟରେ ଉଦ୍ଧାର କରିଥିଲି ବୋଲି କହୁଥିବାବେଳେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ଉତ୍ତମ ସାହୁ କହିଛନ୍ତି। ପାରିବାରିକ କଳହରୁ ଏପରି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଦୁଇ ଗଞ୍ଜେଇ ଚାଲାଣକାରୀ ଗିରଫ

ମୋଟୁ,୧୮।୪(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ମୋଟୁ ଥାନା ପୁଲିସ୍ ହାତରେ ଗୁରୁବାର ଓଡ଼ିଶାରୁ କେରଳକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଦୁଇ ଯୁବକ ଧରାପଡ଼ିଛନ୍ତି।



ସୂଚନା ମୁତାବକ, ମୋଟୁ ପୁଲିସ୍ ଗୁରୁବାର ଯାନବାହନ ଯାଞ୍ଚ କରୁଥିବା ସମୟରେ ଦୁଇ ଯୁବକ ସନ୍ଦିଗ୍ଧ ଭାବେ ଏକ ବ୍ୟାଗ୍ ଧରି ଛିଡ଼ା ହୋଇଥିବାର ଦେଖିବାକୁ ପାଇଥିଲେ। ପରେ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରୁ ୮ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ରହିଥିଲା। ପୁଲିସ ଗଞ୍ଜେଇ ଜବତ କରି ଦୁଇ ଯୁବକଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ପଚରାଉଚରା ସମୟରେ ପୁଲିସ ଜାଣିବାକୁ ପାଇଥିଲା ସେମାନେ କେରଳ ରାଜ୍ୟ ୟାନାଡ ଜିଲ୍ଲା ମେପ୍ପଡ଼ି ଥାନା ଭେଲାରିମାଲା ଗ୍ରାମର ସଚିନ ଭାର୍ଗିସ (୨୬) ଓ ମହମ୍ମଦ ରଫି (୨୭)। ଉଭୟଙ୍କୁ ଏନଡିପିଏସ ଆକ୍ଟରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

## ଇକୋ କ୍ଲବ୍ ପକ୍ଷରୁ ପକ୍ଷୀ ସଂରକ୍ଷଣ ନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ

ମାଲକାନଗିରି,୧୮।୪(ସମିସ):

ଦିନକୁ ଦିନ ଜଙ୍ଗଲ ବୃକ୍ଷଲତା ଧ୍ୱଂସ ହୋଇ ସବୁଜ ଜଙ୍ଗଲ ବଦଳରେ କଂକ୍ରିଟ ଜଙ୍ଗଲ ସୃଷ୍ଟି ହେବାକୁ ଲାଗିଛି। ଯାହା ଫଳରେ ଜଙ୍ଗଲର ପଶୁପକ୍ଷୀମାନେ ଲୋପ୍ ପାଇଯିବାକୁ ବସିଲେଣି। ପକ୍ଷୀଙ୍କୁ କିପରି ସଂରକ୍ଷଣ କରାଯାଇପାରିବ ସେନେଇ ଇକୋ କ୍ଲବ୍ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ ଆରମ୍ଭ କରାଯାଇଛି। ମାଲକାନଗିରି ସଦର ବ୍ଲକର ବୀରଲକ୍ଷ୍ମଣପୁର ଆଶ୍ରମ ବିଦ୍ୟାଳୟରେ ଇକୋ କ୍ଲବ୍ ତରଫରୁ ଗୁରୁବାର ପକ୍ଷୀ ସଂରକ୍ଷଣ ନିମନ୍ତେ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ବିଦ୍ୟାଳୟର ଛାତ୍ରାବାସ, ଛାତ୍ରୀନିବାସ, ଗ୍ରାମରେ ଥିବା ଗଛ, ଗ୍ରାମ ନିକଟ ଜଙ୍ଗଲର ଗଛଗୁଡ଼ିକରେ ଏବଂ ନିଜ ଘରେ ଶତାଧିକ ମାଟି ତିଆରି ଚଢ଼େଇ ଘର ଖଞ୍ଜାଯାଇ ସେଥିରେ ପକ୍ଷୀଙ୍କ ନିମନ୍ତେ ଖାଦ୍ୟ ଏବଂ ଜଳର ବ୍ୟବସ୍ଥା କରାଯାଇଥିଲା। ଏହି ମହତ୍ କାର୍ଯ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ପତ୍ରୀ, ଶିକ୍ଷକ ସଞ୍ଜୟ କୁମାର ମାହୁନ୍ତ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଚନ୍ଦ୍ର, ଶ୍ରିତିରାଣୀ ମଣ୍ଡଳ, ସଂଗୀତା ଜେନା, ମେଟ୍ରନ, ପାଚିକା, ଛାତ୍ରଛାତ୍ରୀ, ବୀରଲକ୍ଷ୍ମଣପୁର ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଗୁରୁଖୋଲା, ସମ୍ପାଦକ ଭଗବାନ କଡ଼ା, କମିଟିର ସଦସ୍ୟ, ଗାନ୍ଧୀ ଯୁବକ ସଂଘର ସଭାପତି ଭାରତ ବିଜୟ ଖେମୁଣ୍ଡୁ ଏବଂ ସଦସ୍ୟଙ୍କ ସହ ବୀରଲକ୍ଷ୍ମଣପୁର ଗ୍ରାମର ଅନେକ ଯୁବକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକମାନେ ଗଛରେ ଚଢ଼ି ମାଟିରେ ନିର୍ମିତ କୃତ୍ରିମ ଚଢ଼େଇ ବସା ଗଛଗୁଡ଼ିକରେ ବାନ୍ଧିଥିଲେ।



### ଚନ୍ଦାହାଣ୍ଡିରେ ୪୦ ଡିଗ୍ରୀ ଉପରେ ପାରଦ

# ରାସ୍ତାଘାଟ ଜନଶୂନ୍ୟ; କାଳ ସାଜିଛି ବିଦ୍ୟୁତ୍ କାଟ୍

ଚନ୍ଦାହାଣ୍ଡି,୧୮।୪(ସମିସ)

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅତ୍ୟଧିକ ଉତ୍ତପ୍ତ ଅଞ୍ଚଳ ହୋଇଥିବାବେଳେ ଚଳିତ ବର୍ଷ ଅତ୍ୟଧିକ ବଢ଼ିଛି ତାତି। ପାରଦ ଉପରମୁହାଁ ହୋଇଛି। ପ୍ରାୟ କିଛି ଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବା ସହ ଭୀଷଣ ଗରମ ଓ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଗ୍ରୀଷ୍ମର ପ୍ରଖର ସହ ଅଗ୍ନିବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛନ୍ତି। ଚନ୍ଦାହାଣ୍ଡି ଅଞ୍ଚଳରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଦିନ ୧୧ଟା

### ଜନଜୀବନ ଅସ୍ତବ୍ୟସ୍ତ

ସମୟରେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ଅସହ୍ୟ ଗରମ ଯୋଗୁଁ ଲୋକେ ଛଟପଟ ହୋଇ ଘର ଭିତରେ ରହୁଥିବା ବେଳେ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ କାଳବୈଶାଖୀର କମ୍ ପ୍ରଭାବ ଦେଖାଦେଉଛି। କିଛି ସ୍ଥାନରେ ଜଳଛତ୍ର ଠିକ୍ ସେ କାର୍ଯ୍ୟକାରୀ ହେଉଥିବାବେଳେ କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳୁଛି। ନାମକୁ ମାତ୍ର ଜଳଛତ୍ର, ମାଠିଆରେ ପାଣି ଭର୍ତ୍ତି କରି ସେଠି ପାଣି ଦେବା ଲୋକ ରହୁ ନ ଥିବା ଦେଖିବାକୁ ମିଳିଛି। ପଥପ୍ରାନ୍ତ ପଥିକ ମାନଙ୍କ ତୃଷ୍ଣା ମେଣ୍ଟେଇବା ପାଇଁ ଠିକରେ ଜଳଛତ୍ରର କାର୍ଯ୍ୟକାରୀ ସହ ଲୋକ ରଖିବାକୁ ସାଧାରଣରେ ଦାବି ହୋଇଛି। ନଦୀ, ନାଳ, ସବୁ ସୁଖି ଯାଉଥିବାରୁ ପଶୁପକ୍ଷୀ, ଗୋରୁଗାଈଙ୍କ ପାଇଁ ଜଳ କଷ୍ଟ ଦେଖାଦେଇଛି। ତେଣୁ ଗୋରୁଗାଈଙ୍କ ଜଳ କଷ୍ଟ ଦୂର କରିବାକୁ ନଦୀରେ ବାଲି ବନ୍ଧ ତିଆରି କରି ଜଳ କଷ୍ଟ ଦୂର କରିବା ନେଇ ଦାବି ହୋଇଛି। ପ୍ରଚଣ୍ଡ ରୌଦ୍ରତାପରେ ଅଂଶୁଘାତ ଜନିତ ସମସ୍ୟା ଦେଖାଦେବା ସ୍ୱାଭାବିକ। ଜନସାଧାରଣ ସଚେତନ ରହିବାର ଆବଶ୍ୟକତା ରହିଛି। ଏଥିସହ ଗ୍ରୀଷ୍ମ ପ୍ରକୋପ ଜାରି ରହିଛି। ସରକାରୀ ଭାବେ ନିରନ୍ତର ବିଜୁଳି ଯୋଗାଣ ପାଇଁ ନିର୍ଦ୍ଦେଶ ରହୁଥିବା ବେଳେ ଏଠି ବିପରୀତ, ଅସହ୍ୟ ଗରମରେ ବିଜୁଳି ସଠିକ ଭାବେ ରହୁ ନଥିବା ବେଳେ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଛୋଟ ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଏଭଳି ସ୍ଥିତିରେ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ମନମୁଖୀ ରାତିରେ ମନଇଚ୍ଛା ଘନ ଘନ ବିଜୁଳି କାଟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥି ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଉତ୍କଳ ସାହିତ୍ୟ ପରିଷଦର ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ




କୋଷାଗୁମୁଡ଼ା, ୧୮।୪(ସମିସ): କୋଷଗୁମୁଡ଼ାର ହାଇସ୍କୁଲରେ ବୁଧବାର ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଶ୍ରୀ ତୁଳସୀ' ସାହିତ୍ୟ ପତ୍ରିକାର ୧୬ତମ ସଂସ୍କରଣର ଉନ୍ମୋଚିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତା ଆସର ଓ ଦ୍ୱିତୀୟ ଅଧିବେଶନରେ ଓଡ଼ିଆ ସାହିତ୍ୟରେ ମହାକାବ୍ୟ ରାମାୟଣ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଭାପତି ଉମରକୋଟର ସାହିତ୍ୟିକ ଡ. ସୁରେନ୍ଦ୍ରନାଥ ଦାଶ, ଉପସଭାପତି ବିଜୟ ପଟ୍ଟନାୟକ ମଞ୍ଚାସୀନ ଥିବାବେଳେ ମୁଖ୍ୟଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ନବରଙ୍ଗପୁର ଶାଖାର ବଲ୍ଲଭ ରାଉତ ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଶା ଖଣି ନିଗମର ବରିଷ୍ଠ ଅଧିକାରୀ ଭରତ ଚରଣ ବେହେରା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ରାଉତ, ଜଗଦୀଶ ତ୍ରିପାଠୀ, ତ୍ରିପତି ବାଲାଜି ସାହୁ, ପ୍ରଭଞ୍ଜନ ତ୍ରିପାଠୀଙ୍କ ସମେତ ଉତ୍କଳ ସାହିତ୍ୟ ଏକାଡେମୀର ସଦସ୍ୟ ଓ ସାହିତ୍ୟ ସଂଗଠକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜୟ ଚୌଧୁରୀ, ସଂଯୋଜକ ସ୍ୱର୍ଣ୍ଣଲତା ପଟ୍ଟନାୟକ, ଶୁଭେନ୍ଦୁ ଦାସ, ସାଗର ପରିଡ଼ା ଥିବାବେଳେ ପ୍ରଦୀପ୍ତ ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ଇଂ ଭରତ ଚରଣ ବେହେରା, କୁଞ୍ଜ ଦାସ, କୈଳାସ ଚନ୍ଦ୍ର ନାୟକ, ନାରାୟଣ ପଣ୍ଡା, ଡ. ବିଜୟ ମିଶ୍ର, ଡ. ପ୍ରଦୀପ ମିଶ୍ର, କୋଷାଗୁମୁଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ ପବିତ୍ର ହାଲଦାର, ଦୁର୍ଗାପ୍ରସାଦ ପାଢ଼ୀ, ସଂଯୋଜିକା ସ୍ୱପ୍ନା ମହାନ୍ତି ଥିବା ବେଳେ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ। ପରିଷଦର ସଭାପତି ସହଦେବ ପରିଡ଼ା ସଭାପତିତ୍ୱ କରିଥିଲେ। ଯୁବ ସାହିତ୍ୟିକ ନଳିନୀକାନ୍ତ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିମାନଙ୍କ ଦ୍ୱାରା କବିତା ପାଠୋତ୍ସବ ହୋଇଥିଲା। କୋଷାଗୁମୁଡ଼ା ଉତ୍କଳ ସାହିତ୍ୟ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଆଗକୁ ନିର୍ବାଚନ; ଚଢ଼ଉ ନେଇ ତତ୍ପରତା ଦେଖାଉନି ଅବକାରୀ ବିଭାଗ

# ବେଧଡ଼କ ଭାବେ ବଢୁଛି ବେଆଇନ ମଦ ଚାଲାଣ

ଜୟପୁର,୧୮।୪(ସମିସ)



ଆସନ୍ତା ମେ' ମାସରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବେଆଇନ ମଦ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ କାରବାର ବେଧଡ଼କ ଭାବେ ବୃଦ୍ଧି ପାଇବା ସହ ଚାଲାଣ ହେଉଥିବା ନଜରକୁ ଆସିଛି। ଅନ୍ୟପକ୍ଷରେ ଅବକାରୀ ବିଭାଗ ବେଆଇନ ମାଦକ ଦ୍ରବ୍ୟ ଚାଲାଣକୁ ରୋକିବା ଦିଗରେ ଚଢ଼ଉ ନେଇ ତତ୍ପରତା ପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଏବଂ ସରକାରଙ୍କ ପକ୍ଷରୁ ବେଆଇନ ମାଦକ ଦ୍ରବ୍ୟ ଚାଲାଣ ଏବଂ ବିକ୍ରି ଉପରେ ରୋକ ଲଗାଇବାକୁ ଚଢ଼ଉ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ନିର୍ବାଚନ ନିକଟତର ହେଉଥିବାବେଳେ ଜୟପୁର ଅବକାରୀ ବିଭାଗ ପକ୍ଷରୁ ସେପରି କୌଣସି ଚଢ଼ଉ ତଥା ବଡ଼ ଧରଣର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ନଜରକୁ ଆସିନାହିଁ। ଏପରିକି ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ବିନା ପ୍ରସ୍ତୁତିରେ ଛୋଟ ଛୋଟ ଚଢ଼ଉବେଳେ ପାଲଟା ବେଆଇନ ଦେଶୀ ମଦ ପ୍ରସ୍ତୁତକାରୀ ଓ ଚାଲାଣକାରୀଙ୍କ ଆକ୍ରମଣର ଶିକାର ହେଉଥିବା ନଜିର ରହିଛି। କୋରାପୁଟ ଜିଲ୍ଲା ଜୟପୁର ଅବାକାରୀ ଥାନା ଅଧୀନସ୍ଥ କଳାଗୁଡ଼ା ଗ୍ରାମରେ ବେଆଇନ ମଦ ପ୍ରସ୍ତୁତକାରୀ ମାଫିଆମାନଙ୍କ ଦ୍ୱାରା ଗତ ମାସରେ ଅବକାରୀ କର୍ମଚାରୀମାନେ ଆକ୍ରମଣର ଶିକାର ହୋଇଥିଲେ। ତେଣୁ ଅବକାରୀ ବିଭାଗ ମୁଖ୍ୟତଃ ପୁଲିସ ବିଭାଗ ଉପରେ ନିର୍ଭର କରିବାକୁ ପଡୁଛି। ଜୟପୁର ପୌରସଂସ୍ଥା ସହରାଞ୍ଚଳ ଓ ବ୍ଲକ୍ ଅଞ୍ଚଳ ଗ୍ରାମାଞ୍ଚଳ ଜୟପୁର ଅବକାରୀ ଥାନା ଅଧୀନରେ ରହିଛି। ଜୟପୁର ସଦର ଥାନା ଅଧୀନସ୍ଥ କଳାଗୁଡ଼ା, ନୀଳାଗୁଡ଼ା ଏବଂ ଦାମାପୁଟ ଅଞ୍ଚଳର ବ୍ୟାପକ ବେଆଇନ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ବେଳେ ଗ୍ରାମାଞ୍ଚଳର ବିଭିନ୍ନ ବେଆଇନ ଦେଶୀ ମଦଭାଟି ସହିତ ସହରର ବିଭିନ୍ନ ବସ୍ତିଗୁଡ଼ିକରେ ଏକାଧିକ ବେଆଇନ ମଦ ଭାଟିଗୁଡ଼ିକୁ ଯୋଗାଣ ହେଉଛି। ଚାଲାଣକାରୀମାନେ ବିଳମ୍ବିତ ରାତି କିମ୍ବା ଭୋର ସମୟରେ ବାଇକ ଯୋଗେ ପୁରୁଣା ଗାଡ଼ି ଟାୟାର, ଟ୍ୟୁବରେ ଭର୍ତ୍ତି କରାଯାଇ ସହର ଓ ବିଭିନ୍ନ ଗ୍ରାମର ବେଆଇନ ଦେଶୀ ମଦ ଭାଟିଗୁଡ଼ିକୁ ଯୋଗାଣ ହେଉଛି।

ସେହିପରି ଜୟପୁର ସହରରୁ ବିଭିନ୍ନ ଲାଇସେନ୍ସ ପ୍ରାପ୍ତ ବିଦେଶୀ ଦୋକାନରୁ ବେଆଇନ ଭାବେ ବାଇକ ଯୋଗେ ବୋଝେଇ କରାଯାଇ ଜୟପୁର ସହରର ମୁଖ୍ୟରାସ୍ତା ଏବଂ ଜାତୀୟ ରାଜପଥ ଦେଇ ବିଭିନ୍ନ ପୌରାଞ୍ଚଳ ଓ ଗ୍ରାମାଞ୍ଚଳ ହୋଟେଲ, ଢାବା ଏବଂ ବେଆଇନ ମଦଭାଟି ଗୁଡିକକୁ କିଛି ଅଣଓଡ଼ିଆ ମଦ ବ୍ୟବସାୟୀମାନେ ଦିନବେଳେ ଏହିପରି ବିନା ଭୟରେ ଅବକାରୀ ଥାନା ଓ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଦେଇ ନିର୍ଭୟରେ ବାଇକରେ ଚାଲାଣ କରୁଛନ୍ତି। କିନ୍ତୁ ଅବକାରୀ ବିଭାଗ ସମସ୍ତ ବିଷୟ ଜାଣି ଏବଂ ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଯୋଗୁଁ ସାଧାରଣରେ ଅବକାରୀ ବିଭାଗର କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଜିଲ୍ଲା ଅବକାରୀ ବିଭାଗର ଇନ୍ସପେକ୍ଟର ଶଶିକାନ୍ତ ଦତ୍ତ ଏବଂ ଥାନା ଅଧିକାରୀ ଏସ୍ଆଇ ନୀଳାଦ୍ରି ବିହାରୀ ମିଶ୍ରଙ୍କୁ ଅଣଓଡ଼ିଆ ବିଦେଶୀ ମଦ ବ୍ୟବସାୟୀମାନଙ୍କ ବିନା ଭୟରେ ସହରର ମୁଖ୍ୟରାସ୍ତା ଓ ଜାତୀୟ ରାଜପଥରେ ବାଇକ ଯୋଗେ ଚାଲାଣକୁ ନେଇ ସାଧାରଣରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ପଦକ୍ଷେପ ଗ୍ରହଣ ନ କରିବା ନେଇ ଅବକାରୀ ବିଭାଗର କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜୟପୁର ଅବକାରୀ ଥାନା ବିଭାଗର ସୂଚନା ଅନୁଯାୟୀ, ୨୦୨୩ ଜାନୁଆରୀ ମାସଠାରୁ ୨୦୨୪ ମାର୍ଚ୍ଚ ୯ ତାରିଖ ସୁଦ୍ଧା ଅବକାରୀ ବିଭାଗ ପକ୍ଷରୁ ୩୪୯୦ ବୋତଲ ବେଆଇନ ମଦ ଜବତ କରାଯାଇଥିବା ବେଳେ ୧୨୬ ଜଣ ପୁରୁଷ ଚାଲାଣକାରୀ ଏବଂ ୫୯୫ ମହିଳା ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ଏବଂ ୪୧ ଜଣ ଫେରାର୍ ରହିଛନ୍ତି। ଏଥିରେ ବିଦେଶୀ ବିଓର ୫୩୯.୯ ଲିଟର, ମହୁଲ ଓ ଗୁଡ଼ରେ ପ୍ରସ୍ତୁତ ୧୧ ଲକ୍ଷ ୩୯ ହଜାର ୬୨୫ ଲିଟର, ୧୬୨୫.୩୫ ଗଞ୍ଜେଇ, ଗୁଡ଼ ପୋଚ ୧ ଲକ୍ଷ ୪୩ ହଜାର ୨୦୦ ଲିଟର ଜବତ ଏବଂ ନଷ୍ଟ କରାଯାଇଛି। ସେହିପରି ସମୁଦାୟ ୩୫୦୧ଟି ମାମଲା ରୁଜୁ କରାଯାଇ ଗିରଫଙ୍କ ମଧ୍ୟରୁ ୧୧୦ ଜଣଙ୍କୁ ୪୧ ସିଆରପିସି ଧାରାରେ ଥାନାରୁ ହିଁ ଛଡ଼ାଯାଇଛି।

# ବିଧାନସଭା ଓ ଲୋକସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ



**ନବରଙ୍ଗପୁର,୧୮ା୪(ସମିସ):** ୨୦୨୪ ସାଧାରଣ ନିର୍ବାଚନର ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଆୟୋଗଙ୍କ ଅନୁସାରେ ଓଡ଼ିଶାରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରମରେ ନବରଙ୍ଗପୁର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମିଶ୍ର ସୂଚନା ଦେଇଛନ୍ତି। ୧୮ ତାରିଖ ଦିନ ୧୧ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ୧୦ଟି ବ୍ଲକ, ତହସିଲ, ୧୮୯ ପଞ୍ଚାୟତ, ସିଡିପିଓଙ୍କ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ପ୍ରକାଶ ପାଇବାର ପ୍ରଥମ ଦିବସରେ ଗୋଟିଏ ଲୋକସଭା ଓ ଗୋଟିଏ ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯାଇଛି। କଂଗ୍ରେସର ଲୋକସଭା ପ୍ରାର୍ଥୀ ଭୁଜବଳ ମାଝି ଓ ଡାବୁଗାଁ ବିଧାନସଭାର ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧୮ ରୁ ୨୫ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଲୋକସଭା ପ୍ରାର୍ଥୀ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପାତ୍ର ଦାଖଲ କରିବାକୁ ଥିବାବେଳେ ଉମରକୋଟ ଓ ଝରିଗାଁ ବିଧାନସଭାର ଆସନ ପାଇଁ ପ୍ରାର୍ଥୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦୁଇ ଅତିରିକ୍ତ ଜିଲ୍ଲାପାଳଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିପାରିବେ।

ସେହିପରି ଡାବୁଗାଁ ବିଧାନସଭା ଆସନ ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏବଂ ନବରଙ୍ଗପୁର ବିଧାନସଭା ଆସନ ପାଇଁ ନବରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିପାରିବେ ପ୍ରାର୍ଥୀ। ୨୬ ତାରିଖରେ ପ୍ରାର୍ଥିପାତ୍ର ଯାଞ୍ଚ କରାଯିବ। ମେ' ୧୩ରେ ଭୋଟ୍ ଗ୍ରହଣ କରାଯିବ। ଜୁନ୍ ୪ରେ ଭୋଟ୍ ଗଣତି କରାଯିବ। ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୨୧ ସଂଖ୍ୟକ ମତଦାନ କେନ୍ଦ୍ର ରହିଥିବାବେଳେ ସେଥିମଧ୍ୟରୁ ୨୨ଟି ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଅବଶିଷ୍ଟ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ସେହିପରି ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୫ ସଂଖ୍ୟକ ମତଦାନ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୨୬ଟି ମତଦାନ କେନ୍ଦ୍ରରେ ସକାଳ ୭ରୁ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଅବଶିଷ୍ଟ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୦ ସଂଖ୍ୟକ ମତଦାନ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୦ଟି ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଅବଶିଷ୍ଟ ମତଦାନ କେନ୍ଦ୍ରରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୪୧ ସଂଖ୍ୟକ ମତଦାନ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୪ଟି ମତଦାନ କେନ୍ଦ୍ରରେ ସକାଳ ୭ରୁ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଅବଶିଷ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ୪ଟି ନିର୍ବାଚନ ମଣ୍ଡଳୀରେ ମୋଟ ୯୯୩ ସଂଖ୍ୟକ ବୁଥରେ ମତ ଗ୍ରହଣ କରାଯିବ ବୋଲି ଡ. ମିଶ୍ର ସୂଚନା ଦେଇଛନ୍ତି। ଗୁରୁବାର ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ମହେଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ଡେପୁଟି କଲେକ୍ଟର ପି.ମନସ୍ୱିତା ଉପସ୍ଥିତ ଥିଲେ।

## ଶତାଧିକ ସମର୍ଥକଙ୍କ ଗହଣରେ ଆସି ନାମାଙ୍କନ ଦାଖଲ କଲେ ମନୋହର ରନ୍ଧାରୀ

**ନବରଙ୍ଗପୁର,୧୮ା୪(ସମିସ):** ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତି ପ୍ରକାରେ ଗୁରୁବାର ନବରଙ୍ଗପୁରରେ ଆରମ୍ଭ ହୋଇଯାଇଛି ପ୍ରାର୍ଥୀ ପତ୍ର ଦାଖଲ ପ୍ରକ୍ରିୟା। ନବରଙ୍ଗପୁର ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଗୁରୁବାର ଡ଼ାବୁଗାଁ ବିଧାନ ସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ପାଇଁ ପ୍ରଥମ ନାମାଙ୍କନ ପତ୍ର ଦାଖଲ ହୋଇଛି। ଡ଼ାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ପାଇଁ ପ୍ରଥମ ନାମାଙ୍କନ ପତ୍ର ଡାବୁଗାଁ ବିଧାୟକ ତଥା ଚଳିତ ଥରର ବିଜେଡି ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ ଶତାଧିକ ସମର୍ଥକଙ୍କ ଗହଣରେ ଆସି ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶ୍ରୀ ରନ୍ଧାରି ନିଜର ନାମାଙ୍କନ ପତ୍ର ନବରଙ୍ଗପୁର ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶ୍ରୀ ରନ୍ଧାରି ଗୁରୁବାର ନିଜ ସମର୍ଥକ ସଚ୍ଚିଦାନନ୍ଦ ସ୍ୱାଇଁ, ସୁଶାନ୍ତ କୁମାର ବେହେରା, ସ୍ୱାଧୀନ ପଟ୍ଟନାୟକ, ଦୟାନିଧି ଭତ୍ରା, ସୁବ୍ରଜିତ ବେହେରା, ବିଦ୍ୟାଧର ମଲ୍ଲିକ, ଶିବାନନ୍ଦ ବିଶୋଇ, ପରେଶ କୁମାର ଜେନା, ଧନୁର୍ଜୟ ମାଝୀ, ଯୁଗୋଳ ବିଶୋଇ, କପିଳାସ ସୁନା, ଭାନୁମତୀ ପୂଜାରୀ, ରଜନୀକାନ୍ତ ସାସମଲ, ଜଗତ ଜୀବନ ନାୟକଙ୍କ ସମେତ ଶତାଧିକ କର୍ମୀ ଓ ସମର୍ଥକଙ୍କ ସହିତ ଯାଇ ଗୁରୁବାର ନାମାଙ୍କନ ପତ୍ର ଦାଖଲ କରିଥିଲେ ଡ଼ାବୁଗାଁ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ରନ୍ଧାରି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରାର୍ଥୀ ପତ୍ର ଗ୍ରହଣ କରିଥିବା ବେଳେ ଆସନ୍ତା ୨୬ରେ ପ୍ରାର୍ଥିପତ୍ର ଯାଞ୍ଚ କରି ୨୯ ତାରିଖ ଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିବେ ଏବଂ ମେ ୧୩ ତାରିଖରେ ମତଦାନ କରିବେ ମତଦାତା।



## ଭୁଜବଳ ମାଝୀଙ୍କ ନାମାଙ୍କନ ପତ୍ର ଦାଖଲ

**ନବରଙ୍ଗପୁର,୧୮ା୪ (ସମିସ):** ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବିଜ୍ଞପ୍ତି ପ୍ରକାରେ ଗୁରୁବାର ନବରଙ୍ଗପୁରରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାରେ ଗୋଟିଏ ଲୋକସଭା ମଣ୍ଡଳୀ ଏବଂ ୪ଟି ବିଧାନସଭା ମଣ୍ଡଳୀ ରହିଛି। ସେଥିମଧ୍ୟରୁ ଗୁରୁବାର ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ପାଇଁ ପ୍ରଥମ ନାମାଙ୍କନ ପତ୍ର ଦାଖଲ ହୋଇଛି। କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି, ପୂର୍ବତନ ଡାବୁଗାଁ ବିଧାୟକ ତଥା ବର୍ତ୍ତମାନ କଂଗ୍ରେସ ଲୋକସଭା ପ୍ରାର୍ଥୀ ଭୁଜବଳ ମାଝୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଗୁରୁବାର ଭୁଜବଳ ମାଝୀ ଜିଲ୍ଲା ପର୍ଯ୍ୟବେକ୍ଷକ ଦୁର୍ଗା ପ୍ରାସାଦ ସାହୁଙ୍କ ସମେତ ନିଜ ସମର୍ଥକଙ୍କ ଗହଣରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରାର୍ଥିପତ୍ର ଗ୍ରହଣ କରିଥିବାବେଳେ ଆସନ୍ତା ୨୬ରେ ପ୍ରାର୍ଥିପତ୍ର ଯାଞ୍ଚ କରି ୨୯ ତାରିଖ ଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟିକେ ପ୍ରସାଦ ବିଷୋୟୀ, ବୃନ୍ଦାବନ ତ୍ରିପାଠୀ, ଧରମ ସିଂ, ଜି ସାଇରାଜୁ, ଦ୍ୱାରିକା ମହାପାତ୍ର, ପଦ୍ମ ସାଇ ମାଳି, ସଞ୍ଜୀବ ବିଷୋୟୀ, ତୁଫାନ୍ ଷଡ଼ଙ୍ଗୀ, ପ୍ରଦୀପ ସାହୁ ପ୍ରମୁଖ ନେତୃମଣ୍ଡଳୀ ସମେତ ସମର୍ଥକମାନେ ଉପସ୍ଥିତ ଥିଲେ।



## ଭୋଟ୍ ନ ଦେବାକୁ ମାଓବାଦୀଙ୍କ ଚେତାବନୀ

**ମାଲକାନଗିରି,୧୮ା୪(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ପକ୍ଷରୁ ଭୋଟ୍ ବର୍ଜନ ପାଇଁ ଧମକ ଦେଇ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ସୁକୁମା ଜିଲ୍ଲାର କେରଲାପେଦା ମତଦାନ କେନ୍ଦ୍ର ବାହାରେ ମାଓବାଦୀମାନେ ଭୋଟ୍ ନ ଦେବାକୁ ଲୋକଙ୍କୁ ଚେତାବନୀ ସ୍ୱରୂପ ଲେଖାଥିବା ପୋଷ୍ଟର ଲଗାଇବା ସହ ବିଭିନ୍ନ ସ୍ଥାନରେ ମାଓ ବ୍ୟାନର ଓ ପୋଷ୍ଟର ଦେଖିବାକୁ ମିଳିଛି। ସୁକମା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମାଓ ପୋଷ୍ଟର ମାରିବା ସହ ବ୍ୟାନରରେ ୨୮ ତମ ଲୋକସଭା ନିର୍ବାଚନକୁ ବହିଷ୍କାର କରିବା ସହିତ ଭୋଟ୍ ବର୍ଜନକୁ ଆହ୍ୱାନ ଦେଇଛନ୍ତି। ଭୋଟ୍ ମାଗିବାକୁ ଆସିଲେ କେନ୍ଦ୍ରର ବିଜେପି ଓ କଂଗ୍ରେସ ସରକାରଙ୍କୁ ବିରୋଧ କରିବାକୁ ମଧ୍ୟ ଏହି ପୋଷ୍ଟରରେ ଲେଖା ରହିଛି। ତେବେ ଏହାକୁ ନେଇ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

### କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ଅଭିନବ ପ୍ରୟାସ

## ଭୋଟ ଦେବା ପାଇଁ କାନ୍ଥଲିଖନ ଆରମ୍ଭ




**ଜୟପୁର,୧୮ା୪(ସମିସ):** କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନତାଙ୍କୁ ଭୋଟଦାନ ନେଇ ସଚେତନ ଓ ପ୍ରୋତ୍ସାହିତ କରିବାକୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଏହି ଅବସରରେ ଜିଲ୍ଲାର ମୁଖ୍ୟ ସହର ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କାନ୍ଥରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ଭୋଟରଙ୍କୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୬ ଜଣ ସ୍ଥାନୀୟ ଚିତ୍ରକାର ନିର୍ବାଚନର ବାର୍ତ୍ତା ଚିତ୍ର ଆଙ୍କିଥିଲେ। ସେହିପରି ପ୍ରଶାସନ ପକ୍ଷରୁ ଶ୍ରେଷ୍ଠ ଚିତ୍ର ଚୟନ କରାଯାଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ ଉତ୍ସବରେ ଜୟପୁର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ଜିଲ୍ଲା ପରିଷଦ ଅଧିକାରୀ ହିମାଂଶୁ ଭୂଷଣ ଶତପଥି ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନର ଏପରି ସଚେତନତା ଓ ପ୍ରୋତ୍ସାହିତ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ବିଏଲ୍‌ଓମାନଙ୍କ ଦ୍ୱାରା ଭୋଟରଙ୍କୁ ମାର୍ଗଦର୍ଶିକା ବଣ୍ଟନ



**ନନ୍ଦପୁର,୧୮ା୪(ସମିସ):** ନନ୍ଦପୁର ବ୍ଲକର ବିଭିନ୍ନ ଗ୍ରାମରେ ବିଏଲ୍‌ଓମାନଙ୍କ ଦ୍ୱାରା ଭୋଟରଙ୍କୁ ରହିଥିବା ନୟମାବଳୀ ସମ୍ପର୍କିତ ମାର୍ଗଦର୍ଶିକା ବଣ୍ଟନ କରାଯାଇଛି। ଭୋଟରଙ୍କ ପାଇଁ ରହିଥିବା ନିୟମାବଳୀ, ଚଳିତ ଥର ନିର୍ବାଚନରେ ଭୋଟରଙ୍କ ପାଇଁ ରହିଥିବା ଜାଣିବା ବିଷୟ ଓ ମାର୍ଗଦର୍ଶନ ଉପରେ ଉକ୍ତ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ବିଏଲ୍‌ଓମାନେ ପ୍ରତି ଘର ଘର ବୁଲି ଏହି ମାର୍ଗଦର୍ଶିକା ପ୍ରଦାନ କରୁଛନ୍ତି। ଜଣେ ଭୋଟର କିପରି ଭୋଟ୍ କେନ୍ଦ୍ରକୁ ଯିବା ଆଗରୁ ଓ କେନ୍ଦ୍ର ଭିତରକୁ ଯିବା ପରେ ମତଦାନ ଶେଷ ପର୍ଯ୍ୟନ୍ତ କ'ଣ ସବୁ ନିୟମ ଓ ଜାଣିବା କଥା ରହିଛି ସେ ସବୁ ମାର୍ଗଦର୍ଶିକାରେ ରହିଛି। ଚଳିତ ନିର୍ବାଚନରେ ନୂତନ ଭିଭିପାଟ୍ ମେସିନ ଆସିଥିବାରୁ ଭୋଟରମାନେ କିପରି ସୁବିଧା ପାଇପାରିବ ସେନେଇ ବିଏଲ୍‌ଓମାନେ ଘର ଘର ବୁଲି ସଚେତନ କରୁଛନ୍ତି।

## ବିଜୁ ଯୁବ ଛାତ୍ର ଜନତା ଦଳର ବ୍ଲକ୍‌ସ୍ତରୀୟ ବୈଠକ



**ପଟ୍ଟାଙ୍ଗି/ସେମିଳିଗୁଡ଼ା,୧୮ା୪(ସମିସ)**

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ସେମିଳିଗୁଡ଼ା ବ୍ଲକସ୍ତରୀୟ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ସେମିଳିଗୁଡ଼ା ବ୍ଲକର ବିଜୁ ଯୁବ ଜନତା ଦଳର ସଭାପତି ଅର୍ଜୁନ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁନ୍ଦୁଲି ଗ୍ରାମଠାରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜୁ ଯୁବ ଦଳର ସଭାପତି ଲଲାଟେନ୍ଦୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଓ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକାଙ୍କୁ ଜିତାଇବା ନିମନ୍ତେ ଯୁବ ଗୋଷ୍ଠୀ ଏକତ୍ରିତ ହେବା ନିମନ୍ତେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ବ୍ଲକର ୧୭ଟି ପଞ୍ଚାୟତରୁ ଆସିଥିବା ଯୁବ ଓ ଛାତ୍ରମାନେ ନିଜ ପ୍ରାର୍ଥୀଙ୍କୁ ଜିତାଇବା ନିମନ୍ତେ ଶପଥ କରିଥିଲେ। ସମ୍ମାନିତ ଅତିଥି ଭାବେ ସେମିଳିଗୁଡ଼ା ବ୍ଲକର ଉପାଧ୍ୟକ୍ଷ ଶିବା ବାଙ୍ଗାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବକମାନଙ୍କୁ କିଭଳି ଆଗାମୀ ନିର୍ବାଚନରେ ଉଭୟ ପ୍ରାର୍ଥୀ ବିପୁଳ ପରିମାଣରେ ଭୋଟ୍ ଆଣିପାରିବେ ସେନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଅମିତ ଅଗ୍ରୱାଲ, ନନ୍ଦପୁର ବ୍ଲକ୍ ଯୁବ ସଭାପତି କୃଷ୍ଣ ଚନ୍ଦ୍ର ଗୁଣ୍ଠା, ଯୁବ ଛାତ୍ର ସଭାପତି ଆଶିଷ ଭାଲୁ, ବରିଷ୍ଠ କର୍ମୀ ଧନପତି ଇଡିଙ୍ଗ, ସୀମା ନାୟକ, ସୁନୀଲ ଚୌଧୁରୀ, ବି. ଗଣେଶ୍ୱର ରାଓ, ମଧୁ ଚପାଡ଼ି, ରାମ କଡ଼ିଆ, ଭାଗିରଥି ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆପ୍‌ର ଚିତ୍ରକୋଣ୍ଡା ବିଧାୟକ ପ୍ରାର୍ଥୀ ଶରତ ବୁରୁଦା

**ମାଥିଲି,୧୮ା୪(ସମିସ)**



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଆମ ଆଦମୀ ପାର୍ଟି ଶରତ ଚନ୍ଦ୍ର ବୁରୁଦାଙ୍କ ନାମରେ ମୋହର ମାରିଲେ ପାର୍ଟି ହାଇ କମାଣ୍ଡ। ତେବେ ଶ୍ରୀ ବୁରୁଦା ପୂର୍ବରୁ କଂଗ୍ରେସରେ ଥିବା ବେଳେ ଟିକଟ ଆଶାୟୀ ଥିଲେ। ତେବେ ପାର୍ଟି ପ୍ରଭାରୀଙ୍କ କର୍ମଚାରୀମାନେ ୪୦ ଲକ୍ଷ ଟଙ୍କା ମାଗିଥିବା ଅଭିଯୋଗ ଆଣିଥିବାରୁ ସେ ଏହାକୁ ବିରୋଧ କରିଥିଲେ। ୪୦ ଲକ୍ଷ ନ ଦେବାରୁ ଶ୍ରୀ ବୁରୁଦାଙ୍କ ଟିକଟ କଟିଥିବା ଅଭିଯୋଗ ଆଣି ଶେଷରେ ନିରାଶ ହୋଇ କଂଗ୍ରେସରୁ ଇସ୍ତଫା ଦେଇ ଗତ ୧୩ ତାରିଖରେ ଆମ ଆଦମୀ ପାର୍ଟିରେ ବିଧିବଦ୍ଧ ଭାବରେ ଯୋଗଦେଇଥିଲେ। ଗତ ୧୩ ତାରିଖରେ ଆମ ଆଦମୀ ପାର୍ଟିରେ ଯୋଗଦେବା ପରେ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଓ ରାଜ୍ୟ ପ୍ରଭାରୀ ବିରେନ୍ଦ୍ର ସିଂ କାଡିଆନ ଶରତଙ୍କ ନାମକୁ କେନ୍ଦ୍ରୀୟ କମିଟି ନିକଟରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପାଇଁ ସୁପାରିସ କରିଥିଲେ। କେନ୍ଦ୍ରୀୟ କମିଟି ଶରତଙ୍କ ନାମ ବିଚାରକୁ ନେଇ ଗୁରୁବାର ଆମ ଆଦମୀ ପାର୍ଟି ବିଧାନସଭା ନିର୍ବାଚନ ପାଇଁ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୩୭ ଜଣଙ୍କ ନାମ ଘୋଷଣା କରିଥିବାବେଳେ ସେଥି ମଧ୍ୟରୁ ଚିତ୍ରକୋଣ୍ଡା ନିର୍ବାଚନ ପାଇଁ ଶରତ ଚନ୍ଦ୍ର ବୁରୁଦାଙ୍କ ନାମ ଘୋଷଣା କରିଛି। ଆମ ଆଦମୀ ପାର୍ଟିରେ ଶ୍ରୀ ବୁରୁଦାଙ୍କ ନାମ ଘୋଷଣା ପରେ ତାଙ୍କ ସମର୍ଥକ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତେବେ ଶ୍ରୀ ବୁରୁଦା କଂଗ୍ରେସ ଛାଡ଼ିବା ପରେ କଂଗ୍ରେସ ପାଇଁ ଏହା ଆଗକୁ କ୍ଷତିକାରକ ହୋଇପାରେ ବୋଲି କୁହାଯାଉଛି।

## ଗୁଣୁପୁରରେ ବିଜେଡିର ମିଶ୍ରଣ ପର୍ବ



**ଗୁଣୁପୁର,୧୮ା୪(ସମିସ):** ଗୁଣୁପୁରଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏହି ମିଶ୍ରଣ ପର୍ବରେ ରାୟଗଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ୀ (ଲିଡ), ଯୁବ ମୋର୍ଚ୍ଚା ସଂଯୋଜକ ଗୋକୁଳ ସାହୁ, ବରିଷ୍ଠ କର୍ମୀ ଦୁର୍ଯ୍ୟୋଧନ ପରିଛା, ବରିଷ୍ଠ କର୍ମୀ ସିଏଚ୍ ୱାସୁ, ବରିଷ୍ଠ କର୍ମୀ ଗଦା ଶବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଧାୟକ ରଘୁନାଥ ଗମାଙ୍ଗ, କୋରାପୁଟ ଲୋକସଭା ପ୍ରାର୍ଥିନୀ କୌଶଲ୍ୟା ହିକକା, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସୁଧୀର କୁମାର ଦାସ ଯୋଗଦେଇଥିବା ବ୍ୟକ୍ତିବିଶେଷଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

## ସାମ୍ବାଦିକଙ୍କ ନିମନ୍ତେ ପୋଷ୍ଟାଲ ବାଲଟ୍ ମତଦାନ ବ୍ୟବସ୍ଥାକୁ ନେଇ ବୈଠକ

**ରାୟଗଡ଼ା,୧୮ା୪(ସମିସ):** ନିର୍ବାଚନ ସମୟରେ ଖବର ସଂଗ୍ରହ କରି ନିଜ ଦାୟିତ୍ୱ ପାଳନ କରୁଥିବାବେଳେ ଯେଉଁ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ବୁଥକୁ ଯାଇ ନିଜ ମତଦାନ କରିପାରିବେ ନାହିଁ ସେମାନଙ୍କ ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଚଳିତ ବର୍ଷ ଉପଲବ୍ଧ କରାଯାଉଥିବା ପୋଷ୍ଟାଲ ବାଲଟ୍ ପେପରରେ ମତଦାନ କରିବାର ବ୍ୟବସ୍ଥା ସମ୍ପର୍କରେ ଗୁରୁବାର ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିନ୍ତନ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏମସିଏମସି ନୋଡାଲ ଅଫିସର, ଡେପୁଟି କଲେକ୍ଟର ଚିନ୍ମୟ ମହାନନ୍ଦ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଏମସିଏମସି ଆବାହକ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ତଥା ସାଧାରଣ ନିର୍ବାଚନ ପାସ୍ ପାଇଁ ଆବେଦନ କରିଥିବା ରାୟଗଡ଼ା ଜିଲ୍ଲାର ରାୟଗଡ଼ା, ବିଷମ କଟକ ଓ ଗୁଣୁପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଯେଉଁ ସାମ୍ବାଦିକ ବନ୍ଧୁମାନେ ନିର୍ବାଚନ ସମୟରେ ନିଜ କର୍ତ୍ତବ୍ୟ ପାଳନ କରୁଥିବେ ବୁଥକୁ ଯାଇ ଭୋଟ୍ ଦେଇପାରିବେ ନାହିଁ। ସେମାନଙ୍କ ନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଦେଶରେ ପୋଷ୍ଟାଲ ବାଲଟର ବ୍ୟବସ୍ଥା କରାଯାଇଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ପ୍ରକାଶ କରିଥିଲେ। ଏଥି ନିମନ୍ତେ ୧୨ଡି' ଫର୍ମ ଆବେଦନ କରିଥିବା ସାମ୍ବାଦିକଙ୍କୁ ମେ' ୫ରୁ ୮ ତାରିଖ ମଧ୍ୟରେ ମତଦାନ କରିବା ନିମନ୍ତେ ଦିନ ଧାର୍ଯ୍ୟ କରାଯାଇ ଅବଗତ କରାଯିବ। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରେ ବିଧାନସଭା ଓ ଲୋକସଭା ଆସନକୁ ନେଇ ଏହି ମତଦାନ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ପ୍ରକାଶ ପାଇଥିଲା। ଏହି ବୈଠକରେ ବିଭିନ୍ନ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଜିନିଷ କିଣିବା ବେଳେ ଗ୍ରାହକକୁ ଯେଉଁ ଅର୍ଥ ଦେବାକୁ ପଡ଼େ ସେଇଟା ତାହାର 'ଦାମ' ଏବଂ ତା'ର ଉପଯୋଗରେ ଯେଉଁ ସନ୍ତୋଷ ପାଏ ତାହା ହେଉଛି ତାହାର ପ୍ରକୃତ 'ମୂଲ୍ୟ'।
-ୱାରେନ୍ ବଫେଟ୍



ସକାଳ
THE SAKALA

## ହିଂସାପ୍ରବଣ କୁଚବିହାରକୁ ରାଜ୍ୟପାଳଙ୍କ ଗସ୍ତ ବାତିଲ୍

# ନିର୍ବାଚନ ଆୟୋଗଙ୍କ ଆଦେଶ ସର୍ବମାନ୍ୟ

ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସାମ୍ବିଧାନିକ ଦାୟିତ୍ୱ ନିର୍ବାଚନ ଆୟୋଗଙ୍କର। ଏଥିରେ ଅନ୍ୟ କାହାର ଦଖଲ ଦେବାର ଅଧିକାର ନାହିଁ। ଏପରିକି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଭଳି ସାମ୍ବିଧାନିକ ପଦାଧିକାରୀ ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ଅଧିକୃତ ନୁହନ୍ତି। ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ଦେଶର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ଭାବେ ସାମୟିକ ଦାୟିତ୍ୱ ତୁଲାନ୍ତି ଏବଂ ସବୁ ପ୍ରଶାସନିକ, ପୁଲିସ୍ ଓ ଅନ୍ୟାନ୍ୟ ସେବାର ଅଧିକାରୀମାନେ ତାଙ୍କ ଅଧୀନରେ ବସ୍ତୁତଃ ରହନ୍ତି। ଏହା ଭାରତୀୟ ସମ୍ବିଧାନରେ ଏକ ଅନୁପମ ବ୍ୟବସ୍ଥା, ଯାହା ନିର୍ବାଚନକୁ ନିରପେକ୍ଷ, ଅବାଧ ଓ ମୁକ୍ତ କରିବାକୁ ଉଦ୍ଦିଷ୍ଟ।

ଭାରତୀୟ ଗଣତନ୍ତ୍ରର ବାସ୍ତବତା କିନ୍ତୁ ଅଧୁନା ଭିନ୍ନ। ଏହି ଦେଶରେ ଅର୍ଥବଳ ଓ ବାହୁବଳ ଦ୍ୱାରା ଗଣତନ୍ତ୍ର ବହୁଳ ଭାବେ କବଳିତ ଏବଂ ଅନେକ ସମୟରେ ଏହାର ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠେ। ପଶ୍ଚିମବଙ୍ଗ ଭଳି କିଛି ରାଜ୍ୟ ରାଜନୈତିକ ହିଂସାକାଣ୍ଡ ଓ ରକ୍ତପାତ ପାଇଁ କୁଖ୍ୟାତ ଏବଂ ଏହାର ଇତିହାସ ବେଶ୍ ପୁରୁଣା। ଆପଣ ଦେଖନ୍ତୁ ୪୨ ଲୋକସଭା ଆସନ ବିଶିଷ୍ଟ ପଶ୍ଚିମବଙ୍ଗରେ ଏଥର ସାତଟିଯାକ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଆଜି (ଶୁକ୍ରବାର) ଅନୁଷ୍ଠିତ ପ୍ରଥମ ଚରଣ ମତଦାନରେ ରାଜ୍ୟର ଉତ୍ତରାଞ୍ଚଳର ତିନିଟି ଆସନ କୁଚ୍‌ବିହାର, ଜଳପାଇଗୁଡ଼ି ଓ ଅଲିପୁରଦ୍ୱାରରେ ମତଦାନ ହେଉଥିବା ବେଳେ ସେଇ ଏକା ତାରିଖରେ ଗୋଟିଏ ଦିନରେ ତାମିଲନାଡୁର ସମସ୍ତ ୩୯ ଲୋକସଭା ଆସନରେ ମତଦାନ କରାଯାଉଛି। ଏଥିରୁ ରାଜ୍ୟ-ରାଜ୍ୟ ମଧ୍ୟରେ ନିର୍ବାଚନ ଶୃଙ୍ଖଳା ଓ ଅବାଧ ମତଦାନ ପରମ୍ପରାର ସୂଚନା ସ୍ପଷ୍ଟ ଭାବେ ମିଳୁଛି। ପଶ୍ଚିମବଙ୍ଗ ଓ ତାମିଲନାଡୁରେ ମାଓବାଦୀ ହିଂସାକାଣ୍ଡ ଓ ଅନ୍ୟାନ୍ୟ ପ୍ରତିକୂଳ ସ୍ଥିତି ଆଗ ଭଳି ନାହିଁ। ପଶ୍ଚିମବଙ୍ଗରେ ନିର୍ବାଚନ ହିଂସା ଏକ ଗଣତାନ୍ତ୍ରିକ ଅପସଂସ୍କୃତି ପାଲଟିଥିବାରୁ ନିର୍ବାଚନ କମିଶନ ଏପରି ସାତ ପର୍ଯ୍ୟାୟର ନିର୍ବାଚନ ବ୍ୟବସ୍ଥା ସେଠାରେ କରିବାକୁ ବାଧ୍ୟ ହୋଇଛନ୍ତି।

କେବଳ ନିର୍ବାଚନ ହିଂସା ଓ ରକ୍ତପାତ ନୁହେଁ; ଅନ୍ୟ ଏକ କାରଣରୁ ପଶ୍ଚିମବଙ୍ଗ ଏବେ ଖବରରେ ରହିଛି। ସେଠାକାର ରାଜ୍ୟପାଳ ସି ଭି ଆନନ୍ଦ ବୋଷ ରାଜ୍ୟର ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଅଘଟଣ ଆଦିର ନିୟନ୍ତ୍ରଣ ପାଇଁ ରାଜଭବନରେ ଏକ ସ୍ୱତନ୍ତ୍ର ୱେବସାଇଟ୍ ଖୋଲି ଏହା ମାଧ୍ୟମରେ ଜନତାଙ୍କଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରୁଛନ୍ତି। ସେ ଘୋଷଣା କରିଥିଲେ ଯେ ପ୍ରଥମ ଚରଣ ନିର୍ବାଚନ ଦିନ ସେ ରାଜନୈତିକ ହିଂସାକାଣ୍ଡ ପ୍ରବଣ କୁଚବିହାରକୁ ଦିନିକିଆ ଗସ୍ତରେ ଯାଇ ସେଠାରେ ସକାଳ ଛ'ରୁ ସଂଧ୍ୟା ଛ'ଟା ପର୍ଯ୍ୟନ୍ତ ରହି ଭୋଟରଙ୍କ ମନୋବଳକୁ ଦୃଢ଼ କରିବେ ଏବଂ ରାଜନୈତିକ ହିଂସାକାଣ୍ଡ ଉପରେ ନଜର ରଖିବେ। ଏଠାରେ ଉଲ୍ଲେଖନୀୟ ଯେ ପଶ୍ଚିମବଙ୍ଗରେ ଗତ ପଞ୍ଚାୟତ ଓ ସ୍ୱାୟତ୍ତଶାସନ ନିର୍ବାଚନ ବେଳେ ଉଭୟ କୁଚବିହାର ଓ ଜଳପାଇଗୁଡ଼ି ଅଞ୍ଚଳରେ ଉଗ୍ର ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟପାଳଙ୍କର ଏହି ନିଷ୍ପତ୍ତି ଏକ ନୂଆ ଅଧ୍ୟାୟ ତଥା ବିତର୍କର ସୂତ୍ରପାତ କରିଛି। ଏକେ ତ ରାଜ୍ୟପାଳ ଏସବୁ କାମ କରିବାକୁ ସମ୍ବିଧାନ ଦ୍ୱାରା ଅଧିକୃତ କି ନାହିଁ ସେ ସମ୍ପର୍କରେ ବିତର୍କ ରହିଛି। ଦ୍ୱିତୀୟତଃ, ଯଦି ନୈତିକତା ଦୃଷ୍ଟିରୁ ରାଜ୍ୟପାଳ ଏହା କରିବେ ବୋଲି ଭାବୁଥିଲେ ଏଥିରେ ଅତିକ୍ରିୟାର ମାତ୍ରା ସ୍ପଷ୍ଟ ବାରି ହୋଇପଡୁଛି। ନିରପେକ୍ଷତା ଓ ନୈତିକତାର ଢାଞ୍ଚା ଭିତରେ କେଉଁଠି କାହା ପାଇଁ ଏକ ଅହେତୁକ ଆନୁଗତ୍ୟର ଆଭାସ ମିଳୁଛି।

ଭୋଟ୍ ଦିନ ନିର୍ବାଚନ ହେଉଥିବା ଅଞ୍ଚଳକୁ ଜଣେ ରାଜ୍ୟପାଳ ଯିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ। ପଶ୍ଚିମବଙ୍ଗ ରାଜ୍ୟପାଳ ଶୁକ୍ରବାର କୁଚବିହାର ଗସ୍ତରେ ଯିବେ ବୋଲି ଘୋଷଣା କରିବା ପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ତାଙ୍କ ପାଖକୁ ଏକ ଲିଖିତ ପରାମର୍ଶ ଦିଆଯାଇଛି ଯେ ସେ ଏଥିରୁ ନିବୃତ୍ତ ରହିବା ଉଚିତ। ଏଥିରେ କୁହାଯାଇଛି ଯେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ରାଜ୍ୟପାଳ କୁଚବିହାର ଅଞ୍ଚଳକୁ ଗସ୍ତ କରି ପାରିବେ ନାହିଁ। ଏଥିପାଇଁ ତାଙ୍କର ଅଧିକାର ନାହିଁ ଏବଂ ଏହା କଲେ ସେ ଆଚରଣ ବିଧି ଉଲ୍ଲଂଘନ ମାମଲାର ସମ୍ମୁଖୀନ ହେବେ। ନିର୍ବାଚନ ଆୟୋଗଙ୍କ ବାର୍ତ୍ତା ପାଇବା ପରେ ଗୁରୁବାର ସଂଧ୍ୟାରେ ରାଜ୍ୟପାଳ ସିଭି ଆନନ୍ଦ ବୋଷ ତାଙ୍କର ପ୍ରସ୍ତାବିତ କୁଚବିହାର ଗସ୍ତକୁ ସ୍ଥଗିତ ରଖିଥିବା କଥା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ରାଜଭବନ ଓ ନିଜ ପଦର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବାକୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଅଧିକ ବିବାଦକୁ ଏଡ଼ାଇବା ପାଇଁ ରାଜ୍ୟପାଳଙ୍କ ଗସ୍ତ ବାତିଲ୍ ନିଷ୍ପତ୍ତି ନିଶ୍ଚୟ ସ୍ୱାଗତଯୋଗ୍ୟ। ଲୋକଙ୍କ ସହିତ ରହି ସେମାନଙ୍କ ମନୋବଳ ଦୃଢ଼ କରିବା ଓ ରାଜନୈତିକ ହିଂସାର ମୁକାବିଲା କରିବା କାମ ମନ୍ଦ ନୁହେଁ। ତେବେ ରାଜ୍ୟପାଳ ଏକ ସାମ୍ବିଧାନିକ ପଦ ହୋଇଥିବାରୁ ଏହା ନୀତି, ନିୟମ, ପରମ୍ପରା ଓ ସାମ୍ବିଧାନିକ ମୂଲ୍ୟବୋଧ ଦ୍ୱାରା ନିୟନ୍ତ୍ରିତ। ସେ ପଦର ଗରିମା ରକ୍ଷା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ।

ରାଜ୍ୟର ଉତ୍ତରାଞ୍ଚଳର ସବୁ ଆସନ ଅତ୍ୟନ୍ତ ଉତ୍ତେଜନା ପ୍ରବଣ। ଏଠାରେ କଂଗ୍ରେସ, ବାମପନ୍ଥୀ, ତୃଣମୂଳ ଓ ବିଜେପି ପରସ୍ପରର ପରମ ଶତ୍ରୁ। ସେଥିମଧ୍ୟରୁ କୁଚବିହାର ଅତିଶୟ ହିଂସାପ୍ରବଣ। ଆଜି ହେଉଥିବା ତିନିଟି ଲୋକସଭା ଆସନ ପାଇଁ ଭୋଟଗ୍ରହଣରେ ୩୭ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ବିଜେପି, ତୃଣମୂଳ ଓ ବାମପନ୍ଥୀଙ୍କ ମଧ୍ୟରେ ଲଢ଼େଇ ମୁଖ୍ୟତଃ ହେଉଛି। ତେବେ ପ୍ରାକ୍‌ନିର୍ବାଚନ ହିଂସାକାଣ୍ଡରେ ସେଠାରେ ରକ୍ତର ହୋରି ଖେଳ ଆରମ୍ଭ ସହିତ ଅନେକ ମୃତାହତ ହେଲେଣି। ଏହି ପ୍ରକ୍ରିୟା ବିଭିନ୍ନ ଦଳର କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ନିର୍ବାଚନ ପରବର୍ତ୍ତୀ କିଛି କାଳ ଯାଏଁ ଯେ ଚାଲିବ, ତାହା ଅତୀତର ତିକ୍ତ ଅଭିଜ୍ଞତାରୁ ଆଶଙ୍କା ପ୍ରକାଶ ପାଇଛି।

ନିର୍ବାଚନକୁ ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ନିର୍ବାଚନ ଆୟୋଗ ଏହି ତିନିଟି ଆସନରେ ୨୫୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ସମେତ ୧୦ ହଜାର ସଶସ୍ତ୍ର ନିରାପତ୍ତା ରକ୍ଷୀଙ୍କୁ ମୁତୟନ କରିଛନ୍ତି। ଏହି ତିନିଟି ଆସନରେ ମୋଟ୍ ୫୮୧୪ ବୁଥ୍ ରହିଥିବା ବେଳେ ସେଥିରୁ ୧୮୬୨ଟି ଉତ୍ତେଜନା ପ୍ରବଣ। ତେଣୁ ନିରାପତ୍ତା ବ୍ୟବସ୍ଥାରେ କିଛି ଢିଲା ଥିବା ଭଳି ମନେ ହୁଏ ନାହିଁ। ସେଠାରେ ଅନେକ ଭୋଟର ଆକ୍ରମଣ ଭୟରେ ଭୋଟ୍ ଦେବାକୁ ଆସନ୍ତି ନାହିଁ। ତେଣୁ ତାହାର ସୁଯୋଗ ନେଇ ପ୍ରକ୍ସି ଭୋଟ୍ ପ୍ରଭାବଶାଳୀ ପକ୍ଷ କରନ୍ତି। ଏକାମ ରୋକିବା ଦାୟିତ୍ୱ ପୁଲିଂ ପାର୍ଟି ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କର। ଆମର ନମ୍ର ମତ ହେଲା ନିର୍ବାଚନ ଆୟୋଗଙ୍କୁ ତାଙ୍କ କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ କରିବାକୁ ସୁଯୋଗ ଦିଆଯାଉ ଓ ଏଥିରେ ବାହ୍ୟ ହସ୍ତକ୍ଷେପ କିମ୍ବା ପ୍ରତିବନ୍ଧକ ସୃଷ୍ଟି କରା ନ ଯାଉ। ଉଭୟ ରାଜ୍ୟ ପ୍ରଶାସନ ଓ ରାଜ୍ୟପାଳ ଏଥିରେ ନିରପେକ୍ଷ ରହିବା ଗଣତନ୍ତ୍ର ପାଇଁ ଅନୁକୂଳ।

# ଶିକ୍ଷା ବ୍ୟବସ୍ଥା ଓ ନିଯୁକ୍ତି ସମସ୍ୟା



ଶ୍ରୀବତ୍ସ ନାୟକ
କଟକ, ମୋ: ୯୪୩୮୦୭୦୮୪୯

ଗତ ମାର୍ଚ୍ଚ ମାସରେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ(ଆଇଏଲଓ) ପକ୍ଷରୁ ବେକାରି ହାର ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା ସେଥିରେ ଭାରତ ସମ୍ପର୍କରେ ଏକ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ସର୍ଭେ ରିପୋର୍ଟ ଦର୍ଶାଇଛି ଯେ ଦେଶରେ ଦିନକୁ ଦିନ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହା ଏବେ ଏକ ସାମାଜିକ ବ୍ୟାଧି ଭାବେ ଉଭା ହେଲାଣି। କେବଳ ସେତିକି ନୁହେଁ, ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଶିକ୍ଷିତମାନଙ୍କଠାରେ ବେକାରି ହାର ଅଧିକ। ନିରକ୍ଷର ବା ଅକ୍ଷର ପଢ଼ି କିମ୍ବା ଲେଖିପାରୁ ନଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୩.୪ ପ୍ରତିଶତ। ଅଥଚ ସ୍ନାତକମାନଙ୍କ କ୍ଷେତ୍ରରେ ବେକାରି ହାର ୨୯.୧ ପ୍ରତିଶତ। ଅର୍ଥାତ୍ ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ ବେକାରି ଆଶଙ୍କା ପ୍ରାୟ ୯ ଗୁଣା ଅଧିକ। ସେହିଭଳି ମାଧ୍ୟମିକ କିମ୍ବା ତଦୂର୍ଦ୍ଧ୍ୱ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୧୮.୪ ପ୍ରତିଶତ ବା ନିରକ୍ଷରଙ୍କ ତୁଳନାରେ ୬ ଗୁଣା ଅଧିକ। ବିଶେଷତଃ, ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ବେକାରି ସମସ୍ୟା ସମୟାନୁକ୍ରମେ ଅଧିକ ଜଟିଳ ହୋଇଛି। ଯୁବକମାନଙ୍କ ମଧ୍ୟରେ ବେକାରି ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି। ସେହିପରି ରିପୋର୍ଟର ତଥ୍ୟ ଅନୁସାରେ ଭାରତରେ ଶିକ୍ଷିତ ଯୁବକମାନଙ୍କ ନିଯୁକ୍ତି ହାର ଆନୁଷ୍ଠାନିକ କ୍ଷେତ୍ର ଅପେକ୍ଷା ଅଣଆନୁଷ୍ଠାନିକ କ୍ଷେତ୍ରରେ ଅଧିକ।

ସାମ୍ପ୍ରତିକ ସ୍ଥିତିରେ ଶିକ୍ଷିତଙ୍କ କ୍ଷେତ୍ରରେ ରୋଜଗାରର ପନ୍ଥା ଖୋଜିବା ଏକ କଷ୍ଟକର ବ୍ୟାପାର ହୋଇ ପଡ଼ିଲାଣି। ପାଠ ନ ପଢ଼ିଲେ କିମ୍ବା ଜ୍ଞାନ ଆହରଣ ନ କଲେ ଜଣେ ବ୍ୟକ୍ତି ସାଧାରଣତଃ ରୋଜଗାରକ୍ଷମ ହୋଇ ନ ପାରେ, କିନ୍ତୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ କୌଣସି କର୍ମ ସଂସ୍ଥାନରେ ଯୋଗ ନଦେଇ ବେକାରୀ ଭାବେ ଜୀବନ ବିତାଇବା ନିଶ୍ଚିତ ରୂପେ ଶିକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଦେଶରେ ଶିକ୍ଷିତ ଯୁବକଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଅଣଶିକ୍ଷିତମାନଙ୍କ ପାଇଁ କର୍ମସଂସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତରେ ଅନେକ ଯୋଜନା ପ୍ରଣୟନ ହୋଇଥିଲେ ମଧ୍ୟ ଶିକ୍ଷିତ ବେକାରୀ ହଟାଇବାରେ ସମର୍ଥ ହୋଇପାରି ନାହିଁ। ଭାରତ 'ବିଶ୍ୱଗୁରୁ' ଆଡ଼କୁ ଅଗ୍ରସର ହେଉଥିବା କୁହାଯାଉଥିବା ବେଳେ ବେକାରୀ ସମସ୍ୟାକୁ ନେଇ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ରିପୋର୍ଟ ରାଜନୈତିକ କ୍ଷେତ୍ରଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

ବୈଦିକ ଯୁଗରୁ ଭାରତ ସଦାସର୍ବଦା ତା'ର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି। ଭାରତର ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବପୁରାତନ ଭାବେ ସର୍ବଜନବିଦିତ। ବ୍ରିଟିଶ ଶାସନ ପୂର୍ବରୁ ଭାରତର ଶିକ୍ଷା ବ୍ୟବସ୍ଥାରେ ଜାତି, ଧର୍ମ, ବର୍ଣ୍ଣର କୌଣସି ଭେଦଭାବ ନଥିଲା। ଅଧିକାଂଶ ଲୋକ ଶିକ୍ଷିତ ଥିଲେ। ତତ୍କାଳୀନ ଶିକ୍ଷା ବ୍ୟବସ୍ଥା କୌଶଳ, ଶୃଙ୍ଖଳା, ଦକ୍ଷତା, କର୍ମ ଓ ଆତ୍ମନିର୍ଭରଶୀଳ କୈନ୍ଦ୍ରିକ ଥିଲା। ଶିକ୍ଷାକୁ ଜ୍ଞାନର ଏକ ମାଧ୍ୟମ ଭାବେ ଗ୍ରହଣ କରାଯାଉଥିଲା। ବ୍ରିଟିଶ ଶାସନ କାଳରେ ଭାରତର ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ ହେବା ଆରମ୍ଭ ହେଲା। ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ମଧ୍ୟରେ ଭାରତର ଶିକ୍ଷା ବ୍ୟବସ୍ଥାରେ ରାଧାକ୍ରିଷ୍ଣନ କମିଶନ, କୋଠାରୀ କମିଶନ୍, ମୁଦାଲୀୟର କମିଶନ୍, ୟଶପାଲ୍ କମିଶନ୍ ସମେତ ଆହୁରି ଅନେକ କମିଶନ୍‌ଙ୍କ ସୁପାରିସକ୍ରମେ ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଅନେକ ନୀତି ଧାର୍ଯ୍ୟ କରାଯାଇଛି। ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୀତ ହୋଇଛି। ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷର ଲମ୍ବା ଯାତ୍ରା ମଧ୍ୟରେ ଭାରତରେ ଅନେକ କିଛି ପରିବର୍ତ୍ତନ ହୋଇଛି। ସରକାର ବଦଳିଛି ଏବଂ ଅନୁରୂପ ଭାବେ ଯୋଜନାରେ ମଧ୍ୟ ପରିବର୍ତ୍ତନ ହୋଇଛି, କିନ୍ତୁ ଯେଉଁ ଶିକ୍ଷା ବ୍ୟବସ୍ଥା ଏକ ରାଷ୍ଟ୍ରର ମେରୁଦଣ୍ଡ ସଦୃଶ ସେ ବିଭାଗରେ ଆମେ କେଉଁଠି ନା କେଉଁଠି ବିଫଳ ହୋଇଛେ ବୋଲି ବିଭିନ୍ନ ରିପୋର୍ଟ ଆଧାରରେ ଏକ ଧାରଣା ସୃଷ୍ଟି ହେଉଛି।

'ଅଲ୍ ଇଣ୍ଡିଆ ସର୍ଭେ ଅନ ହାୟର ଏଜୁକେଶନ'ର ରିପୋର୍ଟ ଅନୁସାରେ ୨୦୧୬-୧୭ ଶିକ୍ଷାବର୍ଷରେ ଆମ ଦେଶରେ ସମୁଦାୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮୬୪ ଥିବା ବେଳେ ୨୦୨୦-୨୧ରେ ଏଥିରେ ୨୮.୮ ପ୍ରତିଶତ ବୃଦ୍ଧି ପାଇ ୧୧୧୩ ହୋଇଥିଲା। ଏହି ପାଞ୍ଚବର୍ଷ ମଧ୍ୟରେ ମହାବିଦ୍ୟାଳୟ ସଂଖ୍ୟା ୪୦, ୦୨୬ରୁ ୯.୪ ପ୍ରତିଶତ ବୃଦ୍ଧି ପାଇ ୪୩, ୭୯୬ ହୋଇଥିଲା। ଶିକ୍ଷାନୁଷ୍ଠାନର ସଂଖ୍ୟା ବୃଦ୍ଧି ସାଙ୍ଗକୁ ପ୍ରତିବର୍ଷ ଭାରତରେ ସ୍ନାତକ ଡିଗ୍ରୀ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଉଛି। ୧୯୯୧ରେ ଭାରତ ଆପଣାଇଥିବା ନୂତନ ଅର୍ଥନୀତିରେ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଯୋଗୁଁ ଉଦ୍ୟୋଗ କ୍ଷେତ୍ରରେ ପ୍ରତିବର୍ଷ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଥିଲେ ମଧ୍ୟ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସ୍ନାତକଧାରୀମାନେ ବଜାରର ଚାହିଦାକୁ ପୂରଣ ନ କରିପାରି ରୋଜଗାରକ୍ଷମ ହୋଇପାରୁ ନାହାନ୍ତି। ଏହା ପ୍ରମାଣ କରୁଛି ଯେ ଆମ ଦେଶର ଶିକ୍ଷା ବ୍ୟବସ୍ଥା ଗୁଣାତ୍ମକ ଅପେକ୍ଷା ଅଧିକ ପରିମାଣାତ୍ମକ ହୋଇଯାଇଛି। ନ ହେଲେ ଦେଶରେ ଚତୁର୍ଥ ଶ୍ରେଣୀ ପଦ ପାଇଁ ପିଏଚଡି ଓ ଇଞ୍ଜିନିୟର ଡିଗ୍ରୀଧାରୀମାନେ ଆବେଦନ କରୁଥିବାର ଖବର ପ୍ରକାଶ ପାଉ ନ ଥା'ନ୍ତା।

ସାମ୍ପ୍ରତିକ ପ୍ରତିଯୋଗିତା ବଜାର ସହିତ ତାଳ ଦେଇ ଶିକ୍ଷାବ୍ୟବସ୍ଥାରେ ସୃଜନାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇପାରୁ ନ ଥିବା ଯୋଗୁଁ ନିଯୁକ୍ତି ବା ରୋଜଗାରର ପନ୍ଥା ସଂକୁଚିତ ହୋଇଆସୁଛି। ତେଣୁ ନିଯୁକ୍ତି ନ ପାଇଁ ବହୁଯୁବକ ହତୋତ୍ସାହିତ ହୋଇ ଆତ୍ମହତ୍ୟା ଭଳି ଘୃଣ୍ୟ ପନ୍ଥା ଆପଣେଇ ନେଉଛନ୍ତି। ଗ୍ଲୋବାଲ ଆଇଆଇଟି ଆଲୁମିନି ସପୋର୍ଟ ଗ୍ରୁପର ପ୍ରତିଷ୍ଠାତା ଧୀରଜ ସିଂଙ୍କ ମତରେ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରତିଯୋଗିତା ମଧ୍ୟରେ ପ୍ରବେଶିକା ପରୀକ୍ଷା ଦେଇ ଭାରତର ପ୍ରତିଷ୍ଠିତ ଆଇଆଇଟିରେ ଅଧ୍ୟୟନ କରୁଥିବା ୩୦ ରୁ ୪୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ନିଯୁକ୍ତିକୁ ନେଇ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। କଠିନ ପରିଶ୍ରମ ସତ୍ତ୍ୱେ ଚାକିରି ନପାଇ ଛାତ୍ରଛାତ୍ରୀମାନେ ମାନସିକ ଚାପରେ ରହୁଛନ୍ତି। ଭାରତର ଉଚ୍ଚଶିକ୍ଷା ତୁଳନାତ୍ମକ ଭାବେ ବିଦେଶର ଶିକ୍ଷାଠାରୁ ଢେର ଶସ୍ତା ହେଲେ ମଧ୍ୟ ଭାରତର ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ କାନାଡ଼ା, ସିଙ୍ଗାପୁର, ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ ଆଦି ଦେଶକୁ ଚାଲି ଯାଉଛନ୍ତି। ବିଶ୍ୱଗୁରୁ ଭାବେ ଭାରତ ଆଗକୁ ବଢୁଥିବା ସମୟରେ ଭାରତର ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ଶହେ ମଧ୍ୟରେ ସ୍ଥାନ ନପାଇବା, ଶିକ୍ଷା ପାଇଁ ବ୍ୟୟବରାଦ ଆଶାନୁରୂପ ଭାବେ ବୃଦ୍ଧି ନପାଇବା ଆମ ଶିକ୍ଷା ବ୍ୟବସ୍ଥାର ଆଉ ଏକ ବ୍ୟତିକ୍ରମ। କୋଭିଡ୍ ବିଶ୍ୱମହାମାରୀ ସମୟରେ କେତେକ ଜରୁରିକାଳୀନ ସେବା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିଥିଲେ ସରକାର। ସରକାରଙ୍କ ଦୃଷ୍ଟିରେ ବୋଧହୁଏ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇ ନ ଥିବାରୁ ବିକଳ୍ପ ଶିକ୍ଷା ବ୍ୟବସ୍ଥାକୁ ଆପଣାଇବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ପାଠ୍ୟ ଖସଡ଼ାକୁ କାଣ୍ଟଛାଣ୍ଟ କରି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। କିନ୍ତୁ ପୂର୍ବ ପାଠ୍ୟ ଖସଡ଼ା ସଂଯୋଜିତ ବିଷୟଗୁଡ଼ିକ କିଭଳି ଛାତ୍ରଛାତ୍ରୀମାନେ ପଢ଼ିବେ ତାହାକୁ ନେଇ କୌଣସି ନିଷ୍ପତ୍ତି ନିଆଗଲା ନାହିଁ। ତେଣୁ କୋଭିଡ୍ ମହାମାରୀରେ ଶିକ୍ଷାକ୍ଷେତ୍ର ଗୁରୁତର ପ୍ରଭାବିତ ହୋଇଥିବା ବେଳେ ତାହାର ଭରଣା ମଧ୍ୟ ହୋଇପାରିଲା ନାହିଁ। ଅତୀତରେ ଅନେକ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ମଧ୍ୟ ପରୀକ୍ଷାରେ ବିଳମ୍ବ, ଫଳପ୍ରକାଶରେ ବିଳମ୍ବ ଆଦି ଅସୁବିଧାର ସମ୍ମୁଖୀନ ହୋଇଛି ଶିକ୍ଷାକ୍ଷେତ୍ର। କେବଳ ସେତିକି ନୁହେଁ, ଦେଶର ଅଧିକାଂଶ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ରହିବା, ନିୟମିତ ବେତନ ପାଇଁ ଶିକ୍ଷକମାନଙ୍କ ଆନ୍ଦୋଳନ, ଶିକ୍ଷକମାନଙ୍କର ଶ୍ରେଣୀବିଭକ୍ତ, ସେମାନଙ୍କର ନିୟମିତ ପଦୋନ୍ନତିରେ ଅନିୟମିତତା, ଶିକ୍ଷାନୁଷ୍ଠାନରେ ଅତ୍ୟଧିକ ରାଜନୈତିକ ହସ୍ତକ୍ଷେପ, କଡ଼ା ସୁରକ୍ଷା ସତ୍ତ୍ୱେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେବା, ପରୀକ୍ଷା ଖାତା ମୂଲ୍ୟାୟନରେ କୋହଳ ମନୋଭାବ ଆଦି ଯୋଗୁଁ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଫଳରେ ଶିକ୍ଷିତ ହୋଇ ମଧ୍ୟ ଛାତ୍ରଛାତ୍ରୀମାନେ ଆଶାନୁରୂପ କର୍ମନିଯୁକ୍ତି ପାଇପାରୁ ନାହାନ୍ତି, ଯାହା ବେକାରୀ ସମସ୍ୟାକୁ ଆହୁରି ଉତ୍କଟ କରୁଛି।

ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଶର ବେକାରୀ ସମସ୍ୟାକୁ ନେଇ ଏକଦା କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ଭାରତୀୟ ଶିକ୍ଷା ବ୍ୟବସ୍ଥା ଭାରତୀୟ ଅର୍ଥନୀତିର ବିକାଶ ଉପରେ ଖୁବ୍ ଶୀଘ୍ର ପ୍ରଭାବ ପକାଇବ। ଏବେ ସମୟ ଆସିଛି ଏ ବାବଦରେ ଆମକୁ ସଚେତନ ହେବାକୁ ପଡ଼ିବ। ଉପଯୁକ୍ତ ଭିତ୍ତିଭୂମି ସଙ୍ଗଠନା ଆଧାରରେ ଶିକ୍ଷାନୁଷ୍ଠାନ ଖୋଲିବା, ପରିମାଣାତ୍ମକ ଶିକ୍ଷା ପରିବର୍ତ୍ତେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଡ୍ରପ୍ ଆଉଟ ହାରକୁ ହ୍ରାସ କରିବା, ଶିକ୍ଷା ନୀତିରେ ନୀତିଶିକ୍ଷାର ପ୍ରୟୋଗ କରିବା, ଘୋଷାପାଠ ତଥା ନୋଟ ବୁକ୍ ଧରି ପଢ଼ିବା ଅଭ୍ୟାସରୁ ଶିକ୍ଷାର୍ଥୀମାନଙ୍କୁ ମୁକ୍ତ କରିବା, ଯୁବବର୍ଗଙ୍କ ଧନ୍ଦାମୂଳକ ଶିକ୍ଷା ତଥା ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା, ପ୍ରତିଯୋଗିତାମୂଳକ ଶିକ୍ଷାରୁ ଦୂରେଇ ଜୀବିକାର୍ଜନମୂଳକ ଶିକ୍ଷାକୁ ଆପଣାଇବା, ନିର୍ଭରଶୀଳ ଶିକ୍ଷାନୀତି ବଦଳରେ ଆତ୍ମନିର୍ଭରଶୀଳ ଶିକ୍ଷାନୀତି ପ୍ରଣୟନ କରିବା ଏବଂ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଆଦିର ଉପଯୁକ୍ତ କାର୍ଯ୍ୟାନ୍ୱୟନ ହେଲେ ହୁଏତ ଭବିଷ୍ୟତରେ ବର୍ତ୍ତମାନର ସ୍ଥିତି କିଛିମାତ୍ରାରେ ପରିବର୍ତ୍ତନ ହୋଇପାରେ। ନ ହେଲେ ଆମେ ଏକ ଦ୍ୱନ୍ଦ୍ୱ ଭିତରେ ଘାଣ୍ଟି ହେଉଥିବା ଯେ ଆମେ ଶିକ୍ଷିତ ବେକାର ନା ବେକାର ଶିକ୍ଷିତ? ଆମେରିକାର ପ୍ରସିଦ୍ଧ ଦାର୍ଶନିକ ଖଲିଲ୍ ଜିବ୍ରାନଙ୍କ ମତରେ 'ଯେଉଁ ଶିକ୍ଷା ଓ ବିଶ୍ୱାସ ସାରାଜୀବନ ଖାଲି କଷଣ ଦିଏ, ସେହି ଶିକ୍ଷା ଓ ବିଶ୍ୱାସକୁ ଶତଧିକ୍।' ତେଣୁ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ।

# ଅସାଧୁ ବଜାର, ନିରୀହ ଉପଭୋକ୍ତା



ଅନନ୍ତ ଚରଣ ସ୍ୱାଇଁ
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

ଅସାଧୁ-ବିକ୍ରୟ ହେଉଛି ଗ୍ରାହକ ବା ଉପଭୋକ୍ତାକୁ ଅନ୍ଧାରରେ ରଖି ଜଣେ ଉତ୍ପାଦକ ବା ସେବା ପ୍ରଦାନକାରୀ ଚତୁରତାର ସହ ବା ଠକି ନିଜ ଉତ୍ପାଦ ବା ସେବାକୁ ବିକ୍ରୟ କରିବା ଏବଂ ଗ୍ରାହକଟିଏ ଉକ୍ତ ଦ୍ରବ୍ୟ ଓ ସେବାର ସତ୍ୟାସତ୍ୟ ଅନୁସନ୍ଧାନ ନ କରି ଗ୍ରହଣ କରିନେବା ବା କିଣି ନେବା ହେଉଛି 'ଅପବ୍ୟୟ'। ବିଶେଷକରି ଆର୍ଥିକ ସେବା କ୍ଷେତ୍ରରେ ଜୀବନ ବୀମା ପଲିସିରେ ଏଭଳି ଅସାଧୁ-ବିକ୍ରୟ ଅଧିକ ହେଉଥିବା ଦେଖାଯାଏ। ଭାରତୀୟ ବୀମା ନିୟାମକ ଓ ବିକାଶ ପ୍ରାଧିକରଣର କଟକଣା ସତ୍ତ୍ୱେ ବୀମା କ୍ଷେତ୍ରରେ ଏଭଳି ଅସାଧୁ-ବିକ୍ରୟ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରାଧିକରଣର ବାର୍ଷିକ ବିବରଣୀରୁ ପ୍ରାପ୍ତ ତଥ୍ୟ ଓ ସୂଚନା ଅନୁଯାୟୀ, ବୀମା କମ୍ପାନୀମାନଙ୍କ ବିରୁଦ୍ଧରେ ୨୦୨୨-୨୩ ରେ ଆସିଥିବା ମୋଟ ୧୨୭୩୭୮ଟି ଅଭିଯୋଗ ମଧ୍ୟରୁ ୨୬୧୦୭ଟି ବୀମା ଅସାଧୁ-ବିକ୍ରୟ ସମ୍ବନ୍ଧିତ। ସେହିପରି ରାଷ୍ଟ୍ରାୟତ୍ତ ଓ ଘରୋଇ ବୀମା କମ୍ପାନୀ ବିରୁଦ୍ଧରେ ଆସିଥିବା ଅଭିଯୋଗ ସଂଖ୍ୟା ଯଥାକ୍ରମେ ୨୯୭୮ ଓ ୨୬୧୦୭। ଏଥିରୁ ସ୍ପଷ୍ଟ ଯେ ଘରୋଇ ବୀମା କମ୍ପାନୀଗୁଡ଼ିକରେ ଅଧିକ ସଂଖ୍ୟାରେ ଜୀବନ ବୀମା ପଲିସିର ଅସାଧୁ-ବିକ୍ରୟ ହେଉଛି।

ଗ୍ରାହକମାନଙ୍କ ସୁବିଧା ପାଇଁ ଜୀବନ ବୀମା ପଲିସି ବ୍ୟାଙ୍କ ଶାଖା ମାଧ୍ୟମରେ ବିକ୍ରୟ କରାଯାଉଛି। ନୂଆ ଋଣ ହେଉ, ଲକର ଦେବା ଆଳରେ ହେଉ ବା ଅଧିକ ରିଟର୍ଣ୍ଣ ମିଳିବା ଆଶାର ମିଥ୍ୟା ପ୍ରତିଶ୍ରୁତି ଦେଇ ବୀମା ବିକ୍ରୟ କରାଯାଏ। ଗ୍ରାହକ ନିଜର ସଞ୍ଚିତ ଅର୍ଥକୁ ବ୍ୟାଙ୍କରେ ରଖିଥିବାରୁ ସ୍ୱାଭାବିକ ଭାବେ ବ୍ୟାଙ୍କ କର୍ମଚାରୀଙ୍କ ସହ ସମ୍ପର୍କକୁ ତିକ୍ତ କରିବାକୁ ଚାହେଁନି। ଏଣୁ ଅନେକ ସମୟରେ ବାଧ୍ୟ ହୋଇ ସେମାନଙ୍କର କହିବା ଅନୁଯାୟୀ ନିଜର ଜମା ଟଙ୍କା ନିବେଶ କରିଥାଏ। ପରେ ଜାଣିବାକୁ ପାଏ ଯେ ଜୀବନ ବୀମାରେ ଜରିଆରେ ତା'ର ସଞ୍ଚିତ ଜମା ଅର୍ଥକୁ ଉପଯୁକ୍ତ କ୍ଷେତ୍ରରେ ବିନିଯୋଗ କରାଯାଇନାହିଁ। ଜୀବନ ବୀମା ବିକ୍ରୟ କରିବା ଭୁଲ ନୁହେଁ। କିନ୍ତୁ ବିକ୍ରି ସମୟରେ ବୀମାର ଆବଶ୍ୟକତା, ବୀମାରେ ମିଳୁଥିବା ବିଭିନ୍ନ ସୁବିଧା, ବୀମାର ଭବିଷ୍ୟତ କିସ୍ତି ଦେବା ପାଇଁ ଗ୍ରାହକର ଆର୍ଥିକ ସାମର୍ଥ୍ୟ ଏବଂ ବୀମା ସମ୍ବନ୍ଧିତ ସମସ୍ତ ତଥ୍ୟ ଓ ସର୍ତ୍ତ ପ୍ରାଞ୍ଜଳ ଭାବେ ଗ୍ରାହକକୁ ବୁଝାଇବା ଦରକାର।

ବ୍ୟାଙ୍କରେ ବୀମା ଅସାଧୁ-ବିକ୍ରୟର ମୁଖ୍ୟକାରଣଗୁଡ଼ିକ ହେଲା, ଅତ୍ୟଧିକ ବ୍ୟବସାୟିକ ଚାପ, କର୍ମଚାରୀଙ୍କୁ ପଦୋନ୍ନତିର ଆଶା, ବିଦେଶ ଭ୍ରମଣର ଲାଳସା ପରି ପ୍ରଲୋଭନ, କର୍ମଚାରୀଙ୍କ ଉପରେ ଅତ୍ୟଧିକ ଚାପ, ସେମାନଙ୍କୁ ଚାକିରିରୁ ବାହାର କରିଦେବାର ଧମକ ଆଦି ଜରିଆରେ ଆଗଧାଡ଼ିର କର୍ମଚାରୀଙ୍କ ଦ୍ୱାରା ଜୀବନ ବୀମା ବିକ୍ରୟ କରାଯାଉ ଥିବାରୁ ଏହାର ଅସାଧୁ-ବିକ୍ରୟ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ବୀମାର ଅସାଧୁ-ବିକ୍ରୟ ଦ୍ୱାରା ଗ୍ରାହକକୁ



କ୍ଷତି ସହିବାକୁ ପଡ଼େ ଏବଂ ଆର୍ଥିକ ବିକାଶରେ ବିଘ୍ନ ଘଟିଥାଏ। ସେହିପରି ବିଭ୍ରାନ୍ତିକର ବିଜ୍ଞାପନ ମାଧ୍ୟମରେ କୌଣସି ଏକ ଦ୍ରବ୍ୟ ବା ସେବାକୁ ଉଚ୍ଚ ମାନର ବୋଲି ଉପସ୍ଥାପନା କରାଯାଏ ଓ ଫଳରେ ଗ୍ରାହକ ଏଥିପ୍ରତି ଆକୃଷ୍ଟ ହୋଇ ଅସାଧୁ-ବିକ୍ରୟର ଶିକାର ହୋଇଥାଏ।

ଅସାଧୁ-ବିକ୍ରୟକୁ ନେଇ ସୁନ୍ଦର କାହାଣୀଟିଏ ଅଛି। - ବିଞ୍ଚଣା ବିକିବା ପାଇଁ ଜଣେ ଲୋକ ସହରର ଗଳି କନ୍ଦିରେ ଡାକି ଡାକି ଚାଲିଥାଏ - 'ଅଦ୍ଭୁତ ବିଞ୍ଚଣା, ଗୋଟିକୁ ଶହେ ଟଙ୍କା'। ବିକାଳିର ଡାକ ରାଜାଙ୍କ କାନରେ ପଡ଼ିଲା। ସେ ବିକାଳିକୁ ଡାକି ପଚାରିଲେ, 'କ'ଣ ପାଇଁ ବିଞ୍ଚଣାର ମୂଲ୍ୟ ଶହେ ଟଙ୍କା?' ବିକାଳି ହାତଯୋଡ଼ି କହିଲା, 'ହଜୁର! ଏହି ବିଞ୍ଚଣାର ବିଶେଷତ୍ୱ ହେଲା ଏହା ଶହେ ବର୍ଷ ପର୍ଯ୍ୟନ୍ତ କାମ କରିବ।' ରାଜା କହିଲେ, 'ଠିକ ଅଛି, ତମ କଥାକୁ ବିଶ୍ୱାସ କରି ବିଞ୍ଚଣାଟିଏ ନେଉଛି। ଯଦି ଏହା ଶହେ ବର୍ଷ ଭିତରେ ଭାଙ୍ଗି ଯାଏ ତେବେ ତମର ମୁଣ୍ଡକାଟ ହେବ।' ବିକାଳି ଶହେ ଟଙ୍କାରେ ରାଜାଙ୍କୁ ବିଞ୍ଚଣାଟି ବିକି ସେଠାରୁ ଚାଲିଗଲା। ସପ୍ତାହକ ଭିତରେ ବିଞ୍ଚଣାଟି ଭାଙ୍ଗିଗଲା। ରାଜାଙ୍କ ଆଦେଶ ଅନୁଯାୟୀ ବିଞ୍ଚଣା ବିକାଳିକୁ ରାଜାଙ୍କ ଆଗରେ ହାଜର କରାଗଲା। ରାଜା ବିଞ୍ଚଣା ବିକାଳିକୁ କହିଲେ, 'ତମେ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଚଣା ବିକିଛ। ଶହେ ବର୍ଷ ବଦଳରେ ମାତ୍ର ଦିନ କେଇଟାରେ ବିଞ୍ଚଣାଟି ଭାଙ୍ଗିଗଲା। ଏଥିପାଇଁ ତମକୁ ମୃତ୍ୟୁଦଣ୍ଡ ଦିଆଯିବ।' ବିକାଳି ନତମସ୍ତକ ହୋଇ କହିଲା, 'ହଜୁର! ଏହା କେବେ ସମ୍ଭବ ନୁହେଁ। ବିଞ୍ଚଣାଟି ଶହେବର୍ଷରୁ ଅଧିକ ଦିନ ଚାଲିବ। ଦୟାକରି କୁହନ୍ତୁ, ବିଞ୍ଚଣାର ବ୍ୟବହାର କିପରି କରୁଥିଲେ?' ବିଞ୍ଚଣାକୁ ହାତରେ ଧରି ଯେପରି ଘୂରାଯାଏ ଠିକ ସେହିପରି କରି ରାଜା ବିକାଳିକୁ ଦେଖାଇଲେ। ଏହାଦେଖି ବିକାଳି କହିଲା, 'ହଜୁର! କ୍ଷମା କରିବେ। ଆପଣ ବିଞ୍ଚଣାଟିକୁ ଠିକ ଭାବରେ ବ୍ୟବହାର କରିନାହାନ୍ତି। ସେଥିପାଇଁ ଏହା ଦିନ କେଇଟାରେ ଭାଙ୍ଗିଗଲା। ବିଞ୍ଚଣାଟିକୁ ସ୍ଥିର ଭାବରେ ମୁଣ୍ଡ ଆଗରେ ଧରି ତା'ପରେ ନିଜ ମୁଣ୍ଡକୁ ଏପଟ ସେପଟ କରିବାକୁ ପଡ଼ିବ। ଏହାଦ୍ୱାରା ନିଜ ଦେହରେ ପବନ ବାଜିବା ସହ ବିଞ୍ଚଣାଟି ଶହେ ବର୍ଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିବ।' ବିକାଳିର ଏପରି ଯୁକ୍ତି ଆଦୌ ଗ୍ରହଣୀୟ ନୁହେଁ। ଏହା ଅସାଧୁ-ବିକ୍ରୟର ଏକ ଜ୍ୱଳନ୍ତ ଉଦାହରଣ।

ଅପରପକ୍ଷରେ ଅପବ୍ୟୟକୁ ଆହୁରି ପ୍ରାଞ୍ଜଳ ଭାବେ ବୁଝିବାକୁ ହେଲେ - ଏକ ଦ୍ରବ୍ୟ ବା ସେବାର ଗୁଣାତ୍ମକ ମାନ ଓ ବ୍ୟାବହାରିକ ଦିଗ ପ୍ରତି ଧ୍ୟାନ ନଦେଇ ସେଗୁଡ଼ିକ କିଣିବା, ଅଦରକାରୀ ଜିନିଷ କିଣିବା, ଆବଶ୍ୟକଠାରୁ ଅଧିକ କିଣିବା, ବିଭିନ୍ନ ପ୍ରକାରର ଅଫରର ପ୍ରକୃତ ଲାଭ-କ୍ଷତିକୁ ଧ୍ୟାନ ନଦେଇ ସେଗୁଡ଼ିକ କିଣିନେବା, ନିଜକୁ ଅନ୍ୟମାନଙ୍କ ଆଗରେ ବଡ଼ ବୋଲି ଦେଖେଇହେବା ପାଇଁ କିଣିବା ଇତ୍ୟାଦି। ଏବେ ଏହି ଅପବ୍ୟୟକୁ ଖୋରାକ ଯୋଗାଉଛି କ୍ରେଡିଟ କାର୍ଡ ଓ ମାସିକିଆ କିସ୍ତିର ସୁବିଧା। ଅସାଧୁ-ବିକ୍ରିୟ, ଅପବ୍ୟୟ ଓ ପ୍ରେରଣା କ୍ରୟ(ଇମ୍ପଲସ ବାଇଂ) ଆର୍ଥିକ ବିକାଶରେ ପ୍ରତିବନ୍ଧକ ଆଣିଥାଏ। ପୂର୍ବ ପ୍ରସ୍ତୁତି ନଥାଇ ହଠାତ କୌଣସି ଜିନିଷ ପ୍ରତି ଆକର୍ଷିତ ହେବା ଓ ଏହାର ବ୍ୟବହାରିକ ଦିଗକୁ ଦୃଷ୍ଟି ନଦେଇ ଏହାକୁ କିଣିବା ହେଉଛି ପ୍ରେରଣା କ୍ରୟ।

ଅସାଧୁ-ବିକ୍ରୟ ସହିତ ଜଡ଼ିତ ଓ ପ୍ରୋତ୍ସାହିତ କରୁଥିବା ବ୍ୟାଙ୍କର ଉପରିସ୍ଥ ଅଧିକାରୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ଅସାଧୁ-ବିକ୍ରୟ ସଂଖ୍ୟା ହ୍ରାସ ପାଇପାରିବ। ଅପରପକ୍ଷରେ ଅପବ୍ୟୟ ଓ ପ୍ରେରଣା କ୍ରୟରୁ ନିଜକୁ ଦୂରେଇ ରଖିବା ପାଇଁ ନିଜ ମନ ଓ ଧନ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ। ଆର୍ଥିକ ବିଶାରଦମାନଙ୍କ ମତରେ ସପିଂମଲକୁ ଯିବା କମ କରିବା, କ୍ରେଡିଟ କାର୍ଡର ଯଥାସମ୍ଭବ କମ ବ୍ୟବହାର, ମାସିକ ବଜେଟ ପ୍ରସ୍ତୁତ କରି ସେହି ଅନୁସାରେ ବ୍ୟୟ କରିବା, ୫୦-୩୦-୨୦ର ନିୟମ ମାନି(ଆୟର ୫୦ ପ୍ରତିଶତ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ, ୩୦ ପ୍ରତିଶତ ବିଳାସପୂର୍ଣ୍ଣ ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ବାକି ୨୦ ପ୍ରତିଶତ ଜରୁରୀ ଖର୍ଚ୍ଚ, ସଞ୍ଚୟ, ନିବେଶ ଓ ଜୀବନର ଭିନ୍ନ ଲକ୍ଷ୍ୟ ହାସଲ ଇତ୍ୟାଦି) ଚଳିଲେ ଅପବ୍ୟୟ ଓ ପ୍ରେରଣା କ୍ରୟରୁ ନିଜକୁ ଦୂରେଇ ରଖିହେବ। କୌଣସି ଜିନିଷ କିଣିବା ପୂର୍ବରୁ ନିଜକୁ କେତୋଟି ପ୍ରଶ୍ନ ପଚାରିବା ଦରକାର। ଯଥା - ଜିନିଷଟି ସଙ୍ଗେ ସଙ୍ଗେ କିଣିବା ନିତାନ୍ତ ଜରୁରୀ? ଜିନିଷର ବ୍ୟବହାର ଦୃଷ୍ଟିରୁ ଏହାର ନିର୍ଦ୍ଧାରିତ କିଣା ମୂଲ୍ୟ କ'ଣ ଯଥାର୍ଥ? କିଣିବାକୁ ଋଣର ଆବଶ୍ୟକ ପଡ଼ିବ କି? କ୍ରୟକୁ ଅଣଦେଖା କରାଯାଇ ପାରିବ ନାହିଁ କି? ଇତ୍ୟାଦି। ଏହି ପ୍ରଶ୍ନଗୁଡ଼ିକର ଉତ୍ତରକୁ ବିଶ୍ଳେଷଣ କରି ତଦନୁଯାୟୀ ସଠିକ ନିଷ୍ପତ୍ତି ନେଲେ ଅପବ୍ୟୟ ଓ ପ୍ରେରଣା କ୍ରୟରୁ ନିଜକୁ ଦୂରେଇ ରଖିହେବ। ପ୍ରତ୍ୟେକ ବ୍ୟକ୍ତି ପ୍ରକାରାନ୍ତରେ ନିଜର ଆର୍ଥିକ ସମୃଦ୍ଧି ଚାହେଁ। ଆୟର ସଦୁପଯୋଗ ବ୍ୟକ୍ତିର ଆର୍ଥିକ ସମୃଦ୍ଧିରେ ସହାୟକ ହୋଇଥାଏ। ଅପରପକ୍ଷରେ ଆୟର ଦୁରୁପଯୋଗ ବ୍ୟକ୍ତିକୁ ଆର୍ଥିକ ସଙ୍କଟ ମଧ୍ୟକୁ ଟାଣିନିଏ। ଗରିବ ହେଉ ଅବା ଧନୀ ଉଭୟଙ୍କର ଆର୍ଥିକ ସ୍ଥିତି ନିଜ ନିଜ ବ୍ୟୟର ଚରିତ୍ର ଉପରେ ନିର୍ଭର କରିଥାଏ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**କେନ୍ଦୁଝରର ଫାଷ୍ଟଟ୍ରାକ୍ କୋର୍ଟଙ୍କ ଐତିହାସିକ ରାୟ**

# ଦୁଷ୍କର୍ମକାରୀକୁ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍

**କେନ୍ଦୁଝର, ୧୮ ।୪ (ସମିସ):** କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପରିସରରେ ଥିବା ତିନିଗୋଟି କୋର୍ଟରେ ଗୁରୁବାର ତିନୋଟି ବଡ଼ ମାମଲାର ବିଚାର ଶେଷ ହୋଇ ଦୋଷୀଙ୍କୁ ଦଣ୍ଡବିଧାନ ହୋଇଛି । ଜଣେ ନାବାଳିକାକୁ ଦୁଷ୍କର୍ମ କରି ଅନ୍ତସତ୍ତ୍ୱା କରିବା ଓ ପରେ ତା'ର ମୃତ୍ୟୁ ହୋଇଯିବା ମାମଲାରେ ବିଚାରପତି ଐତିହାସିକ ରାୟ ଦେଇଛନ୍ତି । ଏହି ମାମଲାରେ ଫାଷ୍ଟଟ୍ରାକ୍ କୋର୍ଟ ଦୋଷୀକୁ ମୃତ୍ୟୁ ପର୍ଯ୍ୟନ୍ତ ଜେଲଦଣ୍ଡ ଶୁଣାଇଛନ୍ତି । ଅନ୍ୟ ଏକ ମାମଲାରେ ନାବାଳିକାକୁ ଦୁଷ୍କର୍ମ ଓ ଗର୍ଭବତୀ କରିବା ଘଟଣାରେ ଅଭିଯୁକ୍ତକୁ ୨୦ବର୍ଷ ଜେଲ ଦଣ୍ଡ ଦେଇଛନ୍ତି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ । ସେହିପରି ଆଉ ଗୋଟିଏ ମାମଲାରେ, ବାପାକୁ ପୋଡ଼ି ମାରିଥିବା ପୁଅକୁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜୀବନ କାରଦଣ୍ଡରେ ଦଣ୍ଡିତ କରିଛନ୍ତି ।

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ସରାସ ଗ୍ରାମର ଅଂଶୁମାନ ମହାପାତ୍ର(୨୯)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ୧ବର୍ଷ ଅଧିକ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଧାରା ୩(୨)(ଭି) ଏସ୍‌ସି ଆଣ୍ଡ ଏସ୍‌ଟି ପିଏ ଆକ୍ଟରେ ମୃତ୍ୟ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ।

**ଆଉ ଜଣେ ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍**

ଘଟଣାରୁ ପ୍ରକାଶ ଯେ ନାବାଳିକାର ମା'ଙ୍କ ମୃତ୍ୟୁ ପରେ ତା'ର ବାପା ଆଉ ଜଣଙ୍କୁ ବାହା ହୋଇ ଚାଲିଯିବାରୁ ସେ ଅସହାୟ ହୋଇପଡ଼ିଥିଲା । ତେଣୁ ଅଂଶୁମାନର ସ୍ତ୍ରୀ ତାକୁ ନିଜ ଘରକୁ ନେଇ ଆସିଥିଲେ । ସ୍ତ୍ରୀର ଅନୁପସ୍ଥିତିରେ ଅଂଶୁମାନ ନାବାଳିକାକୁ ଦୁଷ୍କର୍ମ କରିଥିଲା । ତେବେ ଏହି ଘଟଣା ଜଣାପଡ଼ିବା ପରେ ଓପନ୍ ସେଲଟର ହୋମ ପ୍ରକଳ୍ପର ସମାଜସେବୀ ମୋନିକା ସାହୁ କେନ୍ଦୁଝର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଟାଉନ୍ ଥାନା ପୁଲିସ ଏକ ମାମଲା ରୁଜୁ କରି ତାକୁ ଗିରଫ କରିଥିଲା । ଅପରପକ୍ଷେ ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହୋଇ ପ୍ରଥମେ ଏକ ମୃତ ଝିଅ ଜନ୍ମ କରିଥିଲା ଏବଂ କିଛି ଦିନ ପରେ ତା'ର ମୃତ୍ୟୁ ହୋଇଯାଇଥିଲା । ପୁଲିସ ଅନୁସନ୍ଧାନ କରି ଅଭିଯୁକ୍ତକୁ ଗିରଫ କରି ଜେଲ ପଠାଇଥିଲା । ଗୁରୁବାର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ୧୬ ଜଣ ସାକ୍ଷୀଙ୍କ ବୟାନ ଓ କେମିକାଲ ରିପୋର୍ଟକୁ ଭିତ୍ତି କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

ସେହିପରି କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ୨୦୨୨ ମସିହାରେ ଜଣେ ଅସହାୟ ନାବାଳିକାକୁ ଦୁଷ୍କର୍ମ ମାମଲାରେ ଡିମ୍ବୋ ଗ୍ରାମରେ ଟେଣ୍ଟରେ କାମ କରୁଥିବା ଅଭିଯୁକ୍ତ ଶିଶିର ଡାଙ୍ଗୁଆକୁ ଗୁରୁବାର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଜଜ ଶୁଭଶ୍ରୀ ତ୍ରିପାଠୀ ୨୦ ବର୍ଷ ଜେଲ, ୧୦ ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ ମାସ ଜେଲ ଆଦେଶ ଦେଇଛନ୍ତି । କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଟାଉନ ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟ ନାବାଳିକାଙ୍କର ପିତାମାତା ମୃତ୍ୟୁବରଣ କରିଥିଲେ । ନାବାଳିକା ଅସହାୟ ହୋଇ କକା ଘରେ ରହୁଥିଲେ । ସେଠାରେ ଗାଳିଗୁଲଜ କରିବାରୁ ନାବାଳିକା ଜଣକ ଏକ ଅର୍ଦ୍ଧନିର୍ମିତ ଘରେ ଆଶ୍ରୟ ନେଇଥିଲେ । ଟେଣ୍ଟହାଉସରେ କାମ କରୁଥିବା ଶିଶିର ଡାଙ୍ଗୁଆ ନାମକ ଦିନେ ରାତିରେ ନାବାଳିକାକୁ ଦୁଷ୍କର୍ମ କରିଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

# ଆଉ ୪ ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

**ଭୁବନେଶ୍ୱର, ୧୮ ।୪(ସମିସ):** ଆଉ ୪ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି କଂଗ୍ରେସ । ମାହାଙ୍ଗାରୁ ଦଳ ଦେବେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଥିବା ବେଳେ ସତ୍ୟବାଦୀରୁ ମନୋଜ ରଥ, ଭୁବନେଶ୍ୱର (ମଧ୍ୟ)ରୁ ପ୍ରକାଶ ଜେନା ଓ ଭୁବନେଶ୍ୱର(ଉତ୍ତର)ରୁ ଅଶୋକ ଦାସଙ୍କୁ ଦଳ ପ୍ରାର୍ଥୀ କରିଛି । ଏହି ପ୍ରାର୍ଥୀ ତାଲିକା ଘୋଷଣା ପରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାରଣ ସତ୍ୟବାଦୀ ଆସନରୁ ସେ ନିର୍ବାଚନ ଲଢ଼ି ଆସୁଥିବା ବେଳେ ଏହି ଆସନରୁ ଚଳିତ ନିର୍ବାଚନରେ ମନୋଜ ରଥ ପ୍ରାର୍ଥୀ ହୋଇଛନ୍ତି । ସତ୍ୟବାଦୀ ଆସନରୁ ପ୍ରସାଦ ହରିଚନ୍ଦନ କଂଗ୍ରେସ ଟିକେଟରେ ୧୯୯୫, ୨୦୦୦ ଓ ୨୦୦୯ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ୨୦୧୪ ଓ ୨୦୧୯ରେ ସେ ପରାଜିତ ହୋଇଥିଲେ । ପ୍ରସାଦ ୨୦୨୪ ନିର୍ବାଚନ ଲଢ଼ିବେନି ବୋଲି ବହୁ ପୂର୍ବରୁ କହି ସାରିଥିଲେ । ଆଜି ଦଳ ମନୋଜ ରଥଙ୍କ ନାଁ ଘୋଷଣା କରିବା ପରେ ସେ ସେହି କଥାକୁ ପୁନରାବୃତ୍ତି କରିଛନ୍ତି । ପ୍ରସାଦ କହିଛନ୍ତି, ମୁଁ ଆଗରୁ ହିଁ ନିର୍ବାଚନ ଲଢ଼ିବି ନାହିଁ ବୋଲି ଘୋଷଣା କରିସାରିଛି । ମନୋଜ ରଥ ଜଣେ ଦକ୍ଷ ନେତା । ସତ୍ୟବାଦୀରେ କଂଗ୍ରେସ ଆଗରୁ ଭଲ ପ୍ରଦର୍ଶନ କରୁଥିଲା । ଏବେ କଂଗ୍ରେସ ଗ୍ୟାରେଣ୍ଟି ନେଇ ଆମେ ଲୋକଙ୍କ ପାଖକୁ ଯିବୁ । ଚଳିତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ମୋର ଆଶା ଅଛି ।

## ଲୋକକଥା



**ଶଙ୍ଖ ରଣନୀତି ଦେଖି ବିପକ୍ଷଙ୍କ**
**ବଢ଼ିଲାଣି ହୃଦ୍ ସ୍ପନ୍ଦନ,**
**କିଭଳି ଢଙ୍ଗରେ ଗୋଟି ଚଳାଅନ୍ତି**
**ଶଙ୍ଖପତି ବିଜୁ ନନ୍ଦନ !**
**ବିରୋଧୀଙ୍କୁ ଦେଇ ଆହ୍ୱାନ**
**ପଣ କରି ଭୋଟ ରଣେ ଅବତୀର୍ଣ୍ଣ**
**ସ୍ଥିତି କରି ଅବଲୋକନ ॥**

# ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି ବିଜେପି: ଭୃଗୁ

**ବ୍ରହ୍ମପୁର, ୧୮ ।୪ (ସମିସ):** ରାଜ୍ୟ ବିଜେପିର ଟିକଟ ବଣ୍ଟନ ଓ ପ୍ରାର୍ଥୀ ଚୟନରେ ପ୍ରଥମ ମାପଦଣ୍ଡ ହୋଇଛି ଅପରାଧ ପୃଷ୍ଠଭୂମି । ଯାହାର ଅପରାଧିକ ମାମଲା ରହିଛି, ସେଭଳି ବ୍ୟକ୍ତିବିଶେଷଙ୍କୁ ପ୍ରାର୍ଥୀ କରି ଭୋଟରଙ୍କ ମୂଲ୍ୟବାନ ଭୋଟ ଓ ଭାବନା ସହିତ ଛଳନା କରିଛି ବିଜେପି । ଏଥିରୁ ଦଳର ମନୋଭାବ ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି କହିଛନ୍ତି ବିଜେଡିର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର । ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ସ୍ଥାନରେ ପ୍ରଚାର ବେଳେ ସେ ଏହି ମତ ପ୍ରକାଶ କରିଛନ୍ତି । ପ୍ରତିପକ୍ଷ ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି



ପ୍ରାର୍ଥୀଙ୍କୁ ନେଇ ଭୃଗୁ ଏଭଳି ମନ୍ତବ୍ୟ ଦେଇଛନ୍ତି । ଭୋଟରଙ୍କ ବହୁମୂଲ୍ୟ ଭୋଟ ପାଇ ନିର୍ବାଚିତ ହେବା ପରେ ଲୋକଙ୍କୁ ସେବା ପ୍ରଦାନ କରିବା ପରିବର୍ତ୍ତେ ନିଜ ଲୋକଙ୍କୁ ଠକି ନିଜ କାର୍ଯ୍ୟକାଳର ଦୀର୍ଘ ଦିନ ଜେଲରେ କଟାଇଛନ୍ତି । ବର୍ତ୍ତମାନ ସେ କୋର୍ଟଙ୍କଠାରୁ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି । ଆଜି ବି ମାମଲା ବିଚାରାଧୀନ ରହିଛି । ଅଭିଯୋଗର ସବୁ ତଥ୍ୟ ଓ ପ୍ରମାଣ ରହିଥିବାରୁ ଯେକୌଣସି ମୁହୂର୍ତ୍ତରେ ପୁଣି ଜେଲ ଯାଇ ପାରନ୍ତି ପ୍ରଦୀପ । ଏଣୁ ଏଭଳି ଜଣେ ବ୍ୟକ୍ତିଙ୍କୁ ଚିନ୍ତାଶୀଳ ଭୋଟର ଭୋଟ ଦେଇ ନିର୍ବାଚିତ କରିବାକୁ ଚାହିଁବେ କି ବୋଲି ପ୍ରଶ୍ନ କରିଛନ୍ତି ଭୃଗୁ । କେବଳ ପ୍ରଦୀପ ନୁହନ୍ତି, ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଥିବା ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଏକାଧିକ ପ୍ରାର୍ଥୀଙ୍କ ବିରୋଧରେ ଏକାଧିକ ଅପରାଧିକ ମାମଲା ରହିଥିବା ମଧ୍ୟ ସେ ସୂଚନା ଦେଇଛନ୍ତି ।

**ନିର୍ବାଚନ ପାଇଁ ଚଢ଼ଉ ଜୋର୍‌ଦାର**

# ନଗଦ ୧୦ ଲକ୍ଷ ଟଙ୍କା ଜବତ କଲା ବରଗଡ଼ ପୁଲିସ

**ବରଗଡ଼, ୧୮ ।୪ (ସମିସ):** ବରଗଡ଼ ପୁଲିସ ଦ୍ୱାରା ସହରର ବିଭିନ୍ନ ଛକରେ ଗାଡ଼ିମଟର ଯାଞ୍ଚ ବେଳେ ୧୦ ଲକ୍ଷ ଟଙ୍କା ଜବତ ହୋଇଛି । ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଲକ୍ଷାଧିକ ଟଙ୍କା ନେଇ ଯାଉଥିବା ଓଡି୧୫ୟୁ-୩୨୫୬ ନମ୍ବର ପିକଅପ୍‌କୁ ହଳଦିପାଲି ଛକରେ ପୁଲିସ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ସମ୍ବଲପୁର ଜିଲ୍ଲାର ଚାଳକ ଚୂଡ଼ାମଣି ଦୋରା ନିକଟରୁ ୧୦ ଲକ୍ଷ ଟଙ୍କା ଜବତ ହୋଇଛି । ଏତେ ପରିମାଣରେ ନଗଦ ଟଙ୍କା ନେଇଯାଉଥିବା ଗାଡ଼ି ଡ୍ରାଇଭରଠାରୁ ସନ୍ତୋଷଜନକ ଉତ୍ତର ନ ପାଇବାରୁ ଓ କୌଣସି କାଗଜପତ୍ର ବା ପ୍ରମାଣ ଦେଖାଇ ପାରି ନ ଥିବାରୁ ୧୦ ଲକ୍ଷ ଟଙ୍କାକୁ ପୁଲିସ ଜବତ କରି ଟାଉନ ଥାନାରେ ଡ୍ରାଇଭରକୁ ଅଟକ ରଖିଛି । ସମ୍ପୃକ୍ତ ଗାଡ଼ି ବରପାଲିରୁ ସମ୍ବଲପୁରକୁ ଯାଉଥିବା ଜଣାପଡ଼ିଛି । ନିର୍ବାଚନକୁ ଦୃଷ୍ଟିରେ ରଖି ବରଗଡ଼ ପୁଲିସ ଦ୍ୱାରା ସହରର ପ୍ରବେଶପଥ ବିକାଶ ଛକ ଏବଂ ହଳଦିପାଲି ଛକ ନିକଟରେ ପ୍ରତ୍ୟହ ଯାନବାହନ ଯାଞ୍ଚ ପ୍ରକ୍ରିୟା ଚାଲିଛି ।

# ବ୍ୟାଙ୍କରୁ ଲୁଟିନେଲେ ୯ ଲକ୍ଷ

**ବରପାଲି, ୧୮ ।୪ (ସମିସ):** ବରପାଲି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ବନ୍ଧୁକ ଦେଖାଇ ଦୁଇଜଣ ଦୁର୍ବୃତ୍ତ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି । ଗୁରୁବାର ଅପରାହ୍ନ ୩ଟାରେ ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ରହିଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ସଟର୍ ଖୋଲି ଜଣେ ୩୦ ବର୍ଷୀୟ ଯୁବକ ଓ ଜଣେ ମହିଳା ପ୍ରବେଶ କରିଥିଲେ । ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବନ୍ଧୁକ ଓ ମାରାଣାସ୍ତ୍ର ଦେଖାଇ କାଉଣ୍ଟରରୁ ନଗଦ ୯ ଲକ୍ଷ ୨୬ ହଜାର ଟଙ୍କା ଲୁଟ କରି ବାଇକ୍‌ରେ ବରଗଡ଼ ଆଡ଼େ ଫେରାର୍ ହୋଇଯାଇଥିଲେ । ଡକାୟତି ସମୟରେ ବ୍ୟାଙ୍କ ମଧ୍ୟରେ ଜଣେ ମହିଳା ଓ ପୁରୁଷ କର୍ମଚାରୀ ସଟରକୁ ଅଧା ବନ୍ଦ କରି ଭିତରେ ମଧ୍ୟାହ୍ନଭୋଜନ କରୁଥିଲେ । ଅନ୍ୟ କର୍ମଚାରୀମାନେ ବ୍ୟାଙ୍କରେ ନ ଥିଲେ । ଡକାୟତମାନେ ମୁହଁ ଘୋଡ଼ାଇ ହୋଇଥିବା ବେଳେ ମହିଳାଜଣକ ପୁରୁଷ ପରି ହାବଭାବ ଦେଖାଉଥିଲା । ସେହିପରି ସେମାନେ ସ୍ପଷ୍ଟ ଭାବରେ ସମ୍ବଲପୁରୀ ଭାଷାରେ କଥାବାର୍ତ୍ତା ହେଉଥିବା ବେଳେ ବ୍ୟାଙ୍କ ସିସି କ୍ୟାମେରାରେ ଦୁର୍ବୃତ୍ତଙ୍କ କାରସାଦି କଏଦ ହୋଇଛି ।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I, Ankit Priyadarshan Khelwar S/O Anirudha Khelwar, Plot No 656/3585 Harihar Vihar Post -Old Town, PS-Shree Lingraj, Bhubaneswar, Dist-Khurda, PIN- 751002 Odisha declare by this affidavit No. 221 dated 17/04/2024 that now onwards I shall be known as **ARYAN KHELWAR** for all future purposes.

## ଅବଶିଷ୍ଟାଂଶ...

### ଆହୁରି ୩ ଦିନ...

ସେହିପରି ୪୩.୫ ଡିଗ୍ରୀ ସହ ବୌଦ୍ଧ ଭୁବନେଶ୍ୱର ତଳକୁ ରହିଛି । ଅନୁଗୋଳରେ ମଧ ତାପମାତ୍ରା ଉପରକୁ ଉଠିବା ସହ ଏଠାରେ ୪୩.୩, ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ବାଲେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ରହିଥିବା ବେଳେ ବାରିପଦାରେ ୪୨.୬, ଝାରସୁଗୁଡ଼ାରେ ୪୨.୮, ସମ୍ବଲପୁରରେ ୪୨.୨, ତାଳଚେରରେ ୪୨.୨, ଭବାନୀପାଟଣାରେ ୪୨, ଟିଟିଲାଗଡ଼ରେ ୪୨.୫, ମାଲକାନଗିରିରେ ୪୨.୫, ନୟାଗଡ଼ରେ ୪୨, ନୂଆପଡ଼ାରେ ୪୨.୨, ଖୋର୍ଦ୍ଧାରେ ୪୨.୫, ଜଗତସିଂହପୁରରେ ୪୨.୩ ଡିଗ୍ରୀ ରେକର୍ଡ କରାଯାଇଛି ।

ପାଣିପାଗ କେନ୍ଦ୍ର କହିଛି ଯେ ଶୁକ୍ରବାର ଖୋର୍ଦ୍ଧା, କଟକ, ନୟାଗଡ଼, ମୟୂରଭଞ୍ଜ, ଅନୁଗୁଳ ଓ ବୌଦ୍ଧରେ ତାପମାତ୍ରା ସର୍ବାଧିକ ରେକର୍ଡ ହେବାର ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡ଼ିକରେ ସିଭିୟର-ଭେରି ସିଭିୟର ଗ୍ରୀଷ୍ମ ଲହରୀ ଆଶଙ୍କା ରହିଥିବା ନେଇ ପାଣିପାଗ କେନ୍ଦ୍ର କହିଛି । ସେହିପରି ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, ଗଜପତି, କନ୍ଧମାଳ, ନୂଆପଡ଼ା, କୋରାପୁଟ, ମାଲକାନଗିରି ଓ ଗଞ୍ଜାମରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଶଙ୍କା କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଉପରୋକ୍ତ ଜିଲ୍ଲାଗୁଡ଼ିକ ବ୍ୟତୀତ ବଲାଙ୍ଗିର, ବରଗଡ଼, ଝାରସୁଗୁଡ଼ା ଓ କଳାହାଣ୍ଡିରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବା ବେଳେ ଖୋର୍ଦ୍ଧା, କଟକ, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଗଜପତି, ଗଞ୍ଜାମ ଓ ଯାଜପୁର ଆଦିରେ ଗ୍ରୀଷ୍ମ ଓ ଆର୍ଦ୍ର ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି ।

ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାକୁ ଥିଲେ ମଧ୍ୟ ପ୍ରତି ଦିନ କିଛି କିଛି ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଘଡ଼ଘଡ଼ି ହେବାର ଆଶଙ୍କା ରହିଛି । ତେବେ ଏହା ତାପମାତ୍ରା ବୃଦ୍ଧି ପ୍ରଶମିତ କରିପାରିବ ନାହିଁ ବୋଲି ପାଣିପାଗ କେନ୍ଦ୍ର କହିଛି । ତେବେ ୨୧ରୁ କାଳବୈଶାଖୀର ପ୍ରଭାବ ଅଧିକ ରହିବାକୁ ଥିବାରୁ ଏହା ପରେ ହିଁ ତାପମାତ୍ରା କମିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ୨୧ରୁ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି । ଏହାଦ୍ୱାରା ଅନେକ ସ୍ଥାନରେ ତାପମାତ୍ରା ହ୍ରାସ ପାଇବା ନେଇ ଆକଳନ କରାଯାଉଛି ।

### ଆଜି ଭୋଟ...

ବହୁ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟ କିଛି ଦଳର ପ୍ରମୁଖ ନେତାଙ୍କ ଭାଗ୍ୟ ଇଭିଏମରେ କଏଦ ହେବ । କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ, ଭୂପେନ୍ଦ୍ର ଯାଦବ, ତାମିଲନାଡୁ ବିଜେପି ମୁଖ୍ୟ କେ ଆନ୍ନାମଲାଇ, ପୂର୍ବତନ ତେଲଙ୍ଗାନା ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନ, ନକୁଲ ନାଥ, ସର୍ବାନନ୍ଦ ସୋନୱାଲ, ଜିତିନ ପ୍ରସାଦ ଏବଂ ଗୌରବ ଗୋଗୋଇଙ୍କ ଭଳି ବହୁ ନେତାଙ୍କ ଭାଗ୍ୟ ଇଭିଏମରେ ନିର୍ଦ୍ଧାରଣ ହେବ । ଏହି ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଭୋଟରଙ୍କ ଆଗ୍ରହ ଏବଂ ନିର୍ବାଚନର ଗତି କିଭଳି ରହିବ ତାହା ସବୁ ଦଳ ପାଇଁ ଆକଳନ କରିବା ସହଜ ହେବ ବୋଲି କୁହାଯାଉଛି । ଏହି ପର୍ଯ୍ୟାୟରେ ସିକ୍କିମ୍ ଓ ଅରୁଣାଚଳ ପ୍ରଦେଶର ବିଧାନସଭା ଆସନ ପାଇଁ ମଧ୍ୟ ମତଦାନ ହେବ ।

### ଓଡ଼ିଶାରେ ନାମାଙ୍କନ...

ନିଜର ନାମାଙ୍କନପତ୍ର ଦାଖଲ କରିଥିବା ବେଳେ କୋରାପୁଟ ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ ମଧ ପ୍ରାର୍ଥିପତ୍ର ଭରିଛନ୍ତି । ସେହିପରି ଚିକିଟି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ମଧ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ ଆସନ୍ତା ୨୫ ତାରିଖ ନାମାଙ୍କନ ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ୨୬ ତାରିଖରେ ନାମାଙ୍କନ ଯାଞ୍ଚ ହେବାକୁ ଥିବାବେଳେ ୨୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ତାରିଖ ଭାବେ ନିର୍ବାଚନ କମିସନ ଧାର୍ଯ୍ୟ କରିଛନ୍ତି ।

### ଜନ ପ୍ରସ୍ତାବ ଆଧାରରେ...

ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରିବେ ବୋଲି '୫-ଟି' ଅଧ୍ୟକ୍ଷ କହିଛନ୍ତି । ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ପାଣ୍ଡିଆନ 'ଜୟ ଜଗନ୍ନାଥ' ଉଲ୍ଲେଖ କରି କହିଛନ୍ତି ଯେ ବିଜୁ ଜନତା ଦଳର ନିର୍ବାଚନ ଇସ୍ତାହାର ପ୍ରସ୍ତୁତ ଚାଲିଛି । ଆପଣମାନଙ୍କର ମତାମତକୁ ମୁଖ୍ୟମନ୍ତ୍ରୀ ବହୁତ ଗୁରୁତ୍ୱ ଦିଅନ୍ତି । ଆପଣମାନେ ମତାମତ ଦିଅନ୍ତୁ । ଆପଣମାନଙ୍କର ସମସ୍ତ ମତାମତକୁ ମୁଖ୍ୟମନ୍ତ୍ରୀ ଗୁରୁତର ସହ ଗ୍ରହଣ କରିବେ । ଏହି ସରକାର, ଲୋକମାନଙ୍କର ସରକାର । ଆପଣମାନେ ଯାହା ଚାହିଁବେ, ସେଇଟା ହେବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି । ଇସ୍ତାହାର ସଂପର୍କରେ ଜନସାଧାରଣ ମତାମତ ଦେବା ପାଇଁ ଦଳ ପକ୍ଷରୁ bjdmanifesto2024@gmail.com ୱେବ୍‌ସାଇଟ୍ ଜାରୀ କରାଯାଇଛି ।

'୫-ଟି' ଅଧ୍ୟକ୍ଷଙ୍କ ଏପରି ଆହ୍ୱାନ ଏବଂ ଅନୁରୋଧ ପରେ ବୁଦ୍ଧିଜୀବୀ ମହଲରେ ଏହାକୁ ଉଚ୍ଚ ପ୍ରଶଂସା କରାଯାଉଛି । ଏକ ଜନକେନ୍ଦ୍ରିକ ସରକାରର ଆଚରଣ ଏବଂ ଉଚ୍ଚାରଣ ଏପରି ହେବା ଆବଶ୍ୟକ । ନିଜ ନିର୍ବାଚନ ଇସ୍ତାହାରରେ ଲୋକମାନଙ୍କ ମତାମତକୁ ଅଗ୍ରାଧିକାର ଦେଇ ମୁଖ୍ୟମନ୍ତ୍ରୀ ଅନ୍ୟ ରାଜନୈତିକ ଦଳମାନଙ୍କ ପାଇଁ ଆଉ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି । ଏପରି ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କର ସମସ୍ୟା, ଆବଶ୍ୟକତା ସମ୍ପର୍କରେ ସରକାର ଅଧିକ ଅବଗତ ହୋଇପାରିବା ସହ ସେହି ଅନୁସାରେ ପଦକ୍ଷେପ ଏବଂ ଆଗାମୀ ଯୋଜନା ପ୍ରସ୍ତୁତ କରିପାରିବେ ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛି ।

### ୪୦ ବର୍ଷରୁ କମ୍...

ଦଳୀୟ ପ୍ରାର୍ଥୀ ଦୀପାଳି ଦାସ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରେ ସର୍ବକନିଷ୍ଠ । ତାଙ୍କର ବୟସ ୨୭ ବର୍ଷ । ମାହାଙ୍ଗାରୁ ଅଙ୍କିତ ପ୍ରତାପ ଜେନା ଓ ସାନଖେମୁଣ୍ଡିରୁ ପ୍ରାର୍ଥୀ ହୋଇଥିବା ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ବୟସ ୨୮ ବର୍ଷ । ପଦ୍ମପୁରରୁ ବିଜେଡି ପ୍ରାର୍ଥୀ ବର୍ଷା ସିଂହ ବରିହାଙ୍କୁ ୩୧ ବର୍ଷ ହୋଇଥିବାବେଳେ ଚୌଦ୍ୱାର କଟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ୩୨ ବର୍ଷ । ବୀରମିତ୍ରପୁରରୁ ରୋହିତ ଯେଶେଫ ତିର୍କୀ ଓ ବଡ଼ସାହିର ପ୍ରାର୍ଥୀ ଅନୁସୟା ପାତ୍ରଙ୍କ ବୟସ ୩୪ ବର୍ଷ । ଖଲ୍ଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ ଓ ପିପିଲିରୁ ପ୍ରାର୍ଥୀ ହୋଇଥିବା ରୁଦ୍ରପ୍ରତାପ ମହାରଥୀଙ୍କୁ ୩୫ ବର୍ଷ ହୋଇଥିବାବେଳେ ବାଙ୍କି ଓ ଚିତ୍ରକୋଣ୍ଡାର ଦୁଇ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଓ ଲକ୍ଷ୍ମୀପ୍ରିୟା ନାୟକଙ୍କ ବୟସ ୩୬ ବର୍ଷ । ପୁରୀରୁ ବିଧାନସଭା ପ୍ରାର୍ଥୀ ହୋଇଥିବା ସୁନୀଲ ମହାନ୍ତିଙ୍କ ବୟସ ୩୮, ବାସୁଦେବପୁରରୁ ପ୍ରାର୍ଥୀ ହୋଇଛନ୍ତି ୩୯ ବର୍ଷ ବୟସ୍କ ବିଷ୍ଣୁବ୍ରତ ରାଉତରାୟ । ସେହିପରି ଲକ୍ଷ୍ମୀପୁରରୁ ପ୍ରାର୍ଥୀ ହୋଇଥିବା ପ୍ରଭୁ ଜାନୀ ମଧ ୩୯ ବଷୟ ବୟସର । ଉମରକୋଟ ପ୍ରାର୍ଥୀ ନବୀନା ନାୟକ, ପାରଳାଖେମୁଣ୍ଡିରୁ ରୂପେଶ ପାଣିଗ୍ରାହୀ, ଲୋଇସିଂହାର ପ୍ରାର୍ଥୀ ନିହାର ରଞ୍ଜନ ବେହେରା ଓ ସୋରଡ଼ାରୁ ପ୍ରାର୍ଥୀ ହୋଇଥିବା ସଂଘମିତ୍ରା ସ୍ୱାଇଁ ସମସ୍ତଙ୍କ ବୟସ ୪୦ ବର୍ଷ ବୋଲି ସୂଚନା ମିଳିଛି । ପ୍ରାର୍ଥୀ ମନୋନୟନରେ ବିଜୁ ଜନତା ଦଳ ଯୁବ ଓ ମହିଳାବର୍ଗଙ୍କୁ ଅଗ୍ରାଧିକାର ପ୍ରଦାନ କରୁଥିବାବେଳେ ବିରୋଧୀ କଂଗ୍ରେସ ଓ ବିଜେପି ଯଥେଷ୍ଟ ପଛରେ ରହିଛନ୍ତି । ବିଜେପିରେ ମାତ୍ର ଆଙ୍ଗୁଳିଗଣତି କିଛି ମହିଳାଙ୍କୁ ଟିକଟ ପ୍ରଦାନ କରାଯାଇଥିବାବେଳେ ଯୁବ ବର୍ଗକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି । ସେହିପରି କଂଗ୍ରେସରେ ଯୁବ ବର୍ଗଙ୍କୁ ଆଦୌ ଗୁରୁତ୍ୱ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଦଳର ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରୁ ୯୦%ରୁ ଉର୍ଦ୍ଧ୍ୱ ନେତାଙ୍କ ବୟସ ୫୦ ବର୍ଷରୁ ଉର୍ଦ୍ଧ୍ୱ ଥିବା ସୂଚନା ମିଳିଛି ।

### ପ୍ରଣବଙ୍କ 'ରାଜପଥ କାଠଗଡ଼ା'ରେ...

ଜୀବନ ଯାଉଛି । ଏହି ବିପର୍ଯ୍ୟସ୍ତ ଅବସ୍ଥା ପାଇଁ ଅଞ୍ଚଳବାସୀ ନିର୍ଦ୍ଦିଷ୍ଟ ଭାବେ ସମ୍ବଲପୁରବାସୀଙ୍କ ମନରେ ଥିବା କ୍ଷୋଭକୁ ମୁଁ ଅନୁଭବ କରିପାରୁଛି ବୋଲି 'ଏକ୍ସ'ରେ ପ୍ରଣବ ଉଲ୍ଲେଖ କରିଛନ୍ତି । ପ୍ରଣବ ପ୍ରକାଶ ଦାସଙ୍କ ଏହି ଟ୍ୱିଟ୍ ଏବେ ଭାଇରାଲ ହେବାରେ ଲାଗିଛି । ଜାତୀୟ ରାଜପଥ ୫୫ର ଅବହେଳାକୁ ନେଇ ରାଜ୍ୟବାସୀଙ୍କ ମନରେ ସୃଷ୍ଟ ଅସନ୍ତୋଷକୁ ନେଇ ପ୍ରଣବ ଅତି ନିଖୁଣ ଭାବରେ ଧର୍ମେନ୍ଦ୍ରଙ୍କୁ ନିଶାଣ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜାତୀୟ ରାଜପଥ-୫୫ର ଦୁରବସ୍ଥା ଦୈନିକ ଖବରକାଗଜର ଶିରୋନାମା ପାଲଟୁଛି । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଞ୍ଚଳ ଦେଇ ଯାଇଥିବା ଏହି ରାଜପଥକୁ ଲୋକେ 'ମଣିଷ ଖିଆ' ରାଜପଥ ବୋଲି କହିବା ଆରମ୍ଭ କଲେଣି । ଗତ ୧୦ ବର୍ଷ ମଧ୍ୟରେ ଠିକାଦାର ପରେ ଠିକାଦାର ବଦଳିଛନ୍ତି, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅନେକ ଅଧିକାରୀ ଅବସର ନେଇ ସାରିଛନ୍ତି, ତଥାପି ରାସ୍ତା କାମ ସରି ପାରୁନାହିଁ । କଟକ -ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥକୁ ପଶ୍ଚିମ ଓଡ଼ିଶାର ଜୀବନରେଖା ବୋଲି ଅନେକ କହନ୍ତି । ୪ ଜିଲ୍ଲା ଯଥା କଟକ, ଅନୁଗୋଳ, ଢେଙ୍କାନାଳ ଓ ସମ୍ବଲପୁରର ଲକ୍ଷ ଲକ୍ଷ ଲୋକେ ଗମନାଗମନ କ୍ଷେତ୍ରରେ ଏହି ରାଜପଥ ଉପରେ ପ୍ରତ୍ୟେକ୍ଷ ଭାବେ ନିର୍ଭର କରୁଛନ୍ତି । ମାତ୍ର ରାସ୍ତାର ଦୁରାବସ୍ଥା ସେମାନଙ୍କ ପାଇଁ ଏକପ୍ରକାର ଅଭିଶାପ ପାଲଟିଛି ।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ନିଜସ୍ୱ ଉଦ୍ୟମ ଏବଂ ଅର୍ଥରେ ନିର୍ମାଣ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ପଶ୍ଚିମ ଓଡ଼ିଶା ସମେତ ୮ଟି ଜିଲ୍ଲାର ଜୀବନରେଖାରେ ପରିଣତ ହୋଇଛି । ୪୦୦୦ କୋଟି ଟଙ୍କାରେ ନିର୍ମିତ ୪ ଲେନ୍ ବିଶିଷ୍ଟ ଏହି ଏକ୍ସପ୍ରେସ୍ ୱେ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼, ଏବଂ ନବରଙ୍ଗପୁର ଜିଲ୍ଲାକୁ ଯୋଡ଼ିଛି । ଏହି ଏକ୍ସପ୍ରେସ୍ ୱେ ସମ୍ପୃକ୍ତ ଅଞ୍ଚଳର କାୟାକଳ୍ପରେ ପରିବର୍ତ୍ତନ ଆଣିବା ସହ ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ପରିବର୍ତ୍ତନର ପ୍ରମୁଖ କାରକ ପାଲଟିଛି । ଅନ୍ୟପକ୍ଷରେ ରେଶମ ସହର ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ଦ୍ୱିତୀୟ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ଆରମ୍ଭ ହୋଇଛି । ପ୍ରାୟ ୭୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ସଡ଼କ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଜିଲ୍ଲାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ୩୦୫ କିଲୋମିଟର ଏହି ରାସ୍ତା ୩ ବର୍ଷ ମଧ୍ୟରେ ଶେଷ କରାଯିବ ।

### ଟିକଟ ନିଆଁରେ...

ଆଜି କାକଟପୁରରୁ ଆସିଥିବା ଅସନ୍ତୁଷ୍ଟ ବିଜେପି କର୍ମୀମାନେ ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଛନ୍ତି । କିଛି ସମୟ ପାଇଁ ପାର୍ଟି ଅଫିସ ରଣକ୍ଷେତ୍ର ପାଲଟିଥିବା ବେଳେ ଅସନ୍ତୁଷ୍ଟ କାର୍ଯ୍ୟାଳୟକୁ କବ୍‌ଜାରେ ରଖିଥିଲେ । ବିଜେପି ଏଠାରୁ ବାଇଧର ମଲ୍ଲିକଙ୍କୁ ପ୍ରାର୍ଥୀ କରିଥିବା ବେଳେ ତୁରନ୍ତ ପ୍ରାର୍ଥୀ ବଦଳ କରିବାକୁ ଅସନ୍ତୁଷ୍ଟ ଦାବି କରିଛନ୍ତି । ରାତାରାତି ଫିକ୍ସିଂ କରି ବିଜେପି ନେତୃତ୍ୱ ବାଇଧରଙ୍କୁ ଟିକଟ ଦେଇଛନ୍ତି । ତୁରନ୍ତ ତାଙ୍କୁ ହଟାଯାଇ ଏଟାରୁ ବିଶ୍ୱରଞ୍ଜନ ଦାସଙ୍କୁ ପ୍ରାର୍ଥୀ କରିବାକୁ ତାଙ୍କ ସମର୍ଥକ ଦାବି କରିଛନ୍ତି । ସେହିପରି ଅତାବିରା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ନିହାର ମହାନନ୍ଦ ବିରୋଧର ସମ୍ମୁଖୀନ ହୋଇଛନ୍ତି । ଅତାବିରା ବ୍ଲକ ରେଙ୍ଗାଲି କ୍ୟାମ୍ପ ଛକରେ ଅସନ୍ତୁଷ୍ଟ ଏ ନେଇ ଧାରଣା ଦେଇଛନ୍ତି । ଦଳରେ ତୃଣମୂଳ କର୍ମୀଙ୍କୁ ଉପେକ୍ଷା କରାଯାଇ, ବାହାରି ନେତାଙ୍କୁ ଆମଦାନୀ କରି ଦଳ ଟିକଟ ଦେଉଛି । ଏହା ଦଳ ପାଇଁ ବେଶ୍ କ୍ଷତିକାରକ ହେବ । ପ୍ରାର୍ଥୀ ପରିବର୍ତ୍ତନ ନ କଲେ ପରିଣାମ ପାଇଁ ଦଳ ପ୍ରସ୍ତୁତ ରହୁ ବୋଲି ଧାରଣା ଦେଇଥିବା ଅସନ୍ତୁଷ୍ଟମାନେ ଚେତାବନୀ ଦେଇଛନ୍ତି ।

ରେଢାଖୋଲରେ ମଧ ବିଜେପି ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ରଙ୍କୁ କଡ଼ା ବିରୋଧ କରାଯାଇଛି । ରେଢାଖୋଲ ଦଳୀୟ କାର୍ଯ୍ୟାଳୟ ଆଗରେ ଗୋବିନ୍ଦ ଅଗ୍ରୱାଲଙ୍କ ଶହ ଶହ ସମର୍ଥକ ଧାରଣାରେ ବସିବା ସହ ତୁରନ୍ତ ପ୍ରାର୍ଥୀ ବଦଳ କରିବାକୁ ଦାବି କରିଛନ୍ତି । ଗୋବିନ୍ଦ ଅଗ୍ରୱାଲ ବର୍ଷ ବର୍ଷ ଧରି ଦଳର ସଂଗଠନ ପାଇଁ କାମ କରିଛନ୍ତି । ମାତ୍ର ଗତ ନିର୍ବାଚନ ହାରିବା ପରଠାରୁ ବିଜେପି କର୍ମୀଙ୍କ ସହ ଦେବେନ୍ଦ୍ର ସମ୍ପର୍କରେ ନାହାନ୍ତି । ଅତଏବ ଏଠାରୁ ପ୍ରାର୍ଥୀ ପରିବର୍ତ୍ତନ କରିବାକୁ ଆମେ ଦୃଢ଼ ଦାବି କରୁଛୁ ବୋଲି ଗୋବିନ୍ଦଙ୍କ ସମର୍ଥକ କହିଛନ୍ତି । ଆଜିଠାରୁ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବିଜେପିରେ ଏପରି ଟିକଟ କନ୍ଦଳ ଦଳର ଶୀର୍ଷ ନେତୃତ୍ୱଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି ।

**ମଦ ଭାଟି ପୋଡ଼ି ମାମଲା**

# ବ୍ରହ୍ମପୁର କୋର୍ଟରେ ଆତ୍ମସମର୍ପଣ କଲେ ବିଧାୟକ ତାରା ବାହିନୀପତି

**ବ୍ରହ୍ମପୁର, ୧୮ ।୪ (ସମିସ):** ୨୦୧୬ ମସିହାର ଏକ ଦେଶୀ ମଦ ଭାଟି ପୋଡ଼ି ଓ ଟଙ୍କା ଲୁଟ୍ ମାମଲାରେ ଅଭିଯୁକ୍ତ ଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଗୁରୁବାର ବ୍ରହ୍ମପୁରସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍-୩ ରାଜ କୁମାର ଦାଶଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ । କୋର୍ଟ ଏହି ମାମଲାରେ ଶ୍ରୀ ବାହିନୀପତିଙ୍କୁ ୫୦ ହଜାର ଟଙ୍କାର ୨ଟି ମୁଚାଲିକା ଓ ୧୦ ହଜାର ଟଙ୍କା ପଇଠ ପାଇଁ ନର୍ଦ୍ଦେଶ ଦେବା ସହ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ ।

ସୂଚନାଯୋଗ୍ୟ, ୨୦୧୬ ମାର୍ଚ୍ଚ ୧୦ ତାରିଖରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡିପଡ଼ିଆଠାରେ ଶ୍ରୀ ବାହିନୀପତିଙ୍କ ନେତୃତ୍ୱରେ ଏକ ବୈଠକରେ ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହାପରେ ଶତାଧିକ ଲୋକ ସେଠାରେ ଥିବା ଏକ ଦେଶୀ ମଦ ଭାଟିରେ ପହଞ୍ଚି ବିପୁଳ ପରିମାଣର ଦେଶୀ ମଦ ଓ ମହୁଲି ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ସେଠାରୁ ୭୫ ହଜାର ଟଙ୍କା ଲୁଟ୍ କରି ନେଇଥିଲେ । ଏନେଇ ଭାଟିର କର୍ମଚାରୀ ଅନୀଲ କୁମାର ଗୁପ୍ତା ବୋରିଗୁମ୍ମା ଥାନାରେ ଅଭିଯାଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶ୍ରୀ ବାହିନୀପତିଙ୍କ ସହ ମୋଟ ୨୪ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା ।

ଏହି ମାମଲାର ବିଚାର ପୂର୍ବରୁ ସେଠାକାର କୋର୍ଟ ଚାଲୁଥିଲା । ହେଲେ ଜନପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ହେବା ପରେ ମାମଲାଟି ବ୍ରହ୍ମପୁରସ୍ଥିତ ଏଡିଜେ-୩ କୋର୍ଟଙ୍କୁ ସ୍ଥାନାନ୍ତର ହୋଇଥିଲା । ମାମଲାର ବିଚାର ଚାଲୁଥିବା ବେଳେ କୋର୍ଟରେ ହାଜର ହେବାକୁ ଶ୍ରୀ ବାହିନୀପତି ଓ ଅନ୍ୟ ଅଭିଯୁକ୍ତଙ୍କୁ ସମନ୍ ଜାରି ହୋଇଥିଲା ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
CAD-52

ପତ୍ର ସଂଖ୍ୟା- ୮୫ | **ବିଜ୍ଞାପନ** | ତା. ୧୯.୩.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ସ୍ୱ ଅନନ୍ତ ଚରଣ ନାୟକ ପିତା- ସ୍ୱ ନୀଳମଣି ନାୟକ ଘର ନଂ.ଏଲ୍.ଆଇ.ଜି-୨-୧୪୬ ଛେଣ୍ଡ. ଫେଜ୍-୨, ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼ | ଘର ନଂ.- ଏଲ୍.ଆଇ.ଜି-୨ -୧୪୬, ଛେଣ୍ଡ. ଫେଜ୍-୨ ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼ | ୧. ଶ୍ରୀମତୀ ଶଶିକଳା ନାୟକ (ବିଧବା ସ୍ତ୍ରୀ) ୨. ଶ୍ରୀ ପ୍ରତାପ ନାୟକ (ବି. ପୁତ୍ର) |

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0044/2425

**PROCLAMATION REQUIRING ATTENDANCE OF DEFENDANT**
(Order 5, Rule 20 of the Code of Civil Procedure)
IN THE COURT OF MS. SHUNALI GUPTA JUDGE FAMILY COURT-02, SOUTH DISTRICT, ROOM NO.-43, SAKET COURT, DELHI
**SUIT No. HMA-552/2023**
**Mamta Padhy** ......... Plaintiff
Against
**Biranchi Narayan Sarangi** ...... Defendant
NDOH 06/08/2024
To,
Biranchi Narayan Sarangi, S/o Sh. Late Kishore Chandra Sarangi C/o Lakhmi Narayan Sadangi C/o Satyanarayan PatanayakRTD SUV Inspector, Gandhi Nagar, 7th Lane, Ext., Berhampur, Ganjam, Odhisa, Pin-760001
To,
THE DEFENDENT ABOVE NAMED
Whereas you are intentionally evading service of summons it is hereby notified that if you shall not defend the case on 06/08/2024, the day fixed for the final disposal, it will be heard and determined ex-parte.
Given under my hand and the seal of the court, this 12/04/2024
Judge
MS. SHUNALI GUPTA JUDGE FAMILY COURT-02, SOUTH DISTRICT, ROOM NO.-43, SAKET COURT, DELHI.

**AFFIDAVIT**
By virtue of an affidavit sworn before the Notary Public, Rairangpur, Dated 16.04.2024, I Karan Soren, S/o Late Alhan Soren, Resident of Vill/Po: Dharamdi, Ps: Tiring, Dist: Mayurbhanj, Odisha declare that my actual & correct name is Karan Soren S/o Late Alhan Soren as per my Matric certificate and Voter ID but in the Aadhar card bearing no 7730 7686 7471 my name has been wrongly mentioned as Baden Majhi S/o Dasarath Majhi. By this affidavit no: 32, Dated 16.04.2024, both the name Karan Soren S/o Late Alhan Soren & Baden Majhi S/o Dasarath Majhi is same & one person i.e; me. Henceforth I shall be known as **Karan Soren** for all purposes.

# ମା' ଠାକୁରାଣୀଙ୍କ ଘଣ୍ଟଯାତ୍ରାରେ 'ଘୁମୁରା'

**ଚନ୍ଦାହାଣ୍ଡି,୧୮।୪(ସମିସ)**



ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ବେହେରାମୁଣ୍ଡା ପଞ୍ଚାୟତର ବାବୁରିଆଠାରେ ମା' ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ପୂଜା କମିଟି ଆନୁକୂଲ୍ୟରେ ସଂସ୍କୃତିକ ମନୋରଞ୍ଜନ ପାଇଁ ବୁଧବାର ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଘୁମୁରା ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ବରିଷ୍ଠ କଳାକାର ତଥା ବିଜେଡି ବ୍ଲକ ସଭାପତି ଗୌରହରି ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରିକା ଧୁରୁଆ, ବେହେରାମୁଣ୍ଡା ସମିତିସଭ୍ୟା ପୂର୍ଣ୍ଣଚନ୍ଦ୍ର ସୋରି, ପୂଜା କମିଟି ସଭାପତି ମନୋଜ ନେତାମ, ଚଲାନ କମଲ ଲୋଚନ ସୋରି, ଯୁଗେଶ୍ୱର ନାଗ, କୈବଲ୍ୟ ମାଝୀ, ଅମର ଟିକ୍ରିୟା, ଗ୍ରାମର ପୂଜାରୀ ସାମନ୍ତ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟ ଅତିଥି ସାଂସଦ ରମେଶ ଚନ୍ଦ୍ର ମାଝି ପ୍ରଦୀପ ପ୍ରଜ୍ୱଳନ କରିବା ସହ ଫିତା କାଟି କାର୍ଯ୍ୟକ୍ରମଟିର ଶୁଭାରମ୍ଭ କରିବା ସହ କଳାକାରମାନଙ୍କୁ ଉତ୍ସାହ କରିବା ସହ ଲୋକପ୍ରିୟ ପାରମ୍ପରିକ ଘୁମୁରା ନୃତ୍ୟକୁ ଜୀବିତ ରଖୁଥିବାରୁ ଆୟୋଜକ କମିଟି ଏବଂ କମିଟିର ଅନ୍ୟ ସଦସ୍ୟ ଏବଂ ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ପୁରାତନ କଳା ସାଙ୍ଗକୁ ଓଡ଼ିଶୀ, ଛାନ୍ଦ, ଚୌପଦୀ ସାଙ୍ଗକୁ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀର ଝଲକ କେବଳ ଘୁମୁରା ନାଚରେ ରହିଥିବା ସହ ଏହା ଓଡ଼ିଶାର ବୀରତ୍ୱକୁ ମନେ ପକାଇ ଦେଇଥାଏ। ଏଣୁ ଏହି ନୃତ୍ୟକୁ ସବୁଦିନ ଜୀବିତ ରଖିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ କମିଟିର ସଭାପତି ଏବଂ ସମ୍ପାଦକ ତଥା ପୂଜା କମିଟି ମଞ୍ଚକୁ ପାଛୋଟି ନେଇଥିଲେ। ଏହି ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମଟିରେ କଳାହାଣ୍ଡି ଏବଂ ଚନ୍ଦାହାଣ୍ଡି ଅଞ୍ଚଳର ୫ଟି ଘୁମୁରା ଦଳ ଭାଗ ନେଇଥିଲେ। ଘୁମୁରା କଳାକାରମାନଙ୍କ ଗୀତ, ନୃତ୍ୟ ଏବଂ ନିସାଣ ବାଦ୍ୟ ଦର୍ଶକଙ୍କ ମନକୁ କିଣି ନେଇଥିଲା। ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୁମୁରା ଦଳର ଗାୟକମାନଙ୍କ ସୁମଧୁର କଣ୍ଠରେ ଭଜନ, ଛାନ୍ଦ, ଓଡ଼ିଶୀ, ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗେଇଥିଲା। କଳାହାଣ୍ଡିର ଲଡୁଗାଁ, ଭାଲୁଚୁଆଁ, ଘଣ୍ଟିଗୁଡ଼ା ଓ ପଦମପୁର ଏବଂ ଚନ୍ଦାହାଣ୍ଡି ବ୍ଲକର ବାବୁରିଆ ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ଦଳକୁ ୬ ହଜାର ଟଙ୍କା ଲେଖାଏଁ ଓ ମାନପତ୍ର ଦେଇ ପୁରସ୍କୃତ ପ୍ରଦାନ କରାଯାଇଥିବା କମିଟିର ସଦସ୍ୟ ଦିଗାମ୍ବର ମରେଇ ପ୍ରକାଶ କରିଛନ୍ତି। ବିଚାରକ ଭାବରେ ଭୀମସେନ ଡଙ୍ଗରୀ, ଶ୍ୟାମ ସୁନ୍ଦର ସୁନାନୀ, ନିରଞ୍ଜନ ସୋରି ଏବଂ ଅମର ଲାଲ ସୁନାନୀ ରହିଥିଲେ। ଭୀମସେନ ଡଙ୍ଗରୀ ଏବଂ ଝୁମାରଲାଲ ଗୋପାଳ ମଞ୍ଚ ପରିଚାଳନା କରିଥିଲେ। ମା' ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ପୂଜା ଅବସରରେ ସାଂସ୍କୃତିକ ମନୋରଞ୍ଜନ ମୂଳକ ଘୁମୁରା କାର୍ଯ୍ୟକ୍ରମଟି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପରଲୋକ



**ନନ୍ଦପୁର,୧୮।୪(ସମିସ):** ନନ୍ଦପୁର ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଧନେଶ୍ୱର ଚୌଧୁରୀଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ଧନେଶ୍ୱର ଚୌଧୁରୀ ଗତ ଏକ ମାସ ହେବ ଅସୁସ୍ଥ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ସକାଳୁ ବ୍ରହ୍ମପୁର ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଖବର ପ୍ରସାରିତ ହେବା ପରେ ବନ୍ଧୁ ବର୍ଗ ସହକର୍ମୀ ସହ ନନ୍ଦପୁର ବ୍ଲକରେ ଶକାକୂଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମୃତ୍ୟୁ ଖବର ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଜିପିଓ ବେଦାନ୍ତ କୁମାର ମାଝୀ, ଏଇଇ ଯଶକେତନ ବେହେରାଙ୍କ ସମେତ ନିର୍ବାହୀ ଅଧିକାରୀ ସଂଘ। ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ପରିବାର ବର୍ଗଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରିଛନ୍ତି। ସ୍ୱର୍ଗତ ଚୌଧୁରୀ ନନ୍ଦପୁର ବ୍ଲକରେ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ବିଭିନ୍ନ ଗ୍ରାମ ପଞ୍ଚାୟତରେ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି।

## ଆଜିଠୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

**କୋରାପୁଟ,୧୮।୪(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ପକ୍ଷରୁ ଶୁକ୍ରବାରଠାରୁ 'ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହେବ। କୁଳପତି ତଥା ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଚକ୍ରଧର ତ୍ରିପାଠୀ ସୁନାବେଡ଼ା ମୁଖ୍ୟ କ୍ୟାମ୍ପସରେ ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବେ। ଭାରତୀୟ କୃଷି ଗବେଷଣା ପରିଷଦ, ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଲକ୍ଷ୍ନୌ ସ୍ଥିତ ଭାରତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ପରିଷଦର ପୂର୍ବତନ ନିର୍ଦ୍ଦେଶକ ତଥା ଶିଲଂ ସ୍ଥିତ ଉତ୍ତର-ପୂର୍ବ ପାର୍ବତୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସରୋଜକାନ୍ତ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେବେ। ଉଦଯାପନୀ ଅଧିବେଶନରେ ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଏବଂ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଜୈବ ବିବିଧତା ସଂରକ୍ଷଣ ଓ କୃଷି କ୍ଷେତ୍ରରେ ଅବଦାନ ପାଇଁ କୋରାପୁଟର ଦୁଇ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ପାତ୍ରପୁଟ ଗ୍ରାମର ଜଣେ ପ୍ରତିଷ୍ଠିତ କୃଷକ-ପ୍ରକୃତିକ ସଂଶାଧନର ସଂରକ୍ଷକ ନେତ୍ରାନନ୍ଦ ଲେଙ୍କା ଓ ମାଣ୍ଡିଆ ସଂରକ୍ଷଣରେ ଅବଦାନ ପାଇଁ ରାଇମତି ଘିଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀର ଦୁଇ ଦିନ ମଧ୍ୟରେ ଦେଶ ତଥା ଦେଶ ବାହାରେ ଥିବା ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନର ପ୍ରଫେସର ଓ ବୈଜ୍ଞାନିକମାନଙ୍କ ଦ୍ୱାରା ପାଞ୍ଚଟି ବୈଷୟିକ ଅଧିବେଶନରେ ବୈଜ୍ଞାନିକ ନିବନ୍ଧମାନ ଉପସ୍ଥାପନ କରାଯିବ। ବିଭିନ୍ନ ଅନୁଷ୍ଠାନର ଅଧ୍ୟାପକ ଓ ଗବେଷକମାନେ ମଧ୍ୟ ପୋଷ୍ଟର ଉପସ୍ଥାପନା ମାଧ୍ୟମରେ ସେମାନଙ୍କ ଗବେଷଣା ଫଳାଫଳ ଉପସ୍ଥାପନ କରିବେ। ସମୃଦ୍ଧ ଜୈବ ବିବିଧତା ଏବଂ କୃଷି ଐତିହ୍ୟ ପାଇଁ କୋରାପୁଟ ଅଞ୍ଚଳର ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ କୋରାପୁଟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଂଶଗ୍ରହଣରେ ଏକ ମିଲେଟ୍ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯିବ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସ୍କୁଲର ଡିନ୍ ତଥା ସମ୍ମିଳନୀର ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ପଳିତା, ସମ୍ମିଳନୀର ଆବାହକ ତଥା ସଂଗଠନ ସମ୍ପାଦକ ଡ. ଦେବବ୍ରତ ପଣ୍ଡା ଓ ସହ ଆବାହିକା ଡ. କାକୋଲି ବାନାର୍ଜୀ ଏହି ସମ୍ମିଳନୀର ସଫଳତାକୁ ନେଇ ଆଶାବାଦୀ ଥିବାବେଳେ ଜଳବାୟୁ ପରିବର୍ତ୍ତନ ଯୁଗରେ ଜୈବ ବିବିଧତା ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସକାରାତ୍ମକ ଆଲୋଚନା ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ନବଜାତ ବାଛୁରୀକୁ ଉଦ୍ଧାର କଲେ ସେବକ ଦଳ

**ସୁନାବେଡ଼ା,୧୮।୪(ସମିସ)**



ସୁନାବେଡ଼ା ପୌର ପରିଷଦର ଟ୍ରାଫିକ ଛକ ନିକଟରେ ଏକ ଗାଈ ଗୋଟିଏ ବାଛୁରୀକୁ ଜନ୍ମ କରି ମୃତ୍ୟୁ ବରଣ କରିଥିବାବେଳେ ଖବର ପାଇ ଘଟଣା ସ୍ଥଳରେ ସ୍ଥାନୀୟ ସେବକ ଦଳର ସ୍ୱେଚ୍ଛାସେବୀମାନେ ପହଞ୍ଚି ଜନ୍ମିତ ବାଛୁରୀକୁ ଉଦ୍ଧାର କରିଛନ୍ତି। ଏଥିସହ ସେବକ ଦଳ ସ୍ଥାନୀୟ ଲୋକଙ୍କୁ ଉକ୍ତ ଖବର ଜଣାଇଥିଲେ। ଏହି ସମୟରେ ସ୍ୱେଚ୍ଛାସେବୀ ସୁଜିତ୍ ପଣ୍ଡା, ସାଇମନ ସାଗର, ଶିବ ପାତ୍ର ପ୍ରମୁଖ ଉପସ୍ଥିତ ରହି ମାଆ ଛେଉଣ୍ଡ ବାଛୁରୀକୁ ଉଦ୍ଧାର କରିବା ସହ ତା'ର ଯତ୍ନ ନେଉଛନ୍ତି। ସ୍ୱେଚ୍ଛାସେବୀଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# କାଳବୈଶାଖୀ ପ୍ରଭାବ; ୨ ଏକର ମକା ଚାଷ ନଷ୍ଟ



**ଉମରକୋଟ,୧୮।୪(ସମିସ):**

ଉମରକୋଟ ବ୍ଲକର ବଡ଼ଭରଣ୍ଡି ପଞ୍ଚାୟତର କାଳବୈଶାଖୀ ପ୍ରଭାବରେ ୨ ଏକରର ମକା ଫସଲ ନଷ୍ଟ ହୋଇଛି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଉମରକୋଟ ବ୍ଲକର ବଡ଼ଭରଣ୍ଡି ପଞ୍ଚାୟତର ଇନ୍ଦିରା କଲୋନୀର ବାଲସାଇ ବାଘ(୩୮) ଖରିଫ ଋତୁରେ ୨ ଏକର ଜମିରେ କରିଥିଲେ ମକା ଚାଷ। ନିଜର ଅର୍ଥ ସମ୍ବଳ ନ ଥିବାରୁ ସାହୁକାରଙ୍କଠାରୁ ଧାରକରଜ କରି ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ମକା ଚାଷ ପାଇଁ। ବୁଧବାର କାଳବୈଶାଖୀ ପ୍ରଭାବରେ ଉଜୁଡ଼ି ଯାଇଛି ବାଲସାଇଙ୍କ ମକା ଫସଲ। ମକା ଗଛରେ ଫୁଲ ଧରିବା ସମୟରେ କାଳବୈଶାଖୀ ହେବା ଫଳରେ ମକା ଗଛ ସବୁ ପବନରେ ନଇଁପଡ଼ି ନଷ୍ଟ ହୋଇଯାଇଛି। ବାଲସାଇଙ୍କ ପରିବାର କହିଲେ ପାଞ୍ଚଜଣ ସଦସ୍ୟ ଛୋଟ ଛୋଟ ତିନି ପୁଅ ଓ ସ୍ୱାମୀ-ସ୍ତ୍ରୀ। ଘରେ ରୋଜଗାର କହିଲେ ଚାଷ ହିଁ ଭରସା। କାଳବୈଶାଖୀ ଯୋଗୁଁ ମକା ଚାଷ ନଷ୍ଟ ହୋଇଥିବାରୁ ସାହୁକାରଙ୍କଠାରୁ ଆଣିଥିବା ଧାର କେମିତି ସୁଝିବେ ସେନେଇ ଚିନ୍ତାରେ ବାଲସାଇ ଓ ପରିବାର ଲୋକ। ପ୍ରଶାସନ କିଛି ସହାୟତା ପ୍ରଦାନ କଲେ ଉପକୃତ ହେବେ ବୋଲି ଅନୁରୋଧ କରିଛନ୍ତି ବାଲସାଇ। କୃଷି ଅଧିକାରୀଙ୍କୁ ପଚାରିବାରୁ, ମୋ ପାଖକୁ ସେପରି କିଛି ଖବର ଆସିନାହିଁ। ଆପଣଙ୍କଠାରୁ ଖବର ପାଇଲି। ତଦନ୍ତ କରାଯିବ। ଯଦି ସେ ଫସଲ ବୀମା କରିଥିବେ, ତାହେଲେ ନିଶ୍ଚୟ କ୍ଷତିପୂରଣ ମିଳିବ ବୋଲି କହିଛନ୍ତି।

## ସୁରକ୍ଷା ମହିଳା ଆରୋଗ୍ୟ ସମିତି ତରଫରୁ ଜଳଛତ୍ର



**ସେମିଳିଗୁଡ଼ା,୧୮।୪(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଆମ୍ବେଦକର ନଗର ଫାଟକ ନିକଟରେ ସରକାରୀ ହସ୍ପିଟାଲର ସୁରକ୍ଷା ମହିଳା ଆରୋଗ୍ୟ ସମିତି ତରଫରୁ ଜଳଛତ୍ର ଖୋଲାଯାଇଛି। ଜଳଛତ୍ର ଯୋଗୁଁ ପ୍ରବଳ ଖରାରେ ଆସୁଥିବା ଯାତ୍ରୀମାନେ ପିଇବା ପାଣି ପାଇପାରିବେ। ଜଳଛତ୍ରକୁ କାଉନସିଲର ଜ୍ୟୋତି କୁଳଦୀପ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ହରିଜନ ପଡାର, ସଙ୍ଗୀତା କୁଳଦୀପ, ଆଶା କର୍ମୀ ରିନା ସ୍ୱାଇଁ, ରିଙ୍କି ବାରିକ, ଆରୋଗ୍ୟ ସମିତିର ସୁଚିତ୍ରା ପଟ୍ଟନାୟକ, ଲୁସି ଧଡକା ପ୍ରମୁଖ ଉପସ୍ଥିତ ଥିଲେ। ଖରା ଦିନ ସରିବା ପର୍ଯ୍ୟନ୍ତ ଜଳଛତ୍ର ଚାଲୁ ରହିବ ବୋଲି ସୂଚନା ଦେଇଛନ୍ତି।

## କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ

**କୋଷାଗୁମୁଡ଼ା,୧୮।୪(ସମିସ):** କୋଷାଗୁମୁଡ଼ା ବ୍ଲକ୍ ବାଲେଗାଁ ପଞ୍ଚାୟତ ମିରିମିଣ୍ଡାରେ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ଭୁଜବଳ ମାଝୀ, ଡାବୁଗାଁ ନିର୍ବାଚନମଣ୍ଡଳୀର ପ୍ରାର୍ଥିନୀ ଡ. ଲିପିକା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଧନୁର୍ଜୟ ବିଶୋଇ, ରମେଶ ପାତ୍ର, ଧରମ ସିଂ, ସଞ୍ଜୀବ କୁମାର ବିଶୋଇ, ପଦମସାଇ ମାଳି, ବାବୁଲି ବାଘ, କେଏନ ରାଜୁ, ଯୁଗଧର ହରିଜନ, ଚିତ୍ତରଞ୍ଜନ ଗୌଡ଼ଙ୍କ ସହ ଅନେକ କର୍ମୀ ଯୋଗଦେଇଥିଲେ। ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ କିପରି ବିଜୟ ହେବ ସେ ନେଇ ଆଲୋଚନା କରାଯାଇଛି।

## ଭିନ୍ନକ୍ଷମ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବନ୍ଧୁଗାଁ,୧୮।୪(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ପଞ୍ଚାୟତ ଗିଣିଜିଖାଲ ଗ୍ରାମର କାମରା ମେଲେକା(୨୨) ନାମ୍ନୀ ବାଳିକା ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ବାଳିକା ଜଣକ ଶାରୀରିକ ଅକ୍ଷମତା ଥିବା ସହିତ ବାଡ଼ି ସହାୟତାରେ ବୁଲାବୁଲି କରି ଆସୁଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ଅଳ୍ପ କିଛି ମାସରୁ ବାଳିକା ଜଣକ ସାମାନ୍ୟ ମାନସିକ ବିକାରଗ୍ରସ୍ତ ହୋଇଥିଲେ। ଗୁରୁବାର ସକାଳେ ନିଜ ମାଆ ହାକ ମେଲେକା ଗାଁଠାରୁ ଅଳ୍ପ ଦୂରରେ ଥିବା କୁଡ଼ିଆ ଘରେ ରୋଷେଇ କରି ଝିଅ ଖାଇବାକୁ ଆସିବା ବିଳମ୍ବ ହେବାରୁ ଝିଅକୁ ଡାକିବା ପାଇଁ ଘରକୁ ଯାଇଥିଲେ। ଘର ଭିତରକୁ ଯିବା ବେଳକୁ ଝିଅ ଝୁଲି ଆତ୍ମହତ୍ୟା କରିଥିବା ଦେଖି ଥିଲେ। ସଙ୍ଗେ ସଙ୍ଗେ ମାଆ ନିଜ ସମ୍ପର୍କୀୟଙ୍କୁ କହିବା ପରେ ରାୟଗଡ଼ାରେ ଥିବା ମୃତ ବାଳିକାଙ୍କ ସାନ ଭାଇ ଲାଚମା ମେଲେକାଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ନିଜ ଭାଇ ଆସିବା ପରେ ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ତରଫରୁ ଏଏସଆଇ ବିଟି ସାଧୁ କେସ୍ ହାତକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହାୟତାରେ ଶବକୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଡାକ୍ତରଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପରିବାର ଲୋକେ ଶବ ନେଇ ନିଜ ଗାଁରେ ଦାହ କରିଥିବା ଜାଣିବାକୁ ମିଳିଛି।

## ପ୍ରଥମ ଦିନରେ ଦାଖଲ ହୋଇନାହିଁ ନାମାଙ୍କନ ପତ୍ର

**ରାୟଗଡ଼ା,୧୮।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକସଭା ଆସନ ନିମନ୍ତେ ପ୍ରଥମ ପର୍ଯ୍ୟାୟର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗୁରୁବାରଠାରୁ ଆରମ୍ଭ ହୋଇଛି ନାମାଙ୍କନ ଦାଖଲ ପ୍ରକ୍ରିୟା। ତେବେ ରାୟଗଡ଼ା ବିଧାନସଭା ଆସନ ନିମନ୍ତେ ରାୟଗଡ଼ା ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ କାର୍ଯ୍ୟାଳୟରେ ପ୍ରଥମ ଦିନରେ କୌଣସି ବି ରାଜନୈତିକ ଦଳ ତଥା ସ୍ୱାଧୀନ ଭାବେ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ରିଟର୍ଣ୍ଣିଂ ଅଧିକାରୀ ସଂଘମିତ୍ରା ଦେବୀ ପ୍ରକାଶ କରିଛନ୍ତି। ସେହିପରି ବିଷମକଟକ ବିଧାନସଭା ଆସନ ନିମନ୍ତେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଭାସ୍କର ଚନ୍ଦ୍ର ରଇତଙ୍କଠାରେ ମଧ୍ୟ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ବେଳେ ଗୁଣୁପୁର ବିଧାନସଭା ଆସନ ପାଇଁ ମଧ୍ୟ ଗୁଣୁପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ କିରଣଦୀପ କୌରଙ୍କ କାର୍ଯ୍ୟାଳୟରେ ମଧ୍ୟ କେହି ପ୍ରାର୍ଥୀ ନାମାଙ୍କନ ଭରି ନ ଥିବା ଜଣାପଡ଼ିଛି। ଆସନ୍ତା ମେ' ୧୩ ତାରିଖରେ କୋରାପୁଟ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ ୭ଟି ବିଧାନସଭା ଆସନ ଏବଂ ଗୋଟିଏ ସାଂସଦ ଆସନ ନିମନ୍ତେ ମତଦାନ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଏପ୍ରିଲ ୧୮ ରୁ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲର ସମୟ ଅବଧି ରହିଥିବାବେଳେ ୨୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ସହ ଯୋଗ୍ୟ ନାମାଙ୍କିତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶନ ଏବଂ ୨୯ ତାରିଖରେ ପ୍ରାର୍ଥୀ ପ୍ରତ୍ୟାହାରର ଶେଷ ଦିନ ସହ ପ୍ରତିଯୋଗୀ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ। କୋରାପୁଟ ଲୋକସଭା ସାଂସଦ ଆସନର ପ୍ରାର୍ଥୀମାନେ କୋରାପୁଟ ଜିଲ୍ଲା ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ସେହିପରି ଆସନ୍ତା ମେ' ୧୩ ତାରିଖରେ ରାୟଗଡ଼ାରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ମତଦାନ ଅନୁଷ୍ଠିତ ହେବ ଏବଂ ଜୁନ ୪ ତାରିଖରେ ଭୋଟଗଣନା ଏବଂ ୬ ତାରିଖରେ ନିର୍ବାଚନ ସମାପ୍ତ ହେବ।

## ଯୁବକଙ୍କ ମୃତଦେହ ଉଦ୍ଧାର

**କୋରପୁଟ, ୧୮।୪ (ସମିସ):** ଜୟପୁର ସଦରଥାନା ଶୁଣ୍ଠିଗୁଡ଼ା ଗ୍ରାମଠାରେ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଯୁବକ ଈଶ୍ୱର ପରଜା (୧୯) ନିଜ ଗୃହରେ ବେକରେ ରଶି ଲଗାଇ ଗୁରୁବାର ପୂର୍ବାହ୍ନରେ ଆତ୍ମହତ୍ୟା କରିଥିଲେ। ପତ୍ନୀ ମଜୁରୀ କାର୍ଯ୍ୟ କରିବା ପାଇଁ ସ୍ୱାମୀଙ୍କୁ ଡାକିଥିଲେ। କିନ୍ତୁ ସ୍ୱାମୀ କାର୍ଯ୍ୟକୁ ଯିବା ପାଇଁ ମନା କରିଦେଇଥିଲେ। ପତ୍ନୀ ନିଜ କାର୍ଯ୍ୟକୁ ଚାଲିଯାଇଥିଲେ। ଅପରାହ୍ନରେ ଫେରି ଦେଖିବା ବେଳେ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ମୃତକଙ୍କ ମାଆ ତାଙ୍କ ପୁଅଙ୍କ ମାନସିକ ବିକାର ଥିବାରୁ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ସଦର ଥାନାରେ ଏତଲା କ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହିତ ଶବ ଜବତ କରାଯାଇଛି।

## ତାରାଗାଁରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**କୋଷାଗୁମୁଡ଼ା,୧୮।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କୋଷାଗୁମୁଡ଼ା ବ୍ଲକର ତାରାଗାଁରେ କୋଡ଼ିଙ୍ଗା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଗାମୀ ଦିନରେ କୋଷାଗୁମୁଡ଼ା ବ୍ଲକର ଦୁଇଟି ଥାନା ଏବଂ ଗୋଟିଏ ଫାଣ୍ଡି ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ହେବ ବୋଲି ଏସଡିପିଓ ମିନାକ୍ଷୀ ଠାକୁର କହିଛନ୍ତି। କୋଷାଗୁମୁଡ଼ା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ବୋର୍ଡରରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ଅପରାଧିକ କାର୍ଯ୍ୟକଳାପକୁ ରଖିବା ପାଇଁ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି। ସମ୍ବେଦନଶୀଳରୁ ଅତି ସମ୍ବେଦନଶୀଳ ଅଞ୍ଚଳରେ ଆଗାମୀ ଦିନରେ ଫ୍ଲାଗମାର୍ଚ୍ଚ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ବିଏସଏଫ ଯବାନ ଦୁଇ ପ୍ଲାଟୁନ ସହ ଏସଡିପିଓ ମିନାକ୍ଷୀ ଠାକୁର, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ, କୋଷାଗୁମୁଡ଼ା ଥାନା ଅଧିକାରୀ ଯୁଗଳ ଶବର, ଏସଆଇ ପ୍ରଦୀପ କୁମାର ବାଘ, ଏସଆଇ ହମିତ ମାଝୀ ଏବଂ ବିଏସଏଫ ଅଫିସର ମିଳିତ ଭାବେ ଏହି ଫ୍ଲାଗମାର୍ଚ୍ଚରେ ଯୋଗଦେଇଥିଲେ। ଆଗାମୀ ଦିନରେ ବ୍ଲକିଂ ଚେକିଂ କଡ଼ାକଡ଼ି ହେବ ବୋଲି ଏସଡିପିଓ ମିନାକ୍ଷୀ ଠାକୁର କହିଛନ୍ତି।

## କୋରାପୁଟ ଜିଲ୍ଲାର ଚୈତ୍ର ପର୍ବ ତଥା ଆମ୍ବ ନୂଆଖାଇ ଆରମ୍ଭ

# ବାଟ ଓଗାଳି ପାଜର ମାଗିବେ ମହିଳା, ବେଣ୍ଟକୁ ଯିବେ ପୁରୁଷ

**ନନ୍ଦପୁର,୧୮।୪(ସମିସ):** ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ନିଆରା ଚୈତ୍ର ପର୍ବ ଆରମ୍ଭ ହୋଇଛି। କୋରାପୁଟ ଜିଲ୍ଲାର ଆଦିବାସୀଙ୍କ ପରମ୍ପରା ପ୍ରକୃତି ସହ ଅଙ୍ଗାଙ୍ଗି ଭାବେ ଜଡ଼ିତ। ୧୨ ମାସରେ ତେର ପର୍ବପର୍ବାଣୀ ସାଙ୍ଗକୁ ପ୍ରକୃତି ପରିବେଶ କୋରାପୁଟବାସୀଙ୍କ ଇଷ୍ଟଦେବୀ ଦେବତା ତୁଲ୍ୟ। କୋରାପୁଟ ଜିଲ୍ଲାର ବିଭିନ୍ନ ଜାନିଯାତ୍ରା ସହ ପର୍ବପର୍ବାଣୀ ମଧ୍ୟରେ ଆମ୍ବ ନୂଆଖାଇ ଅନ୍ୟତମ ଓ ଅତି ନିଆରା। ଗ୍ରାମାଞ୍ଚଳରେ ଗ୍ରୀଷ୍ମ ଚାଷ ତଥା ଖରାଟିଆ ଚାଷ ବିଲବାଡ଼ିରେ ଧାନ ଚାଷ ଶେଷ ହୋଇଥିବାବେଳେ ଗ୍ରାମବାସୀ ପାଳିଥାନ୍ତି ଚୈତ୍ର ପର୍ବ। ପ୍ରଚଣ୍ଡ ଖରା ସାଙ୍ଗକୁ ଚୈତ୍ର ମାସରେ ଆମ୍ବ ଗଛରେ ଫଳ ଆସିଥାଏ। ଆମ୍ବ ଫଳ ଖାଇବା ପୂର୍ବରୁ କୋରାପୁଟ ଜିଲ୍ଲା ପ୍ରତିଟି ଗ୍ରାମରେ ଚୈତ୍ର ପର୍ବ ତଥା ଆମ୍ବ ନୂଆଖାଇ ପର୍ବ ଅନୁଷ୍ଠିତ ହୋଇଥାଏ। ଏହି ନିଆରା ପର୍ବ ପାଇଁ ସପ୍ତାହ ବ୍ୟାପୀ ଉତ୍ସବମୁଖର ହୋଇଥାଏ ଗ୍ରାମାଞ୍ଚଳ। ସପ୍ତାହ ବ୍ୟାପୀ ପ୍ରତିଟି ଘରେ ବନ୍ଧୁବାନ୍ଧବ, କୁଣିଆ ମୈତ୍ରଙ୍କ ଭିଡ଼ ଜମିବା ସହ ନାଚ ଗୀତରେ ଘର ଦାଣ୍ଡ ଦୁଆର ଫାଟି ପଡ଼ିଥାଏ।

### ■ କେମିତି ହୁଏ ପ୍ରସ୍ତୁତି, କ'ଣ ରହିଛି ମହତ୍ତ୍ୱ



ଚୈତ୍ର ପର୍ବର ସପ୍ତାହ ପୂର୍ବରୁ ଗ୍ରାମ ସଦରରେ ହୁଏ ବୈଠକ। ଗାଁର ମୁଖିଆ ତଥା ନାୟକ, ବାରିକ, ପୂଜାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରନ୍ତି। କ'ଣ କ'ଣ ହେବ କେମିତି ହେବ ଯୋଗ ତିଥି ତାରିଖ ବାର ନେଇ ହୁଏ ଆଲୋଚନା। ସେଥିପାଇଁ ଆର୍ଥିକ ବ୍ୟୟବରାଦ ଉପରେ ଆଲୋଚନା କରାଯାଇ ପ୍ରତି ଘରେ ଅର୍ଥ ଆଦାୟ ହୋଇଥାଏ। ପରେ ଗୋଟିଏ ଗୋଷ୍ଠୀକୁ ଦାୟିତ୍ୱ ଦେଇ ପୂଜା ସାମଗ୍ରୀ କ୍ରୟ ହୋଇଥାଏ। ଧାର୍ଯ୍ୟ ହୋଇଥିବା ତିଥି ଦିନ ଗ୍ରାମଦେବୀ ଗାଁ ନିଶାନିମୁଣ୍ଡା କୂଳ ଦେବୀ ନିକଟରେ ପୂଜାର୍ଚ୍ଚନା କରିବା ପରେ ନିଜ ନିଜ ଘରେ ପୂଜା କରି ପରିବାର ସହ ନୂଆ ଆମ୍ବ କାଟି ଖାଇଥାନ୍ତି। ପରେ ଗାଁ ଦାଣ୍ଡରେ ସନ୍ଧ୍ୟା ସମୟରେ ନାଚ ଗୀତ, ଢେମସାର ଆସର ଜମିଥାଏ। ତା'ପର ଦିନ ସକାଳୁ ମହିଳାମାନେ ରାସ୍ତା ଉପରେ ପାଜର ଆଦାୟ କରିଥାନ୍ତି ଓ ପୁରୁଷମାନେ ଜଙ୍ଗଲକୁ ବେଣ୍ଟ ପାଇଁ ଯାଇଥାନ୍ତି। ସୂଚିତ ଯେ, ଗ୍ରୀଷ୍ମ ସମୟରେ ଅତ୍ୟଧିକ ଖରା ହେଉଥିବାବେଳେ ପାଣି ପିଇବା ପାଇଁ ଜଙ୍ଗଲରୁ ଜୀବଜନ୍ତୁ ଗାଁମୁହାଁ ହେବା ସହ ଚାଷ ଜମିରେ ପଶି ଚାଷ ନଷ୍ଟ କରିଥାନ୍ତି। ତେବେ ଗାଁମୁହାଁ ଜୀବଜନ୍ତୁଙ୍କୁ ଜଙ୍ଗଲମୁହାଁ କରାଇବାକୁ ବେଣ୍ଟ କରିଥାନ୍ତି। ତେବେ ବହୁ ପୁରାତନ ପରମ୍ପରାକୁ ସମ୍ମାନ ଦେଇ ଆଜି ମଧ୍ୟ ଚୈତ୍ର ମାସରେ ଆମ୍ବ ନୂଆଖାଇ ପରେ ଗ୍ରାମବାସୀମାନେ ବେଣ୍ଟକୁ ଯାଇଥାନ୍ତି। ପ୍ରଥମ ଦିନ ଟିଂରିବେଣ୍ଟ ଓ ପରେ ବଡ଼ ବେଣ୍ଟକୁ ପୁରୁଷମାନେ ଜଙ୍ଗଲ ଯାଇ ଶିକାର ନ କରିବା ପର୍ଯ୍ୟନ୍ତ ଗ୍ରାମକୁ ଫେରୁ ନ ଥିଲେ। ତେବେ ଏହି ପରମ୍ପରାକୁ ଆଜି ମଧ୍ୟ ଗ୍ରାମମାନଙ୍କରେ ଜୀବିତ ରଖିବା ଉଦ୍ଦେଶ୍ୟରେ ଛୋଟ ବଡ଼ ଜୀବ ଶିକାର କରି ଗ୍ରାମକୁ ଆଣିଥାନ୍ତି। ପୁରୁଷମାନେ ଶିକାରରୁ ଫେରିବା ପରେ ଗ୍ରାମର ମହିଳାମାନେ ସମ୍ମାନର ସହିତ ପୁରୁଷମାନଙ୍କୁ ସ୍ୱାଗତ କରି ବନ୍ଦାପନା କରିଥାନ୍ତି। ତେବେ ପ୍ରତି ଗ୍ରାମର ନିୟମ ଅନୁସାରେ ମହିଳାମାନେ ବେଣ୍ଟରୁ ଫେରିଥିବା ପୁରୁଷମାନଙ୍କୁ ଖୁସି କରିବାକୁ ମହିଳାମାନେ ଆୟୋଜନ କରିଥାନ୍ତି ଲିଆ ଖାଉଣି। କୋରାପୁଟ ଜିଲ୍ଲାର ଆମ୍ବ ନୂଆଖାଇ ପର୍ବ ପାଳନର ନିଆରା ଉତ୍ସବ ୧୫ ଦିନ ଧରି ଚାଲିଥାଏ।

# ବିଜେଡିରେ ଯୋଗଦେଲେ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ





**କୋରାପୁଟ/ପୋଡ଼ାଗଡ଼, ୧୮।୪(ସମିସ):** ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନିଙ୍କ କୋରାପୁଟ ସ୍ଥିତ ବାସଭବନରେ ଗୁରୁବାର ପୂର୍ବାହ୍ନରେ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼, ମୁଜାଙ୍ଗ ଓ ଗାଦିଆଗୁଡ଼ା ପଞ୍ଚାୟତର ଶତାଧିକ କଂଗ୍ରେସ ଓ ଭାରତୀୟ ଜନତା ପାର୍ଟିର କର୍ମୀ ନିଜ ଦଳ ଛାଡ଼ି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ, ସ୍ୱଚ୍ଛ ଭାବମୂର୍ତ୍ତି, କଲ୍ୟାଣକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ପ୍ରତି ଆକର୍ଷିତ ହୋଇ ସେମାନେ ବିଜୁ ଜନତା ଦଳରେ ଯୋଗ ଦେଇଥିବା କହିଛନ୍ତି। ସମସ୍ତ ନାବାଗତଙ୍କୁ ବିଧାୟକ ତଥା ବର୍ତ୍ତମାନର ପ୍ରାର୍ଥୀ ପ୍ରଭୁ ଜାନି ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି କହିଛନ୍ତି।

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଡଙ୍ଗରଭେଜାଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀରେ ନବରଙ୍ଗପୁର ବିଜେଡି ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଓ ନବରଙ୍ଗପୁର ବିଧାୟକ ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀଙ୍କ ନେତୃତ୍ୱରେ କଂଗ୍ରେସ ଓ ବିଜେପି ଦଳ ତ୍ୟାଗ କରି ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି ଶତାଧିକ କଂଗ୍ରେସ ଓ ବିଜେପିର କର୍ମୀ। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି ସାମିଲ ହୋଇଥିବା ଶତାଧିକ କର୍ମୀ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନବରଙ୍ଗପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ସାଂସଦ ପ୍ରତିନିଧି ସୁନୀଲ ସାହୁ, ବ୍ଲକ୍ ସଭାପତି ଦୟାନିଧି ବିଶୋଇ, ଯୁବ ସଭାପତି ପୁରନ୍ଦର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଜୋନ୍-୨ର ୬ଟି ଗ୍ରାମ ପଞ୍ଚାୟତର ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ଅନେକ ଲୋକ ବିଜେଡିରେ ସାମିଲ ହେବେ ଏବଂ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ବିଜେଡିର ବିଜୟ ଲାଭ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ନିର୍ବାଚନ ଖର୍ଚ୍ଚ ଯାଞ୍ଚକାରୀ କେନ୍ଦ୍ରୀୟ ଦଳର ଜୟପୁର ଗସ୍ତ



କୋରପୁଟ, ୧୮ ।୪ (ସମିସ) : କୋରାପୁଟ ଜିଲ୍ଲା ଜୟପୁରକୁ ନିର୍ବାଚନ ଖର୍ଚ୍ଚ ଯାଞ୍ଚକାରୀ କେନ୍ଦ୍ରୀୟ ଦଳ ଗୁରୁବାର ଗସ୍ତ କରିଛନ୍ତି । ଜୟପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ କେନ୍ଦ୍ରୀୟ ଖର୍ଚ୍ଚ ଯାଞ୍ଚକାରୀ ପର୍ଯ୍ୟବେକ୍ଷକ ଭନୱାର ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିର୍ବାଚନ ଯୋଗାଯୋଗ ଅଧିକାରୀ ତଥା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପ୍ରଧାନୀ, ଜିଲ୍ଲା ପର୍ଯ୍ୟଟକ ଅଧିକାରୀ ଟଲିନା ପ୍ରଧାନୀ, ସହକାରୀ ଖର୍ଚ୍ଚ ଆକଳନ ଅଧିକାରୀ ତଥା ବାଣିଜ୍ୟକର ଅଧିକାରୀ ଅସୀମା ପାଢ଼ୀ, ସ୍ୱାଗତିକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବିଭିନ୍ନ ନିର୍ବାଚନ ପ୍ରସ୍ତୁତି ଉପରେ ଅଲୋଚନା ଏବଂ ତାଲିମ ପ୍ରଦାନ କରାଯାଇଥିଲା । କେଉଁଠି କେତେଟା ଅଭିଯୋଗ ଓ ଫ୍ଲାଇଂ ସ୍କ୍ୱାର୍ଡ ସହାୟତା ନେଇ ଯାଞ୍ଚ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ବୈପାରୀଗୁଡ଼ା ଅତିରିକ୍ତ ତହସିଲଦାର ପ୍ରମୋଦ ପାଢ଼ୀ, ବୈପାରୀଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବୋରିଗୁମ୍ମା ଓ କୋଟପାଡର ନିର୍ବାଚନ ଦାୟୀତ୍ୱରେ ରହିଥିବା ଅଧିକାରୀ, ପୁଲିସ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାତି ପାହିଲେ ଛତିଶଗଡ଼ରେ ନିର୍ବାଚନ; ସୁରକ୍ଷା ବ୍ୟବସ୍ଥା କଡ଼କଡ଼ି

**ମାଲକାନଗିରି,୧୮ ।୪(ସମିସ):** ଶୁକ୍ରବାରଠାରୁ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ୨୦୨୪ ଲୋକସଭା ନିର୍ବାଚନ ହେବାକୁ ଯାଉଛି । ଏହି ଅଞ୍ଚଳରେ ପୂର୍ବରୁ ମାଓବାଦୀମାନେ ନିର୍ବାଚନକୁ ବିରୋଧ କରି ଆସୁଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଛତିଶଗଡ଼ରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଯାହାକୁ ନେଇ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ମଧ୍ୟ ଉଭୟ ରାଜ୍ୟର ପୁଲିସ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମାଲକାନଗିରି ପୁଲିସ ଏବଂ ବିଏସ୍ଏଫ୍ ତରଫରୁ ତଲାସୀ ଅପରେସନକୁ ଜୋରଦାର କରାଯାଉଛି। ଜିଲ୍ଲାର ୧୬ଟି ସ୍ଥାନରେ ଅପରେସନ ଜାରି ରହିଥିବାବେଳେ ୪ଟି ଟିମକୁ ଷ୍ଟାଣ୍ଡବାୟ ରଖାଯାଇଛି । ସମସ୍ତ ଯାନବାହନକୁ ଯାଞ୍ଚ କରାଯାଉଛି । ସୀମାରେ ଡ୍ରୋନ ଓ ସିସିଟିଭିରେ ନଜର ରଖାଯାଇଥିବା ନେଇ ମାଲକାନଗିରି ଏସପି ନିତିଶ ୱାଧୱାନୀ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା

**ସେମିଲିଗୁଡା,୧୮ ।୪(ସମିସ) :**



ରାଜ୍ୟରେ ଚର୍ଚ୍ଚ ମରାମତି ଓ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଥିବାରୁ କୋରାପୁଟ ଜିଲ୍ଲାର ଖ୍ରୀଷ୍ଟିଆନ୍ ସମାଜର ପାଳକ ଓ ନେତୃ ବୃନ୍ଦଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଭୁବନେଶ୍ୱରରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନଙ୍କୁ ଭେଟି ଗତ ଐତିହାସକ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଶ୍ରୀ ପଣ୍ଡିଆନ୍ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଖ୍ରିଷ୍ଟିଆନ୍ ଓ ମାଇନୋରିଟି ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲାଚନା କରି ତାହାର ସମାଧାନ ପାଇଁ ପଦକ୍ଷେପ ନେବା ପାଇଁ ପାଳକମାନେ ଅନୁରୋଧ କରିଥିଲେ । ସମାଜସେବୀ ଆଶିଷ ବାବୁ, ଅନୀଲ ନାୟକ, ପାଳକ ରେଭ୍ ଡ. ସଞ୍ଜୟ ଡଙ୍ଗରି, ପାଳକ ବିପୁଳ ଟାକ୍ରି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଭେଟି ଥିଲେ । ଏହି ଅବସରରେ ଶ୍ରୀ ପଣ୍ଡିଆନ୍ଙ୍କୁ ଏକ ପେଇଣ୍ଟିଂ ଉପହାର ପ୍ରଦାନ କରିଥିଲେ ।

● ଆଜିଠାରୁ ମଝିଘରିଆଣୀଙ୍କ ଚୈତ୍ର ପର୍ବ ଓ ଝାମୁଯାତ୍ରା ଆରମ୍ଭ

## ସୁନାବେଶରେ ଦର୍ଶନ ଦେଲେ ମା'



**ରାୟଗଡ଼ା,୧୮ ।୪(ସମିସ):** ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ପୀଠରେ ଶୁକ୍ରବାରଠାରୁ ଆସନ୍ତା ୨୩ ତାରିଖ ଯାଏଁ ୫ଦିନ ଧରି ଚୈତ୍ର ପର୍ବ ଓ ଝାମୁ ଯାତ୍ରା ଆଡ଼ମ୍ବର ସହକାରେ ପାଳନ କରାଯିବ। ଗୁରୁବାର ଦିନ ୧୦ଟା ସମୟ ପରେ ମଣ୍ଡଳ ବିନ୍ୟାସ, ଦିନ ୧୧ଟା ୪୦ମି.ମଧ୍ୟରେ ଦୀକ୍ଷାଗ୍ରହଣ ଏବଂ ସନ୍ଧ୍ୟା ୫ଟା ୧୫ମି.ସମୟରେ ଝଞ୍ଜାବତୀ ନଦୀରୁ ପବିତ୍ର ଜଳଯାତ୍ରା ପରେ ମା'ଙ୍କ ଅଙ୍କୁରାରୋପଣ କରାଯାଇ ସନ୍ଧ୍ୟାରେ ସୁନାବେଶ କରାଯାଇଛି। ଚୈତ୍ର ପର୍ବରେ ସୁନାବେଶରେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ ବୋଲି ମଝିଘରିଆଣୀ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ରାଇସିଂ ବିଡିକା ପ୍ରକାଶ କରିଛନ୍ତି। ମା'ଙ୍କ ପୀଠରେ ଅନୁଷ୍ଠିତ ଏହି ଚୈତ୍ର ପର୍ବ ନିମନ୍ତେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରୁ ଆସିଥିବା ପଣ୍ଡିତମାନଙ୍କ ଦ୍ୱାରା କର୍ମାରମ୍ଭ, ସୂର୍ଯ୍ୟପୂଜା, ଶାଳପୂଜା, ମୁଖ୍ୟ ଦେବତା ପୂଜା, ଚଣ୍ଡୀପାଠ, ଆଳତି, ପୁଷ୍ପାଞ୍ଜଳି, କୁଣ୍ଡ ଓ ଅଗ୍ନି ସଂସ୍କାର ହୋମ, ଷୋଡ଼ଶ ଉପଚାର ପୂଜା, ମହାସ୍ନାନ ମହାପୂଜା ଇତ୍ୟାଦି ପୂଜା ରୀତିନୀତି ଅନୁଯାୟୀ କରାଯିବ ବୋଲି ଶ୍ରୀ ବିଡ଼ିକା ପ୍ରକାଶ କରିଛନ୍ତି।

## ଧନରାଗିଣୀ ମନ୍ଦିରରେ ବିହନ ଯାତ୍ରା

**ସେମିଳିଗୁଡ଼ା,୧୮ ।୪(ସମିସ) :** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହର ଉପକଣ୍ଠ ଗୋପବନ୍ଧୁ ନଗର ପାହାଡ଼ ଉପରେ ଅବସ୍ଥାପିତ ଥିବା କାକିଗାଁର ଅଧିଷ୍ଠାତ୍ରୀ ଦେବୀ ମା' ଧନରାଗିଣୀଙ୍କ ଚୈତ୍ର ପର୍ବ ଓ ବିହନ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ସକାଳୁ ଦେବୀଙ୍କ ନିକଟରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ମା'ଙ୍କ ଶୃଙ୍ଗାର କରାଯାଇ ଆଳତି କରାଯାଇଥିଲା । ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ନିକଟରେ ପୂଜା କରିଥିଲେ । ମା'ଙ୍କ ନିକଟରେ ବିହନ ପୂଜା କରାଯାଇଥିଲା । ଏହି ଅବସରରେ ଏକ ସାମୂହିକ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଥିଲେ । କିମ୍ବଦନ୍ତୀ ଅନୁସାରେ ବହୁ ବର୍ଷ ପୂର୍ବେ ସମଗ୍ର ଅଞ୍ଚଳ ପଥର ଚଟାଣରେ ପରିପୂର୍ଣ୍ଣ ଥିବା ବେଳେ ମା' ଧନରାଗିଣୀଙ୍କୁ ଆରାଧନା କରି ସେଠାରେ ବିହନ ବୁଣିବା ପରେ ଆଶ୍ଚର୍ଯ୍ୟଜନକ ଭାବେ ତାହା ଗଜା ଧରିଥିଲା । ସେହି ଦିନଠାରୁ ସେହି ସ୍ଥାନରେ ଆଦିବାସୀଙ୍କ ଆରାଧ ଦେବୀ ରୂପେ ମା' ପୂଜା ପାଇ ଆସୁଛନ୍ତି ।

## ବିପୁଳ ମାଓ ସାମଗ୍ରୀ ଜବତ

**ମାଲକାନଗିରି,୧୮ ।୪ (ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ସାନଟେକଗୁଡ଼ା ଓ ଭେଜାଙ୍ଗିବାଡ଼ା ମଧ୍ୟରେ ଥିବା ଜଙ୍ଗଲରେ ଯବାନମାନେ ମାଓ ସାମଗ୍ରୀ ଜବତ କରିଛନ୍ତି। ତଥ୍ୟ ଅନୁଯାୟୀ, ଗୁରୁବାର ବିଏସ୍ଏଫ୍ ବଡ଼ିଗେଟା, ଏମ୍‌ପିଭି ୨୧, ୧୪୨ ବାଟାଲିୟନ ବିଏସଏଫ୍ ଓ ମାଲକାନଗିରି ସଦର ବିଏସ୍ଏଫ୍ ମିଳିତ ଭାବେ କାଲିମେଲା ଥାନା ଅଞ୍ଚଳରେ କମ୍ବିଂ ଅପରେସନ କରିଥିଲେ। ସାନଟେକଗୁଡ଼ା ଓ ଭେଜାଙ୍ଗିବାଡ଼ା ମଧ୍ୟରେ ଥିବା ଏଲକାନୁର, ଗ୍ରାମ ନିକଟ ଜଙ୍ଗଲ ପାଖରେ ଥିବା ଦୁଇଟି ସ୍ଥାନରେ ମାଓ ସାମଗ୍ରୀ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଦୁଇଟି ସ୍ଥାନରୁ ମାଓ ସାମଗ୍ରୀ ଜବତ କରିଛନ୍ତି। ଜବତ ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ଏସବିଏମ୍ଏଲ୍ ଗନ୍ ୭ଟି, ୩ ଲିଟର ଟିଫିନ୍ ବୋମା ଦୁଇଟି, ହ୍ୟାଣ୍ଡ ଗ୍ରେନେଡ୍ ୪ଟି, ସୋଲାର୍ ବିଦ୍ୟୁତ୍ ପାନେଲ ଦୁଇଟି, ଗ୍ୟାସ୍ ସିଲିଣ୍ଡର ଗୋଟିଏ, ୭ଟି ସିଡି, ଷ୍ଟିଲ୍ ବଲ ୫୦୦ଟି, ବିଦ୍ୟୁତ୍ ତାର ୨୦ ମିଟର ଜବତ କରିଛନ୍ତି। ଏକଦା ଏହି ଅଞ୍ଚଳ ମାଓବାଦୀଙ୍କ ଅଞ୍ଚଳ ଭାବେ ପରିଚିତ ଥିବା ସମୟରେ ମାଓବାଦୀମାନେ ଏଠାରେ ପୁଲିସ ଓ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଏହାକୁ ପୋତି ରଖିଥିଲେ। ଏହି ସାମଗ୍ରୀଗୁଡ଼ିକ ବହୁ ବର୍ଷ ପୂର୍ବରୁ ଥିବା ଜଣାପଡ଼ିଛି। ଯବାନମାନେ ସେହି ଅଞ୍ଚଳରେ କମ୍ବିଂ ଅପରେସନ୍ ଜାରି ରଖିଛନ୍ତି।



## ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

**ରାୟଗଡ଼ା,୧୮ ।୪(ସମିସ):** ଚଳିତ ସାଧାରଣ ଓ ବିଧାନସଭା ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ପାଇଁ ନିଯୁକ୍ତ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାଜୀବ କୁମାର ୟଙ୍ଗଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ନିର୍ବାଚନ ଖର୍ଚ୍ଚ ପରିଚାଳନା ଉପରେ ଆଲୋଚନା କରିଥିଲେ। ଚଳିତ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ ଭାବରେ ଆୟୋଜନ କରିବା ନିମନ୍ତେ ପ୍ରଶାସନ ତରଫରୁ କଡ଼ାକଡ଼ି ଯାଞ୍ଚ କରିବାକୁ ବିଭିନ୍ନ ସ୍କ୍ୱାଡ୍ ଗଠନ କରାଯାଇଛି। ବିଶେଷ କରି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଅର୍ଥ, ବଳ ପ୍ରୟୋଗ କରି ଭୋଟରଙ୍କୁ ପ୍ରଭାବିତ କରିବାର ସମ୍ଭାବନାକୁ ଯାଞ୍ଚ କରିବା ନିମନ୍ତେ ଷ୍ଟାଷ୍ଟିକ ସାର୍ଭେଲାନ୍ସ, ଫ୍ଲାଇଂ ସ୍କ୍ୱାଡ୍, ଭିଡିଓ ଭିୟୁଇଂ ଟିମ ଆଦି ଗଠନ କରାଯାଇଛି। ଏହି ଟିମର କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେକ୍ଷକ ସମୀକ୍ଷା କରିଥିଲେ ଓ ସମସ୍ତ ଟିମ ସହଯୋଗିତା ଓ ଉତ୍ତମ ବୁଝାମଣାରେ କାମ କରିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଭାସ୍କର ରଇତ, ମୁଖ୍ୟ ବିକାଶ ଅଧିକାରୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରାୟଗଡ଼ା କଲ୍ୟାଣୀ ସଂଘମିତ୍ରା ଦେବୀ, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ନିର୍ବାଚନ ଖର୍ଚ୍ଚ ପରିଚାଳନା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ତଥା ମୁଖ୍ୟ ବିକାଶ ଓ କାର୍ଯ୍ୟନିର୍ବାହୀ ଜିଲ୍ଲା ପରିଷଦ ଶ୍ରୀ କହଁର ବିସ୍ତୃତ ଭାବରେ ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାର ତଥ୍ୟ ଉପସ୍ଥାପନା କରିଥିଲେ।

### ନାମାଙ୍କନପତ୍ର ଦାଖଲ ଆରମ୍ଭ

# ପ୍ରଥମ ଦିନରେ ଲୋକସଭା ପାଇଁ ୧, ବିଧାନସଭା ପାଇଁ ୧୬ ନାମାଙ୍କନ ପତ୍ର ବିକ୍ରି



କୋରାପୁଟ, ୧୮ ।୪(ସମିସ): ଆସନ୍ତା ମେ ମାସ ୧୩ରେ କୋରାପୁଟ ଜିଲ୍ଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଗୁରୁବାରଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଦିନରେ କୋରାପୁଟ ଲୋକସଭା ପାଇଁ ଗୋଟିଏ ଓ ଜିଲ୍ଲାର ୫ ଗୋଟି ବିଧାନସଭା ଆସନ ପାଇଁ ୧୬ ଜଣ ନାମାଙ୍କନ ପତ୍ର କିଣିଥିବା ଜଣା ପଡ଼ିଛି । ଆଜି ଠାରୁ ୨୫ ଯାଏ ନାମାଙ୍କନ ପତ୍ର ଦାଖଲ କରାଯିବ ବୋଲି ସମସ୍ତ ସରକାରୀ କାର୍ଯ୍ୟାଳୟରେ ନୋଟିସ ଜାରି କରାଯାଇଛି । କୋରାପୁଟ ଲୋକସଭା ଆସନ ପାଇଁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରାଯିବ । ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ କାର୍ଯ୍ୟାଳୟରେ ଲକ୍ଷ୍ମୀପୁର ବିଧାନସଭା, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବରଙ୍କ କାର୍ଯ୍ୟାଳୟରେ କୋରାପୁଟ ବିଧାନସଭା ଏବଂ ଅତିରିକ୍ତ ଉପଜିଲ୍ଲାପାଳ ସଂଯୁକ୍ତା ବା' ଙ୍କ କାର୍ଯ୍ୟାଳୟରେ ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ କରାଯିବ । କୋରାପୁଟ ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକା ନାମାଙ୍କନ ପତ୍ର କ୍ରୟ କରିଥିବା ବେଳେ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨ ଜଣ ପ୍ରାର୍ଥୀ ଏବଂ ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୪ ଜଣ, ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୮ ଜଣ ଏବଂ କୋଟପାଡ ନିର୍ବାଚନ ମଣ୍ଡଳୀ ପାଇଁ ୨ ଜଣ ନାମାଙ୍କନ ପତ୍ର କ୍ରୟ କରିଥିବା ଜଣାପଡିଛି । ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କେହି ହେଲେ ବି ନାମାଙ୍କନ ପତ୍ର କ୍ରୟ କରି ନ ଥିବା ଜଣାପଡିଛି । କୋରାପୁଟ ବିଧାନସଭା ଆସନ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ ପ୍ରାର୍ଥୀପତ୍ର ଦାଖଲ କରିଥିବା କୋରାପୁଟ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ବେଣୁଧର ଶବର ସୂଚନା ଦେଇଛନ୍ତି । ଆସନ୍ତାକାଲି କୋରାପୁଟ ଲୋକସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକା ଏବଂ ପଟ୍ଟାଙ୍ଗୀ ବିଧାନସଭା ଆସନ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି।

## କଂଗ୍ରେସ କୋରାପୁଟ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପଙ୍କ ଗୋପନୀୟ ନାମାଙ୍କନ ଦଖଲକୁ ନେଇ ଚର୍ଚ୍ଚା

**କୋରାପୁଟ,୧୮ ।୪(ସମିସ):** କୋରାପୁଟ ବିଧାନସଭା ପାଇଁ କଂଗ୍ରେସ ପ୍ରାର୍ଥୀ କୃଷ୍ଣ କୂଲଦୀପଙ୍କ ନାମାଙ୍କନକୁ ନେଇ ଚର୍ଚ୍ଚା। ଗଣମାଧ୍ୟମକୁ ଚକମା ଦେଇ ଗୁରୁବାର ଶେଷ ମୁହୂର୍ତ୍ତରେ ମାତ୍ର ହାତଗଣତି ସମର୍ଥକଙ୍କୁ ନେଇ କୁଲଦୀପ ନାମାଙ୍କନ ଦାଖଲ କରିଥିଲେ। ଶୁକ୍ରବାର ନାମାଙ୍କନ ଦାଖଲ କରିବାକୁ କହି ଅଚାନକ ପ୍ରଥମ ଦିବସ ଅନ୍ତିମ ସମୟରେ ନାମାଙ୍କନ ଦାଖଲ କରିବା ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ନାମାଙ୍କନ ଦାଖଲ ନେଇ ଗଣମାଧ୍ୟମ ସମ୍ମୁଖରେ କିଛି କହିବାକୁ ମନା କରିଦେଇଛନ୍ତି କଂଗ୍ରେସ ପ୍ରାର୍ଥୀ କୂଳଦୀପ। ତେବେ କୋରାପୁଟ ଉପଜିଲ୍ଲାପାଳ ନାମାଙ୍କନ ଦାଖଲ କରିଥିବା ନେଇ ସ୍ପଷ୍ଟ କରିଛନ୍ତି।

■ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ଦାଖଲ ଆରମ୍ଭ

## ପ୍ରଥମ ଦିନରେ ଜୟପୁର ପାଇଁ ୮ ଓ କୋଟପାଡ଼ ପାଇଁ ୨ଟି ନାମାଙ୍କନପତ୍ର ବିକ୍ରି

**ଜୟପୁର, ୧୮ ।୪ (ସମିସ):** ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ନାମାଙ୍କନ ପତ୍ର ଗ୍ରହଣ ଓ ଦାଖଲ ପ୍ରକ୍ରିୟା ଗୁରୁବାରଠାରୁ ଶୁଭାରମ୍ଭ ହୋଇଯାଇଛି। ଗୁରୁବାର ପ୍ରଥମ ଦିବସରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୮ଟି ଏବଂ କୋଟପାଡ ନିର୍ବାଚନ ମଣ୍ଡଳୀ ବିଧାୟକ ପଦବୀ ନିମନ୍ତେ ୨ଟି ନାମାଙ୍କନ ପତ୍ର ବିକ୍ରି ହୋଇଛି। ପ୍ରଥମ ଦିବସରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନିମନ୍ତେ ତାଙ୍କ ଦ୍ୱାରା ନିଯୁକ୍ତ ଆଇନଜୀବୀ ତାରିଣୀ ଚରଣ ପାଣିଗ୍ରାହୀ ୨ ସେଟ୍ ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ଏହି ଅବସରରେ କଂଗ୍ରେସର ବରିଷ୍ଠ ସଦସ୍ୟ ତଥା ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଏବଂ ନିହାର ବିଶୋୟୀ ଉପସ୍ଥିତ ଥିଲେ। ସେହିପରି ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ଭାବେ ସମୁଦାୟ ୮ଟି ନାମାଙ୍କନ ପତ୍ର କ୍ରୟ କରିଛନ୍ତି। ମେ ୧୩ ତାରିଖରେ ହେବାକୁ ଥିବା ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଗ୍ରହଣ ଓ ଦାଖଲ କରିବା ନେଇ ଧାର୍ଯ୍ୟ ହୋଇଛି । କୋଟପାଡ଼ ବିଧାନସଭାର ରିଟର୍ଣ୍ଣିଂ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ ଏବଂ ଜୟପୁର ବିଧାନସଭା ରିଟର୍ଣ୍ଣିଂ ଅଧିକାରୀ ଭାବେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା କାର୍ଯ୍ୟାଳୟରେ ଉପସ୍ଥିତ ରହିଥିବା ସହ ନାମାଙ୍କନ ପତ୍ର ପ୍ରଦାନ ଓ ଗ୍ରହଣ ଦାୟିତ୍ୱରେ ରହିଥିଲେ । ସେହିପରି କୋରାପୁଟ ମୁଖ୍ୟାଳୟର ଏସଡିପିଓ ବିଜୟ କୁମାର ମୁର୍ମୁ, ଜୟପୁର ଏସଡିପିଓ ଦାୟିତ୍ୱରେ ରହିଥିବା ବୋରିଗୁମ୍ମା ଏସଡିପିଓ ତପସ୍ୱିନୀ କଅଁର, ଟାଉନଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ସୁରକ୍ଷା କର୍ମୀ ଏବଂ ରାଜସ୍ୱ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ମୁଣ୍ଡଫଟା ଖରାରେ ବୃଦ୍ଧାଙ୍କ ପେଟ ଚିନ୍ତା

# ୮୦ ବର୍ଷ ବୟସରେ ଧାଉଁଛନ୍ତି ପଞ୍ଚାୟତ କାର୍ଯ୍ୟାଳୟ

**ମୁନିଗୁଡ଼ା,୧୮।୪(ସମିସ)**



ସରକାରଙ୍କ ପକ୍ଷରୁ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନଙ୍କୁ ଭତ୍ତା ଯୋଗାଇ ଦିଆଯାଉଛି। କିନ୍ତୁ କିଛି ସରକାରୀ ବାବୁ ଓ ନିର୍ବାଚିତ ନେତାମାନଙ୍କ ଉଦାସୀନତା ମନୋଭାବ ଯୋଗୁଁ ଅନେକ ସମୟରେ ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ବ୍ୟାଙ୍କ ପାସବୁକରେ ଆଧାର ଲିଙ୍କ ତ୍ରୁଟି ଯୋଗୁଁ ବର୍ଷେ ହେଲାଣି ଭତ୍ତାରୁ ବଞ୍ଚିତ ହୋଇ ପରିଣତ ବୟସରେ ମୁଣ୍ଡଫଟା ଖରାରେ ପଞ୍ଚାୟତ କାର୍ଯ୍ୟାଳୟ ଧାଉଁଛନ୍ତି ୮୦ ବର୍ଷୀୟା ବୃଦ୍ଧା। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଘମଟଗୁଡ଼ା ପଞ୍ଚାୟତ ଜାମଯୋଡ଼ି ଗ୍ରାମର ରାଧା ବିଦ୍ରିକା ପରିଣତ ବୟସରେ ବର୍ଷେ ହେଲାଣି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଭତ୍ତା ମିଳୁଥିବାବେଳେ ଆଧାର ଲିଙ୍କ ତ୍ରୁଟି ଯୋଗୁଁ ବର୍ଷେ ହେଲାଣି ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଦୌଡ଼ି ଦୌଡ଼ି ହତାଶ ହୋଇ ବସିଥିବା ଅଭିଯୋଗ କରିଛନ୍ତି ରାଧା। ଚଳିତ ମାସ ଭତ୍ତା ପ୍ରଦାନ

### ● ଆଧାର ପାଇଁ ବର୍ଷେ ହେଲା ଭତ୍ତାରୁ ବଞ୍ଚିତ

ବେଳେ ମୁଣ୍ଡଫଟା ଖରାରେ ଭତ୍ତା ପାଇଁ ବୃଦ୍ଧା ଜଣକ ୨ କିଲୋମିଟର ଦୂର ପଞ୍ଚାୟତକୁ ଯାଉଥିବାବେଳେ ତାତି ପ୍ରଭାବରୁ ଭୋକ ଜ୍ୱାଳା ବଢ଼ିବା ସହ କ୍ଲାନ୍ତ ଅନୁଭବ କରିବା ଦେଖି ରାସ୍ତାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ମୁଣ୍ଡଫଟା ଖରା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ସକାଳୁଆ ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଦିନ ମଜୁରିଆଠାରୁ ଆରମ୍ଭ କରି ବିଭିନ୍ନ ଶ୍ରେଣୀର ଶ୍ରମିକମାନଙ୍କ ପାଇଁ ମଧ୍ୟ ସମୟ ସୀମାର ପରିବର୍ତ୍ତନ କରାଯାଇଛି। ହେଲେ ବୃଦ୍ଧବୃଦ୍ଧାମାନେ ମୁଣ୍ଡଫଟା ଖରାରେ ଭତ୍ତା ଯନ୍ତ୍ରଣା ଅନୁଭବ କରୁଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ହେଉ ନ ଥିବା ଅଞ୍ଚଳରେ ଅସନ୍ତୋଷର କାରଣ ପାଲଟିଛି। ପରିଣତ ବୟସରେ ଭତ୍ତାରୁ ବଞ୍ଚିତ ରାଧା ବର୍ଷେ ହେଲାଣି ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ବ୍ଲକ୍ ପ୍ରଶାସନ ଦୃଷ୍ଟି ପଡ଼ିପାରୁନି ଉକ୍ତ ବୃଦ୍ଧାଙ୍କ ଜୀବନ ଶୈଳୀ ଉପରେ। ଯାହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ଘଟଣା ବିଷୟରେ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀମାନଙ୍କ ସହ ଆଲୋଚନା କରିବାରୁ ବ୍ୟାଙ୍କ ପାସବୁକରେ ଆଧାର ଲିଙ୍କ ନ ଥିବାରୁ ଏପରି ହୋଇଛି ବୋଲି ଜଣାଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଉକ୍ତ ବୃଦ୍ଧାଙ୍କ ବ୍ୟାଙ୍କ ପାସବୁକରେ ଆଧାର ଲିଙ୍କ କରାଯାଇ ୧୫ ଦିନରୁ ଊର୍ଦ୍ଧ୍ୱ ହେଲାଣି ଭତ୍ତାରୁ ବଞ୍ଚିତ ଅଛନ୍ତି ରାଧା। ତେବେ ଏହି ସମ୍ବେଦନଶୀଳ ଘଟଣା ଉପରେ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେବା ସହ ରାଧାଙ୍କୁ ଭତ୍ତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିବା ସହ ମୁଣ୍ଡଫଟା ଖରାରେ ବୃଦ୍ଧବୃଦ୍ଧାମାନଙ୍କ ନିକଟରେ ଭତ୍ତା ଟଙ୍କା ପହଞ୍ଚାଇବାକୁ ଦାବି କରିଛନ୍ତି।

# ଅଣ୍ଡରଗ୍ରାଉଣ୍ଡ ସବ୍-ୱେରେ ଯାତାୟାତ ଆରମ୍ଭ

**ରାୟଗଡ଼ା,୧୮।୪(ସମିସ):** ରେଳ ବିଭାଗ ପକ୍ଷରୁ ନିର୍ମିତ ରାୟଗଡ଼ା ସହରର ଅଣ୍ଡରଗ୍ରାଉଣ୍ଡ ସବ୍-ୱେ(ଆରୟୁବି)ରେ ବୁଧବାରଠାରୁ ଜନସାଧାରଣଙ୍କ ଯାତାୟାତ ଆରମ୍ଭ ହୋଇଛି। ଦୀର୍ଘ ଦିନ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖିନ ହେଉଥିଲେ।



ଏହି ଅଣ୍ଡରଗ୍ରାଉଣ୍ଡ ସବ୍-ୱେ (ଆରୟୁବି) ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ରାସ୍ତା କଡ଼ର ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବିଜୟନଗରମ୍-ଟିଟିଲାଗଡ଼ ତୃତୀୟ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ରାୟଗଡ଼ା ସହରରେ ଏହି ସବ୍-ୱେ କାର୍ଯ୍ୟ ଚାଲିଥିଲା। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକଠାରୁ ଦୈନିକ ବଜାରକୁ ସଂଯୋଗ କରୁଥିବା ଅଣ୍ଡରଗ୍ରାଉଣ୍ଡ ସବ୍-ୱେ ରାସ୍ତା ଉପରେ ଏହି ନିର୍ମାଣ କାର୍ଯ୍ୟ ଗତ ୭ ମାସ ଧରି ଚାଲୁ ରହିଥିଲା। ୩ ମାସରେ ଶେଷ ହେବାକୁ ଥିବା ନେଇ ରେଳ ବିଭାଗ କର୍ତ୍ତୃପକ୍ଷ ସମୟ ଧାର୍ଯ୍ୟ କରିଥିବାବେଳେ ଅବଧି ସମୟ ମଧ୍ୟରେ କାମ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଯାହାକୁ ନେଇ ଏହି ରାସ୍ତା ଉପରେ ନିର୍ଭର କରି ଆସୁଥିବା ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ଲୋକ ବାଧ ହୋଇ ନିର୍ମାଣ କାର୍ଯ୍ୟ ସ୍ଥଳ ଦେଇ ଅସୁରକ୍ଷିତ ଭାବେ ଯାଉଥିବାବେଳେ କେହି କେହି ରେଳ ଧାରଣାରେ ବିପଦପୂର୍ଣ୍ଣ ଭାବେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ରାୟଗଡ଼ା ରେଳ ବିଭାଗର ଏଡିଇଏନ ସଞ୍ଜୀବ ଦୀକ୍ଷିତ ଯଥାଶୀଘ୍ର ସବ୍-ୱେ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ଏବଂ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିବାରେ ସୁବିଧା ପାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅଣ୍ଡରଗ୍ରାଉଣ୍ଡ ରାସ୍ତା ଉପରେ ସହରର ରାଣୀଗୁଡ଼ା ଫାର୍ମ, ଡିଏଫଓ କଲୋନୀ, ଗୌତମ ନଗର, କୋ-ଅପରେଟିଭ୍ କଲୋନୀ, ରିଙ୍ଗ ରୋଡ୍ ଅଞ୍ଚଳବାସୀ, ନ୍ୟୁ କଲୋନୀ ସମେତ ଅନେକ ୱାର୍ଡ ବାସିନ୍ଦା ନିର୍ଭର କରି ଦୈନିକ ବଜାର ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ା ଥାନା, ଜିଲ୍ଲା ଅଦାଲତ, ମା' ମଝିଘରିଆଣୀ ମନ୍ଦିର, ଜିସିଡି ହାଇସ୍କୁଲ, ପୌରସଂସ୍ଥା କାର୍ଯ୍ୟାଳୟ ଭଳି ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି। ସବ୍-ୱେ କାମ ଶେଷ ହୋଇଥିବାବେଳେ ରାସ୍ତା କଡ଼ ସୁରକ୍ଷା ବାଡ଼ କାମ ଚାଲିଥିବାରୁ ଲୋକଙ୍କୁ ସୁରକ୍ଷିତ ଭାବେ ଯାତାୟାତ କରିବା ପାଇଁ କୁହାଯାଇଛି।

## ଦୋକାନ ଭାଙ୍ଗି ଚୋରି ଅଭିଯୋଗରେ ଦୁଇ ଗିରଫ



**କାଶୀପୁର,୧୮।୪(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ପୁଲିସ ଏକ ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଚୋରି ଘଟଣାର ପର୍ଦ୍ଦାଫାସ୍ କରିଛି। ଦୁର୍ବୃତ୍ତମାନଙ୍କ ଦ୍ୱାରା ଅଞ୍ଚଳରେ ଏକାଧିକ ଚୋରି ଅଭିଯୋଗ ପୁଲିସର ନିଦ ହଜେଇ ଦେଇଥିବାବେଳେ କାଶୀପୁର ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ଗତ ୧୧ ତାରିଖ ବିଳମ୍ବିତ ରାତିରେ କାଶୀପୁର ଥାନା ଅନ୍ତର୍ଗତ କୁମ୍ଭାରସିଲ୍ଲା ଗ୍ରାମର ଏକ ତେଜରାତି ଦୋକାନରେ କିଛି ଦୁର୍ବୃତ୍ତ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ଡ୍ର'ରେ ଥିବା ଟଙ୍କା ଚୋରି କରି ଫେରାର୍ ହେଇଯାଇଥିଲେ। ଏ ସଂକ୍ରାନ୍ତରେ ଦୋକାନର ମାଲିକ କାଶୀପୁର ଥାନାରେ ଗତ ୧୨ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଥାନା ପକ୍ଷରୁ ଇନ୍ସପେକ୍ଟର ପି.କେ. ସ୍ୱାଇଁ ଓ ତାଙ୍କ ଟିମ୍ ଲଗାତାର ଅଭିଯୁକ୍ତଙ୍କର ସନ୍ଧାନରେ ଲାଗିପଡ଼ିଥିଲେ। ବୁଧବାର ସକାଳେ ପର୍ଯ୍ୟାପ୍ତ ସନ୍ଧାନ ପାଇ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଜଣକୁ କୁମ୍ଭାରସିଲ୍ଲା ଗାଁ ପୁଲିସ ଗିରଫ କରିଥିବାବେଳେ ଅନ୍ୟ ଏକ ଅଭିଯୁକ୍ତକୁ ରାୟଗଡ଼ାଠାରୁ ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଛି। ଗିରଫବେଳେ ଉଭୟଙ୍କଠାରୁ ୬୨୦୦ ଟଙ୍କା ସହ ଦୁଇଟି ମୋବାଇଲ୍ ଫୋନ୍ ଓ ଗୋଟିଏ ମୋଟର ସାଇକଲ ଜବତ କରିଥିବାବେଳେ ଉଭୟଙ୍କ ନାଁରେ କାଶୀପୁର ପୁଲିସ ମାମଲା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ପ୍ରଶନ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ଗୁଡ଼ାରୀ ନୂତନ ବ୍ରାହ୍ମଣ ସମାଜ ଗଠନ



**ଗୁଡ଼ାରୀ,୧୮।୪(ସମିସ):** ଗୁରୁବାର ନୂତନ ଭାବରେ ଗୁଡ଼ାରୀ ବ୍ରାହ୍ମଣ ସମାଜ ଗଠନ କରାଯାଇଛି। ୨୦୧୬ ମସିହାରେ ଗଠନ ହୋଇଥିବା ବ୍ରାହ୍ମଣ ସମାଜର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ଉପଦେଷ୍ଟା ପରିବର୍ତ୍ତନ କରାଯାଇ ନୂତନ ଭାବରେ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ସୂଚନା ମୁତାବକ, ଗତ ମାର୍ଚ୍ଚ ୧୭ ତାରିଖ ଦିନ ବ୍ରାହ୍ମଣ ସମାଜର ଏକ ବୈଠକ ଡକାଯାଇଥିଲା। ଏଥିରେ ନିର୍ଣ୍ଣୟ କରାଯାଇଥିଲା ଯେ, ଏକ ୧୧ ଜଣ କାର୍ଯ୍ୟକାରିଣୀ କମିଟି ଗଠନ କରାଯିବ। ସେମାନେ ସହରର ପ୍ରତ୍ୟେକ ବ୍ରାହ୍ମଣ ପରିବାର ସଦସ୍ୟଙ୍କ ଦ୍ୱାରା ମିଶିବେ ଏବଂ ସେମାନଙ୍କ ମତାମତ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟପନ୍ଥାକୁ ଅନୁସରଣ କରି ପ୍ରାୟ ୨୫ ଦିନ ୧୧ ଜଣିଆ କମିଟି ସଦସ୍ୟ ସହରର ସମସ୍ତ ବ୍ରାହ୍ମଣ ପରିବାରଙ୍କ ସହ ମିଶିବା ସହ ପ୍ରତ୍ୟେକ ବ୍ରାହ୍ମଣ ପରିବାର ଗୋଟିଏ ଗୋଟିଏ ସଭ୍ୟଙ୍କୁ ନେଇ ୨୪୩ ଜଣ ସଭ୍ୟଙ୍କର ମତାମତ ଅନୁସରଣ କରି ଏକ ନୂତନ ବ୍ରାହ୍ମଣ ସମାଜ ଗୁରୁବାର ଗଠନ କରାଯାଇଛି। ଏଥିରେ ସଭାପତି ପ୍ରଦୀପ କୁମାର ପଣ୍ଡା, ଉପସଭାପତି ଅମୂଲ୍ୟ କୁମାର ପୁରୋହିତ, କୋଷାଧ୍ୟକ୍ଷ ବିନୋଦ କୁମାର ରଥ, ସମ୍ପାଦକ ନେତ୍ରାନନ୍ଦ ସାହୁ, ସହସମ୍ପାଦକ ଶ୍ରୀନିବାସ ପାତ୍ରୀ, କାର୍ଯ୍ୟକାରିଣୀ କମିଟିରେ ଶ୍ରୀନୁ ଜଗଦିଶ, ନୀଳମାଧବ, ଚନ୍ଦ୍ର, ସଦାନନ୍ଦ, ମୁନା, ବାବୁଲା, ରାମକୃଷ୍ଣ, ରଞ୍ଜନ, ବିଶ୍ୱନାଥ, ଲକ୍ଷ୍ମଣ ସାହୁ ଏବଂ ଈଶ୍ୱର ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ସେହିପରି ସାଂଗଠନିକ ସମ୍ପାଦକ ମନୋଜ ସାହୁ ତଥା ଉଦଦେଷ୍ଟା କମିଟିରେ ଅଛନ୍ତି ଗଣପତି ପାଠି, ଗୌରୀଶଙ୍କର ମିଶ୍ର, ସୁଧାକର ନନ୍ଦ, କୃଷ୍ଣପ୍ରସାଦ ସାହୁ, ନୃସିଂହ ପାଣିଗ୍ରାହୀ, ବିଜୟ ପାଣିଗ୍ରାହୀ ସର୍ବସମ୍ମତି କ୍ରମେ କମିଟିରେ ଅନୁମୋଦନ କରାଯାଇଛି। ଶେଷରେ ଶ୍ରୀ ପାଠି ସମସ୍ତ ନୂତନ କମିଟିକୁ ଶପଥପାଠ କରାଇବା ସହ କମିଟିରେ ଉପସ୍ଥିତ ରହି ସହଯୋଗ କରିଥିବା ସମସ୍ତ ବ୍ରାହ୍ମଣ ସମାଜ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଗ୍ରୀଷ୍ମ ପ୍ରବାହ ପାଇଁ କାଗଜକଳ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ସ୍ଥଗିତ




**ଜୟପୁର,୧୮।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସେୱା କାଗଜକଳର ମୁଖ୍ୟ ଫାଟକ ନିକଟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ଦାବି ନେଇ ଚାଲିଥିବା ଧାରଣାକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବୁଧବାରଠାରୁ ସ୍ଥଗିତ ରଖାଯାଇଛି। ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲ୍ଲା ଆଇନଜୀବୀ ସଂଘ ଏକ ସାଧାରଣ ବୈଠକରେ ନିଷ୍ପତ୍ତି ପରେ ଏକ ପ୍ରସ୍ତାବ ପତ୍ର କୋରାପୁଟ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି। ପ୍ରକାଶ ଯେ, କର୍ମଚାରୀଙ୍କ ଦାବି ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଗତ ୪ ମାସର ଦରମା ଏବଂ ବିଜିନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ଅନୁଯାୟୀ ସମସ୍ତ ପାଉଣା ପ୍ରଦାନ ମୁଖ୍ୟ ଦାବି ରହିଛି। ଏହି ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଆବାହକ ପ୍ରମୋଦ କୁମାର ମହାନ୍ତି ଜଣାଇଛନ୍ତି। ଗତ ୧୩ ଦିନ ଧରି ଏହି ଧାରଣା ଜାରି ରହିଥିଲା।

## ବ୍ଲକ୍‌ସ୍ତରୀୟ ଶିକ୍ଷଣ ଉପକରଣ ପ୍ରଦର୍ଶନୀ ଉଦ୍‌ଯାପିତ

**କାଶୀପୁର,୧୮।୪(ସମିସ):** କାଶୀପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିକ୍ଷଣ ଉପକରଣ ପ୍ରଦର୍ଶନ ମେଳା-୨୦୨୪ ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ କୁଇନ ସ୍ୱାଇଁ ମୁଖ୍ୟଅତିଥି, କାଶୀପୁର ଏବିଓ ତଥା ବିଆରସିସି କୁଳରଞ୍ଜନ ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟ ମଧ୍ୟରୁ ୧୦୨ ଟି ପ୍ରକଳ୍ପକୁ ସାମିଲ କରାଯାଇଥିଲା। ପ୍ରଥମ ପୁରସ୍କାର ଭାବେ ଝିରିଖାଲ ପ୍ରାଥମିକ ବିଦ୍ୟାଳୟର ସୁବାସ ବେହେରା, ଦ୍ୱିତୀୟ ପୁରସ୍କାର ରୂପେ କାତିଖମନ ପ୍ରାଥମିକ ବିଦ୍ୟାଳୟର ସାନ୍ତନୁ କୁମାର ଦୋରା ଏବଂ ତୃତୀୟ ପୁରସ୍କାର ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୋଡ଼ାପାଡ଼ିରୁ ଗୋବିନ୍ଦଚନ୍ଦ୍ର ଝୋଡ଼ିଆଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ପ୍ରକଳ୍ପକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଦୁଲ୍ଲଭ ସାଉନ୍ତା, କମଳାକାନ୍ତ ପଟ୍ଟନାୟକ ଓ ଭେଙ୍କେଟରାଓ ପାତ୍ର ବିଚାରକ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଅରୁଣ ନାଏକ, କାର୍ତ୍ତିକେଶ୍ୱର ନାଏକ ଏବଂ ହୃଦାନନ୍ଦ ଦାସ। ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ବିଦ୍ୟାଧର ମାଝୀ ଓ ବ୍ଲକର ୧୮ ଜଣ ସିଆରସିସିଙ୍କ ସହ ଶିକ୍ଷକମାନେ ଉପସ୍ଥିତ ଥିଲେ।



# ଶ୍ରୀରାମ ନବମୀ ଉପଲକ୍ଷେ ଶୋଭାଯାତ୍ରା








**ମାଥିଲି,୧୮।୪(ସମିସ)**

ମାଲକାନଗିରି ଜିଲ୍ଲା ମାଥିଲି ହିନ୍ଦୁ ଜାଗୃତି ସେନାର ଆବାହକ କୁନାଲ ମିଶ୍ରଙ୍କ ଆବାହନ କ୍ରମେ ଶ୍ରୀରାମ ନବମୀ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଶୁଭ ଅବସରରେ ମାଥିଲି ହାଟପଦାଠାରେ ଜୟ ଶ୍ରୀରାମଙ୍କ ଏକ ରଥ ସହ ହଜାର ହଜାର ଭକ୍ତ ପଦଯାତ୍ରାରେ ବାହାରି ମାଥିଲି ବଜାର ପରିକ୍ରମା କରିଥିଲେ। ଏହି ପରିକ୍ରମା ସମୟରେ ମୁଖ୍ୟ ଆକର୍ଷଣ ଥିଲା ବଡ଼ ଭାଇ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ବଜରଙ୍ଗବାଲି, ଜମ୍ବୋବାନ ଓ ରାବଣ ପରି ଅନେକ ପୋଷାକରେ ସଜ୍ଜିତ ହୋଇ ଜନସାଧାରଣଙ୍କ ମନ ମୋହିଥିଲେ। ପରିକ୍ରମା ସମୟରେ ହିନ୍ଦୁ ଜାଗୃତି ସେନାର ଶହ ଶହ ଲୋକଙ୍କ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଶ୍ରୀରାମ ନବମୀ ଉପଲକ୍ଷେ ଜୟ ଶ୍ରୀରାମ ରଥ ପରିକ୍ରମା ସମୟରେ ମାଥିଲି ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀ, ଯୁବ ସଭାପତି ମଣି କୁମାର, ଭୁବନ ବେହେରା, ନୌକା ରାଜୁ, ପବିତ୍ର ପାଣ୍ଡେ, ଆଦିତ୍ୟ ଭୀମସିଂହ, ନାଗଭୂଷଣ ପଟ୍ଟନାୟକ, ଜିତୁ ଚୌଧୁରୀ, ଏ.ନବୀନ କୁମାର, ନାଗ ରାଜୁ, ଶିବା ମହାନ୍ତି, ହୃଷୀକେଶ ଚୌଧୁରୀ, ଦିନେଶ ପରିଛା, ବିକ୍ରମ ଚୌଧୁରୀଙ୍କ ସମେତ ହିନ୍ଦୁ ଜାଗୃତି ସେନାର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସଂଗଠନର ମହିଳା ଓ ପୁରୁଷ କର୍ମକର୍ତ୍ତା ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଶହ ଶହ ଜନସମାଗମକୁ ଦୃଷ୍ଟିରେ ରଖି ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ସମେତ ବ୍ୟାପକ ପୁଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି।

**ଗୁଡ଼ାରୀ :** ଗୁଡ଼ାରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀ ଅବସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରାୟ ୨୨ ଫୁଟର ଶ୍ରୀରାମ ଫଟୋଚିତ୍ରରେ ଭକ୍ତମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ଶ୍ରୀରାମ ଭକ୍ତମାନେ ପୂଜାର୍ଚ୍ଚନା କରିଥିବାର ଦେଖିବାକୁ ମିଳିଥିଲା। ଏଥି ପୂର୍ବରୁ ଗତ ରବିବାରଠାରୁ ପ୍ରବଚିକା ପ୍ରତିଭା ଦାସଙ୍କ ପ୍ରତ୍ୟହ ସନ୍ଧ୍ୟା ସମୟରେ ପ୍ରବଚନ କାର୍ଯ୍ୟକ୍ରମ ଭକ୍ତଙ୍କୁ ଆହୁରି ଆକୃଷ୍ଟ କରିଥିଲା। ଶ୍ରୀରାମ ନବମୀ କାର୍ଯ୍ୟକ୍ରମ ଅବସରରେ ଗୁଡ଼ାରୀ ଟାଉନ ଧନଲକ୍ଷ୍ମୀ ପୂଜା କମିଟି ତରଫରୁ ସମସ୍ତ ଆୟୋଜନ କରାଯାଇଥିବାବେଳେ ସନ୍ଧ୍ୟାରେ ଶ୍ରୀରାମଙ୍କ ଫଟୋଚିତ୍ରକୁ ଧରି ନଗର ପରିକ୍ରମା କରାଯାଇଥିଲା। ଗୁଡ଼ାରୀ ସହରବାସୀ ଏବଂ କମିଟିର ମିଳିତ ଉଦ୍ୟମରେ ୧୦୮ ଦୀପଯଜ୍ଞ ସହ ଅନ୍ୟାନ୍ୟ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଦେଖିବାକୁ ମିଳିଛି।

**ଚନ୍ଦାହାଣ୍ଡି :** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବଡ଼ମୁଣ୍ଡା ମା' ଖାଲିଗଡେନ ଯୁବକ ସଂଘ ଦ୍ୱାରା ଶ୍ରୀରାମ ନବମୀ ପୂଜା ତଥା ଚୈତ୍ର ନବରାତ୍ରୀ ପୂଜା ଧୁମଧାମରେ ଗ୍ରାମରେ ପାଳନ କରାଯାଇଥିଲା। ଯୁବକ ସଂଘ ସଭାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଭକ୍ତ ଏବଂ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ଗ୍ରାମ ପରିକ୍ରମା କରାଯାଇଥିବାବେଳେ ୭ଟାରେ ପୂଜାର୍ଚ୍ଚନା ଏବଂ ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ସଂଘ ପକ୍ଷରୁ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗାଁ ସହିତ ଆଖପାଖରେ ଥିବା ଅନ୍ୟ ଗାଁର ଲୋକ ମଧ୍ୟ ପୂଜାରେ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ତଥା ଗ୍ରାମବାସୀ ରାଜେନ୍ଦ୍ର ଗୌଡ଼, ଘୃତ୍ ରାମ କେତକୀ, ଦେବାଶିଷ ପାରି, ରିଖିରମ୍ ନିଆଲ, ନବୀନ ତେଜି, ଭୁବନ ତେଜି, ଚନ୍ଦନ କେତକୀ, ବିଜୟ ଗହିର, ପର୍ଶୁରାମ ଗହିର, ରଞ୍ଜନ ଖର୍ସେଲ, ବୈଦୁ ଚନ୍ଦନ, ସିଦ୍ଧାନ୍ତ ଖର୍ସେଲ, ନିତ୍ୟା ଗୌଡ଼, ସଞ୍ଜୁ ଗହିର, ଡଗର ଗହିର, ପପୁ ନିଆଲ୍, ଟିକମ୍ ଗହିର, ରିଖିରମ୍ କେତକୀ, କେଶର ଚନ୍ଦନ, କୌଶିକ ଚନ୍ଦନ, ଟିକେଶ୍ୱର ବିଶି, ନଳିନୀ କେତକୀ, ଡିଶମ୍ ତେଜି, କେଶବ କେତକୀ ପ୍ରମୁଖ ସହଯୋଗ କରିଥିଲେ।






## ପଶ୍ଚିମବଙ୍ଗ ବିଜେପି ମୁଖ୍ୟଙ୍କ ସମ୍ପତ୍ତି ୧୧୪% ବଢ଼ିଲା



ପଶ୍ଚିମବଙ୍ଗ ବିଜେପି ମୁଖ୍ୟ ସୁକାନ୍ତ ମଜୁମଦାରଙ୍କ ସମ୍ପତ୍ତି ହୁ ହୁ ହୋଇ ବଢ଼ିବାରେ ଲାଗିଛି । ତାଙ୍କ ସମ୍ପତ୍ତି ପ୍ରାୟ ୧୧୪ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୯ରେ ତାଙ୍କ ପାଖରେ ୫୮.୨୫ ଲକ୍ଷ ଟଙ୍କା ଥିଲା । ମାତ୍ର ୨୦୨୪ରେ ଏହା ୧.୨୪ କୋଟି ଟଙ୍କାକୁ ପହଞ୍ଚି ଯାଇଛି । ସେ ଚଳିତ ଥର ମଧ୍ୟ ବାଲୁରଘାଟ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରୁ ଏହି ସୂଚନା ମିଳିଛି । ଦାର୍ଜିଲିଂ, ବାଲୁରଘାଟ ଏବଂ ରାଇଗଞ୍ଜରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୭ ପ୍ରାର୍ଥୀଙ୍କ ସତ୍ୟପାଠର ବିଶ୍ଳେଷଣ କରି ଏଡିଆର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ସବୁ ଆସନରେ ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବ । ରିପୋର୍ଟ ଅନୁଯାୟୀ ଦାର୍ଜିଲିଂର ବିଜେପି ସାଂସଦ ରାଜୁ ବିସ୍ତାଙ୍କ ସମ୍ପତ୍ତି ୨୧୫ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୯ରେ ତାଙ୍କ ସମ୍ପତ୍ତି ୧୫ କୋଟି ଥିବାବେଳେ ୨୦୨୪ରେ ଏହା ୪୭ କୋଟିକୁ ପହଞ୍ଚି ଯାଇଛି । ଦଳ ତାଙ୍କୁ ପୁଣି ସମାନ ଆସନରୁ ଟିକଟ ଦେଇଛି ।

## ଆଜି ପ୍ରଥମ ପର୍ଯ୍ୟାୟ ମତଦାନ

# 'ନ୍ୟାୟ ପତ୍ର' ବନାମ 'ମୋଦୀ ଗ୍ୟାରେଣ୍ଟି'



ବହୁ ପ୍ରତୀକ୍ଷିତ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ଠାରୁ ମତଦାନ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ୨୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୧୦୨ଟି ଆସନ ପାଇଁ ମତଦାନ ହେବ । ଏହି ପର୍ଯ୍ୟାୟରେ ତାମିଲନାଡୁର ୩୯ଟି ଆସନ ପାଇଁ ମତଦାନ ହେବାକୁ ଯାଉଥିବା ବେଳେ ଉତ୍ତରାଖଣ୍ଡ ୫, ଅରୁଣାଚଳ ପ୍ରଦେଶ ୨, ମେଘାଳୟ ୧, ନାଗାଲାଣ୍ଡ ୧, ପୁଡୁଚେରୀ ୧, ସିକିମ୍ ୧, ଲାକ୍ଷାଦ୍ୱୀପ ୧, ରାଜସ୍ଥାନ ୧୨,ଉତ୍ତରପ୍ରଦେଶ ୮, ମଧ୍ୟପ୍ରଦେଶ ୬, ମହାରାଷ୍ଟ୍ର ଏବଂ ଆସାମରେ ପ୍ରତ୍ୟେକ ୫,ବିହାର ୪, ପଶ୍ଚିମବଙ୍ଗ ୩, ମଣିପୁର ୨ ଏବଂ ତ୍ରିପୁରା, ଜମ୍ମୁ-କାଶ୍ମୀର ଓ ଛତିଶଗଡ଼ରେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆସନରେ ମତଦାନ ହେବ । ତେବେ ଏହିସବୁ ରାଜ୍ୟମାନଙ୍କ ମଧ୍ୟରୁ ତାମିଲନାଡୁ,ମହାରାଷ୍ଟ୍ର, ରାଜସ୍ଥାନ, ବିହାର,ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଉତ୍ତରାଖଣ୍ଡ ଆଦି ରାଜ୍ୟର ଆସନ ଉଭୟ ଏନଡିଏ ଓ ଇଣ୍ଡିଆ ମେଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସବୁ ଦଳ ପକ୍ଷରୁ ଜୋରଦାର ପ୍ରଚାର ଅଭିଯାନ ବୁଧବାର ସନ୍ଧ୍ୟା ସୁଦ୍ଧା ଶେଷ ହୋଇଛି ।

ବିଶେଷକରି ସବୁ ରାଜ୍ୟରେ ବିଜେପି ଏବଂ କଂଗ୍ରେସ ସମେତ ଅନ୍ୟ କିଛି ଆଞ୍ଚଳିକ ଦଳ ଜୋରଦାର ପ୍ରଚାର କରିଛନ୍ତି । ତେବେ ଅଧିକାଂଶ ରାଜ୍ୟରେ ବିଜେପି ସହ କଂଗ୍ରେସର ମୁକାବିଲା ହେବାକୁ ଯାଉଥିବାରୁ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ, କିରେନ

**ରାଜନୈତିକ ମହଲ ଚଳଚଞ୍ଚଳ**

ରିଜିଜୁ, ସର୍ବାନନ୍ଦ ସୋନୱାଲ, ଜିତେନ୍ଦ୍ର ସିଂ, ଭୁପେନ୍ଦ୍ର ଯାଦବ, ଅର୍ଜୁନ ରାମ ମେଘୱାଲ, ଏଲ ମୁରୁଗାନ ଏବଂ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ ଦେବ ଓ ନବାମ ତୁକୀ ନିଜ ଦଳର ପ୍ରାର୍ଥୀଙ୍କ ଲାଗି ଭୋଟରମାନଙ୍କ ସମର୍ଥନ ଲୋଡିଛନ୍ତି । ସେହିପରି କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ସମେତ ଦଳୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଜୟରାମ ରମେଶ ଓ ଅନ୍ୟ ବରିଷ୍ଠ ନେତା ବିଭିନ୍ନ ରାଜ୍ୟରେ ପ୍ରଚାର ଅଭିଯାନ ଶେଷ କରିଛନ୍ତି । କଂଗ୍ରେସ ନିଜ ନିର୍ବାଚନୀ ଘୋଷଣାପତ୍ର 'ନ୍ୟାୟ ପତ୍ର'ରେ ମୁଖ୍ୟତଃ ଦେଶର ୫ଟି ଶ୍ରେଣୀଙ୍କୁ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଛି । ଯଦି ଏହି ଦଳ କ୍ଷମତାକୁ ଆସେ ତେବେ ପଞ୍ଚ ନ୍ୟାୟ ସୂତ୍ରରେ ଯୁବ ନ୍ୟାୟ, ନାରୀ ନ୍ୟାୟ, କିଷାନ ନ୍ୟାୟ, ଶ୍ରମିକ ନ୍ୟାୟ ଏବଂ ଭାଗିଦାରୀ ନ୍ୟାୟ ଭଳି ୫ଟି ଶ୍ରେଣୀରେ ଲୋକଙ୍କୁ ନ୍ୟାୟ ଦେବାକୁ ଘୋଷଣା କରିଛି । ଏହି ପଞ୍ଚ ନ୍ୟାୟ ସୂତ୍ରରେ ଦଳ ଦେଶବାସୀଙ୍କ ପ୍ରତି ୨୫ଟି ଗ୍ୟାରେଣ୍ଟି ଦେଇଛି ।

ଦଳ ନିଜର ନିର୍ବାଚନୀ ଘୋଷଣାପତ୍ର ଜାରି କରିବା ପୂର୍ବରୁ 'ଆୱାଜ ଭାରତ କି' ୱେବସାଇଟ୍ ମାଧ୍ୟମରେ ଦେଶବାସୀଙ୍କ ମତାମତ ଗ୍ରହଣ କରି ନିଷ୍ପତ୍ତି ନେଇଛି । ତେଣୁ ଦଳର ଆଭିମୁଖ୍ୟକୁ ଦେଶବାସୀ ଗ୍ରହଣ କରି କଂଗ୍ରେସ ଓ ଏହାର ମେଣ୍ଟ ଦଳଙ୍କୁ ସମର୍ଥନ କରିବେ ବୋଲି ଦଳ ଦୃଢୋକ୍ତି କରିଛି । ସେପଟେ ଶାସକ ଦଳ ବିଜେପି ପକ୍ଷରୁ ମଧ୍ୟ 'ସଂକଳ୍ପ ପତ୍ର' ମାଧ୍ୟମରେ ନିର୍ବାଚନୀ ଘୋଷଣାପତ୍ର ଜାରି କରାଯାଇ ଆଗାମୀ ଦିନରେ ଦେଶର ବିକାଶପଥକୁ ଆହୁରି ତ୍ୱରାନ୍ୱିତ କରିବାକୁ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟରମାନଙ୍କ ସମର୍ଥନ ଲୋଡି କହିଛନ୍ତି । ତେବେ ଭୋଟରମାନଙ୍କ ଦ୍ୱାରା କଂଗ୍ରେସର 'ନ୍ୟାୟ ପତ୍ର' ଏବଂ ବିଜେପିର 'ସଂକଳ୍ପ ପତ୍ର' କେତେ ଦୂର ଗ୍ରହଣୀୟ ହେଉଛି ତାହା ଏହି ମତଦାନରୁ ସୁରାକ ମିଳିବ ବୋଲି କୁହାଯାଉଛି ।

## ବିଜ୍ଞପ୍ତି ଜାରି କଲେ ନିର୍ବାଚନ କମିସନ
## ୯୬ ଆସନ ପାଇଁ ମେ' ୧୩ରେ ମତଦାନ



ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ୯ଟି ରାଜ୍ୟ ଆନ୍ଧ୍ରପ୍ରଦେଶ, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତେଲଙ୍ଗାନା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀରର ୯୬ ଆସନ ପାଇଁ ମେ' ୧୩ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏଁ ମତଦାନ ହେବ । ସେଥିପାଇଁ ନିର୍ବାଚନ କମିସନ ଆଜି ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି । ଚତୁର୍ଥ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୯୬ଟି ଆସନରେ ନାମାଙ୍କନ ଦାଖଲର ଶେଷ ତାରିଖ ରହିଛି ଏପ୍ରିଲ ୨୫ । ଏପ୍ରିଲ ୨୬ରେ ନାମାଙ୍କନ ଯାଞ୍ଚ୍ ହେବ । ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି ଏପ୍ରିଲ ୨୯ । ମେ' ୧୩ରେ ଆନ୍ଧ୍ର ପ୍ରଦେଶର ସମସ୍ତ ୨୫ ଆସନ, ତେଲଙ୍ଗାନାର ସମସ୍ତ ୧୭ ଆସନ ପାଇଁ ମତଦାନ ହେବ । ଅନ୍ୟ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀରରେ ଏକାଧିକ ପର୍ଯ୍ୟାୟରେ ଭୋଟ ଦାନ ହେବ ।

# ଆଜି ତାମିଲନାଡୁର ସମସ୍ତ ଆସନରେ ଭୋଟ



ତାମିଲନାଡୁର ସମସ୍ତ ୩୯ ଲୋକସଭା ଆସନରେ ଆସନ୍ତା କାଲି ସକାଳ ୭ରୁ ସନ୍ଧ୍ୟା ୬ଯାଏଁ ମତଦାନ ହେବ । ରାଜ୍ୟରେ ମୋଟ ୯୫୦ ଜଣ ପ୍ରାର୍ଥୀ ଲୋକସଭା ସାଂସଦ ହେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଗତ ଜାନୁଆରୀରୁ ଏଯାଏଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲନାଡୁକୁ ୮ ଥର ଗସ୍ତ କରିଛନ୍ତି । ତାମିଲନାଡୁରେ ବିଜେପି ଓ ଏନଡିଏ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲାବେଳେ ପ୍ରଧାନମନ୍ତ୍ରୀ ମୋଦୀ ଡିଏମକେ ଓ କଂଗ୍ରେସକୁ ଟାର୍ଗେଟ୍ କରି ଇଣ୍ଡି ମେଣ୍ଟର ବଡ଼ ଅଂଶୀଦାର ଥିବା ଏହି ଦୁଇ ଦଳକୁ ପରିବାରବାଦୀ ରାଜନୀତି କରୁଥିବା ଦୁର୍ନୀତିଖୋରଙ୍କ ଦଳ ଭାବେ ବର୍ଣ୍ଣନା କରିଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ କିନ୍ତୁ ତାମିଲନାଡୁକୁ ଗତ ୧୨ ତାରିଖରେ ଦିନକ ପାଇଁ ଆସି କୋଏମ୍ବାଟୁର ଓ ତିରୁନେଲଭାଲିରେ ଦୁଇଟି ନିର୍ବାଚନ ପ୍ରଚାର ସଭା କରିଛନ୍ତି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଦୀର୍ଘ ଦିନ ଧରି ତାଙ୍କ ଡିଏମକେ ପାଇଁ ପ୍ରଚାର କରିଛନ୍ତି । ନିର୍ବାଚନୀ ବଣ୍ଡ ଜରିଆରେ ବିଜେପି ପ୍ରଚୁର ଚାନ୍ଦା ଉଠାଇଥିବାରୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବସୁଲି ରାଜା ବୋଲି ଥଟ୍ଟା କରି ତାଙ୍କୁ ଜଣେ ଉଡ଼ା ପକ୍ଷୀ ଯିଏ କେବଳ ନିର୍ବାଚନ ଆସିଲେ ତାମିଲନାଡୁ କଥା ଭାବନ୍ତି ଓ କୁହନ୍ତି ବୋଲି ଅନେକ ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ସଂଘୀୟ ଶାସନ ଢ଼ାଞ୍ଚାର ସପକ୍ଷରେ ନଥିବା ଜଣେ ସ୍ୱେରାଚାରୀ ଶାସକ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଆକ୍ଷେପ କରୁଛନ୍ତି । ଷ୍ଟାଲିନ ତାଙ୍କ ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି, କୌଣସି ରାଜ୍ୟରେ ବିଜେପି-ବିପକ୍ଷ ଦଳଙ୍କ ସରକାର ଥିଲେ ପ୍ରଧାନମନ୍ତ୍ରୀ ମୋଦୀ ନୀତି, ନିୟମ, ନୈତିକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଆଦିକୁ ଭୁଲି ସେ ସରକାରକୁ ଭାଙ୍ଗିବା ପାଇ ନିରନ୍ତର ଷଡ଼ଯନ୍ତ୍ର କରିଥାଆନ୍ତି । ଧର୍ମକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ରାଜନୀତି କରୁଛନ୍ତି, ଧର୍ମକୁ ନେଇ ଲୋକଙ୍କ ଭିତରେ କଳହ, ବିଭେଦ ସୃଷ୍ଟିକରି ସେଥିରୁ ରାଜନୈତିକ ଫାଇଦା ଉଠାଇବା ମତଲବରେ ରହୁଛନ୍ତି । ଅରବିନ୍ଦ କେଜ୍ରିୱାଲ ଓ ହେମନ୍ତ ସୋରେନଙ୍କ ଗିରଫଦାରୀରୁ ଓ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ ଘଟଣାରୁ ପ୍ରଧାନମନ୍ତ୍ରୀ ମୋଦୀ ନିର୍ବାଚନ ଜିତିବାକୁ କେତେକ'ଣ କରିପାରନ୍ତି ତାହା ଜାଣିହେଉଛି । ବିଜେପିର ତାମିଲନାଡୁ ରାଜ୍ୟ ଶାଖା ସଭାପତି କେ ଆନ୍ନାମଲାଇ କୋଏମ୍ବାଟୁର ଲୋକସଭା ଆସନରୁ ଲଢୁଛନ୍ତି । ସେ ରାଜ୍ୟର ଶାସକ ଦଳ ଡିଏମକେକୁ ସମାଲୋଚନା କରି କହିଛନ୍ତି ଯେ ଡିଏମକେ ନ୍ୟାସନାଲ ଇଲିଜିବିଲିଟି ଏନଟ୍ରାନ୍ସ ଟେଷ୍ଟ ବା ଏନଇଇଟିକୁ ବିରୋଧ କରିବା ଦୁର୍ଭାଗ୍ୟଜନକ । ଡିଏମକେ କହୁଛି ଯେ ଏଆଇଏଡିଏମକେ ଦ୍ରାବିଡ ଦଳ ହୋଇଥିବା ସତ୍ତ୍ୱେ ବିଜେପି ସହ ଗୋପନ ସମ୍ପର୍କ ରଖିଛି । ତାମିଲନାଡୁରେ ଡିଏମକେ ୨୨ଟି ଆସନରେ ପ୍ରାର୍ଥୀ ଦେଇଛି ଓ 'ଇଣ୍ଡି' ମେଣ୍ଟ ଅଂଶୀଦାର ଦଳ କଂଗ୍ରେସକୁ ପୁଡୁଚେରୀ ସମେତ ୧୦ ଆସନ ଛାଡିଛି । ଅନ୍ୟ ଆସନଗୁଡ଼ିକ ଦୁଇ କମ୍ୟୁନିଷ୍ଟ ପାର୍ଟି ସିପିଏମ, ସିପିଆଇ, ଇଣ୍ଡିଆନ ୟୁନିଅନ୍ ମୁସଲିମ ଲିଗ୍ ଏମଡିଏମକେ, ଭିସିକେ ଆଦି ସହଯୋଗୀ ଦଳଙ୍କୁ ଛଡ଼ାଯାଇଛି । ତାମିଲନାଡୁରେ ବିଜେପି ୨୦ ଆସନରେ ପ୍ରାର୍ଥୀ ଦେଇଛି । ୪ଟି ଆସନରେ ଆଞ୍ଚଳିକ ରାଜନୈତିକ ଦଳ ପ୍ରାର୍ଥୀ ଦେବେ କିନ୍ତୁ ସେମାନଙ୍କ ପ୍ରାର୍ଥୀମାନେ ବିଜେପିର ପଦ୍ମଫୁଲ ସଙ୍କେତ ବ୍ୟବହାର କରିବେ । ଏଡିଏ ଅଂଶୀଦାର ଦଳ ଜି କେ ଭାସନଙ୍କ ଟିଏମସିକୁ ୩ଆସନ ଛଡ଼ାଯାଇଛି ।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ମୈଦାନରେ ୨୫୦ ଦାଗୀ, ୩୯୦ କୋଟିପତି ପ୍ରାର୍ଥୀ



ଲୋକସଭା ନିର୍ବାଚନକୁ ନେଇ ସାରା ଦେଶର ମାହୋଲ ସରଗରମ ଅଛି । ୧୯ରୁ ଜୁନ୍ ୧ ମଧ୍ୟରେ ୭ଟି ପର୍ଯ୍ୟାୟରେ ଏଥିପାଇଁ ମତଦାନ ହେବାକୁ ଯାଉଛି । ଶୁକ୍ରବାର ପ୍ରଥମ ଏବଂ ୨୬ରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୧୧୯୮ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି । ଏମାନଙ୍କ ମଧ୍ୟରୁ ୨୫୦ ପ୍ରାର୍ଥୀ (୨୦ ପ୍ରତିଶତ) ଙ୍କ ବିରୋଧରେ ଅପରାଧିକ ମାମଲା ରହିଛି । ସେହିପରି ୩୯୦ ଜଣ କୋଟିପତି ପ୍ରାର୍ଥୀ ଅଛନ୍ତି । ଏମାନଙ୍କ ହାରାହାରି ସମ୍ପତ୍ତି ୫.୧୭ କୋଟି ଟଙ୍କା ରହିଛି । ୧୨ ପ୍ରତିଶତରୁ ଅଧିକ ପ୍ରାର୍ଥୀଙ୍କ ସମ୍ପତ୍ତି ୫ କୋଟିରୁ ଅଧିକ ରହିଛି । ୧୧୯୨ ପ୍ରାର୍ଥୀଙ୍କ ସତ୍ୟପାଠର ବିଶ୍ଳେଷଣ କରି ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଏହି ସୂଚନା ଦିଆଯାଇଛି । ରିପୋର୍ଟ ଅନୁଯାୟୀ ୧୬୭ (୧୪ ପ୍ରତିଶତ) ପ୍ରାର୍ଥୀ ନିଜ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଥିବା କହିଛନ୍ତି । ୩୨ ଜଣ ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଛନ୍ତି । ତିନି ଜଣଙ୍କ ବିରୋଧରେ ହତ୍ୟା ଏବଂ ୨୫ ଜଣଙ୍କ ବିରୋଧରେ ମହିଳା ବିରୋଧୀ ହିଂସା ମାମଲା ରହିଛି । ଏମାନଙ୍କ ମଧ୍ୟରୁ ଜଣଙ୍କ ବିରୋଧରେ ଦୁଷ୍କର୍ମ ମାମଲା ରୁଜୁ ହୋଇଛି । ଏହା ବ୍ୟତୀତ ଉସୁକାଇବା ଭଳି ମନ୍ତବ୍ୟ ଦେବାକୁ ନେଇ ୨୧ ଜଣଙ୍କ ବିରୋଧରେ ମାମଲା ଚାଲିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ସିପିଆଇର ସମସ୍ତ ୫ ପ୍ରାର୍ଥୀ, ସମାଜବାଦୀ ପାର୍ଟି (ଏସ୍‌ପି)ର ସବୁ ପ୍ରାର୍ଥୀ (୪ ଜଣ), ସିପିଆଇ(ଏମ)ର ୧୮ରୁ ୧୪ ଜଣ, ଶିବସେନାର ୩ ରୁ ୨ ଜଣ, କଂଗ୍ରେସର ୬୮ରୁ ୩୫ ଜଣ, ଶିବସେନା-ୟୁଟିବିର ୪ରୁ ୨ ଜଣ, ବିଜେପିର ୬୯ରୁ ୩୧ ଜଣ ଏବଂ ଜେଡିୟୁର ୫ରୁ ୨ ଜଣଙ୍କ ବିରୋଧରେ ଅପରାଧିକ ମାମଲା ରହିଛି । ସେହିପରି ସିପିଆଇର ୩ ଜଣ, ଏସ୍‌ପିର ୨ ଜଣ, ସିପିଆଇ(ଏମ)ର ୭ ଜଣ, କଂଗ୍ରେସର ୨୨ ଜଣ, ବିଜେପିର ୨୧ ଜଣ, ଶିବସେନା-ୟୁଟିବି ଏବଂ ଜେଡିୟୁର ଜଣେ ପ୍ରାର୍ଥୀଙ୍କ ବିରୋଧରେ ଗୁରୁତର ମାମଲା ରହିଛି ।

## କଂଗ୍ରେସ ଇତିହାସରେ ପ୍ରଥମ

# ଚଳିତ ନିର୍ବାଚନରେ ସବୁଠୁ କମ୍ ଆସନରେ ଲଢ଼ିବ



୨୦୨୪ ଲୋକସଭା ନିର୍ବାଚନକୁ ନେଇ ଦେଶର ସର୍ବ ପୁରାତନ ରାଜନୈତିକ ଦଳ କଂଗ୍ରେସ ଏକ ଭିନ୍ନ ପରାମ୍ପରା ସୃଷ୍ଟି କରିବାକୁ ଯାଉଛି । ଦଳ ଏହି ନିର୍ବାଚନରେ ସବୁଠୁ କମ୍ ଆସନରେ ଲଢିବାକୁ ଯାଉଛି ଯାହାକି କଂଗ୍ରେସ ଇତିହାସରେ ପ୍ରଥମ । ବର୍ତ୍ତମାନ ସୁଦ୍ଧା କଂଗ୍ରେସ ପକ୍ଷରୁ ୨୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୨୭୮ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇସାରିଥିଲା ବେଳେ ଆଗାମୀ ଦିନରେ ଆଉ ୨୦ ଜଣଙ୍କ ନାମ ଘୋଷଣା କରାଯିବାର ସମ୍ଭାବନା ରହିଛି । ଯଦି ଏହା କରାଯାଏ ତେବେ ଚଳିତ ନିର୍ବାଚନରେ କଂଗ୍ରେସର ମୋଟ ପ୍ରାର୍ଥୀ ସଂଖ୍ୟା ୩୦୦ ମଧ୍ୟରେ ସୀମିତ ରହିବେ । ୫୪୩ ଲୋକସଭା ଆସନ ମଧ୍ୟରୁ ଦେଶର ସର୍ବ ପୁରାତନ ଦଳ ମାତ୍ର ୩୦୦ ଆସନରେ ଲଢିବା ସ୍ୱାଧୀନତ୍ତୋର ରାଜନୀତିରେ ପ୍ରଥମ ବୋଲି କୁହାଯାଉଛି । ତେବେ ଚଳିତ ନିର୍ବାଚନରେ କଂଗ୍ରେସ ଇଣ୍ଡିଆ ମେଣ୍ଟରେ ସାମିଲ ହୋଇ ନିର୍ବାଚନ ଲଢୁଥିବାରୁ ଏଭଳି ସ୍ଥିତି ଉପୁଜିଛି ଥିବା କୁହାଯାଉଛି । କିନ୍ତୁ କମ୍ ଆସନରେ ଲଢେଇ କରି ଦଳ ଅଧିକ ଆସନରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିବା କଥା ମଧ୍ୟ ଅନେକଙ୍କ ମନରେ ବିସ୍ମୟ ସୃଷ୍ଟି କରିଛି । କଂଗ୍ରେସ ୨୦୧୯ ନିର୍ବାଚନରେ ମୋଟ ୪୨୧ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ବେଳେ ୨୦୧୪ରେ ୪୬୪ ଏବଂ ୨୦୦୯ ନିର୍ବାଚନ ।ରେ ୪୪୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ପୂର୍ବରୁ କେବଳ ୨୦୦୪ ନିର୍ବାଚନରେ ସବୁଠୁ କମ୍ ଆସନ ଭାବେ ଦଳ ୪୧୭ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । କିନ୍ତୁ ଚଳିତ ନିର୍ବାଚନରେ ଏହି ସଂଖ୍ୟା ସବୁଠାରୁ କମ୍ ରହିଛି । ୨୦୦୪ ଭଳି ସ୍ଥିତି ସହ ଦଳ ନିଜର ରଣନୀତିକୁ ତୁଳନା କରିଛି ।୨୦୦୪ରେ ଦଳ ନିଜର ସହଯୋଗୀମାନଙ୍କ ପାଇଁ କମ ସଂଖ୍ୟକ ଆସନରେ ଲଢ଼ିଥିଲା । ଏଥିସହ ସହଯୋଗୀ ଦଳଗୁଡ଼ିକ ସହ ମିଶି ବିଜେପି ନେତୃତ୍ୱାଧୀନ ଏନଡିଏକୁ ଗାଦିଚ୍ୟୁତ କରିଥିଲା । ୨୦ ବର୍ଷ ପରେ ଦଳ ପୁଣି ସେହି ରଣନୀତିରେ ନିର୍ବାଚନ ଲଢିବାକୁ ଯାଉଛି ବୋଲି ରାଜନୀତିକ ମହଲରେ ଆଲୋଚନା ହେଉଛି । ଏ ସମ୍ପର୍କରେ ଦଳୀୟ ପ୍ରବକ୍ତା ଜୟରାମ ରମେଶ କହିଛନ୍ତି, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରେ ଇଣ୍ଡିଆ ମେଣ୍ଟର ସଦସ୍ୟ ଦଳଙ୍କୁ ଅଧିକ ଗୁରୁତ୍ୱ ଦେଇ ଦଳ ନିଜର ଆସନ ସଂଖ୍ୟା ହ୍ରାସ କରିଛି । ଏନସିପ, ଶିବସେନା, ସିପିଆଇ ଓ ସମାଜବାଦୀ ପାର୍ଟି ସହ କଂଗ୍ରେସ ବିଭିନ୍ନ ରାଜ୍ୟରେ ମେଣ୍ଟ କରିଥିବାରୁ ପୂର୍ବାପେକ୍ଷା କମ ଆସନରେ ନିଜର ପ୍ରାର୍ଥୀ ଦେଇଛି ବୋଲି ରମେଶ କହିଛନ୍ତି । ୨୦୦୪ରେ ଯେଉଁ ସ୍ଥିତି ଥିଲା ୨୦୨୪ରେ ତାହା ହିଁ ରହିଛି ବୋଲି ସେ କହିଛନ୍ତି । ଦଳ ଜାଣିଶୁଣି ୩ ରାଜ୍ୟରେ କମ ସଂଖ୍ୟକ ଆସନରେ ନିଜର ପ୍ରାର୍ଥୀ ଛିଡା କରିଛି । କାରଣ ଏବେ ଦେଶରେ ଏକ ଶକ୍ତିଶାଳୀ ଓ ପ୍ରଭାବୀ ମେଣ୍ଟର ଆବଶ୍ୟକତା ରହିଛି ବୋଲି ରମେଶ କହିଛନ୍ତି । କିନ୍ତୁ ବିଗତ ନିର୍ବାଚନକୁ ନେଇ କଂଗ୍ରେସର ଫଳାଫଳ ଯେଉଳି ରହିଛି ତାହାକୁ ବିଚାର କଲେ ଚଳିତ ନିର୍ବାଚନରେ କମ୍ ସଂଖ୍ୟକ ପ୍ରାର୍ଥୀଙ୍କୁ ନେଇ ଦଳ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ରାଜନୀତିକ ବିଶାରଦମାନେ ଆକଳନ କରୁଛନ୍ତି । ୨୦୧୯ ନିର୍ବାଚନରେ କଂଗ୍ରେସ ମାତ୍ର ୫୨ ଆସନରେ ବିଜୟୀ ହୋଇଥିଲା ବେଳେ ୨୦୧୪ରେ ମାତ୍ର ୪୪ଟି ଆସନରେ ସୀମିତ ରହିଥିଲା । ସେହିପରି ୨୦୦୯ରେ ଦଳ ୨୦୬ ଆସନରେ ବିଜୟୀ ହୋଇଥିଲା ବେଳେ ୨୦୦୪ରେ ୧୪୫ଟି ଆସନରେ ବିଜୟ ଲାଭ କରିଥିଲା । ଯାହାକି କେନ୍ଦ୍ରରେ ସରକାର ଗଢିବା ପାଇଁ ରହିଥିବା ମ୍ୟାଜିକ୍ ନମ୍ବର ଠାରୁ ଯଥେଷ୍ଟ କମ୍ । ତେଣୁ ଚଳିତ ନିର୍ବାଚନରେ ଦଳ ନିଜ ଉପରେ କମ୍ ଭରସା କରି ମେଣ୍ଟକୁ ଅଧିକ ଗୁରୁତ୍ୱ ଦେଇଥିବା କୁହାଯାଉଛି ।

## ପୂର୍ବ ନିର୍ବାଚନ ସ୍ଥିତି

| ବର୍ଷ | ପ୍ରାର୍ଥୀ ସଂଖ୍ୟା | ଆସନ |
|---|---|---|
| ୧୯୫୧ | ୪୭୯ | ୩୬୪ |
| ୧୯୫୭ | ୪୯୦ | ୩୭୧ |
| ୧୯୬୨ | ୪୮୮ | ୩୬୧ |
| ୧୯୬୭ | ୫୧୬ | ୨୮୩ |
| ୧୯୭୧ | ୪୪୧ | ୩୫୨ |
| ୧୯୭୭ | ୪୯୨ | ୧୫୪ |
| ୧୯୮୦ | ୪୯୨ | ୩୫୩ |
| ୧୯୮୪ | ୫୧୭ | ୪୧୪ |
| ୧୯୮୯ | ୫୧୦ | ୧୯୭ |
| ୧୯୯୧-୯୨ | ୫୦୦ | ୨୪୪ |
| ୧୯୯୬ | ୫୨୯ | ୧୪୦ |
| ୧୯୯୮ | ୪୭୭ | ୧୪୧ |
| ୧୯୯୯ | ୪୫୩ | ୧୧୪ |
| ୨୦୦୪ | ୪୧୭ | ୧୪୫ |
| ୨୦୦୯ | ୪୪୦ | ୨୦୬ |
| ୨୦୧୪ | ୪୬୪ | ୪୪ |
| ୨୦୧୯ | ୪୨୧ | ୫୨ |

## ମୃତ୍ୟୁ ବାରିପାରୁଥିଲା ମାର୍ଜାର



କାହାର ଆୟୁଷ କେତେ ଅର୍ଥାତ୍ କାହାର କେତେବେଳେ ମୃତ୍ୟୁ ହେବ ଏସବୁକୁ ଠଉରାଇ ପାରୁଥିଲା ଏକ ବିଲେଇ। ବିଲେଟିର ନାଁ ଥିଲା ଓସ୍କାର। ଓସ୍କାର ତାର ଜୀବନକାଳରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ବିଷୟରେ ସଠିକ୍ ସୂଚନା ପ୍ରଦାନ କରିଥିବା କଥା କୁହାଯାଏ। କେବଳ ସେତିକି ନୁହେଁ, ଏହା ଏକ ଥେରାପି କ୍ୟାଟ୍ ଭାବେ ଅନେକଙ୍କ ଜୀବନ ମଧ୍ୟ ବଞ୍ଚାଇଥିଲା। ୨୦୦୭ରେ 'ଜର୍ଣ୍ଣାଲ ଅଫ୍ ମେଡିସିନ୍'ରେ ଓସ୍କାର ସଂପର୍କରେ ଖବର ପ୍ରକାଶିତ ହେବା ପରେ ଏହା ଚର୍ଚ୍ଚାକୁ ଆସିଥିଲା। ଓସ୍କାର ଛଅ ମାସର ହୋଇଥିବାବେଳେ ଆମେରିକାର ଏକ ନର୍ସିଂ ହୋମ୍‌ରେ ଥେରାପି କ୍ୟାଟ୍ ଭାବେ ନିଯୁକ୍ତ ହୋଇଥିଲା। ନର୍ସିଂ ହୋମ୍‌କୁ ଆସୁଥିବା ରୋଗୀମାନଙ୍କ ସହ ମିଳାମିଶା କରି ସେମାନଙ୍କ ମନ ହାଲକା କରିବା ଉଦ୍ଦେଶ୍ୟରେ ନର୍ସିଂ ହୋମ୍ ପକ୍ଷରୁ ତାକୁ ନିଯୁକ୍ତି ଦିଆଯାଇଥିଲା। ନର୍ସିଂ ହୋମ୍‌ର କର୍ମଚାରୀମାନେ ତା ଠାରେ କିଛି ବିଶେଷ ଗୁଣ ଦେଖିବାକୁ ପାଇଥିଲେ। ଓସ୍କାର ଏକୁଟିଆ ରହିବାକୁ ପସନ୍ଦ କରୁଥିଲା। ଯେଉଁ ବ୍ୟକ୍ତିଙ୍କ କୋଳକୁ ସେ ଯାଉଥିଲା, ପରବର୍ତ୍ତୀ ମୁହୂର୍ତ୍ତରେ ତା'ର ମୃତ୍ୟୁ ହେଉଥିଲା। ପ୍ରଥମେ ତ ନର୍ସିଂ ହୋମ୍ କର୍ମଚାରୀମାନେ ଏକଥାକୁ ଏତେଟା ଗୁରୁତ୍ୱ ଦେଇ ନ ଥିଲେ। ୨୦ ଥର ଏପରି ହେବା ପରେ ହସ୍‌ପିଟାଲ କର୍ମଚାରୀମାନେ ଓସ୍କାର ମୃତ୍ୟୁର ପୂର୍ବାନୁମାନ କରିପାରୁଥିବା ଜାଣିବାକୁ ପାଇଥିଲେ। ଥରେ ଜଣେ ସଂକଟାପନ୍ନ ରୋଗୀ ପାଖକୁ ଓସ୍କାର ଯିବ ବୋଲି ସମସ୍ତେ ଅନୁମାନ କରୁଥିଲେ । ମାତ୍ର ସେ ସଂପୃକ୍ତ ରୋଗୀ ପାଖକୁ ନ ଯାଇ ସମ୍ମୁଖ ଶଯ୍ୟାର ଅନ୍ୟ ଜଣେ ସୁସ୍ଥ ରୋଗୀ କୋଳକୁ ଯାଇଥିଲା । କୌଣସି କାରଣରୁ କିଛି ସମୟ ପରେ ସେହି ରୋଗୀ ଜଣକର ମୃତ୍ୟୁ ହୋଇଥିଲା। ହେଲେ ସେହି ସଂକଟାପନ୍ନ ରୋଗୀଟି ସୁସ୍ଥ ହୋଇଯାଇଥିଲେ। ତେବେ ଓସ୍କାର ସମ୍ପର୍କରେ ଗବେଷକମାନେ କହିଛନ୍ତି ଯେ ମଣିଷର ମୃତ୍ୟୁ ପୂର୍ବରୁ ଜୀବକୋଷଗୁଡିକରୁ ନିର୍ଗତ ଜୈବ ରାସାୟନିକ ପଦାର୍ଥର ଗନ୍ଧକୁ ଓସ୍କାର ବାରିପାରୁଥିଲା । ଫଳରେ ସେ ମୃତ୍ୟୁମୁଖୀ ରୋଗୀଙ୍କ ପାଖକୁ ଯାଉଥିଲା । ୨୦୨୨ରେ ଓସ୍କାରର ମୃତ୍ୟୁ ହୋଇଥିଲା।

## ବିଶ୍ୱ ଯକୃତ୍ ଦିବସ



ପ୍ରତିବର୍ଷ ଏପ୍ରିଲ୍ ୧୯କୁ ବିଶ୍ୱ ଯକୃତ୍ ଦିବସ ଭାବେ ପାଳନ କରାଯାଏ। ଯକୃତ୍‌କୁ ସୁସ୍ଥ ରଖିବା ତଥା ଏହା ସମ୍ବନ୍ଧୀୟ ବିଭିନ୍ନ ରୋଗ ବାବଦରେ ଲୋକଙ୍କୁ ସଚେତନ କରାଇବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ଯକୃତ୍ ବିନା ଜୀବନଧାରଣ କରିବା ସମ୍ଭବ ନୁହେଁ। ମସ୍ତିଷ୍କ ପରେ ଏହା ହେଉଛି ଶରୀରର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ଅଙ୍ଗ। ଏହା ଆମ ଶରୀରରେ ହଜମ, ବିପାକ କ୍ରିୟା, ରୋଗପ୍ରତିରୋଧକତା ବୃଦ୍ଧି, ଶରୀରରେ ପୋଷକ ତତ୍ତ୍ୱର ସଞ୍ଚୟ ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ଏହାର ନିଷ୍କ୍ରିୟତା ଯୋଗୁଁ ଶରୀରର ତନ୍ତୁଗୁଡ଼ିକ ଶକ୍ତି ଓ ପୋଷକ ତତ୍ତ୍ୱର ଅଭାବରୁ ଶୀଘ୍ର ମରିଯାଇଥା'ନ୍ତି। ଯକୃତ୍ ପିତ୍ତରସ କ୍ଷରଣ କରେ। ଶରୀରର ସମସ୍ତ ପ୍ରୋଟିନ୍ ଯକୃତରେ ତିଆରି ହୁଏ। ଏସବୁ ଦୃଷ୍ଟିରୁ ଯକୃତ୍‌କୁ ସୁସ୍ଥ ରଖିବା ନିହାତି ଜରୁରୀ। ତେବେ ଉପଯୁକ୍ତ ଖାଦ୍ୟପାନୀୟ ଉପରେ ଧ୍ୟାନ ନ ଦେବା ଦ୍ୱାରା ଯକୃତ୍ ଶୀଘ୍ର ଖରାପ ହୋଇଥାଏ। ଏହାବାଦ୍ ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଯୋଗୁଁ ମଧ୍ୟ ଯକୃତ୍ ନଷ୍ଟ ହୋଇଯାଇଥାଏ। ଯକୃତ୍ ଖରାପ ହୋଇଗଲେ ପ୍ରତ୍ୟାରୋପଣ ବ୍ୟତୀତ ଅନ୍ୟ ଉପାୟ ନାହିଁ। ଏଣୁ ଏ ଦୃଷ୍ଟିରୁ ଯକୃତ୍‌କୁ ସୁସ୍ଥ ରଖିବା ପାଇଁ ସନ୍ତୁଳିତ ଆହାର ସହ ନିୟମିତ ଯୋଗ, ବ୍ୟାୟାମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାବାଦ୍ ଖାଦ୍ୟରେ ଅଲିଭ୍ ତେଲ ବ୍ୟବହାର, ନିୟମିତ ହଳଦି ଓ ରସୁଣ ଖାଇବା, ସେଓ, ଅଙ୍ଗୁର, ଅଖୋରାଟ୍ ସହ ଲେମ୍ବୁରସ ନିୟମିତ ପିଇବା ତଥା ସବୁଜ ପନିପରିବା ଖାଇ ଯକୃତ୍‌କୁ ସୁସ୍ଥ ରଖିହେବ।

## ସାଉଥ୍ ନିର୍ଦ୍ଦେଶକଙ୍କ ସହ କାମ କରିବେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହ ଜଣେ ପ୍ରତିଭାବାନ୍ କଳାକାର। ସେ ତାଙ୍କର ନିଖୁଣ ଅଭିନୟ ମାଧ୍ୟମରେ ବଲିଉଡ୍‌କୁ ଅନେକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଭେଟି ଦେଇଛନ୍ତି। ଏବେ ରଣବୀର ତାଙ୍କର ଆଗାମୀ ଫିଲ୍ମ ପାଇଁ ସାଉଥ୍‌ର ଜଣାଶୁଣା ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମାଙ୍କ ସହ ହାତ ମିଳାଇଛନ୍ତି । ଏହି ଫିଲ୍ମଟି ବେଶ୍ ବଡ଼ ଆକାରରେ ନିର୍ମାଣ କରିବା ପାଇଁ ଯୋଜନା ରଖାଯାଇଥିବାରୁ ଏବେ ପ୍ରଶାନ୍ତ ଓ ରଣବୀର ଟିସିରିଜ୍, ଜିଓ ଷ୍ଟୁଡିଓ, ଭାୟକମ୍ ୧୮ ଭଳି ଆଗଧାଡ଼ିର ପ୍ରଯୋଜନା ସଂସ୍ଥା ସହ କଥାବାର୍ତ୍ତା ଆରମ୍ଭ କରିଛନ୍ତି। ତେବେ ଏହି ଫିଲ୍ମ ଆଧ୍ୟାତ୍ମିକ ପୃଷ୍ଠଭୂମି ଉପରେ ଆଧାରିତ ହେବ। ପ୍ରଶାନ୍ତ ତେଲୁଗୁ ସୁପରହିଟ୍ ଫିଲ୍ମ 'ହନୁମାନ'ର ନିର୍ଦ୍ଦେଶନା ଦେଇଥିଲେ। ଏବେ ସେ ଏହାର ସିକ୍ୱେଲ 'ଜୟ ହନୁମାନ' ନିର୍ମାଣ କରୁଛନ୍ତି। 'ହନୁମାନ' ଦେଖି ରଣବୀର ପ୍ରଶାନ୍ତଙ୍କର ବେଶ୍ ପ୍ରଶଂସା କରିଥିଲେ।



## କାର୍‌ରେ ମିଳିବ ହୋଟେଲର ସୁବିଧା



ଜର୍ମାନୀର ବୈଜ୍ଞାନିକମାନେ 'ସ୍ୱିଫ୍ଟ ପଡ୍' କାର୍ ତିଆରିର ପରିକଳ୍ପନା କରିଛନ୍ତି। ତେବେ ଏହି କାର୍ ସାଧାରଣ କାର୍‌ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବା ସହ ନିଆରା ଯାତ୍ରା ଅନୁଭୂତି ପ୍ରଦାନ କରିବ। ଏହା ଏମିତି ଏକ କାର୍, ଯେଉଁଥିରେ ହୋଟେଲ ଭଳି ସୁବିଧା ମିଳିବ। ହୋଟେଲରେ ଯେଭଳି ବିଶ୍ରାମ ପାଇଁ ଖଟ ତଥା ଖାଦ୍ୟ ପାନୀୟର ସୁବିଧା ଥାଏ, ଠିକ୍‌ସେମିତି ସ୍ୱିଫ୍ଟ ପଡ୍ ମଧ୍ୟ ସମାନ ସୁବିଧା ପ୍ରଦାନ କରିବ। ଏଣୁ ଏହାକୁ ଦୃଷ୍ଟି ଦେଲେ ଆଗାମୀ ଦିନରେ ଦୀର୍ଘ ସମୟ ଧରି କରାଯାଉଥିବା କାର୍ ଯାତ୍ରା 'ସ୍ୱିଫ୍ଟ ପଡ୍' ମାଧ୍ୟମରେ ରୋମାଞ୍ଚକର ହେବ। ଅବଶ୍ୟ ଏ ଲାଗି ଗାଡ଼ିରେ ସ୍ଲିପିଂ ପଡ୍‌ର ବ୍ୟବସ୍ଥା କରାଯିବ। ଯେଉଁଥିରେ ଦୁଇଜଣ ଯାତ୍ରୀ ଆରାମରେ ଶୋଇ ଯାତ୍ରା କରିବା ପାଇଁ ଦୁଇଟି ଖଟର ବ୍ୟବସ୍ଥା କରାଯିବ। ତେବେ ଯାତ୍ରା କରିବା ସମୟରେ ଯାତ୍ରୀ ବେଡ୍ ଉପରେ ବସି ରହିବେ କି ଶୋଇବେ ତାହା ସେମାନେ ସ୍ଥିର କରିବେ। ସେହିପରି ଭୋକ ଲାଗିଲେ ଗାଡ଼ିକୁ ଅଟକାଇ ରଖି କେଉଁ ସ୍ଥାନରେ ଖାଦ୍ୟ ଖାଇବାକୁ ପଡ଼ିବ ନାହିଁ। କାର୍‌ରେ ଖାଦ୍ୟ ଓ ପାନୀୟର ସୁବିଧା ଯାତ୍ରୀଙ୍କୁ ମିଳିବ। ତେବେ କାର୍‌ଟିକୁ ତ୍ରିଭୁଜ ଆକୃତିରେ ଡିଜାଇନ କରାଯିବ। ଏହାବାଦ୍ ଯାତ୍ରୀ କେଉଁ ସ୍ଥାନକୁ କେଉଁ ସମୟରେ ଯିବାକୁ ଚାହୁଁଛନ୍ତି, ସେନେଇ ଅନଲାଇନ୍‌ରେ ସେମାନେ ଜଣାଇବେ। ତା'ପରେ ନାଭିଗେସନ ସିଷ୍ଟମ୍ ସ୍ୱତଃପ୍ରବୃତ୍ତ ଭାବେ ଉକ୍ତ ସ୍ଥାନ ଅନୁସାରେ କାର୍‌ର ବେଗ କେତେ ରହିବ, ତାହା ନିର୍ଦ୍ଧାରଣ କରିବ। ଅନ୍ୟପକ୍ଷରେ ସ୍ୱିଫ୍ଟ ପଡ୍ ଏବେ ବୈଜ୍ଞାନିକମାନଙ୍କର ଏକ ପରିକଳ୍ପନା ଭାବେ ସାମ୍ନାକୁ ଆସିଛି। ଏହା କେବେ ବାସ୍ତବ ରୂପ ନେବ, ତାହା ସ୍ପଷ୍ଟ ହୋଇ ନାହିଁ।

## ଆଜିର ଇତିହାସ

- ୧୭୭୫-ଆମେରିକା ବିପ୍ଳବର ଆରମ୍ଭ।
- ୧୯୭୨- ବାଂଲାଦେଶ ରାଷ୍ଟ୍ରମଣ୍ଡଳର ସଦସ୍ୟ ହେଲା।
- ୧୯୭୭- ସାଟେଲାଇଟ୍ କମ୍ୟୁନିକେସନ୍‌ର ଆରମ୍ଭ।
- ୨୦୧୧- କ୍ୟୁବାର ରାଷ୍ଟ୍ରପତି ଫିଦେଲ୍ କାଷ୍ଟ୍ରୋ କମ୍ୟୁନିଷ୍ଟ ପାର୍ଟି ଅଫ୍ କ୍ୟୁବାର କେନ୍ଦ୍ରୀୟ ସମିତିରୁ ଇସ୍ତଫା ଦେଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାମଲାମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।




## ମର୍ଣ୍ଣିଂ ୱାକ୍ କିଛି ନିୟମ

**ସକାଳୁ ସକାଳୁ ଚାଲିବା କିମ୍ବା ଦୌଡ଼ିବା ଦ୍ୱାରା ଦିନସାରା ତାଜା ଲାଗେ। ଏହାଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ସହ ଅସ୍ଥି ମଜଭୁତ ହୋଇଥାଏ। ଓଜନ ନିୟନ୍ତ୍ରଣରେ ସହାୟକ ହୁଏ। ଚାଲିବା କିମ୍ବା ଦୌଡ଼ିବା ସାଧାରଣ ବ୍ୟାୟାମ ହୋଇଥିଲେ, ହେଁ ଏହାକୁ ସଠିକ୍ ଢଙ୍ଗରେ ନ କଲେ ଏହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ତେବେ ମର୍ଣ୍ଣିଂ ୱାକ୍ କରିବା ସମୟରେ କିଛି ଭୁଲରୁ ଦୂରେଇ ରୁହନ୍ତୁ।**

**ତଳକୁ ଚାହିଁବା ମନ୍ଦଭ୍ୟାସ:** ସକାଳୁ ବୁଲାବୁଲି କରିବା ସମୟରେ ମୁଣ୍ଡକୁ ତଳକୁ ଝୁଲାଇ ରଖି ଚାଲିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାଦ୍ୱାରା ବେକଯନ୍ତ୍ରଣା ହୁଏ। ଦୃଷ୍ଟିଶକ୍ତି ପ୍ରଭାବିତ ହୋଇଥାଏ। ତେଣୁ ସର୍ବଦା ବେକକୁ ସିଧା ରଖି ବ୍ୟାୟାମ କରିବା ଉଚିତ।

**ବ୍ୟାୟାମ ପରେ ଆରାମ ଜରୁରି :** ସକାଳୁ ବ୍ୟାୟାମ କରିବା ପରେ ଶରୀରକୁ ଆରାମ ଦେବା ଜରୁରି। ନଚେତ୍ ଥକ୍କାପଣ ହେବା ସହ ମାଂସପେଶୀରେ ଯନ୍ତ୍ରଣା ଅନୁଭବ ହୁଏ। ତେଣୁ ସକାଳୁ ଚାଲିବା ପରେ କିଛି ସମୟ ଆରାମ କରନ୍ତୁ। କେବଳ ସେତିକି ନୁହେଁ, ଦୈନିକ ପରିଶ୍ରମ କରିବା ଦ୍ୱାରା ଶରୀରକୁ ସଠିକ୍ ମାତ୍ରାର ପୋଷକତତ୍ତ୍ୱର ଆବଶ୍ୟକ ପଡେ। କେହି କେହି ବ୍ୟାୟାମ ସାରି କଫି କିମ୍ବା ଚା' ପିଇଥାନ୍ତି। ଜଳଖିଆ ଖାଆନ୍ତିନି କିନ୍ତୁ ଏପରି ଭୁଲ୍ କରିବା ଦ୍ୱାରା ଶରୀରକୁ ପୋଷକତତ୍ତ୍ୱ ମିଳିନଥାଏ। ଏଥିପ୍ରତି ଧ୍ୟାନ ଦିଅନ୍ତୁ।

**ୱାର୍ମଅପ୍ କରିବାକୁ ଭୁଲନ୍ତୁନି:** ବ୍ୟାୟାମ ପୂର୍ବରୁ ୱାର୍ମଅପ୍ ନ କଲେ, ବିଭିନ୍ନ ସ୍ୱାସ୍ଥ୍ୟସମସ୍ୟା ଯଥା-ମାଂସପେଶୀ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ହୁଏ। ତେଣୁ ସକାଳୁ ସିଧାସଳଖ ବ୍ୟାୟାମ ବା ଦୌଡ଼ିବା ପୂର୍ବରୁ ୧୦ରୁ ୧୫ ମିନିଟ୍ ୱାର୍ମଅପ୍ କରନ୍ତୁ। କିଛି ଜଣ ସକାଳୁ ଜୋର ଜୋର ଚାଲନ୍ତି, ହେଲେ ଚାଲିବା ସମୟରେ ଛୋଟ ଛୋଟ ପାହୁଲା ପକାଇ ଚାଲିବା ଜରୁରି। ଏହା ଶରୀରକୁ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୁଏ। ଚାଲିବା ବା ବ୍ୟାୟାମ ସମୟରେ ନିଜ ଶରୀରର ଭାବଭଙ୍ଗୀକୁ ଧ୍ୟାନ ଦେବା ଜରୁରି। ଏହା ଠିକ୍ ନ ରହିଲେ, କମର ଯନ୍ତ୍ରଣା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଦି ସୃଷ୍ଟି ହୋଇଥାଏ।



### ସ୍ୱାସ୍ଥ୍ୟ ବିଜ୍ଞାନ

**ଟିସୁ ଇଞ୍ଜିନିୟରିଂ ଏବଂ ଥ୍ରୀଡି ପ୍ରିଣ୍ଟର ସହାୟତାରେ**

## କାନର ପ୍ରତିରୂପ



ଅତ୍ୟାଧୁନିକ ଟିସୁ ଇଞ୍ଜିନିୟରିଂ କୌଶଳ ଏବଂ ଥ୍ରୀଡି ପ୍ରିଣ୍ଟର ବ୍ୟବହାର କରି ଗବେଷକମାନେ ଜଣେ ପ୍ରାପ୍ତବୟସ୍କ ମନୁଷ୍ୟ କାନର ପ୍ରତିରୂପ ତିଆରି କରିଛନ୍ତି। ଏହା ପ୍ରକୃତ କାନ ଭଳି ଦେଖାଯିବା ସହ କାନ ବା ଶ୍ରବଣ ହରାଇଥିବା ଲୋକମାନେ ଏକ ଅସଲି କାନ ଥିବା ଅନୁଭବ କରିପାରିବେ। ସାଧାରଣତଃ ଶଲ୍ୟ ଚିକିତ୍ସକ ବା ସର୍ଜନମାନେ ଅସ୍ତ୍ରୋପଚାର ଦ୍ୱାରା ଶିଶୁର ପଞ୍ଜରାରୁ ଉପାସ୍ଥି ବାହାର କରି କୃତ୍ରିମ କାନ ତିଆରି କରନ୍ତି। ଏହା ଗ୍ରାଫ୍ଟ ପ୍ରାପ୍ତକାରୀଙ୍କ ଦ୍ୱିତୀୟ କାନ ସହିତ ସମାନ ହୋଇପାରେ; କିନ୍ତୁ ସାଧାରଣତଃ ଏହାର ସମାନ ନମନୀୟତା ନ ଥାଏ । ଏହାକୁ ଦୃଷ୍ଟିରେ ରଖି ଆମେରିକାର ୱେଲ୍ କର୍ଣ୍ଣେଲ ମେଡିସିନ୍ ଏବଂ କର୍ଣ୍ଣେଲ ଇଞ୍ଜିନିୟରିଂର ଗବେଷକମାନେ ଗ୍ରାଫ୍ଟ ଡିଜାଇନ କରିଛନ୍ତି, ଯାହା ଜନ୍ମଗତ ବିକୃତି ସହିତ ଜନ୍ମ ହୋଇଥିବା କିମ୍ବା ପରବର୍ତ୍ତୀ ଜୀବନରେ କାନ ହରାଇଥିବା ଲୋକଙ୍କ ପାଇଁ ସୁନିର୍ଦ୍ଦିଷ୍ଟ ଶାରୀରିକ ଗଠନ ଏବଂ ସଠିକ୍ ବାୟୋମେକାନିକାଲ ଗୁଣ ପ୍ରଦାନ କରେ।

ନ୍ୟୁୟର୍କ-ପ୍ରେସ୍ବିଟେରିଆନ୍/ୱେଲ୍ କର୍ଣ୍ଣେଲ ମେଡିକାଲ ସେଣ୍ଟରର ପ୍ଲାଷ୍ଟିକ୍ ଆଣ୍ଡ ରିକନଷ୍ଟ୍ରକ୍ଟିଭ୍ ସର୍ଜରୀ ବିଭାଗର ମୁଖ୍ୟ ଡାକ୍ତର ଜେସନ୍ ସ୍ପେକ୍ଟର କହିଛନ୍ତି, "ଏହି ନୂତନ ଜ୍ଞାନକୌଶଳ ବାହ୍ୟ କାନର ବିକୃତିକୁ ସୁଧାରିବା ପାଇଁ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ହଜାର ହଜାର ଲୋକଙ୍କ ପାଇଁ ବରଦାନ ହେବ।" ଆକ୍ଟା ବାୟୋମେଟ୍ରିୟଲ୍ସ ପତ୍ରିକାରେ ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ଏହି କାନର ପ୍ରତିକୃତି ତିଆରିରେ ଡକ୍ଟର ସ୍ପେକ୍ଟର ଏବଂ ତାଙ୍କ ଟିମ୍ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରତ୍ୟାଖ୍ୟାନ କରୁଥିବା କୌଣସି ଜିନିଷକୁ ହଟାଇବା ପାଇଁ ଜୀବାଣୁହୀନ ପଶୁ-ନିର୍ମିତ କାର୍ଟିଲେଜ୍ ବ୍ୟବହାର କରିଥିଲେ। ପରବର୍ତ୍ତୀ ତିନିରୁ ଛଅ ମାସ ମଧ୍ୟରେ, ଢାଞ୍ଚା କାର୍ଟିଲେଜ୍ ଯୁକ୍ତ ଟିସୁରେ ବିକଶିତ ହୋଇଥିଲା, ଯାହା କାନର ଶାରୀରିକ ବୈଶିଷ୍ଟ୍ୟଗୁଡ଼ିକୁ ନକଲ କରିଥାଏ । ତେବେ ଏହି ଇଞ୍ଜିନିୟରିଂ ସାମଗ୍ରୀ ପ୍ରାକୃତିକ କାର୍ଟିଲେଜ୍ ଭଳି ଶକ୍ତିଶାଳୀ ନୁହେଁ ଏବଂ ଏହା ଫାଟି ନଷ୍ଟ ହୋଇପାରେ। ଏଥିପାଇଁ, ଡକ୍ଟର ସ୍ପେକ୍ଟର "କଣ୍ଡ୍ରୋସାଇଟ୍ସ" ଯୋଡ଼ିବାକୁ ଯୋଜନା କରିଛନ୍ତି। ସେ କହିଛନ୍ତି, ଏହି କୋଷଗୁଡ଼ିକ ଇଲାଷ୍ଟିକ୍ ପ୍ରୋଟିନ୍ ବିଛାଇ ଦେବେ, ଯାହା କାନ କାର୍ଟିଲେଜ୍‌କୁ ଶକ୍ତିଶାଳୀ କରି ପ୍ରକୃତ କାନ ସହିତ ବାୟୋମେକାନିକ୍ ଭାବରେ ସମାନ ଗ୍ରାଫ୍ଟ ସୃଷ୍ଟି କରିପାରିବ।

## ବିପଜ୍ଜନକ ଲହରା କାଶ

### ସ୍ୱାସ୍ଥ୍ୟ ପରାମର୍ଶ

**ଚୀନ୍, ଫିଲିପିନ୍ସ, ଆମେରିକା, ବ୍ରିଟେନ୍ ଓ ନେଦରଲ୍ୟାଣ୍ଡ ସମେତ ଅନେକ ଦେଶରେ ଏବେ ହୁପିଂ କଫ୍ ତଥା ଲହରା କାଶ ବ୍ୟାପିବାରେ ଲାଗିଛି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଏହି ମାମଲା ଅଧିକ ଥିବାବେଳେ ମୃତ୍ୟୁହାର ମଧ୍ୟ ୨୦ ପ୍ରତିଶତ ରହିଛି। ତେବେ ହୁପିଂ କଫ ଏକ ପ୍ରକାର ସଂକ୍ରମଣ। ଏହା ବୋର୍ଡେଟେଲା ପର୍‌ଟୁସିସ ଜୀବାଣୁରୁ ସୃଷ୍ଟି। ପ୍ରାରମ୍ଭରୁ ଏହାକୁ ଚିହ୍ନଟ କରିବା ମୁସ୍କିଲ ହୋଇଥାଏ। ଏହା ଶ୍ୱସନ ପ୍ରକ୍ରିୟାକୁ ସଂକ୍ରମିତ କରିଥାଏ। ସଂକ୍ରମିତ ବ୍ୟକ୍ତିଙ୍କର ଲଗାତାର କାଶ ହୋଇଥାଏ। କାଶି କାଶି ବାନ୍ତି ହେବା ଓ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଏହାର ଲକ୍ଷଣ। ଏହା ୬ ମାସରୁ କମ୍ ବୟସର ଶିଶୁଙ୍କୁ ଅଧିକ ପ୍ରଭାବିତ କରେ। ୧୧ ମାସରୁ ୧୮ ବର୍ଷ ପିଲାଙ୍କ ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେଇଥାଏ।**



ଏହା ଜଣେ ବ୍ୟକ୍ତିଠାରୁ ଅନ୍ୟଜଣଙ୍କୁ ବ୍ୟାପିଥାଏ। ସାଧାରଣତଃ ଯେଉଁମାନେ ପର୍ଟୁସିସ୍‌ରେ ଆକ୍ରାନ୍ତ ହୋଇଥିବେ, ସେମାନଙ୍କର ଲହରା କାଶ ବା ହୁପିଂ କଫ ହୁଏ। ତେଣୁ ସେମାନେ କାଶିବା, ଛିଙ୍କିବା କିମ୍ବା ଶ୍ୱାସ ନେବା ସମୟରେ ଅନ୍ୟଙ୍କୁ ସଂକ୍ରମିତ କରିଥାନ୍ତି। ସଂକ୍ରମଣ ଦୁଇ ସପ୍ତାହ ଯାଏଁ ଲାଗି ରହିଥାଏ।

**ଲକ୍ଷଣ:** ଏହା ଥଣ୍ଡା ଲକ୍ଷଣରୁ ଆରମ୍ଭ ହୁଏ। ସାଧାରଣତଃ ୫ରୁ ୧୦ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଏ, କେବେ କେବେ ତିନି ସପ୍ତାହ ପରେ ମଧ୍ୟ ଏହି ଲକ୍ଷଣ ଜଣାପଡ଼େ ନାହିଁ। ନାକ ବନ୍ଦ ହୋଇଯିବା, ଜ୍ୱର ହେବା, କାଶ, ନାକରୁ ପାଣି ବୋହିବା ଆଦି ଲକ୍ଷଣ ଦେଖାଯାଏ। ଶିଶୁଙ୍କ ଠାରେ ଆରମ୍ଭରୁ ଭିନ୍ନ ଭିନ୍ନ ଲକ୍ଷଣ ଦେଖିବାକୁ ମିଳେ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସେମାନେ ସମସ୍ୟା ଭୋଗନ୍ତି। ନୀଳ ପଡ଼ିଯାଆନ୍ତି। ତେଣୁ ଏପରି ଲକ୍ଷଣ ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ପାଖକୁ ଯାଆନ୍ତୁ। ଅନେକଙ୍କ ଠାରେ ଜୋର ଜୋର କାଶ ହେବା, ନିଃଶ୍ୱାସ ନେବା ଦ୍ୱାରା 'ହୁପ୍' ପରି ଶବ୍ଦ ଆସିଥାଏ। ଏପରି କାଶ ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଚାଲିଥାଏ। କାଶ ପରେ କିମ୍ବା ପୂର୍ବରୁ ବାନ୍ତି ହେବା, ଥକ୍କାପଣ ଅନୁଭବ କରିବା, ଅନ୍ୟ ଶ୍ୱସନ ସଂକ୍ରମଣ ହେବା ଲକ୍ଷଣ ଦେଖିବାକୁ ମିଳେ।

**ଉପଚାର:** ଡିଟିଏପି ଟିକା, ଜୋ ଡିପ୍‌ଥୋରିଆ, ଟିଟାନସ୍ ପର୍ଟୁସିସରୁ ସୁରକ୍ଷା ଦିଏ। ତେଣୁ ନିଜ ପିଲାଙ୍କୁ ଟିକାପ୍ରଦାନ କରିବାକୁ ଭୁଲନ୍ତୁନି। ବାହାରରୁ ଆସିବା ମାତ୍ରେ ହାତକୁ ସାବୁନରେ ଧୁଅନ୍ତୁ। ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ନ ଆସିବା ଭଲ। କାଶିବା କିମ୍ବା ଛିଙ୍କିବା ସମୟରେ ମୁହଁ ଓ ନାକକୁ ଟିସୁ ଦ୍ୱାରା ଘୋଡ଼ାନ୍ତୁ। ଛିଙ୍କିବା ଓ କାଶିବା ପରେ ହାତକୁ ସାବୁନରେ ଧୋଇପାରିବେ। ଏହି ରୋଗର ଲକ୍ଷଣ ଦେଖିବା ମାତ୍ରେ ଗହଳି ସ୍ଥାନକୁ ଯିବା ବନ୍ଦ କରନ୍ତୁ।

**ଆୟୁର୍ବେଦ ଚିକିତ୍ସା:** ଆମ୍ବଓଲଟୀ ପତ୍ର ୧୦ ମିଲିକୁ ଗରମ କରି ଛାଣି ସେଥିରେ ଅଳ୍ପ ମହୁ ମିଶାଇ ଦିନକୁ ଦୁଇ ଥର ସେବନ କଲେ ଲହରାକାଶ ଭଲ ହୁଏ। ୫ବର୍ଷରୁ କମ୍ ପିଲାଙ୍କ ୨.୫ମିଲି, ୫ରୁ ୧୨ ବର୍ଷ ପିଲାଙ୍କୁ ୫ମିଲି, ୧୨ରୁ ୧୫ ବର୍ଷ ୭.୫ ମିଲି ମାତ୍ରାରେ ଦିନକୁ ଦୁଇଥର ଦିଆଯାଏ। ସେହିପରି ଅଙ୍କରାନ୍ତି, ଜଷ୍ଟିମଧୁ, ଗୁଡୁଚି, ବାସଙ୍ଗଛାଲି, ତେଜପତ୍ର ଓ ଅଦାକୁ ମିଳିତ ୧୦ ଗ୍ରାମ ନେଇ ୨୦୦ ମିଲି ପାଣିରେ ସିଝାଇ ୫୦ ମିଲି ଅବଶେଷ ରଖି ବୟସ ରୋଗୀ ଅନୁସାରେ ୫ମିଲିରୁ ୫୦ ମିଲି ପର୍ଯ୍ୟନ୍ତ ଟିକିଏ ତାଳମିଶରି ମିଶାଇ ଦିନକୁ ଦୁଇଥର ସେବନ କଲେ ଲାଭ ମିଳିଥାଏ।

ପାଚିଲା କଦଳୀ, ଦହି, ଆତ, ସପେଟା, ଶୀତଳପାନୀୟ ଆଦି ସମ୍ପୂର୍ଣ୍ଣ ବର୍ଜନୀୟ।

## ଭୋଜନ ପରେ ବି ଭୋକ ଲାଗୁଥିଲେ...

**ଜଳଖିଆ ହେଉ କି ମଧ୍ୟାହ୍ନଭୋଜନ, ଖାଦ୍ୟ ଗ୍ରହଣର ପ୍ରାୟ ଘଣ୍ଟାକ ମଧ୍ୟରେ ଭୋକ ଲାଗିଥାଏ। ଆଉ ଏହି ସମୟରେ ଅଧିକାଂଶ ଜଙ୍କ୍ ଫୁଡ୍ ଖାଇଥାନ୍ତି। ତେବେ ଖାଦ୍ୟ ଖାଇବାର କିଛି ସମୟ ମଧ୍ୟରେ ବାରମ୍ବାର ଭୋକ ଲାଗିବା ଉଭୟ ମାନସିକ ଓ ଶାରୀରିକ ସମସ୍ୟାକୁ ସୂଚାଇଥାଏ।**

ଭୋକହେବା ଶରୀରର ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ବେଳେ ବେଳେ ପେଟ ଭରି ଖାଇବା ପରେ ବି କେତେଜଣଙ୍କୁ ଭୋକ ଲାଗିଥାଏ। ତେଣୁ ଖାଇବାର କିଛି ସମୟ ମଧ୍ୟରେ ଭୋକ ଲାଗିବା ଉଭୟ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟାକୁ ସୂଚାଇଥାଏ। ଯେତେବେଳେ ଜଣେ ବ୍ୟକ୍ତି ବହୁତ କମ୍ କ୍ୟାଲୋରୀ ଡାଏଟ୍ ନେଇଥା'ନ୍ତି, ଶରୀରରେ ଘ୍ରେଲିନ ନାମକ ଏକ ହର୍ମୋନର ସନ୍ତୁଳନ ବିଗିଡ଼ିଥାଏ। ଘ୍ରେଲିନ ଓ ଲେପ୍ଟିନ୍ ହର୍ମୋନ କାରଣରୁ ବାରମ୍ବାର ଭୋକ ଲାଗିଥାଏ। କେବଳ ସେତିକି ନୁହେଁ; ଖରାପ ଜୀବନ ଶୈଳୀ, ରାତିରେ ଭଲ ଭାବେ ନିଦ ନ ହେବା, ଡିହାଇଡ୍ରେସନ୍, ଚିନ୍ତା ଓ ଅବସାଦ ଆଦି କାରଣରୁ ଅଧିକ ଭୋକ ଲାଗିଥାଏ। ଅଧିକ ଲୁଣ, ତନ୍ତୁଜାତୀୟ ପୁଷ୍ଟିସାର ଅଭାବରୁ ଶରୀରରେ ଭାରସାମ୍ୟ ରହେନାହିଁ। ମଧୁମେହ ରୋଗୀଙ୍କ ଶର୍କରା ପରିମାଣ ବୃଦ୍ଧି ଯୋଗୁଁ ମଧ୍ୟ ବାରମ୍ବାର ଭୋକ ଲାଗିଥାଏ।

ଏହି ସମସ୍ୟା ହେଉଥିଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରନ୍ତୁ। ନିୟମିତ ବ୍ୟାୟାମ ଓ ଯୋଗ କରିପାରିବେ। ପୋଷକତତ୍ତ୍ୱ ଶସ୍ୟ ସମେତ ବିଭିନ୍ନ ପ୍ରକାର ସବୁଜ ଓ ତଟକା ପନିପରିବା ଖାଇବାକୁ ଗୁରୁତ୍ୱ ଦିଅନ୍ତୁ।



# ଚାମ୍ପିଅନ୍ସ ଲିଗ୍ ସେମିରେ ରିଅଲ ମାଦ୍ରିଦ୍



**ମାଞ୍ଚେଷ୍ଟର,୧୮ ।୪(ଏଜେନ୍ସି):** ଚଳିତ ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏସନ (ୟୁଇଏଫ୍ଏ) ଚାମ୍ପିଅନ୍ସ ଲିଗ୍‌ରେ ରିଅଲ ମାଦ୍ରିଦ୍ ସେମିଫାଇନାଲରେ ପ୍ରବେଶ କରିଛି । କ୍ୱାର୍ଟର ଫାଇନାଲର ଦ୍ୱିତୀୟ ଲେଗ୍‌ରେ ମାଞ୍ଚେଷ୍ଟର ସିଟି କ୍ଲବକୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ପରାସ୍ତ କରି ମାଦ୍ରିଦ୍ ସେମି ଟିକଟ ହାସଲ କରିଛି । ଦ୍ୱିତୀୟ ଲେଗ ମୁକାବିଲା ୧-୧ ଗୋଲରେ ଅମୀମାଂସିତ ରହିବା ପରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା । ଏଥିରେ ୪-୩ ଗୋଲରେ ମାଦ୍ରିଦ୍ ବିଜୟୀ ହୋଇଥିଲା । ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ପ୍ରଥମ ଲେଗ ମୁକାବିଲା ମଧ୍ୟ ୩-୩ ଗୋଲରେ ଅମୀମାଂସିତ ରହିଥିଲା । ତେଣୁ ଏଗ୍ରିଗେଟ୍‌ରେ କ୍ୱାର୍ଟର ୪-୪ ଗୋଲ ଅମୀମାଂସିତ ରହିଥିଲା ଓ ଶେଷରେ ସୁଟ୍‌ଆଉଟ୍‌ରେ ବାଜି ମାରି ରିଅଲ ଅଗ୍ରଗତି କରିଥିଲା । ସେମିରେ ରିଅଲ ଏବେ ଜର୍ମାନୀ କ୍ଲବ ବେୟର୍ଣ୍ଣ ମ୍ୟୁନିକକୁ ଭେଟିବ । ଏହି ସେମିଫାଇନାଲର ଦୁଇଟି ଲେଗ୍ ଆସନ୍ତା ମାସ ୧ ଓ ୯ ତାରିଖରେ ଖେଳାଯିବ । ଅନ୍ୟଏକ କ୍ୱାର୍ଟରରେ ବେୟର୍ଣ୍ଣ ୩-୨ ଗୋଲ ଏଗ୍ରିଗେଟ୍‌ରେ ଆର୍ସେନାଲକୁ ହରାଇ ସେମିକୁ ଉଠିଥିଲା । ଏହି ହାଇପ୍ରୋଫାଇଲ ଲିଗ୍‌ର ଫାଇନାଲ ମ୍ୟାଚ୍ ଜୁନ୍ ୨ ତାରିଖରେ ୱେମ୍ବଲି ଷ୍ଟାଡିୟମରେ ଖେଳାଯିବ ।

**ମାଞ୍ଚେଷ୍ଟର ସିଟିକୁ କ୍ୱାର୍ଟରରେ ହରାଇଲା**

ମାଞ୍ଚେଷ୍ଟରର ଏତିହାଦ ଷ୍ଟାଡିୟମରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଉଭୟ ମାଦ୍ରିଦ ଓ ମାଞ୍ଚେଷ୍ଟର ସିଟି ଗୋଲ ଦେବାକୁ ସଂଘର୍ଷ କରିଥିଲେ । ମ୍ୟାଚ୍‌ର ଦ୍ୱାଦଶ ମିନିଟ୍‌ରେ ରୋଡ୍ରିଗୋ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ମାଦ୍ରିଦ୍‌କୁ ଅଗ୍ରଣୀ କରାଇଥିଲେ । କିନ୍ତୁ ଦ୍ୱିତୀୟାର୍ଦ୍ଧରେ ମାଞ୍ଚେଷ୍ଟରର କେଭିନ ଡି ବ୍ରୁଇନ୍ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ । ଏହାପରେ ଉଭୟ ଦଳ ଗୋଲ ଦେବାରେ ସଫଳ ହୋଇ ନଥିଲେ । ସବୁବିଭାଗରେ ମାଞ୍ଚେଷ୍ଟର ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟଦେବୀ ସହାୟ ହୋଇ ନଥିଲେ । ପାଖାପାଖି ଦୁଇଗୁଣା ସମୟ ମାଞ୍ଚେଷ୍ଟର ଖେଳାଳି ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲେ ଓ ଦୁଇଗୁଣା ସଂଖ୍ୟାରେ ପାସ ଦେଇଥିଲେ । ସଟ୍ ଓ ସଟ୍ ଅନ୍ ଟାର୍ଗେଟ୍‌ରେ ମାଦ୍ରିଦ ପଛରେ ରହିଥିଲା ।

## ଇଣ୍ଡିଆନ ସୁପର ଲିଗ୍ ପ୍ଲେଅଫ୍ ମୁକାବିଲା ଆଜି

# ସେମି ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି-କେରଳା ବ୍ଲାଷ୍ଟର୍ସ

**ଭୁବନେଶ୍ୱର,୧୮ ।୪(ସମିସ)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଚଳିତ ୧୦ମ ସଂସ୍କରଣ ଏବେ ନକ୍‌ଆଉଟ ପର୍ଯ୍ୟାୟରେ ପହଞ୍ଚିଛି । ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ କେରଳା ବ୍ଲାଷ୍ଟର୍ସ ଏଫ୍‌ସି ଗୁରୁତ୍ୱପୂର୍ଣ୍ଣ ପ୍ଲେ-ଅଫ୍ ମୁକାବିଲାରେ ପରସ୍ପରକୁ ଭେଟିବେ । ପ୍ରଥମ ଦଳ ଭାବେ ଓଡ଼ିଶା ପ୍ଲେ-ଅଫ୍‌ରେ ପ୍ରବେଶ କରି ଲିଗ୍ ସିଲ୍ଡ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଥିଲା । ତେବେ ଶେଷରେ ଓଡ଼ିଶାକୁ ଅଙ୍କ ସାରଣୀର ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା । ଓଡ଼ିଶା ଲିଗ୍ ପର୍ଯ୍ୟାୟରେ ୨୨ଟି ମ୍ୟାଚ୍ ଖେଳି ୧୧ଟି ବିଜୟ, ୬ଟି ଡ୍ର ଓ ୫ଟି ପରାଜୟ ସହ ୩୯ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଥିଲା । ଅପରପକ୍ଷରେ କେରଳା ବ୍ଲାଷ୍ଟର୍ସ ୨୨ଟି ମ୍ୟାଚ୍ ଖେଳି ୧୦ ବିଜୟ, ୩ ଡ୍ର ଓ ୯ ପରାଜୟ ସହ ୩୩ ଅଙ୍କ ହାସଲ କରି ୫ମ ସ୍ଥାନରେ ରହିଥିଲା । ମୋହନବାଗାନ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୧୫ ବିଜୟ, ୩ ଡ୍ର ଓ ୪ ପରାଜୟ ସହ ୪୮ ଅଙ୍କ ସହ ଶୀର୍ଷରେ ରହି ପ୍ରଥମଥର ପାଇଁ ଲିଗ୍ ଚାମ୍ପିଅନ ବିବେଚିତ ହୋଇଥିଲା । ତେଣୁ ଫର୍ମ ଓ ପ୍ରଦର୍ଶନକୁ ବିଚାର କଲେ ଓଡ଼ିଶା ଏଫ୍‌ସି କେରଳଠାରୁ ଗୋଟିଏ ପାଦ ଆଗରେ ଥିବା ପରି ମନେ ହେଉଛି ।



### ସବୁ ବିଭାଗରେ ଦମ୍ ଦେଖାଇଛନ୍ତି ଓଡ଼ିଶା ଖେଳାଳି

ଓଡ଼ିଶାର ଷ୍ଟ୍ରାଇକରମାନେ ଏଥର ଦମ୍‌ଦାର ପ୍ରଦର୍ଶନ କରି ସମ୍ଭାବନା ସୃଷ୍ଟି କରିଛନ୍ତି । ତାରକା ଷ୍ଟ୍ରାଇକର ରଏ କ୍ରିଷ୍ଣା ୧୨ଟି ଗୋଲ ଦେଇ ଏପର୍ଯ୍ୟନ୍ତ ଦ୍ୱିତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି । ସେହିପରି ଡିଏଗୋ ମୌରିସିଓ ୧୦ଟି ଗୋଲ ଦେଇଛନ୍ତି । ରକ୍ଷଣଭାଗରେ ଆମେ ରନାୱାଡେ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି । ୯ଟି କ୍ଲିନ୍ ସିଟ୍ସ ସହ ଗୋଲରକ୍ଷକ ଅମରିନ୍ଦର ସିଂ ନିଜର ଅସାଧାରଣ ଦକ୍ଷତା ପ୍ରତିପାଦନ କରିଛନ୍ତି । ସେହିପରି ଅହମ୍ମଦ ଜାହେଉଦ୍ ୧୨୨୩ଟି ସଫଳ ପାସ୍ ଦେବା ସହ ୩୭ଟି ସୁଯୋଗ ସୃଷ୍ଟି କରିଥିଲେ । ମୁଖ୍ୟ ପ୍ରଶିକ୍ଷକ ସର୍ଜିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଥର ଅବିଶ୍ୱନୀୟ ପ୍ରଦର୍ଶନ କରିଛି ।

### କଳିଙ୍ଗରେ ଭଲ ପ୍ରଦର୍ଶନ କରିଛି ଓଡ଼ିଶା

କଳିଙ୍ଗରେ ଓଡ଼ିଶା ୧୩ଟି ମ୍ୟାଚ୍‌ରେ ଅପରାଜେୟ ରହିଛି । ଘରୋଇ ପରିବେଶ୍‌ରେ ଓଡ଼ିଶା ଅପରାଜେୟ ରହିଥିବାରୁ ଏହି ମ୍ୟାଚ୍‌ରେ ବିଜୟୀ ହେବ ବୋଲି ଆଶା କରାଯାଉଛି । ଘରୋଇ ପରିବେଶ ଓ ଦର୍ଶକ ଓଡ଼ିଶା ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ । କଳିଙ୍ଗରେ ଓଡ଼ିଶା ୧୧ଟି ମ୍ୟାଚ୍ ଖେଳି ୮ଟି ବିଜୟ ହାସଲ କରିବା ସହ ୩ଟି ମ୍ୟାଚ୍ ଅମୀମାଂସିତ ରଖିଛି । ଲିଗ୍‌ରେ ତୃତୀୟ କ୍ଲବ ଭାବେ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ଏହି ସଫଳତା ପାଇଛି । ପୂର୍ବରୁ ୨୦୧୬ରେ ଦିଲ୍ଲୀ ଡାଇନାମୋସ ଓ ୨୦୧୮-୧୯ରେ ବେଙ୍ଗାଲୁରୁ ଏଫ୍‌ସି ଏହି ସଫଳତା ପାଇଥିଲା । ଚଳିତ ସଂସ୍କରଣରେ ଓଡ଼ିଶା ଓ କେରଳା ଦୁଇଥର ପରସ୍ପରକୁ ଭେଟିଛନ୍ତି । ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧-୨ ଗୋଲରେ ପରାସ୍ତ ହୋଇଥିଲା । ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଏହି ପରାଜୟର ପ୍ରତିଶୋଧ ନେଇଥିଲା ଓ ୨-୧ ଗୋଲରେ କେରଳକୁ ହରାଇଥିଲା ।

### ସେମିରେ ପ୍ରବେଶ କରିବୁ: ଲୋବେରୋ

ଦଳର ପ୍ରଦର୍ଶନ ନେଇ ଓଡ଼ିଶା ପ୍ରଶିକ୍ଷକ ସର୍ଗିଓ ଲୋବେରା ଆଶାବାଦୀ ଅଛନ୍ତି । ଓଡ଼ିଶା ପ୍ରଥମ ଦଳ ଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା ଓ ଲିଗ୍ ସିଲ୍ଡ ଟ୍ରଫି ଜିତିବାର ସମ୍ଭାବନା ସୃଷ୍ଟି କରିଥିଲା । ତେବେ ଲିଗ୍ ସିଲ୍ଡ ଜିତି ପାରି ନଥିବାରୁ କୌଣସି ଅବସୋସ ନାହିଁ ବୋଲି ସେ କହିଛନ୍ତି । ବର୍ତ୍ତମାନ ପ୍ଲେ-ଅଫ୍ ମୁକାବିଲା ଉପରେ ଫୋକସ କରୁଛି ବୋଲି ସେ କହିଛନ୍ତି । ଘରୋଇ ଗ୍ରାଉଣ୍ଡ ଓ ଲିଗ୍‌ରେ ମୋଟ୍ ଉପରେ ଭଲ ଖେଳିଥିବାରୁ କେରଳାକୁ ହରାଇବାକୁ ପ୍ରୟାସ କରିବୁ ଓ ସେମିରେ ପ୍ରବେଶ କରିପାରିବୁ ବୋଲି ସେ କହିଛନ୍ତି । ଦଳର ସବୁ ଖେଳାଳି ଲୟରେ ରହିଛନ୍ତି । ଟ୍ରଫି ଜିତିବାକୁ ସମସ୍ତେ କଠିନ ପରିଶ୍ରମ କରୁଛନ୍ତି । ଖେଳାଳିମାନେ ପୂର୍ବର ପ୍ରଦର୍ଶନକୁ ଦୋହରାଇବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ସେହିପରି ଦଳ ଭଲ ପ୍ରଦର୍ଶନ କରି ଓଡ଼ିଶାକୁ ଚକ୍‌ମା ଦେବ ବୋଲି କେରଳା ମୁଖ୍ୟ ପ୍ରଶିକ୍ଷକ ଇଭାନ ଭୁକୋମାନୋଭିକ୍ କହିଛନ୍ତି ।

**ପ୍ଲେଅଫ୍ ମୁକାବିଲା**
ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ବି.ଦ୍ର: ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କରେ ସମସ୍ତ ମ୍ୟାଚର ସିଧାପ୍ରସାରଣ ହେବ ।

**ବିଶ୍ୱ ବିଶ୍ୱବିଦ୍ୟାଳୟ ଚାମ୍ପିଅନସିପ୍**



# କିଟ୍‌ରେ ରଗ୍‌ବୀ, ଚେସ୍ ଚୟନ ଶିବିର

**ଭୁବନେଶ୍ୱର, ୧୮ ।୪ (ସମିସ):** ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫ୍ଆଇଏସ୍‌ୟୁ) ଆନୁକୂଲ୍ୟରେ ବିଶ୍ୱ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଓ ଚେସ୍ ପ୍ରତିଯୋଗିତା ଆୟୋଜିତ ହେବ । ଜୁନ ୧୦ରୁ ୧୨ ପର୍ଯ୍ୟନ୍ତ ଫ୍ରାନ୍ସରେ ରଗ୍‌ବୀ ଓ ଜୁନ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଉଗାଣ୍ଡାରେ ଚେସ୍ ଚାମ୍ପିଅନସିପ୍ ଖେଳାଯିବ । ଏହି ଦୁଇ ପ୍ରତିଯୋଗିତା ଲାଗି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟରେ ଗୁରୁବାରଠାରୁ ଚୟନ ଶିବିର ଆରମ୍ଭ ହୋଇଛି । ଏପ୍ରିଲ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚୟନଶିବିରରେ ଦେଶର ୩୭ ବିଶ୍ୱବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ରଗ୍‌ବୀ ଓ ୩୦ରୁ ଊର୍ଦ୍ଧ୍ୱ ଚେସ୍ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାର ଉତ୍କଳ, କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ଖେଳାଳି ଏହି ଚୟନ ଶିବିରରେ ଭାଗନେଇଛନ୍ତି । ଏହି ଶିବିର ଲାଗି କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କୁ ଚୟନ କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ମଧ୍ୟ କିଟ୍‌ରେ ୨୦୧୭ରେ ଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଟିମ୍, ୨୦୧୯ରେ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଓ ଦୌଡ଼କୁଦ ଟିମ୍ ଓ ବିଶ୍ୱବିଦ୍ୟାଳୟ ୨୦୨୩ରେ ଭଲିବଲ୍ ଟିମ୍‌ର ଶିବିର ସଫଳତାର ସହ ଆୟୋଜିତ ହୋଇଥିଲା ।

# ବ୍ୟାଡ୍‌ମିଣ୍ଟନରୁ ମୋମୋତାଙ୍କ ଅବସର



**ଟୋକିଓ,୧୮ ।୪(ଏଜେନ୍ସି):** ଜାପାନ ଅଭିଜ୍ଞ ବ୍ୟାଡ୍‌ମିଣ୍ଟନ ଖେଳାଳି କେଣ୍ଟୋ ମୋମୋତା ଗୁରୁବାର ଅବସର ଘୋଷଣା କରିଛନ୍ତି । ଦୁଇଥର ବିଶ୍ୱ ଚାମ୍ପିଅନସିପ୍ ହାସଲ କରିଥିବା ୨୯ ବର୍ଷୀୟ ମୋମୋତା ୪ ବର୍ଷ ତଳେ କାର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ୨୦୨୦ରେ ମାଲେସିଆ ମାଷ୍ଟର୍ସ ଜିତିବା ପରେ ବିମାନ ବନ୍ଦର ଯିବା ବାଟ୍‌ରେ ଏହି ଦୁର୍ଘଟଣା ଘଟିଥିଲା । ସେବେଠାରୁ ସେ ସମ୍ପୂର୍ଣ୍ଣ ଭାବେ ଫିଟ୍‌ନେସ୍ ହାସଲ କରିବାର ସଫଳ ହୋଇପାରି ନାହାନ୍ତି । ଏଥିପାଇଁ ତାଙ୍କ ପ୍ରଦର୍ଶନ ମଧ୍ୟ ସାଂଘାତିକ ଭାବେ ପ୍ରଭାବିତ ହୋଇ ଆସିଛି । ଏହି କାର୍ ଦୁର୍ଘଟଣାରେ ତାଙ୍କ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ଅଳ୍ପକେ ବର୍ତ୍ତିଯାଇଥିବା ମୋମାଟାଙ୍କ ଆଖିରେ ଆଘାତ ପାଇଥିଲେ ଓ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ।

ପ୍ୟାରିସ ଅଲିମ୍ପିକ୍ସ ପାଇଁ ସେ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛନ୍ତି । ବିଶ୍ୱର ପୂର୍ବତନ ନଂ ୧ ଖେଳାଳି ମୋମୋତା ଚଳିତ ମାସ ଜାପାନ ତରଫରୁ ଶେଷଥର ପାଇଁ ଥୋମାସ କପ୍ ଖେଳିବେ । ମୋମୋତା ଏବେ ବିଡବ୍ଲ୍ୟୁଏଫ୍ ମାନ୍ୟତାର ୫୨ତମ ସ୍ଥାନରେ ରହିଛନ୍ତି । ୨୦୧୯ରେ ସେ ଦମ୍‌ଦାର ପ୍ରଦର୍ଶନ କରି ୧୧ଟି ଟାଇଟଲ ଜିତିଥିଲେ । ଏହି ବର୍ଷ ସେ ୭୩ଟି ମ୍ୟାଚ୍ ଖେଳି ମାତ୍ର ୬ଟିରେ ପରାସ୍ତ ହୋଇଥିଲେ । ମୋମୋତା ଏପର୍ଯ୍ୟନ୍ତ ଶାରୀରିକ ଓ ମାନସିକ ଭାବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ନଥିବାରୁ ଅବସର ନେବାକୁ ଘୋଷଣା କରିଛନ୍ତି ବୋଲି କହିଛନ୍ତି । ଏକ ଜୁଆ ଖେଳିବା ମାମଲାରେ ଛନ୍ଦି ହେବା କାରଣରୁ ସେ ୨୦୧୬ ରିଓ ଅଲିମ୍ପିକ୍ସ ଖେଳିବାରୁ ବଞ୍ଚିତ ହୋଇଥିଲେ । ଦୁଇବର୍ଷ କୌଣସି ଟାଇଟଲ ଜିତିବା ପାଇଁ ସେ ସଂଘର୍ଷ କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ତେବେ ଗତ ନଭେମ୍ବରରେ ସେ କୋରିଆ ମାଷ୍ଟର୍ସ ଜିତିଥିଲେ ।

# ଷ୍ଟୁଆର୍ଟ ଲ’ ଆମେରିକାର ନୂଆ ପ୍ରଶିକ୍ଷକ



**ୱାଶିଂଟନ, ୧୮ ।୪ (ଏଜେନ୍ସି):** ଅଷ୍ଟ୍ରେଲିଆର ପ୍ରାକ୍ତନ ବ୍ୟାଟର୍ ଷ୍ଟୁଆର୍ଟ ଲ ଆମେରିକାର ପୁରୁଷ କ୍ରିକେଟ୍ ଦଳର ନୂଆ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ଆଗାମୀ ଟି-୨୦ ବିଶ୍ୱକପ୍‌କୁ ନଜରରେ ରଖି ଆମେରିକା କ୍ରିକେଟ୍ ପକ୍ଷରୁ ଲ’ଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି । ଜୁନ ପ୍ରାରମ୍ଭରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଖେଳାଯିବ । ଏଥିପୂର୍ବରୁ ଆୟୋଜକ ଆମେରିକା ଦଳ ଏହାର ନୂଆ ପ୍ରଶିକ୍ଷକଙ୍କ ନାମ ଘୋଷଣା କରିଛି । ୫୫ ବର୍ଷୀୟ ଲ’ ଏଥିପୂର୍ବରୁ ଶ୍ରୀଲଙ୍କା, ବାଂଲାଦେଶ, ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ଜାତୀୟ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇସାରିଛନ୍ତି । ବିଶ୍ୱକପ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେରିକା ଦଳର ଦାୟିତ୍ୱ ଗ୍ରହଣ କରିବା ନିଶ୍ଚିତ ଭାବେ ଏକ ଉତ୍ସାହଜନକ ସୁଯୋଗ । ବିଶ୍ୱକପ୍ ପୂର୍ବରୁ ପ୍ରଥମେ ବାଂଲାଦେଶ ବିପକ୍ଷ ସିରିଜ ଲାଗି ଦଳ ପ୍ରସ୍ତୁତ କରିବା ମୋର ପ୍ରାଥମିକ କାର୍ଯ୍ୟ ହେବ’ ବୋଲି ଲ’ କହିଛନ୍ତି । ମେ ୨୧, ୨୩ ଓ ୨୫ରେ ବାଂଲାଦେଶ କ୍ରିକେଟ୍ ଦଳ ଆମେରିକା ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ୩ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ଲ’ ୧୯୯୫ରୁ ୧୯୯୯ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ଗୋଟିଏ ଟେଷ୍ଟ ଓ ୫୪ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୫୪ ଓ ୧୨୩୭ ରନ କରିଥିଲେ । ତାଙ୍କ ନାମରେ ୧୨ ୱିକେଟ୍ ମଧ୍ୟ ଲିପିବଦ୍ଧ ରହିଛି ।

# ଭାରତକୁ ଝଟ୍‌କା; ଓହରିଲେ ଶ୍ରୀଶଙ୍କର

**ନୂଆଦିଲ୍ଲୀ, ୧୮ ।୪ (ଏଜେନ୍ସି)**



**ପ୍ୟାରିସ ଅଲିମ୍ପିକ୍ସ**

ଚଳିତ ବର୍ଷ ମଧ୍ୟଭାଗରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସ ଆୟୋଜନ ହେବ । ଏଥିଲାଗି ଯୋଗ୍ୟତା ଅର୍ଜନକାରୀ ବିଶ୍ୱର ପ୍ରମୁଖ କ୍ରୀଡ଼ାବିତ୍ ସେମାନଙ୍କ ପ୍ରସ୍ତୁତି ଜୋର୍‌ଦାର କରିଛନ୍ତି । ତେବେ ଭାରତକୁ ଗୁରୁବାର ବଡ଼ ଝଟ୍‌କା ଲାଗିଛି । ଲଙ୍ଗ ଜମ୍ପରେ ପଦକ ଆଶାୟୀ ମୂରଲୀ ଶ୍ରୀଶଙ୍କର ଆଘାତଜନିତ ସମସ୍ୟା ଲାଗି ଅଲିମ୍ପିକ୍ସ ସମେତ ସମ୍ପୂର୍ଣ୍ଣ ସିଜନରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି । କେରଳର ଏହି ୨୫ ବର୍ଷୀୟ ତାରକା ଆଥ୍‌ଲେଟ୍ ଗୁରୁବାର ଏକ୍ସ (ଟୁଇଟର୍) ଜରିଆରେ ଏହି ସୂଚନା ଦେଇଛନ୍ତି । ମଙ୍ଗଳବାର ଅଭ୍ୟାସ କରୁଥିବାବେଳେ ଶ୍ରୀଶଙ୍କରଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଥିଲା । ବିଭିନ୍ନ ପ୍ରକାର ମେଡିକାଲ ପରୀକ୍ଷା ନିରୀକ୍ଷା ପରେ ଆଣ୍ଠୁରେ ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡ଼ିଥିଲା । ଯେଉଁଥି ପାଇଁ ତାଙ୍କୁ ସମ୍ପୂର୍ଣ୍ଣ ସିଜନରୁ ମଧ୍ୟ ଦୂରେଇ ରହିବାକୁ ମେଡିକାଲ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଉଲ୍ଲେଖଯୋଗ୍ୟ, ଗତବର୍ଷ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଶ୍ରୀଶଙ୍କର ୮.୩୭ ମିଟର ଦୂରକୁ ଲମ୍ଫ ପ୍ରଦାନ କରି ରୌପ୍ୟ ପଦକ ବିଜୟୀ ହୋଇଥିଲେ । ଏଥିସହ ପ୍ୟାରିସ ଅଲିମ୍ପିକ୍ସ ଲାଗି ରହିଥିବା ଯୋଗ୍ୟତା ମାନଦଣ୍ଡ (୮.୨୭ ମିଟର) ମଧ୍ୟ ହାସଲ କରିଥିଲେ । ୨୦୨୩ରେ ଶ୍ରୀଶଙ୍କରଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ ରହିଥିଲା । ସେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ମଧ୍ୟ ୮.୪୧ ମିଟର ଡେଇଁ ରୌପ୍ୟ ପଦକ ଜିତିଥିଲେ । ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ।

# କଳାହାଣ୍ଡି କପ୍ ସୁପର ଲିଗ୍‌ରେ ନୟାଗଡ଼

**ଦିଲ୍ଲୀପଙ୍କୁ ୫ ୱିକେଟ**



କଟକରେ ଚାଲିଥିବା ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଏକ କ୍ୱାଲିଫାୟାର ମ୍ୟାଚ୍ ଗୁରୁବାର ଖେଳାଯାଇଥିଲା । ଏଥିରେ ସମ୍ବଲପୁର-ବି ଦଳକୁ ୯୬ ରନରେ ହରାଇ ନୟାଗଡ଼ ସୁପର ଲିଗ୍‌ରେ ପ୍ରବେଶ କରିଛି ।

ଗୋଲ୍ଡ ଗ୍ରୁପରୁ ନୟାଗଡ଼ ଏବଂ ସିଲଭର ଗ୍ରୁପରୁ ସମ୍ବଲପୁର-ବି କ୍ୱାଲିଫାୟାର ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ । ଡ୍ରିମସ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନୟାଗଡ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା । ଦଳ ୩୨ ଓଭରରେ ଦଳ ୬ ୱିକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା । ଲୀଳାଧର ପ୍ରଧାନ ସର୍ବାଧିକ ୪୯, ଅଙ୍କିତ ଅର୍ଣ୍ଣବ ୪୧ ଓ ସିଲନ ନାୟକ ମାତ୍ର ୧୨ ବଲରୁ ଅପରାଜିତ ୪୦ ରନର ଉପଯୋଗୀ ପାଳି ଖେଳିଥିଲେ । ପ୍ରତିପକ୍ଷ ସମ୍ବଲପୁର-ବି’ର ଆଶୁତୋଷ ଛୁରିଆଙ୍କୁ ୩ଟି ୱିକେଟ ମିଳିଥିଲା । ଜବାବରେ ୨୧୭ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ସମ୍ବଲପୁର-ବି ୨୬.୩ ଓଭରରେ ମାତ୍ର ୧୨୦ ରନରେ ଅଲଆଉଟ ହୋଇଥିଲା । ରାହୁଲ ବିଶ୍ୱକର୍ମା ୪୬ ଓ ପ୍ରଶାନ୍ତ ଥାକର ୨୪ ରନ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା । ନୟାଗଡ଼ର ଦିଲ୍ଲୀପ ପଣ୍ଡା ଘାତକ ବୋଲିଂ କରିବା ସହ ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ । ଦିଲ୍ଲୀପ ୭ ଓଭରରେ ୨୮ ରନ ବ୍ୟୟ କରି ୫ଟି ୱିକେଟ ଅକ୍ତିଆର କରିଥିଲେ ।

**ଅସହ୍ୟ ଖରା ଯୋଗୁଁ ୧୯ ବର୍ଷରୁ କମ୍ କ୍ରିକେଟ୍ ସ୍ଥଗିତ**

**କଟକ,୧୮ ।୪(ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ... ଅନ୍ୟପକ୍ଷରେ ଅସହ୍ୟ ଖରା ଯୋଗୁଁ ୧୯ ବର୍ଷରୁ କମ୍ ବୟସ ବର୍ଗର ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ରଖିବାକୁ ଓସିଏ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

## ଓଡ଼ିଶା କ୍ରିକେଟ ଆସୋସିଏସନ୍

# ଯାଜପୁରରେ କୌଶଳ ବିକାଶ ଅଭିଯାନ



**କଟକ,୧୮ ।୪(ସମିସ)**

ରାଜ୍ୟର ୪୧ଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ କ୍ରିକେଟ ଏକାଡେମୀ ପ୍ରତିଷ୍ଠା କରାଯାଇଛି । ତୃଣମୂଳସ୍ତରରୁ କ୍ରିକେଟର ବିକାଶ ନେଇ ଏଭଳି ପଦକ୍ଷେପ ନେଇଛି ଓସିଏ । ଏହି ପରିପ୍ରେକ୍ଷୀରେ କୌଶଳ ବିକାଶ ଅଭିଯାନ ମଧ୍ୟ ଜିଲ୍ଲାସ୍ତରରେ ଆରମ୍ଭ କରାଯାଇଛି । ପ୍ରଥମ ଜିଲ୍ଲା ଭାବେ ଯାଜପୁର ଏହି ଅଭିଯାନରେ ସାମିଲ ହୋଇଛି । ଗୁରୁବାର ୨୫ ପୁରୁଷ ଏବଂ ୧୫ ଜଣ ମହିଳା କ୍ରିକେଟରଙ୍କୁ ନେଇ ଯାଜପୁରରେ ଶିବିର ଆୟୋଜିତ ହୋଇଛି ।

ଓସିଏ ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମ ଶିବିର ପରିଚାଳନା କରୁଛନ୍ତି । ନବାଗତ କ୍ରିକେଟର ଓ ପ୍ରଶିକ୍ଷକଙ୍କୁ ସଠିକ ମାର୍ଗଦର୍ଶନ ଦେବା ଓ ପ୍ରତିଭାବାନ କ୍ରୀଡ଼ାବିତ ସୃଷ୍ଟି କରିଥିବା ଅଭିଯାନର ମୂଳ ଲକ୍ଷ୍ୟ । ଯାଜପୁର ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଯାଜପୁର ଜିଲ୍ଲା କ୍ରିକେଟ ଏକାଡେମୀ ପ୍ରଶିକ୍ଷିକା ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ; ବୁମ୍‌ରା ଓ କୋଏଜୀଙ୍କ ଘାତକ ବୋଲିଂ

# ମୁମ୍ବାଇ ଇଣ୍ଡିଆନ୍ସର ଉତ୍କଣ୍ଠାପୂର୍ଣ୍ଣ ବିଜୟ




ଚଣ୍ଡିଗଡ଼, ୧୮ ।୪(ଏଜେନ୍ସି)

ସୂର୍ଯ୍ୟକୁମାର ଯାଦବ (୭୮ରନ୍, ୫୩ବଲ୍, ୭ଚୌକା, ୩ଛକା)ଙ୍କ ଦ୍ରୁତ ଅର୍ଦ୍ଧଶତକ, ଜେରାଲ୍ଡ କୋଏଜୀ (୩/୩୧) ଓ ଯଶପ୍ରୀତ୍ ବୁମ୍‌ରା (୩/୩୨)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍‌ର ୩୩ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ୯ ରନ୍‌ରେ ହରାଇ ମୁମ୍ବାଇ ଇଣ୍ଡିଆନ୍ସ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଛି। ଏହା ଫଳରେ ୭ମ ମ୍ୟାଚ୍‌ରୁ ମୁମ୍ବାଇ ତୃତୀୟ ବିଜୟ ସହ ପଏଣ୍ଟ ସାରଣୀର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୫ମ ପରାଜୟ ସହ ପଞ୍ଜାବ ୯ମ ସ୍ଥାନକୁ ଖସିଆସିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟରେ ୧୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୯୩ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ପଞ୍ଜାବ କିଙ୍ଗ୍‌ସ ୧୮୩ ରନ୍ କରିପାରିଥିଲା। ଦଳ ଏକଦା ୧୨.୧ ଓଭର ଖେଳ ଶେଷସୁଦ୍ଧା ୧୧୧ରନ୍‌ରେ ୭ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଆଶୁତୋଷ ଶର୍ମା ବିସ୍ଫୋରକ ବ୍ୟାଟିଂ କରି ପଞ୍ଜାବକୁ ବିଜୟ ଆଶା ଦେଇଥିଲେ। ଏପରିକି ବିଜୟ ଲାଗି ଦଳକୁ ୨୪ ବଲ୍‌ରେ ୨୮ ରନ୍ ଦରକାର ହେଉଥିଲା। ୧୭ତମ ଓଭରରେ ବୁମ୍‌ରା ୨ ରନ୍ ଦେବା ପରେ ଶେଷ ୧୮ ବଲ୍‌ରେ ପଞ୍ଜାବକୁ ବାକିଥିବା ୩ ୱିକେଟ ବିନିମୟରେ ଦରକାର ଥିଲା ୨୬ରନ୍। ୧୮ତମ ଓଭରରେ କୋଏଜୀଙ୍କ ସର୍ଟ ବଲ୍‌କୁ ବଡ଼ ସଟ୍ ମାରିବାକୁ ଯାଇ ଆଶୁତୋଷ ଆଉଟ ହେବା ପରେ ପଞ୍ଜାବର ବିଜୟ ଆଶା ମଉଳି ଯାଇଥିଲା। ଆଶୁତୋଷ ୨୮ ବଲ୍‌ରେ ୨ ଚୌକା ଓ ୭ଛକା ସହ ୬୧, ହରପ୍ରୀତ ବ୍ରାର ୨୦ ବଲ୍‌ରେ ୨୧ ଓ କାଗିସୋ ରାବାଡ଼ା ୩ ବଲ୍‌ରେ ୮ ରନ୍ କରିଥିଲେ ମଧ୍ୟ ଦଳ ୧୯.୧ ଓଭରରେ ୧୮୩ ରନ୍ କରି ଅଲଆଉଟ ହୋଇଯାଇଥିଲା।।

## ସମ୍ମାନ ରଖିଲେ ସୂର୍ଯ୍ୟକୁମାର

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ୧୮ ରନ୍‌ରେ ଇଶାନ କିଶାନ (୮)ଙ୍କ ୱିକେଟ ହରାଇଥିଲା। ଏହା ପରେ ରୋହିତ ଶର୍ମାଙ୍କ ସହ ସୂର୍ଯ୍ୟକୁମାର ଯାଦବ ଯୋଗଦେବା ପରେ ଖେଳର ସ୍ଥିତି ବଦଳିଥିଲା। ଉଭୟ ଖେଳାଳି ଉଭୟ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ କରି ଦ୍ୱିତୀୟ ୱିକେଟରୁ ୫୭ବଲ୍‌ରେ ୮୧ ରନ୍ ଉଠାଇଥିଲେ। ଏହା ଦଳ ଲାଗି ଏକ ବଡ଼ ସ୍କୋର କରିବାର ମୁଳଦୁଆ ପକାଇଥିଲା। ୨୫ ବଲ୍‌ରେ ୨ ଚୌକା ଓ ୩ଛକା ସହାୟତାରେ ୩୬ ରନ୍ କରି ରୋହିତ ଶର୍ମା ଆଉଟ ପରେ ସୂର୍ଯ୍ୟକୁମାରଙ୍କ ସହ ତିଳକ ବର୍ମା ଯୋଗଦେଇ ଦ୍ରୁତ ରନ୍ ସଂଗ୍ରହ ହାର ବଜାୟ ରଖିଥିଲେ। ଫଳରେ ତୃତୀୟ ୱିକେଟରୁ ଏମାନେ ୨୮ ବଲ୍‌ରେ ସଂଗ୍ରହ କରିଥିଲେ ୪୯ ରନ୍। ୧୭ତମ ଓଭରରେ ସୂର୍ଯ୍ୟକୁମାର ଆଉଟ ହେବା ଯୋଗୁଁ ମୁମ୍ବାଇର ରନ୍ ସଂଗ୍ରହ ହାର କମିଯାଇଥିଲା। ସୂର୍ଯ୍ୟକୁମାର ପ୍ରଥମେ ମନ୍ଥରଗତିରେ ଖେଳିଥିଲେ। ପରେ ଚିରାଚରିତ ଭଙ୍ଗୀରେ ବ୍ୟାଟିଂ କରି ମୋଟ ୫୩ ବଲ୍‌ରୁ ୭୮ ରନ୍ ଉଠାଇଥିଲେ। ଏଥିରେ ୭ଟି ଚୌକା ଓ ୩ଟି ଛକା ରହିଥିଲା। ଏହି ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ୬ ବଲ୍‌ରେ ୧୦ ଓ ଟିମ୍ ଡେଭିଡ୍ ୭ ବଲ୍‌ରେ ୧୪ ରନ୍ କରି ମୁମ୍ବାଇକୁ ଏକ ବଡ଼ ସ୍କୋର କରାଇବାରେ ସମର୍ଥ ହୋଇଥିଲେ। ଶେଷ ଓଭରରେ ୩ଟି ୱିକେଟ ପଡ଼ିଯିବା ଫଳରେ ଦଳ ୭ ୱିକେଟରେ ୧୯୨ ରନ୍‌ରେ ସୀମିତ ରହିଥିଲା। ତିଳକ ୧୮ ବଲ୍‌ରେ ୨ଟି ଲେଖାଏଁ ଚୌକା ଓ ଛକା ସହ ୩୪ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ଲକ୍ଷ୍ନୌ- ଚେନ୍ନାଇ**

ସ୍ଥାନ- ଲକ୍ଷ୍ନୌ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ଶେଷ ଓଭରରେ ୩ ୱିକେଟ

ମୁମ୍ବାଇ ଏକ ବଡ଼ ସ୍କୋର ଅଭିମୁଖେ ଯାଉଥିଲାବେଳେ ଶେଷ ଓଭରରେ ୩ଟି ୱିକେଟର ପତନ ହୋଇଥିଲା। ଡେଭିଡ୍ ଓ ରୋମାରିଓ ସେଫର୍ଡଙ୍କୁ ହର୍ଷଲ ପଟେଲ ମଧ୍ୟାନ୍ତରେ ୨ୟ ଓ ୫ମ ବଲ୍‌ରେ ଆଉଟ କରିଥିଲାବେଳେ ଶେଷ ବଲ୍‌ରେ ମହମ୍ମଦ୍ ନବି ରନ୍‌ଆଉଟ ହୋଇଥିଲେ। ପଟେଲ ମଧ୍ୟ ଦଳ ପକ୍ଷରୁ ସର୍ବାଧିକ ୩ଟି ଓ ଅଧିନାୟକ ସାମ କୁରାନଙ୍କୁ ୨ଟି ୱିକେଟ ମିଳିଥିଲା। କାଗିସୋ ରାବାଡ଼ା ଇଶାନ କିଶାନଙ୍କୁ ଆଉଟ କରି ବ୍ରେକ୍‌ଥ୍ରୁ ଦେଇଥିଲେ।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ | ୬ | ୪ | ୨ | ୮ | +୦.୭୨୬ |
| ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ | ୬ | ୩ | ୩ | ୬ | +୦.୦୩୮ |
| ଦିଲ୍ଲୀ | ୭ | ୩ | ୪ | ୬ | -୦.୦୭୪ |
| ମୁମ୍ବାଇ | ୭ | ୩ | ୪ | ୬ | -୦.୧୩୩ |
| ଗୁଜରାଟ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ | ୭ | ୨ | ୫ | ୪ | -୦.୨୫୧ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

## ଜୟପୁର ମହମ ମ୍ୟୁଜିୟମ୍‌ରେ କୋହଲିଙ୍କ ପ୍ରତିମୂର୍ତ୍ତି



**ଜୟପୁର, ୧୮ ।୪(ଏଜେନ୍ସି):** ଭାରତର ଅନ୍ୟତମ ଶ୍ରେଷ୍ଠ କ୍ରିକେଟର ବିରାଟ କୋହଲିଙ୍କର ଏକ ପ୍ରତିମୂର୍ତ୍ତି ରାଜସ୍ଥାନର ରାଜଧାନୀ ଜୟପୁରର ମହମ ମ୍ୟୁଜିୟମ୍‌ରେ ଗୁରୁବାର ଉନ୍ମୋଚନ କରାଯାଇଛି। ଏଠାରେ ଭାରତର କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂ ଧୋନିଙ୍କ ପ୍ରତିମୂର୍ତ୍ତି ମଧ୍ୟ ରହିଛି। କୋହଲିଙ୍କ ପ୍ରତିମୂର୍ତ୍ତିର ଓଜନ ୩୫ କେଜି ରହିଛି ଓ ଏହାକୁ ତିଆରି କରିବା ଲାଗି ୨ ମାସ ଲାଗିଛି। ବିଶ୍ୱ ଐତିହ୍ୟ ଦିବସ ଅବସରରେ କୋହଲିଙ୍କ ଏହି ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି ବୋଲି ମ୍ୟୁଜିୟମ ପକ୍ଷରୁ କୁହାଯାଇଛି। ଏଠାକୁ ଆସୁଥିବା ଦର୍ଶକମାନେ କୋହଲିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଲାଗି ଦାବି କରିଥିଲେ। ଭାରତର ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହରୁ, ଏପିଜେ ଅବ୍‌ଦୁଲ କଲାମ, ସୁଭାଷ ଚନ୍ଦ୍ର ବୋଷ, ଭଗତ ସିଂ, କଳ୍ପନା ଚାୱଲା, ଅମିତାଭ ବଚନ ଓ ମଦର ଟେରେସାଙ୍କ ପ୍ରତିମୂର୍ତ୍ତି ରହିଛି।

## ଆଇପିଏଲ୍‌ରୁ ଡେଭନ କନୱେ ବିଦା



**ନୂଆଦିଲ୍ଲୀ :** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ଦକ୍ଷିଣ ଆଫ୍ରିକା ଜନ୍ମିତ ନ୍ୟୁଜିଲାଣ୍ଡ ଓପନର ଡେଭନ କନୱେଙ୍କୁ ଚଳିତ ଆଇପିଏଲ୍‌ରେ ଆଉ ଦେଖିବାକୁ ମିଳିବ ନାହିଁ। ଆଘାତ ଜନିତ କାରଣରୁ ସେ ବାଦ୍ ପଡ଼ିଛନ୍ତି। ଫେବୃଆରୀ ୨୩ରେ ଅଷ୍ଟ୍ରେଲିଆ ସହ ଅନୁଷ୍ଠିତ ଟି-୨୦ ମ୍ୟାଚ୍‌ରେ କନୱେ ଆହତ ହୋଇଥିଲେ। ଏଥିରୁ ମୁକୁଳିବା ଲାଗି ତାଙ୍କର ଅସ୍ତ୍ରୋପଚାର କରାଯାଇଛି ଓ ତାଙ୍କୁ ସୁସ୍ଥ ହେବା ଲାଗି ୮ ସପ୍ତାହ ଲାଗିବ ବୋଲି ନ୍ୟୁଜିଲାଣ୍ଡ କୋଚ୍ ଗ୍ୟାରି ଷ୍ଟିଡ୍ କହିଛନ୍ତି। ଯାହା ଫଳରେ ତାଙ୍କୁ ଚେନ୍ନାଇ ସୁପର କିଙ୍ଗ୍‌ସରୁ ବାଦ୍ ଦିଆଯାଇଛି ଓ ତାଙ୍କ ସ୍ଥାନରେ ଇଂଲଣ୍ଡର ୩୬ ବର୍ଷୀୟ ଫାଷ୍ଟ ବୋଲର ରିଚାର୍ଡ ଗ୍ଲିସନଙ୍କୁ ନିଆଯାଇଛି। ଗ୍ଲିସନ ତାଙ୍କ ମୂଳ ଦାମ ୫୦ ଲକ୍ଷ ଟଙ୍କା ବିନିମୟରେ ଦଳରେ ସାମିଲ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ସେ ୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି ଓ ୨୦୨୨ ଭାରତ ବିପକ୍ଷ ଡେବ୍ୟୁ ମ୍ୟାଚ୍‌ରେ ସେ ୩ଟି ୱିକେଟ ପାଇଥିଲେ।

## ଆର୍‌ସିବି ବେଞ୍ଚ୍‌ରେ ୪୭ କୋଟି ଟଙ୍କାର ୪ ଖେଳାଳି



**ବେଙ୍ଗାଲୁରୁ:** ଚଳିତ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଭଲ ଖେଳ ପ୍ରଦର୍ଶନ କରୁନାହିଁ। ଦଳ ୭ଟି ମ୍ୟାଚ୍‌ରୁ ୬ଟିରେ ପରାଜୟ ବରଣ କରି ପ୍ଲେ ଅଫ୍‌କୁ ଯାଇ ନ ପାରିବା ଆଶଙ୍କାରେ ରହିଛି। ଏହି ସମୟରେ ୪୭ କୋଟି ଟଙ୍କା ମୂଲ୍ୟରେ କିଣାଯାଇଥିବା ୪ଜଣ ଖେଳାଳି ବେଞ୍ଚିରେ ବସିଛନ୍ତି। ସେମାନେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚ୍‌ରେ ଖେଳି ନ ଥିଲେ। ଏହାକୁ ନେଇ ଆର୍‌ସିବି ସପୋର୍ଟ ଷ୍ଟାଫ୍‌ଙ୍କୁ ସମାଲୋଚନା କରାଯାଇଛି। ବେଞ୍ଚିରେ ବସିଥିବା ଏହି ୪ ଖେଳାଳି ହେଲେ କାମେରନ ଗ୍ରୀନ୍, ଆଲଜରି ଯୋଶେଫ, ଗ୍ଲେନ୍ ମ୍ୟାକ୍ସୱେଲ ଓ ମହମ୍ମଦ୍ ସିରାଜ। ଏମାନଙ୍କ ମଧ୍ୟରୁ ଗ୍ରୀନ୍‌ଙ୍କୁ ୧୭.୫ କୋଟି ଟଙ୍କା ବିନିମୟରେ ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ଟ୍ରେଡ କରାଯାଇଥିଲା। ସେହିପରି ଯୋଶେଫଙ୍କୁ ୧୧.୫ କୋଟି ଟଙ୍କାରେ କିଣାଯାଇଥିଲା। ମ୍ୟାକ୍ସୱେଲ ୧୧ କୋଟି ଓ ସିରାଜ୍ ୭ କୋଟି ଟଙ୍କା ବିନିମୟରେ ଦଳରେ ରିଟେନ ହୋଇଥିଲେ। ହାଇଦ୍ରାବାଦ୍ ଦଳ ଏହି ମ୍ୟାଚ୍‌ରେ ୩ ୱିକେଟ ହରାଇ ୨୮୭ ରନ୍ ଆଇପିଏଲ୍‌ରେ ସର୍ବାଧିକ ସ୍କୋର କରି ରେକର୍ଡ କରିଥିଲା। କିନ୍ତୁ ୪୭ କୋଟି ଟଙ୍କାରେ କିଣାଯାଇ ଖେଳିବାର ସୁଯୋଗ ନ ପାଇଥିବା ଖେଳାଳିଙ୍କୁ ନେଇ ସମାଲୋଚନା ତୀବ୍ର ହୋଇଛି।

## ମ୍ୟାଚ୍ ଦେଖିଲେ ୧୨,୦୦୦ କର୍କଟ ଓ ଥାଲାସେମିଆ ରୋଗୀ

**ଅହମ୍ମଦାବାଦ:** ଏଠାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ବୁଧବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ବିସିସିଆଇ ଏକ ନୂଆ ପରମ୍ପରା ଆରମ୍ଭ କରିଛି। ବିସିସିଆଇର ଏହି ଉଦାର ତଥା ଉଚ୍ଚକୋଟୀର ଚିନ୍ତାଧାରାକୁ ସବୁଆଡୁ ପ୍ରଶଂସା କରାଯାଇଛି। ଏହାର କାରଣ ହେଲା ଏହି ମ୍ୟାଚ୍ ଦେଖିବାକୁ ବିସିସିଆଇ ୧୨,୦୦୦ କର୍କଟ ଓ ଥାଲାସେମିଆ ରୋଗୀ, ରକ୍ତଦାତା, ରକ୍ତସଂଗ୍ରହ କରୁଥିବା ଆୟୋଜକ ସାମିଲ ରହିଥିଲେ। ଏହି ଦୁଇଟି ବଡ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ବିସିସିଆଇ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିଲା। ଖେଳ ଦେଖିବାକୁ ଆସିଥିବା ସମସ୍ତଙ୍କୁ ବିସିସିଆଇ ସମ୍ପାଦକ ଜୟ ଶାହ କୃତଜ୍ଞତା ଜଣାଇଥିଲେ। ଏହି ମ୍ୟାଚ୍‌ଟି ଲୋ ସ୍କୋରିଂ ହୋଇଥିଲା ଓ ଏଥିରେ ଦିଲ୍ଲୀ ୬ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଥିଲା।

## ରୋହିତ୍‌ଙ୍କ ୨୫୦ ମ୍ୟାଚ୍ ଓ ୬୫୦୦ ରନ




**ଚଣ୍ଡିଗଡ଼, ୧୮ ।୪ (ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବ ଅଧିନାୟକ ରୋହିତ୍ ଶର୍ମାଙ୍କ ଲାଗି ପଞ୍ଜାବ ବିପକ୍ଷ ମ୍ୟାଚ୍ ବେଶ୍ ସ୍ମରଣୀୟ ହୋଇ ରହିବ। ଆଇପିଏଲ୍ ଇତିହାସରେ ରୋହିତ୍‌ଙ୍କ ଏହା ୨୫୦ତମ ମ୍ୟାଚ୍ ଥିଲା। ମହେନ୍ଦ୍ର ସିଂ ଧୋନିଙ୍କ ପରେ ବିଶ୍ୱର ୨ୟ ଖେଳାଳି ଭାବେ ରୋହିତ୍ ଆଇପିଏଲ୍‌ରେ ୨୫୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଦୀନେଶ କାର୍ତ୍ତିକ (୨୪୯) ଓ ବିରାଟ କୋହଲି (୨୪୪) ଏହି ତାଲିକାରେ ପରବର୍ତ୍ତୀ ଦୁଇ ସ୍ଥାନରେ ରହିଛନ୍ତି। ସେହିଭଳି ଏହି ମ୍ୟାଚରେ ୨ ଚୌକା ଓ ୩ ଛକା ବଳରେ ୩୬ ରନ କରିବା ଅବସରରେ ରୋହିତ୍ ଆଇପିଏଲ୍‌ରେ ୬୫୦୦ ରନ ପୂରଣ କରିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ରନ ତାଲିକାରେ ବିରାଟ (୭୬୨୪ ରନ), ଶିଖର ଧାୱନ (୬୭୬୯), ଡେଭିଡ୍ ୱାର୍ଣ୍ଣର (୬୫୬୩)ଙ୍କ ପଛକୁ ରୋହିତ ୪ର୍ଥରେ ରହିଛନ୍ତି। ଏହାବାଦ୍ ଆଉ ଏକ କୀର୍ତ୍ତିମାନ ମଧ୍ୟ ଏହି ମ୍ୟାଚରେ କରିଛନ୍ତି। ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସର୍ବାଧିକ ଛକା ମାରିଥିବା ବ୍ୟାଟର ସେ ହୋଇଛନ୍ତି। ରୋହିତ୍ ଆଇପିଏଲ୍‌ରେ ୨୭୫ ଛକା ମାରିଛନ୍ତି। ଯେଉଁଥିରୁ ସେ ମୁମ୍ବାଇ ପକ୍ଷରୁ ଖେଳୁଥିବାବେଳେ ୨୨୪ଟି ମାରିଛନ୍ତି। କାଇରନ ପୋଲାର୍ଡ ୨୨୩ ଛକା ସହ ୨ୟରେ ରହିଛନ୍ତି।

## ଭାଇରାଲ ହେଲେ ରହସ୍ୟମୟୀ ଗୁଜରାଟ ଟାଇଟାନ୍ସ ପ୍ରଶଂସିକା



ଅହମ୍ମଦାବାଦ୍,୧୮ ।୪(ଏଜେନ୍ସି)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗୁଜରାଟ ଟାଇଟାନ୍ସର ଜଣେ ରହସ୍ୟମୟୀ ମହିଳା ପ୍ରଶଂସକ ବେଶ୍ ଭାଇରାଲ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ ଖାସ୍ କରି ଟୁଇଟରରେ ତାଙ୍କୁ ନେଇ ବେଶ୍ ଚର୍ଚ୍ଚା ଚାଲିଛି। ବୁଧବାର ଗୁଜରାଟ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ଲିଗ୍‌ର ୩୨ତମ ମ୍ୟାଚ୍‌ରେ ଏହି ପ୍ରଶଂସିକାଙ୍କୁ ଷ୍ଟାଣ୍ଡରେ ଦେଖିବାକୁ ମିଳିଥିଲା। ଗୁଜରାଟର ପରାଜୟ ପରେ ସେ ନିରାଶ ଥିବା ସ୍ପଷ୍ଟ ଭାବେ ଜଣାପଡୁଥିଲା। ଏହି ସୁନ୍ଦରୀ ପ୍ରଶଂସିକା ଜଣକ 'ନାଇଭ୍‌ସ ଆଉଟ' ଓ 'ବ୍ଲେଡ ରନର ୨୦୪୯' ଭଳି ହିଟ୍ ସିନେମାରେ ଅଭିନୟ କରିଥିବା ହଲିଉଡ ଅଭିନେତ୍ରୀ ଆନା ଡି ଅର୍ମସଙ୍କ ଭଳି ଦେଖାଯାଉଛନ୍ତି। ଫଳରେ ସେ ଆହୁରି ଅଧିକ ଭାଇରାଲ ହୋଇଛନ୍ତି। ମିନି ସ୍କର୍ଟ ପିନ୍ଧିଥିବା ଏହି ଯୁବତୀ ଜଣକ ଆନାଙ୍କ ଭଳି ସେ ଗୋଡ ଉପରେ ଗୋଡ ରଖି ଷ୍ଟାଣ୍ଡରେ ବସିଥିଲେ। କ୍ୟାମେରାରେ ଏହି ଯୁବତୀ ଦେଖାଯିବା ପରେ ଗୁଜରାଟ ଅଧିନାୟକ ଶୁବମାନ ଗିଲ୍‌ଙ୍କ ଅସ୍ୱଭାବିକ୍ ପ୍ରତିକ୍ରିୟାକୁ ନେଇ ଚର୍ଚ୍ଚା ଚାଲିଛି। ତେବେ ଜଣେ ସମ୍ଭ୍ରାନ୍ତୀୟ ମହିଳା ଭଳି ଦେଖାଯାଉଥିବା ଏହି ଯୁବତୀ ଜଣକ କିଏ ଓ ତାଙ୍କ ପ୍ରକୃତ ପରିଚୟ ଜଣା ପଡିନାହିଁ। ଏହି ମ୍ୟାଚ୍‌ରେ ଦିଲ୍ଲୀଠାରୁ ଗୁଜରାଟ ୬ ୱିକେଟରେ ପରାସ୍ତ ହୋଇଥିଲା।

## ୩୨ ବର୍ଷରେ ରାହୁଲ



**ଲକ୍ଷ୍ନୌ, ୧୮ ।୪ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳର ସବୁଠାରୁ ପରିଚିତ ଚେହେରା ତଥା ଆଇପିଏଲ୍ ଦଳ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ଅଧିନାୟକ ଲୋକେଶ ରାହୁଲ ଗୁରୁବାର ୩୨ତମ ଜନ୍ମଦିବସ ପାଳନ କରିଛନ୍ତି। ସୁପର୍ ଜାଏଣ୍ଟ୍‌ସ ଦଳ ଶୁକ୍ରବାର ଚେନ୍ନାଇ ସୁପର୍ କିଙ୍ଗ୍‌ସ ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏଥିଲାଗି ଟିମ୍ ହୋଟେଲରେ ଲକ୍ଷ୍ନୌ ଖେଳାଳିମାନେ ଅଧିନାୟକ ରାହୁଲଙ୍କ ଜନ୍ମଦିବସକୁ ଧୁମ୍‌ଧାମରେ ପାଳନ କରିଛନ୍ତି। ରାହୁଲଙ୍କ ମୁହଁ ଓ ଦେହକୁ ସମ୍ପୂର୍ଣ୍ଣ ଭାବେ କେକ୍‌ରେ ବୋଳାଯାଇଥିବାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଅବସରରେ ରାହୁଲଙ୍କ ନିକଟକୁ ଚାରିଆଡୁ ଶୁଭେଚ୍ଛାର ସୁଅ ମଧ୍ୟ ଛୁଟିବାରେ ଲାଗିଛି। ରାହୁଲଙ୍କ ଶ୍ୱଶୁର ତଥା ବଲିଉଡ୍‌ର ମହାନ ଅଭିନେତା ସୁନିଲ ଶେଟ୍ଟୀ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୨୩ ଜାନୁଆରୀ ୨୦୨୩ରେ ରାହୁଲ ସୁନିଲଙ୍କ ଝିଅ ଆଥିୟା ସେଟ୍ଟୀଙ୍କୁ ବିବାହ କରିଥିଲେ।

### କ୍ୟାଣ୍ଡିଡେଟ୍ସ ଚେସ୍ ଶୀର୍ଷରେ ଇଆନ

# ନାକାମୁରାଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ



ଟରଣ୍ଟୋ, ୧୮ ।୪(ଏଜେନ୍ସି)

ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ୧୧ଶ ରାଉଣ୍ଡ ଖେଳ ଶେଷରେ ରୁଷର ଇଆନ ନେପୋମନିଆଚଚି ଏକାକୀ ଶୀର୍ଷସ୍ଥାନ ହାସଲ କରିଛନ୍ତି। ବୁଧବାର ରାତିରେ ଖେଳାଯାଇଥିବା ମୁକାବିଲାରେ ଭାରତର ସନ୍ତୋଷ ବିଦିଥ ଗୁଜରାଟୀଙ୍କୁ ପରାସ୍ତ କରି କଳାଗୋଟି ନେଇ ଖେଳିଥିଲେ ମଧ୍ୟ ଇଆନ ପୂରା ପଏଣ୍ଟ ହାସଲ କରିଥିଲେ। ଏହା ଫଳରେ ସେ ୭.୫ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି। ୧୦ମ ରାଉଣ୍ଡ ସୁଦ୍ଧା ସମାନ ସ୍ଥିତିରେ ଥିବା ଭାରତ ଯୁବ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ନଂ-୧ ଖେଳାଳି ଆମେରିକାର ଫାବିଆନୋ କରୁଆନୋଙ୍କ ସହ ମ୍ୟାଚ ଡ୍ର ରଖି ପଏଣ୍ଟ ଭାଗ କରିଛନ୍ତି। ଯାହା ଫଳରେ ସେ ଓ ନାକାମୁରା ସମାନ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ନାକାମୁରା ଦ୍ୱିତୀୟ ଓ ଗୁକେଶ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। କାରୁଆନୋ ୬ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ଅଛନ୍ତି। ଏହି ରାଉଣ୍ଡରେ ଭାରତର ଅନ୍ୟତମ ଖେଳାଳି ଆର୍ ପ୍ରଜ୍ଞାନନ୍ଦା ଆମେରିକାର ହିକାରୁ ନାକାମୁରାଙ୍କୁ ହରାଇ ପୂରା ପଏଣ୍ଟ ପାଇଛନ୍ତି। ଏହା ସତ୍ତ୍ୱେ ସେ ୫.୫ ପଏଣ୍ଟ ପାଇ ୫ମ ସ୍ଥାନକୁ ଉନ୍ନତି ହୋଇଛନ୍ତି। ପରାଜିତ ହେବା ପରେ ଗୁଜରାଟୀ ୫ ପଏଣ୍ଟ ସହ ୬ଷ୍ଠ ସ୍ଥାନକୁ ଖସିଆସିଛନ୍ତି।

ମହିଳା ବିଭାଗରେ ମଧ୍ୟ ସମାନ ଅବସ୍ଥା। ଚୀନର ଦୁଇ ଖେଳାଳି ତାନ୍ ଝୋଙ୍ଗୟି ୭.୫ ପଏଣ୍ଟ ଓ ଲେଇ ତିଙ୍ଗଜିଏ ୭ ପଏଣ୍ଟ ପାଇ ୧୧ଶ ରାଉଣ୍ଡ ଶେଷସୁଦ୍ଧା ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ୩ ଜଣ ଖେଳାଳି ୫.୫ ପଏଣ୍ଟ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଆଲେକଜାଣ୍ଡ୍ରା ଗୋରିଚକିନା ତୃତୀୟ, ଭାରତର କୋନେରୁ ହମ୍ପି ତୃତୀୟ ଓ ରୁଷର କାଟେରିନା ଲାଗ୍ନୋ ୫ମ ସ୍ଥାନରେ ଅଛନ୍ତି। ଅନ୍ୟ ଭାରତୀୟ ଖେଳାଳି ଆର୍ ବୈଶାଳୀ ୪.୫ ପଏଣ୍ଟ ପାଇ ୭ମ ସ୍ଥାନ ବଜାୟ ରଖିଛନ୍ତି।

## ଶୋରିଫୁଲଙ୍କୁ ମିଳିଲାନି ଏନ୍‌ଓସି



**ଢ଼ାକା,୧୮ ।୪(ଏଜେନ୍ସି):** ଲୋକପ୍ରିୟ ଟି-୨୦ କ୍ରିକେଟ ଆଇପିଏଲ୍‌ରେ ଖେଳିବାକୁ ବିଶ୍ୱର ଅନେକ ଖେଳାଳି ଉତ୍କଣ୍ଠାର ସହ ଅପେକ୍ଷା କରି ମଧ୍ୟ ସୁଯୋଗ ପାଉନାହାନ୍ତି। ଆଉ ଏପରି କେତେ ଖେଳାଳି ଅଛନ୍ତି ସୁଯୋଗ ପାଇଲେ ମଧ୍ୟ ସମ୍ପୃକ୍ତ ଦେଶର କ୍ରିକେଟ ବୋର୍ଡ ସେମାନଙ୍କୁ ଅନୁମତି ଦେଉନାହାନ୍ତି। ଭାରତ ବ୍ୟତୀତ ଅନ୍ୟ ଦେଶର ଖେଳାଳି ଆଇପିଏଲ୍ ଲାଗି ନିଲାମିରେ କିଣା ଗଲେ କିମ୍ବା ଆଲୋଚନା ମଧ୍ୟରେ ଖେଳିବାକୁ ମନୋନୀତ ହେଲେ ସମ୍ପୃକ୍ତ ଦେଶର କ୍ରିକେଟ ବୋର୍ଡଠାରୁ ଅନୁମତି ପତ୍ର ବା ଏନ୍‌ଓସି ଦରକାର ହୋଇଥାଏ। କିନ୍ତୁ ବାଂଲାଦେଶର ଫାଷ୍ଟ ବୋଲର ଶୋରିଫୁଲ ଇସ୍‌ଲାମ୍‌ଙ୍କୁ ଦଳରେ ନେବାକୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ଚାହିଁଥିଲେ ମଧ୍ୟ ବାଂଲା କ୍ରିକେଟ ବୋର୍ଡ ତାଙ୍କୁ ଏନ୍‌ଓସି ଦେଲା ନାହିଁ। ଯାହା ଫଳରେ ସେ ଆଇପିଏଲ୍ ଖେଳିବାକୁ ବଞ୍ଚିତ ହୋଇଛନ୍ତି। ୨୦୨୨ରେ ଲକ୍ଷ୍ନୌ ମଧ୍ୟ ଟାସ୍କିନ୍ ଅହମ୍ମଦ୍‌ଙ୍କୁ ଦଳରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ବାଂଲା କ୍ରିକେଟ ବୋର୍ଡ ପକ୍ଷରୁ ଏନ୍‌ଓସି ଦିଆଯାଇ ନ ଥିଲା। ଚେନ୍ନାଇ ପକ୍ଷରୁ ଖେଳୁଥିବା ମୁସ୍ତାଫିଜୁର ରହମନଙ୍କୁ କିନ୍ତୁ ଏନ୍‌ଓସି ଦିଆଯାଇଛି। ଏହା ସତ୍ତ୍ୱେ ସେ ଖୁବ୍ ଶୀଘ୍ର ଜାତୀୟ ଦଳ ସହ ଯୋଗଦେବେ ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୪.୪୩
- ୟୁରୋ ୮୯.୩୪ ● ୟେନ୍ ୦.୫୪

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୫୦୦ (ଭୁବନେଶ୍ୱର)
- ରୁପା : ୮୮,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୪୮୮.୦୦
- ନିଫ୍ଟି ୨୧,୯୯୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ମ୍ୟାଗି ପରେ ପୁଣି ବିବାଦ ଘେରରେ ନେସ୍‌ଲେ

# ବେବି ଫୁଡ୍‌ରେ ମାତ୍ରାଧିକ ଚିନି

**ନୂଆଦିଲ୍ଲୀ,୧୮।୪(ଏଜେନ୍ସି):** ମ୍ୟାଗି ପରେ ଏବେ ପୁଣି ଥରେ ବିବାଦ ଘେରରେ ଛନ୍ଦି ହୋଇପଡିଛି ବେବି ଫୁଡ୍ ବା ଶିଶୁ ଖାଦ୍ୟ ପ୍ରସ୍ତୁତକର୍ତ୍ତା ନେସ୍‌ଲେ। କମ୍ପାନୀ ନାମରେ ଏକ ବଡ଼ ଅଭିଯୋଗ ସାମ୍ନାକୁ ଆସିଛି। ଏଫ୍‌ଏମ୍‌ସିଜି କମ୍ପାନୀ ନେସ୍‌ଲେ ଭାରତରେ ବିକ୍ରି କରୁଥିବା ବେବି ଫୁଡ୍‌ରେ ମାତ୍ରାଧିକ ଚିନି ମିଶ୍ରଣ ହୋଇଛି। ଶିଶୁ ଖାଦ୍ୟରେ ଚିନିର ମାତ୍ରା ପ୍ରସଙ୍ଗରେ ନେସ୍‌ଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶିକାର ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଖୋଦ୍ ସ୍ୱିଜରଲ୍ୟାଣ୍ଡର ଏକ ସ୍ୱେଚ୍ଛାସେବୀ ସଂଗଠନ ପବ୍ଲିକ୍ ଆଏ ଆଣ୍ଡ ଇଣ୍ଟର ନ୍ୟାସନାଲ ବେବି ଫୁଡ୍ ଆକ୍ସନ ନେଟ୍‌ୱର୍କ(ଆଇବିଏଫ୍‌ଏଏନ୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହି ତଥ୍ୟ ଖୁଲାସା କରାଯାଇଛି। ଯାହା ପରେ ନେସ୍‌ଲେ ଏବେ କେନ୍ଦ୍ର ସରକାରଙ୍କ ଯାଞ୍ଚ ପରିସରକୁ ଆସିଛି। ନେସ୍‌ଲେ ଶିଶୁ ଖାଦ୍ୟରେ କେତେ ପରିମାଣର ଚିନି ରହିଛି ତାହାର ନମୁନାର ଯାଞ୍ଚ ଏବେ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) କରୁଛି। ଏହି ରିପୋର୍ଟ ପ୍ରକଶ ପାଇବା ପରେ ଷ୍ଟକ୍ ବଜାରରେ ନେସ୍‌ଲେର ସେୟାର ମୂଲ୍ୟରେ ୩ ପ୍ରତିଶତ ହ୍ରାସ ଘଟିଛି। ଏପରିକି ଏହି ଘଟଣା ପରେ କମ୍ପାନୀର ବଜାର ମୂଲ୍ୟରେ ୮୧୩୭ କୋଟି ଟଙ୍କା ହ୍ରାସ ଘଟିଛି।



- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରସ୍ତୁତ ମାର୍ଗଦର୍ଶିକାର ଉଲ୍ଲଂଘନ
- ନମୁନାର ଯାଞ୍ଚ କରୁଛି ଏଫ୍‌ଏସ୍‌ଏସ୍‌ଏଆଇ
- ରିପୋର୍ଟ ପରେ କମ୍ପାନୀର ସେୟାର ୩% ଖସିଲା
- ନେସ୍‌ଲେର ବଜାର ମୂଲ୍ୟ ୮୧୩୭ କୋଟି ହ୍ରାସ

ରିପୋର୍ଟରେ କୁହାଯାଇଛି ଯେ ଭାରତ ସମେତ ଏସିଆ ଏବଂ ଆଫ୍ରିକାର ଦେଶଗୁଡିକରେ ବିକ୍ରି ହେଉଥିବା ଶିଶୁ କ୍ଷୀର ଏବଂ ସେରେଲାକ୍ ଭଳି ଖାଦ୍ୟ ପଦାର୍ଥରେ ନେସ୍‌ଲେ ଅତିରିକ୍ତ ଚିନି ଏବଂ ମହୁ ଯୋଗକରିଥାଏ। ରିପୋର୍ଟ ଅନୁଯାୟୀ, ଏସିଆ, ଲାଟିନ୍ ଆମେରିକା ଏବଂ ଆଫ୍ରିକାରେ ବିକ୍ରି ହେଉଥିବା ୬ମାସ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ପ୍ରାୟ ସମସ୍ତ ଗହମ ଭିତ୍ତିକ ଶିଶୁ ଖାଦ୍ୟରେ ପ୍ରତି ପ୍ୟାକେଟ୍‌ରେ ହାରାହାରି ୪ ଗ୍ରାମ ଚିନି ରହିଥାଏ। ଏଥିରେ ଫିଲିପାଇନ୍ସରେ ୧ ସେବାରେ ସର୍ବାଧିକ ୭.୩ ଗ୍ରାମ ଚିନି ରହିଥିବା ନେଇ ସନ୍ଧାନ ମିଳିଛି। ଏଥିସହିତ ନାଇଜେରିଆର ଶିଶୁ ଖାଦ୍ୟରେ ୬.୮ ଗ୍ରାମ ଚିନି ଏବଂ ସେନେଗାଲରେ ୫.୯ ଗ୍ରାମ ଚିନି ମିଳିଥିଲା। ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ସମସ୍ତ ବେବି ସେରେଲାକ୍‌ର ପ୍ରତ୍ୟେକ ପ୍ୟାକେଟ୍‌ରେ ନେସ୍‌ଲେ ହାରାହାରି ୩ ଗ୍ରାମ୍ ଚିନି ମିଶାଉଛି। ଏଥି ସହିତ, ୬ ମାସରୁ ୨୪ମାସ ମଧ୍ୟରେ ପିଲାମାନଙ୍କ ପାଇଁ ବିକ୍ରି ହୋଇଥିବା ୧୦୦ ଗ୍ରାମ ପ୍ୟାକ୍‌ର ସେରେଲାକ୍‌ରେ ମୋଟ ୨୪ ଗ୍ରାମ ଚିନି ରହିଥାଏ। ଅପରପକ୍ଷେ ଡବ୍ଲ୍ୟୁଏଚ୍‌ଓର ମାର୍ଗଦର୍ଶିକା ଅନୁଯାୟୀ, ୩ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟରେ କୌଣସି ଚିନି କିମ୍ବା ମିଠା ପଦାର୍ଥ ବ୍ୟବହାର କରାଯିବା ଉଚିତ୍ ନୁହେଁ। ତେବେ ଭାରତରେ ଶିଶୁ ଖାଦ୍ୟରେ ରହିଥିବା ଚିନି ପରିମାଣ ଉପରେ କୌଣସି ସୀମା ଧାର୍ଯ୍ୟ କରାଯାଇନାହିଁ। ଏହାର ତଦାରଖ କରୁଥିବା ସଂସ୍ଥା କେବଳ ପ୍ରୋଟିନ୍, ଫ୍ୟାଟ୍‌ନେସ୍ ଏବଂ କାର୍ବୋହାଇଡ୍ରେଟ୍ ଏବଂ ଭିଟାମିନ୍ ସି, ଡି, ଆଇରନ୍ ଏବଂ ଜିଙ୍କ୍ ପରି ମାଇକ୍ରୋନ୍ୟୁଟ୍ରିଏଣ୍ଟର ଆବଶ୍ୟକତାକୁ ଦେଖିଥାଏ।

ଏହି ରିପୋର୍ଟ ପ୍ରକାଶ ପାଇବା ପରେ କମ୍ପାନୀର ବଜାର ମୂଲ୍ୟ ୮,୧୩୭.୪୯ କୋଟି ଟଙ୍କା ହ୍ରାସ ପାଇ ୨.୩୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଷ୍ଟକ୍ ଏକ୍ସଚେଞ୍ଜ ମଧ୍ୟ ଏହି ବିଷୟରେ କମ୍ପାନୀଠାରୁ ସ୍ପଷ୍ଟୀକରଣ ମାଗିଛି। ଏହା ପରେ ନେସ୍‌ଲେ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ଏକ ସ୍ପଷ୍ଟୀକରଣ କୁହାଯାଇଛି ଯେ, ଶିଶୁ ଖାଦ୍ୟ ଅତ୍ୟଧିକ ନିୟନ୍ତ୍ରିତ ବର୍ଗରେ ଆସୁଛି। ଆମେ ଯେଉଁଠାରେ ବି କାର୍ଯ୍ୟ କରୁ ଆମେ ସ୍ଥାନୀୟ ନିୟମ ଏବଂ ଆନ୍ତର୍ଜାତୀୟ ମାନକର ଅନୁପାଳନ କରୁଛୁ। ସୂଚନାନୁଯାୟୀ, ଭାରତ ସରକାର ମଧ୍ୟ ଏହି ବିଷୟରେ ଅବଗତ ଅଛନ୍ତି। ଏହା ଉପରେ ଏଫ୍‌ଏସ୍‌ଏସ୍‌ଏଆଇ କହିଛି ଯେ ପବ୍ଲିକ୍ ଆଇ ଏବଂ ଇଣ୍ଟରନ୍ୟାସନାଲ ବେବି ଫୁଡ୍ ଆକ୍ସନ୍ ନେଟ୍‌ୱାର୍କ ଦ୍ୱାରା ଦିଆଯାଇଥିବା ଅଭିଯୋଗର ଯାଞ୍ଚ କରାଯାଉଛି। ଏହାକୁ ବିଜ୍ଞାନୀଙ୍କୁ ନେଇ ଗଠିତ ଏକ କମିଟି ଆଗରେ ରଖାଯିବ।

### ଲିଙ୍କ୍‌ଡଇନ୍ ରିପୋର୍ଟ

## ନିଯୁକ୍ତି ପ୍ରଦାନରେ କଗ୍ନିଜାଣ୍ଟ ଦେଶରେ ତୃତୀୟ ସ୍ଥାନରେ



**ଭୁବନେଶ୍ୱର, ୧୮।୪ (ସମିସ):** ଆଇଟି କମ୍ପାନୀ କଗ୍ନିଜାଣ୍ଟ ନିଯୁକ୍ତି ପ୍ରଦାନରେ ଦେଶରେ ତୃତୀୟ ସ୍ଥାନରେ ରହିଛି। ଲିଙ୍କ୍‌ଡଇନ୍ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ କଗ୍ନିଜାଣ୍ଟ ୨୦୨୪ ତାଲିକାରେ ୨୫ଟି ବଡ଼ କମ୍ପାନୀମାନଙ୍କ ମଧ୍ୟରେ ୩ୟ ର୍‍ୟାଙ୍କ ରହିଛି। ଆସୋସିଏଟ୍ ଅଭିଜ୍ଞତାକୁ ପ୍ରାଧାନ୍ୟ ଦେବା, ଦକ୍ଷତାରେ ଅଗ୍ରଗତି, କ୍ୟାରିୟର ଅଭିବୃଦ୍ଧିକୁ ସୁଗମ କରିବା ପାଇଁ କଗ୍ନିଜାଣ୍ଟ ପ୍ରତିବଦ୍ଧତା ଦର୍ଶାଇଛି। ଏହାର ସିଇଓ ରବିକୁମାର ଏସ କହିଛନ୍ତି ଯେ ଏହି ପ୍ରଶଂସା ଆମ ସହଯୋଗୀମାନଙ୍କ ନିରନ୍ତର ନିଷ୍ଠାର ପ୍ରତିଫଳନକୁ ଦର୍ଶାଏ। ଆମର ଟିମ୍ ସାରା ଭାରତରେ ଦକ୍ଷତା, ଅଭିବୃଦ୍ଧି ଓ ନବସୃଜନ ପାଇଁ ସୁଯୋଗ ପାଇଥାନ୍ତି। ଗତବର୍ଷ କଗ୍ନିଜାଣ୍ଟ ବିଶ୍ୱର ୯୦% କର୍ମଦକ୍ଷତା ବୃଦ୍ଧି କାର୍ଯ୍ୟରେ ସହଯୋଗ କରିଥିଲା, ୨୭୦,୦୦୦ ସହଯୋଗୀ ନୂଆ ଦକ୍ଷତା କୌଶଳ ଶିକ୍ଷା ଓ ଦକ୍ଷତା ହାସଲ କରିଥିଲେ। ଏହା ସହିତ କମ୍ପାନୀ କ୍ୟାରିୟର ଅଭିବୃଦ୍ଧି କାର୍ଯ୍ୟକ୍ରମ ଜରୀଆରେ ପ୍ରାୟ ୩୦,୦୦୦ କର୍ମଚାରୀଙ୍କୁ ବିଭିନ୍ନ ଭୂମିକାରେ ପଦୋନ୍ନତି ଦେଇଥିଲା। ଏହା ଅତ୍ୟାଧୁନିକ ପ୍ରଯୁକ୍ତି ଓ ଜେନ ଏଇ କୌଶଳ ସହିତ ଏକ ମିଲିୟନରୁ ଅଧିକ ବ୍ୟକ୍ତିଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ସରକାର, ଶିକ୍ଷାନୁଷ୍ଠାନ, ବ୍ୟବସାୟ ଓ

ଅନ୍ୟାନ୍ୟ ରଣନୀତିକ ସହଭାଗୀମାନଙ୍କ ସହ ମିଶି କଗ୍ନିଜାଣ୍ଟର କାର୍ଯ୍ୟକ୍ରମ ଭବିଷ୍ୟତ ଲାଗି ଉପଯୁକ୍ତ କର୍ମଚାରୀ ପ୍ରସ୍ତୁତ କରିବ। ଏହା ଦଳର ମାପ ଓ ବିବିଧତାକୁ ପୁଞ୍ଜି କରିବା ଏବଂ ସହଯୋଗୀମାନଙ୍କ ଭିତରେ ଆହୁରି ଦକ୍ଷତା ବୃଦ୍ଧି ଲାଗି ୨୦୨୩ରେ କେତେକ ଇନୋଭେସନ କାର୍ଯ୍ୟକ୍ରମ ଜରିଆରେ ସହଯୋଗୀଙ୍କୁ ଆମନ୍ତ୍ରଣ କରିଥିଲା।

## ରିଅଲ୍‌ମି ପି ସିରିଜ୍-୫ଜି ସ୍ମାର୍ଟଫୋନ୍ ବଜାରରେ

**ଭୁବନେଶ୍ୱର,୧୮।୪(ସମିସ):** ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ନୂତନ ପି ସିରିଜ ୫ଜି ସ୍ମାର୍ଟଫୋନ୍ ରିଅଲ୍‌ମି ପି୧ ପ୍ରୋ ୫ଜି ଓ ରିଅଲ୍‌ମି ପି୧ ୫ଜିର ଶୁଭାରମ୍ଭ ଘୋଷଣା କରିଛି। ଏହି ଦୁଇଟି ଅତ୍ୟାଧୁନିକ ଡିଭାଇସ୍ ଭାରତୀୟ ଗ୍ରାହକଙ୍କ ପାଇଁ ଫ୍ଲିପ୍‌କାର୍ଟରେ ସ୍ୱତନ୍ତ୍ର ଉପଲବ୍ଧ। ନୂଆ ପି ସିରିଜ ବ୍ୟତୀତ ରିଅଲ୍‌ମି ଏହାର ରିଅଲ୍‌ମି ପ୍ୟାଡ୍ ୨, ୱାଇଫାଇ ଭାରିଆଣ୍ଟ ଓ ରିଅଲ୍‌ମି ଟି୧୧୦ ବଡ୍ସର ଶୁଭାରମ୍ଭ କରିଛି। ରିଅଲମି ପି୧ ୫ଜିରେ ଶକ୍ତିଶାଳୀ ମିଡିଆଟେକ ଡାଇମେନ୍ସିଟି ୭୦୫୦ ୫ଜି ଚିପସେଟ୍, ଏକ ୧୨୦ଏଚ୍‌ଜେଡ୍ ଆମୋଲେଡ୍ ଡିସପ୍ଲେ, ୪୫ୱାଟ ସୁପରଭିଓଓସି ଚାର୍ଜିଂ ଓ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ରହିଛି। ସେହିପରି ରିଅଲ୍ମି ପି୧ ପ୍ରୋ ୫ଜି ଓଆଇଏସ୍ ସହ ଏକ ୫୦ଏମ୍ପି ସୋନି ଲାଇଟ୍-୬୦୦ କ୍ୟାମେରା , ୧୨୦ଏଚ୍‌ଜେଡ୍ କର୍ଭଡ୍ ଭିଜନ ଡିସ୍‌ପ୍ଲେ, ୪୫ୱାଟ୍ ସୁପରଭିଓଓସି ଚାର୍ଜ ଓ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ, କ୍ୱାଲ୍‌କମ ସ୍ନାପଡ୍ରାଗନ ୬ଜେନ୍ ୧ ୫ଜି ଚିପ୍‌ସେଟ୍ ସହିତ ଆସୁଛି। ରିଅଲ୍‌ମି ପି୧ ପ୍ରୋ ୫ଜି ଦୁଇଟି ରଙ୍ଗ ଯଥା ଫୋଏନିକ୍ସ ରେଡ୍ ଓ ପ୍ୟାରୋଡ୍ ବ୍ଲୁ ଏବଂ ଦୁଇଟି ଷ୍ଟୋରେଜ ଭାରିଆଣ୍ଟରେ ୮ଜିବି+୧୨୮ଜିବି ଓ ୮ଜିବି+୨୫୬ଜିବିରେ ଆସୁଛି, ଯାହାର ମୂଲ୍ୟ ଯଥାକ୍ରମେ ୨୧,୯୯୯ ଟଙ୍କା ଓ ୨୨,୯୯୯ ଟଙ୍କା ରହିଛି। ରିଅଲ୍ମି ପି୧ ୫ଜି ଦୁଇଟି ରଙ୍ଗ ଫୋଏନିକ୍ସ ରେଡ୍ ଓ ପିକକ୍ ଗ୍ରୀନ୍ ଏବଂ ଦୁଇଟି ଷ୍ଟୋରେଜ୍ ଭାରିଆଣ୍ଟ ଯଥା ୬ଜିବି+୧୨୮ଜିବି ପାଇଁ ୧୫୯୯୯ ଟଙ୍କା ଓ ୮ଜିବି+୨୫୬ଜିବି ପାଇଁ ୧୮୯୯୯ ଟଙ୍କାରେ ଆସୁଛି।

## ଦ୍ୱାର ଇ-ରେଜିଷ୍ଟ୍ରି ଓ ଆଇଆରଆରଆଇ ପକ୍ଷରୁ ଅଭିନବ କୃଷି ଅଭିଯାନ

**ଭୁବନେଶ୍ୱର,୧୮।୪(ସମିସ):** ଓଡ଼ିଶାର ମହିଳା କୃଷକଙ୍କ ଜୀବିକା ବୃଦ୍ଧି ଉଦ୍ଦେଶ୍ୟରେ ଦ୍ୱାର ଇ-ରେଜିଷ୍ଟ୍ରି ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆରଆରଆଇ) ମିଳିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଡିଏ ଆଣ୍ଡ ଏଫଇ, ଭାରତ ସରକାର ଏବଂ ଓଆଇଆଇପିସିଆରଏ ପ୍ରକଳ୍ପ ଦ୍ୱାରା ସମର୍ଥିତ କ୍ଲାଇମେଟ୍ ସ୍ମାର୍ଟ ରାଇସ୍ ଆଧାରିତ ସମୃଦ୍ଧି ଏବଂ ସ୍ଥିରତା ବ୍ୟବସ୍ଥା (କ୍ଲାଇମେଟ୍ ପିଆରଓ) ପ୍ରକଳ୍ପର ଏକ ଅଂଶ ଭାବରେ ଏହି ଭାଗିଦାରୀ ଗଞ୍ଜାମ ଜିଲ୍ଲାରେ ଏକ ମହିଳାଙ୍କ ନେତୃତ୍ୱାଧୀନ କୃଷକ ଉତ୍ପାଦକ କମ୍ପାନୀ (ଏଫପିସି) ପ୍ରତିଷ୍ଠା କରିବାରେ ସହାୟକ ହେବ ଏବଂ କୃଷି ଉତ୍ପାଦକତା ଏବଂ ସ୍ଥିରତା ବୃଦ୍ଧି ଉପରେ ଧ୍ୟାନ ଦେବ। ଏହି ସହଯୋଗର ପ୍ରାଥମିକ ଲକ୍ଷ୍ୟ ହେଉଛି କ୍ଷୁଦ୍ର .ଷୀ, ବିଶେଷକରି ମହିଳାମାନଙ୍କୁ ଜଳବାୟୁ ସହନଶୀଳ ଏବଂ ଉଚ୍ଚ ଉତ୍ପାଦନକାରୀ ପ୍ରଜାତିର ଧାନ, ଡାଲି, ତୈଳବୀଜ ଏବଂ ଅନ୍ୟାନ୍ୟ ଲାଭଦାୟକ ଫସଲ ସହିତ ପରିଚିତ କରାଇ ସେମାନଙ୍କୁ ସଶକ୍ତ କରିବା। ଏହା ସହିତ ଜଳବାୟୁ-ସ୍ମାର୍ଟ କୃଷି ପଦ୍ଧତି ଗ୍ରହଣ କରିବା ର ଲକ୍ଷ୍ୟ ହେଉଛି ଜଳବାୟୁ ପରିବର୍ତ୍ତନ ପ୍ରତି କୃଷକମାନଙ୍କର ମୁକାବିଲାରେ ଉନ୍ନତି ଆଣିବା, ଯାହା ଦ୍ୱାରା ସମଗ୍ର ଓଡ଼ିଶାରେ ସ୍ଥାୟୀ କୃଷି ବ୍ୟବସ୍ଥା ସୁନିଶ୍ଚିତ ହେବ। ଏହି ପଦକ୍ଷେପର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଡିଜିଟାଲ ସମାଧାନର ଉପଯୋଗ ଉପରେ ଗୁରୁତ୍ୱ ଦେବା। ଦ୍ୱାର ଇ-ରେଜିଷ୍ଟ୍ରି ଦ୍ୱାରା ବିକଶିତ ଦୂରଦର୍ଶୀ ପ୍ଲାଟଫର୍ମ କୃଷି ମୂଲ୍ୟ ଶୃଙ୍ଖଳା ମଧ୍ୟରେ ଥିବା ସମସ୍ତ ଅଂଶୀଦାରଙ୍କ ପାଇଁ କୃଷି ସେବା ଉପଲବ୍ଧତାରେ ଉନ୍ନତି ଆଣି ଏହି ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

## ଏକ୍ସପର୍ଟ ସ୍ପିକ୍ ଡାଏଲଗ୍ ୱିଥ ଡିଜାଇନ୍ ଏକ୍ସପୋନେଣ୍ଟସ




**ଭୁବନେଶ୍ୱର,୧୮।୪(ସମିସ):** ଏକ୍ସପର୍ଟ ସ୍ପିକ୍ ସମ୍ପୃକ୍ତ ଡିଜାଇନ ସଂକେତ ସହିତ ଏକ ଡିଜାଇନ୍ ସଂଳାପ ଏହି ସପ୍ତାହରେ ଓଡ଼ିସି ସ୍କୁଲ ଅଫ ଡିଜାଇନ ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା, ଯାହା ଯୁବପିଢ଼ୀଙ୍କ ଦୃଷ୍ଟିରେ ରଖି ସାଜସଜାକୁ କ୍ୟାରିୟର ଭାବେ କିଭଳି ଗ୍ରହଣ କରିପାରିବେ। ଦୁବାଇର ଲିଡ୍ ଆସେଞ୍ଚରର ଶିବାନୀ ଗଡକରୀଙ୍କ ସହ ଏକ ଆକର୍ଷଣୀୟ ବାର୍ତ୍ତାଳପ ସହିତ ବିଶେଷଜ୍ଞମତ ଗ୍ରହଣ କରାଯାଇଥିଲା। ଏହି ସାଜସଜା ଉପରେ ବିଶେଷଜ୍ଞମାନେ ନିଜର ପାରଦର୍ଶିତା ଏବଂ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ସେ ମଧ୍ୟ ପ୍ରଫେସର ପରେଶ ଚୌଧୁରୀଙ୍କର ପୂର୍ବତନ ଛାତ୍ର , ଜଣେ ଡିଜାଇନ ମେଣ୍ଟର ରହିବା ସହିତ ଏବଂ ଓଡ଼ିସି ସ୍କୁଲ ଅଫ୍ ଡିଜାଇନରର ପ୍ରତିଷ୍ଠାତା। ଓଡ଼ିଶା ଡିଜାଇନ କାଉନସିଲ(ଓଡ଼ିସି) ବର୍ତ୍ତମାନ ଓଡ଼ିଶା ସରକାରଙ୍କ ସହଯୋଗରେ ଓଡ଼ିଶାର ପ୍ରଥମ ଏକ୍ସକ୍ଲୁସିଭ ଡିଜାଇନ ସ୍କୁଲ ରୋଲ କରାଯିବା ପ୍ରକ୍ରିୟାରେ ରହିଛି। ଭୁବନେଶ୍ୱରସ୍ଥିତ ଡିସିରେ ଆଧାରିତ ଡିଜାଇନ୍ ଫଟିନିର୍ଟି ଏବଂ ଏହି ଶିକ୍ଷାକୁ ପ୍ରୋତ୍ସାହନ ଏବଂ ନିବେଶ କ୍ଷେତ୍ରରେ ଆଗଧାଡ଼ିରେ ନାଁ ରହିଛି ଭୁବନେଶ୍ୱରସ୍ଥିତ ଓଡ଼ିସିର। ପ୍ରଫେସର ପରେଶ ଚୌଧୁରୀଙ୍କ ଦ୍ୱାରା ଓଡ଼ିଶା ଡିଜାଇନ କାଉନସିଲ ଆରମ୍ଭ ହୋଇଥିଲା।

## ଗ୍ରୀଷ୍ମରେ ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିସିଓଡିଏଲ୍

**ଭୁବନେଶ୍ୱର,୧୮।୪(ସମିସ):** ପଟ୍ଟାମୁଣ୍ଡାଇର ବିଦ୍ୟୁତ ଭିତ୍ତିଭୂମି ହେଉଛି ସୁଦୃଢ଼, ଲୋକେ ପାଇବେ ଉନ୍ନତ ବିଦ୍ୟୁତ ସେବା। ପଟ୍ଟାମୁଣ୍ଡାଇର ପ୍ରାଇମେରୀ ସବ୍‌ଷ୍ଟେସନର ୫ ଏମ୍‌ଭିଏ ପିଟିଆରକୁ ଉନ୍ନତିକରଣ କରାଯାଇ ୮ ଏମଭିଏ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ୭୦୦୦ ରୁ ଅଧିକ ଉପଭୋକ୍ତା ଉନ୍ନତ ବିଦ୍ୟୁତ ସେବା ପାଇବେ। ଗ୍ରୀଷ୍ମ ସିଜିନରେ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଟିପିସିଓଡିଏଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଏହିପରି ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍ଥାନରେ ଶକ୍ତିଶାଳୀ ଟ୍ରାନ୍ସଫର୍ମର ସ୍ଥାପନ କରାଯାଉଥିବା ବେଳେ ଭିତ୍ତିଭୂମିକୁ ଅଧିକ ସୁଦୃଢ କରାଯାଉଛି। ଏହାସହ ଗ୍ରୀଷ୍ମ ସିଜିନ ପାଇଁ ମୋବାଇଲ ଟ୍ରାନ୍ସଫରମର ମଧ୍ୟ ମହଜୁଦ ରହିଛି। ବିଦ୍ୟୁତ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦେଇ ଲୋକଙ୍କୁ ଉନ୍ନତ ବିଦ୍ୟୁତସେବା ଯୋଗାଣକୁ ଅଗ୍ରାଧିକାର ଦେଉଛି ଟିପିସିଓଡିଏଲ୍। ଖରାଦିନେ ବର୍ଦ୍ଧିତ ବିଦ୍ୟୁତ ଚାହିଦାକୁ ଦୃଷ୍ଟିରେ ରଖି ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇବାରେ ଏହି ସବୁ ଭିତ୍ତିଭୂମି ବିକାଶ ପ୍ରକଳ୍ପ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ।

### ଲଗାତାର ଚତୁର୍ଥ ଦିନ ପାଇଁ ସେୟାର ବଜାରରେ ହ୍ରାସ

# ୪ଦିନରେ ସାଢ଼େ ନଅ ଲକ୍ଷ କୋଟି ସଫା

**ମୁମ୍ବଇ, ୧୮।୪(ଏଜେନ୍ସି):** ଘରୋଇ ଷ୍ଟକ୍ ବଜାରରେ ହ୍ରାସ ଧାରା ଜାରି ରହିଛି। କ୍ରମାଗତ ଭାବେ ଚତୁର୍ଥ ଦିନ ପାଇଁ ସେୟାର ବଜାର ନିମ୍ନଗାମୀ ହୋଇଛି। ଗତ ସପ୍ତାହରେ, ଯେତେବେଳେ ବଜାର କାରବାରରେ ବୃଦ୍ଧି ପରିଲକ୍ଷିତ ହୋଇ ଏହା ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା। ଏବେ ଗତ ୪ ଦିନ ଧରି ବଜାରରେ ହ୍ରାସ ଘଟୁଛି। ଏହି ୪ ଦିନର କାରବାରରେ ସେୟାର ବଜାରରେ ନିବେଶକମାନେ ମୋଟ ସାଢ଼େ ନଅ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।




ସେନ୍‌ସେକ୍ସ ୪୫୪ ପଏଣ୍ଟ ଖସିଲା

୨୨ ହଜାର ତଳକୁ ଖସିଲା ନିଫ୍ଟି

ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୪୫୪.୬୯ ପଏଣ୍ଟ ହ୍ରାସ ଘଟି ୭୨,୪୮୮.୯୯ ପଏଣ୍ଟରେ ବନ୍ଦ ହୋଇଯାଇଛି। ଏହି ଚାରି ଦିନରେ ସେନ୍‌ସେକ୍ସରେ ୨୫୪୯.୧୬ ପଏଣ୍ଟ କିମ୍ବା ୩.୩୯ ପ୍ରତିଶତ ହ୍ରାସ ଘଟିଛି। ଏହି କାରଣରୁ, ବିଏସଇରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ବଜାର ପୁଞ୍ଜି ୯,୩୦୩୪୦.୭୬ କୋଟି ଟଙ୍କା ହ୍ରାସ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଏପ୍ରିଲ ୧୨ ରୁ ସେନସେକ୍ସରେ କ୍ରମାଗତ ଭାବେ ହ୍ରାସ ଘଟୁଛି।

# ଋଣ ପାହାଡ଼ ତଳେ ବିଶ୍ୱର ବୃହତ୍ ଅର୍ଥନୀତି

**ନୂଆଦିଲ୍ଲୀ,୧୮।୪(ଏଜେନ୍ସି):** ବିଶ୍ୱର ବୃହତ ଅର୍ଥନୀତି ଏବେ ଋଣ ବୋଝରେ ଷଡୁଛି। ଆମେରିକାର ଋଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଋଣ ପାହାଡ ତଳେ ଦେଶ ଚାପି ହୋଇ ରହିଛି। ସାମ୍ପ୍ରତିକ ଆକଳନ ଅନୁଯାୟୀ ଆମେରିକାର ମୋଟ ଋଣ ପରିମାଣ ୩୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ଯାହା ଦେଶର ଜିଡିପିର ୧୨୫ ପ୍ରତିଶତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ଆମେରିକାର ଅବସ୍ଥା ଏତେ ଖରାପ ନ ଥିଲା। ଆମେରିକାର ଋଣ ବୃଦ୍ଧି ବିଶ୍ୱ ପାଇଁ ଭଲ କଥା ନୁହେଁ ବୋଲି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଚେତାବନୀ ଦେଇଛି। ଏହି କାରଣରୁ, ସମଗ୍ର ବିଶ୍ୱରେ ଋଣ ଖର୍ଚ୍ଚ ବଢୁଛି। ବିଶ୍ୱର ଆର୍ଥିକ ସ୍ଥିରତା ପ୍ରତି ଏହା ବିପଦ। ଆଗାମୀ ଦିନରେ ଆମେରିକାର ଋଣ ପରିମାଣ ଆହୁରି ବୃଦ୍ଧି ପାଇବ ବୋଲି ଆଇଏମ୍‌ଏଫ୍ ଆଶଙ୍କା ପ୍ରକାଶ କରିଛି। ଏହାସହିତ ୨୦୨୯ ସୁଦ୍ଧା

### ଆମେରିକା ଉପରେ ୩୫ ଟ୍ରିଲିୟନ୍ ଡଲାରର ଋଣ




ସାରା ଦୁନିଆ ପାଇଁ ବିପଦର ଘଣ୍ଟି: ଆଇଏମ୍‌ଏଫ୍

ଋଣ ପରିମାଣ ଦେଶର ଜିଡିପିର ୧୨୫%

ଦ୍ୱିତୀୟ ବିଶ୍ୱଯୁଦ୍ଧଠାରୁ ସ୍ଥିତି ଅଧିକ ଖରାପ

ବିଶ୍ୱର ସରକାରୀ ଋଣ ଜିଡିପିର ଶହେ ପ୍ରତିଶତ ପାଖାପାଖି ପହଞ୍ଚିବ, ଯାହା ଗତ ବର୍ଷ ୯୩ ପ୍ରତିଶତ ରହିଥିଲା।

ଆଇଏମ୍‌ଏଫ୍ ବୁଧବାର କହିଛି ଯେ ସରକାରୀ ଖର୍ଚ୍ଚ ଓ ଋଣ ବୃଦ୍ଧି ଏବଂ ଆମେରିକାରେ ଅତ୍ୟଧିକ ସୁଧହାର ଟ୍ରେଜେରୀ ଇଲ୍‌ଡରେ ତ୍ୱରିତ ବଢ଼ାଇବା ସହ ଅସ୍ଥିରତା ପରିସ୍ଥିତି ସୃଷ୍ଟି କରୁଛି। ଏହି କାରଣରୁ ସାରା ବିଶ୍ୱରେ ସୁଧ ହାରରେ ବୃଦ୍ଧି ହେବାର ଆଶଙ୍କା ବଢ଼ିଯାଇଛି। ଆମେରିକାର ସରକାରୀ ବଣ୍ଡ ଇଲ୍‌ଡରେ ବୃଦ୍ଧି ପରେ ବିଶ୍ୱର ବିକଶିତ ତଥା ବିକାଶଶୀଳ ଦେଶଗୁଡିକରେ ସମାନ ବୃଦ୍ଧି ଘଟିଥାଏ। ଏହି ଦେଶଗୁଡ଼ିକ ସମ୍ପ୍ରତି ମୁଦ୍ରା ବିନିମୟ ମୂଲ୍ୟ ଜନିତ ସମସ୍ୟା ସହ ସଂଘର୍ଷ କରୁଛନ୍ତି। ଆଇଏମ୍‌ଏଫ୍ ଆର୍ଥିକ ବ୍ୟାପାର ବିଭାଗର ନିର୍ଦ୍ଦେଶକ ଭିଟର୍ ଗାସପର୍ କହିଛନ୍ତି ଯେ ଆମେରିକାର ଢ଼ିଲା ଆର୍ଥିକ ନୀତି ସାରା ବିଶ୍ୱରେ ସୁଧ ହାର ଏବଂ ଡଲାର ଉପରେ ଚାପ ସୃଷ୍ଟି କରୁଛି। ଏହା ସମଗ୍ର ବିଶ୍ୱରେ ଆର୍‌ଇତ ବ୍ୟୟ ବୃଦ୍ଧି ଘଟାଇପାରେ।

ଚଳିତ ସପ୍ତାହରେ ଆଇଏମଏଫ ଆମେରିକା ସରକାରଙ୍କୁ ଟାର୍ଗେଟ କରିଛି। ଅଇଏମ୍‌ଏଫ୍ କହିଛି ଯେ, ସାଧାରଣ ବ୍ୟୟ ଏବଂ ଋଣ ଯୋଗୁ ଆମେରିକାର ଅର୍ଥନୀତିରେ ଅତ୍ୟଧିକ ଚାପ ସଅଷ୍ଟି ହେବା ଭଳି ପରିସ୍ଥିତି ରହିଛି। ଏହା ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଫେଡେରାଲ ରିଜର୍ଭ ପାଇଁ କଷ୍ଟକର ସ୍ଥିତି ସୃଷ୍ଟି କରୁଛି। ଉଚ୍ଚ ସୁଧ ହାର ଯୋଗୁ ସାଧାରଣ ପରିବାର ଏବଂ କମ୍ପାନୀଗୁଡିକ ପାଇଁ ଋଣ ପରିଶୋଧ କରିବା କଷ୍ଟକର ହୋଇପଡୁଛି। ଏପରି ସ୍ଥିତି ଋଣ ଖିଲାପ ଘଟଣା ବଢ଼ାଇପାରେ। ଏହା ବ୍ୟାଙ୍କ ଏବଂ ଅନ୍ୟ ଋଣଦାତାମାନଙ୍କୁ କ୍ଷତି ପହଞ୍ଚାଇପାରେ। ଯଦି ଏହା ଘଟେ ଏହା ଆର୍ଥିକ ଅସ୍ଥିରତା ବୃଦ୍ଧି କରିବ। ମଙ୍ଗଳବାର ଟ୍ରେଜେରୀ ଇଲ୍‌ଡ ନୂତନ ସ୍ତରରେ ପହଞ୍ଚିଛି। ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରମି ପାୱେଲ କହିଛନ୍ତି ଯେ ମୁଦ୍ରାସ୍ଫୀତି ହେତୁ ବର୍ତ୍ତମାନ ସୁଧ ହାର ହ୍ରାସ କରିବାର କୌଣସି ସମ୍ଭାବନା ନାହିଁ।